প্রজাতন্ত্র — ପ୍ରଜାତନ୍ତ୍ର
The Prajatantra
76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ
fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୬ବର୍ଷ ❑ ସଂଖ୍ୟା-୩୦୧ ● କଟକ ● ସୋମବାର ● ୧୯ ଜୁନ୍-୨୦୨୩ ● କର୍କଟ ୦୨ ● ସାଲ୍ ୧୪୩୦
CUTTACK ● MONDAY ● 19 JUNE-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## ରଥଯାତ୍ରା ଲାଗି ଶ୍ରୀକ୍ଷେତ୍ର ଚଳଚଞ୍ଚଳ

# ଆଜି ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ

ପୁରୀ, (ପିପିଏସ) : ଆଜି ଭକ୍ତଙ୍କୁ ନବଯୌବନ ବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି । ସ୍ନାନପୂର୍ଣ୍ଣିମୀ ଦିନ ସ୍ନାନ ମଣ୍ଡପରେ ୧୦୮ ଗରା ସୁବାସିତ ଅଧିବାସ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଶ୍ରୀଜୀଉମାନେ ଅଣସର ପିଣ୍ଡିରେ ଅବସ୍ଥାନ କରିଛନ୍ତି । ୧୪ ଦିନର ଅଣସର ସେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାବାହୁ । ସୋମବାର ଦିନ ରତ୍ନସିଂହାସନ ଉପରେ ନବଯୌବନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଦଇତାପତି ସେବକମାନେ ମହାପ୍ରଭୁଙ୍କ ଏହି ଗୁପ୍ତସେବାରେ ନିୟୋଜିତ ହୋଇଥିଲେ । ନବଯୌବନ ଦର୍ଶନ


(ଫାଇଲ ଫଟୋ)

ଗୋଟିଏ ଦିନ ହେଉଥିବାରୁ ଭକ୍ତଙ୍କ ଗହଳି ଲାଗି ରହିବ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ୧୯ ତାରିଖ ସୋମବାର ସକାଳ ୬ଟାରେ ଚକା ଅଖ ସହ ନୀତି ଅନୁଷ୍ଠିତ ହେବ । ପରେ ପରେ ୬ଟା ୧୦ରେ ମଙ୍ଗଳଆଳତି ଓ ପରେ ଅନ୍ୟାନ୍ୟ ନୀତି ହୋଇ ସକାଳ ୮ଟାରେ ତାଟି ଫିଟିବ । ସକାଳ ୮ଟାରୁ ୯ଟା ମଧ୍ୟରେ ଭିତର କାଠ ଠାରେ ପରିମାଣିକ ଦର୍ଶନ ଅନୁଷ୍ଠିତ ହେବ । ସକାଳ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଭିତର କାଠ ନିକଟରେ ସର୍ବସାଧାରଣ ଦର୍ଶନ କରିପାରିବେ । ପରେ ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ । ସୁରକ୍ଷା ବ୍ୟବସ୍ଥା ପାଇଁ ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି । ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ଉତରଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ ।

## ୨୧ରୁ ବର୍ଷା

ଭୁବନେଶ୍ୱର, (ପିପିଏସ) : ରାଜ୍ୟରେ ୨୧ ରୁ ବର୍ଷାର ବିସ୍ତୃତି ବଢ଼ିବ । ୨୨ ରେ ବର୍ଷା ର ପରିମାଣ ବଢ଼ିବ । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୨୧ ଜୁନ ରେ ରାଜ୍ୟର ଅନେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ଥିବାବେଳେ ୨୨ ଜୁନ ରେ କିଛି ଜିଲ୍ଲାରେ ପ୍ରବଳ ବର୍ଷା ର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଲୋକ ମାନେ ପ୍ରବଳ ଖରା ଯୋଗୁଁ ଗରମରେ ଛଟପଟ ହେଉଛନ୍ତି । ଆଜି ରାଜ୍ୟର ୨୨ଟି ସହରର ତାପମାତ୍ରା ୪୦ ଡିଗ୍ରି ଅଥବା ଏଥିରୁ ଅଧିକ ରହିଛି । ସମ୍ବଲପୁରରେ ସର୍ବାଧିକ ଦିନ ତାପମାତ୍ରା ୪୬ ଡିଗ୍ରି ରେକର୍ଡ ହୋଇଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ , ସୋନପୁର ୨ୟ ସର୍ବାଧିକ ଉତ୍ତପ୍ତ ସହର ହୋଇଛି । ଏଠାରେ ତାପମାତ୍ରା ୪୫.୮ ଡିଗ୍ରି ରେକର୍ଡ ହୋଇଛି । ସେହିପରି ହୀରାକୁଦ ଓ ବେ?ଦ୍ଧରେ ପାରା ୪୫.୫, ଝାରସୁଗୁଡ଼ାରେ ୪୫.୨, ବଲାଙ୍ଗୀର, ସୁନ୍ଦରଗଡ଼ରେ ୪୫, ବରଗଡ଼ରେ ୪୪.୨, ଟିଟିଲାଗଡ଼, ରାଉରକେଲାରେ ୪୩.୫, ନୟାଗଡ଼ରେ ୪୩.୪, ଦେବଗଡ଼, ତାଳଚେର, ନୂଆପଡ଼ାରେ ୪୩, ଅନୁଗୁଳରେ ୪୨.୭, ଭବାନୀପାଟଣାରେ ୪୨, ଫୁଲବାଣୀ, ଭୁବନେଶ୍ୱରରେ ୪୧.୬, କେନ୍ଦୁଝରରେ ୪୧, କେନ୍ଦ୍ରାପଡ଼ାରେ ୪୦.୬, କଟକ ଓ ପାରଳାଖେମୁଣ୍ଡିରେ ୪୦.୨ ରେକର୍ଡ ହୋଇଛି ।

## ରଥଯାତ୍ରାରେ ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ଗାଡ଼ି ବ୍ୟବସ୍ଥା

ପୁରୀ, (ପିପିଏସ) : ଆଉ ଦିନକ ପରେ ଘୋଷଯାତ୍ରା । ଏହାପୂର୍ବରୁ ଟ୍ରାଫିକ ବ୍ୟବସ୍ଥାର ସମୀକ୍ଷା କରି ପ୍ରେସମିଟ୍ କରିଛନ୍ତି ଏଡିଜି ଅମିତାଭ ଠାକୁର ।ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ଗାଡି ,ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା ଗାଡିର ବ୍ୟବସ୍ଥା,ଜରୁରୀ ସେବା ପାଇଁ ସ୍ୱାସ୍ଥ୍ୟ ସେଣ୍ଟର କରାଯାଇଛି ।ବିଭିନ୍ନ ସ୍ଥାନରେ ପାଣି ବ୍ୟବସ୍ଥା କରାଯାଇଛି । ରଥଯାତ୍ରା ପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । କେମିତି ରଥ ଟଣା ଯିବ, ସେ ନେଇ ପୁରୀ ରିଜର୍ଭ ପୋଲିସ୍ ଲାଇନ ପଡ଼ିଆରେ ମକ୍‌ଡ୍ରିଲ୍ ହୋଇଛି । ବିଶେଷ କରି ତିନି ରଥର ସୁରକ୍ଷା, ରଥର ଇନର୍ ଓ ଆଉଟର କର୍ଡନ, ଜେନେରାଲ କର୍ଡନ ଦାୟିତ୍ୱରେ ଯେଉଁ ପୋଲିସ୍ ଅଧିକାରୀ ଓ କର୍ମଚାରୀ ରହିବେ ସେମାନଙ୍କୁ ନେଇ ହିଁ ଏହି ମକ୍‌ଡ୍ରିଲ୍ କରାଯାଇଛି ।ଏଡିଜି ଶ୍ରୀ ଠାକୁର ନିଜେ ଏହି ମକ୍‌ଡ୍ରିଲ୍‌ର ସମୀକ୍ଷା କରିଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରିଛନ୍ତି ।ରଥଯାତ୍ରା ଭଳି ଅବିକଳ ରଥଟଣାର ଡେମୋ କରାଯାଇଛି । ତିନୋଟି ପୋଲିସ୍ ଜିପ୍‌କୁ ତିନୋଟି ରଥ ଭାବେ ନିଆଯାଇ କର୍ଡନ ମଧ୍ୟରେ କରାଯାଇଥିଲା ରଥ ଟଣା । ଭିଡ଼ ମଧ୍ୟରେ ରଥ ଗୁଡିକ କିଭଳି ଟଣାଯିବ, ଇନର ଓ ଆଉଟର କର୍ଡନ କିଭଳି ରହିବ ଓ ମାଜିଷ୍ଟ୍ରେଟଙ୍କ ଦ୍ୱାରା ରଥ କିଭଳି ନିୟନ୍ତ୍ରଣ କରାଯିବ ତାହାର ଅଭ୍ୟାସ ଓ ପ୍ରଶିକ୍ଷଣ କରାଯାଇଥିଲା । ସେପଟେ ପୁରୀ ରଥଯାତ୍ରା ପାଇଁ ଟ୍ରାଫିକ ନିୟନ୍ତ୍ରଣ ପ୍ଲାନ୍ ର ରୋଡମ୍ୟାପ ମଧ୍ୟ ପ୍ରସ୍ତୁତ କରାଯାଇଛି । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁରୀକୁ ୩ ଭାଗରେ ବିଭକ୍ତ କରାଯାଇଛି । ୧୪ଟି ସେକ୍ଟର ଓ ୨୯ଟି ଜୋନ୍‌ରେ ବିଭକ୍ତିକରଣ କରାଯାଇଛି । ଏହି ସମସ୍ତ ରୁଟ୍‌ରେ ପ୍ରବେଶ ଓ ପ୍ରସ୍ଥାନ ଏବଂ ସମସ୍ତ ଗତିବିଧିର ମନିଟରିଂ ପାଇଁ କୁମ୍ଭାରପଡ଼ା ଥାନାକୁ କଣ୍ଟ୍ରୋଲ ରୁମ୍ ରହିବ । ୨୪ଟି ପାର୍କିଂ ବ୍ୟବସ୍ଥା କରାଯାଇଛି । ରଥଯାତ୍ରାରେ ପୁରୀ କେମିତି ଜନସାଧାରଣ ଯିବେ ସେଥିପାଇଁ ରୁଟ ଚାର୍ଟ ପ୍ରସ୍ତୁତ ହୋଇଛି । ରାଜ୍ୟ ବାହାରୁ ଆସୁଥିବା ବସ୍ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ରହିବ । ବାକି ଅନ୍ୟ ବସ୍ ମାଳତୀ ପାଟପୁର ଦେଇ ତାଳବଣିଆରେ ପାର୍କିଂ ହେବ,ବିଶେଷ ଭାବେ ଭୁବନେଶ୍ୱରରୁ ଆସୁଥିବା ୪ ଚକିଆ ଯାନ ମାଳତୀପାଟପୁର ଦେଇ ତାଳବଣିଆରେ ପାର୍କିଂ ହେବ, କୋଣାର୍କରୁ ଆସୁଥିବା ୪ ଚକିଆ ଯାନ ଗ୍ରିଡ୍ ଷ୍ଟେସନ ଦେଇ ଆଇଟିଆଇ ଭୂଦାନ ଗ୍ରାଉଣ୍ଡ ଏବଂ ଇନ୍‌ଡୋର ଷ୍ଟାଡିୟମରେ ପାର୍କିଂ ହେବ,ବ୍ରହ୍ମଗିରି ପଟୁ ଆସୁଥିବା ୪ ଚକିଆ ମଙ୍ଗଳାଘାଟ ଦେଇ ଫ୍ଲୋରିସ୍ ଇଣ୍ଡିଆରେ ପାର୍କିଂ ହେବ,ଭୁବନେଶ୍ୱର ଦେଇ ଆସୁଥିବା ଦୁଇ ଚକିଆ ଯାନ ମଙ୍ଗଳାଘାଟ ବାଇପାସ୍ ହୋଇ ଜଗନ୍ନାଥବଲ୍ଲଭ ଓ ମଶାଣୀ ଚଣ୍ଡିରେ ପାର୍କିଂ ହେବ,କୋଣାର୍କରୁ ଆସୁଥିବା ଦୁଇ ଚକିଆ ଯାନ ସୁବାଷ ବୋଷ ଛକ ଦେଇ ବ୍ଲୁଫ୍ଲାଗ ଓ ନୀଳାଚଳ ଅଶୋକ ପାର୍କିଂରେ ଜନସାଧାରଣ ରଖିବେ ।

## ରଥଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ପୁରୀ, (ପିପିଏସ) : ବିଶ୍ୱ ବିଖ୍ୟାତ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ଭିତର ବାହାର ସହ ସହର ଭିତର ଓ ବାହାର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ଲୁ ପ୍ରିଂଟ କରାଯାଇ ପୋଲିସ ନିୟୋଜିତ କରାଯାଇଛି । ସମଦ୍ର ପଥ ଓ ଆକାଶ ପଥ ପାଇଁ ସ୍ୱତନ୍ତ୍ର ହାଇଟେକନିକ୍ ଯନ୍ତ୍ର ବ୍ୟବସ୍ଥା କରାଯାଇଛି । ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସାହି କମିଟି ସହ ସ୍ୱତନ୍ତ୍ର ପ୍ରଶିକ୍ଷିତ ଗୋଇନ୍ଦା ପୋଲିସ ସାଧା ପୋଷାକ ଧାରଣ କରି ବିଭିନ୍ନ ସ୍ଥାନରେ ପଇଁତରା ମାରିବେ । ସନ୍ଧାନି କୁକୁର ଜରିଆରେ ବିଭିନ୍ନ ସନ୍ଦେହ ଜନକ ବସ୍ତୁକୁ ଚିହ୍ନ କରିବ । ବମ୍ ସ୍କାର୍ଡ଼ ଟିମ୍ ଜାଗ୍ରତ ରହିବେ । ବିଭିନ୍ନ କୋଠା ଉପରେ ପୋଲିସ ଦୂରବିକ୍ଷଣ ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ନଜର କରିବେ । ବିଭିନ୍ନ ସ୍ଥାନରେ ସିସିଟିଭ ଲଗାଯାଇ କଂଟ୍ରୋଲ ରୁମ ଜରିଆରେ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ପୋଲିସ ନିରିକ୍ଷଣ କରିବ । ପୋଲିସ ମହାନିର୍ଦ୍ଦେଶକ ସୁନିଲ କୁମାର ବଂଶଲ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଓ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ଏବଂ ପୋଲିସ ମହାପ୍ରଭୁଙ୍କ ସେବା ପାଇଁ ସବର୍ମିତ ଭାବ ନେଇ କାର୍ଯ୍ୟ କରିବ ବୋଲି କହିଛନ୍ତି । ଜନଗହଳି ନିୟନ୍ତ୍ରଣ, ରଥଟଣା ,ଭିଆଇପିଙ୍କ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଆଜି ଠାରୁ ସହର ଭିତରେ ବାହାରେ ପୋଲିସ ମୁତୟନ ହୋଇ କର୍ତବ୍ୟ ପାଳନ କରୁଛନ୍ତି ।

## ପୁରୀ ରଥଯାତ୍ରା ଅଦ୍ଭୁତ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ମନ କି ବାତ କାର୍ଯ୍ୟକ୍ରମରେ ପୁରୀ ରଥଯାତ୍ରାର ଉଲ୍ଲେଖ କରିବା ସହ ଦେଶବାସୀଙ୍କୁ ଆଗୁଆ ଶୁଭେଚ୍ଛା ଜଣାଇଛନ୍ତି । ସେ ପୁରୀ ରଥଯାତ୍ରାକୁ ଅଦଭୁତ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ଜୁନ୍ ୨୦ ତାରିଖ ଐତିହାସିକ ରଥଯାତ୍ରାର ଦିନ । ସାରା ସଂସାରରେ ରଥଯାତ୍ରାର ଏକ ବିଶିଷ୍ଟ ପରିଚୟ ରହିଛି । ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ବହୁତ ଯାକଜକମରେ ରଥଯାତ୍ରା ଆୟୋଜିତ ହୁଏ । ଓଡ଼ିଶାର ପୁରୀରେ ଆୟୋଜିତ ରଥଯାତ୍ରା ସ୍ୱୟଂ ଏକ ଅଦ୍ଭୁତ ମହୋତ୍ସବ । ମୁଁ ଯେତେବେଳେ ଗୁଜରାଟରେ ଥିଲି, ସେତେବେଳେ ମୋତେ ଅହମ୍ମଦାବାଦରେ ହେଉଥିବା ବିଶାଳ ରଥଯାତ୍ରାରେ ଯୋଗଦେବାର ସୁଯୋଗ ମିଳୁଥିଲା । ଏହି ରଥଯାତ୍ରାଗୁଡ଼ିକରେ ଦେଶର ପ୍ରତ୍ୟେକ ବର୍ଗର ଲୋକ, ପ୍ରତ୍ୟେକ ସମାଜର ଲୋକମାନେ ଯେଭଳି ଉତ୍ସାହର ସହିତ ଭାଗ ନିଅନ୍ତି ତାହା ସ୍ୱତଃ ଅନୁକରଣୀୟ । ଆମର ଆସ୍ଥା ସହିତ ଏହା ‘ଏକ ଭାରତ, ଶ୍ରେଷ୍ଠ ଭାରତ’ର ମଧ୍ୟ ଏକ ପ୍ରତିବିମ୍ବ । ଏହି ପବିତ୍ର, ପୁଣ୍ୟ ଅବସରରେ ଆପଣମାନଙ୍କୁ ମୋ ତରଫରୁ ବହୁତ ବହୁତ ଶୁଭକାମନା ଜଣାଉଛି । ଭଗବାନ ଜଗନ୍ନାଥ ସମସ୍ତ ଦେଶବାସୀମାନଙ୍କୁ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁଖସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରନ୍ତୁ । ଏହାହିଁ ମୋର କାମନା ବୋଲି ସେ କହିଛନ୍ତି ।

## ନିଯୁକ୍ତି ପାଇବେ ୧୬୦ ଓଡ଼ିଶା ଶିକ୍ଷା ସେବା ଅଧିକାରୀ

ଭୁବନେଶ୍ୱର, (ପିପିଏସ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ନିଯୁକ୍ତି ପାଇବେ ୧୬୦ ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀ । ଏହି ଅବସରରେ ଭୁବନେଶ୍ୱରସ୍ଥିତ କୃଷିଭବନ ସମ୍ମିଳନୀ କକ୍ଷରେ ରବିବାର ଦିନ ଏକ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓପିଏସ୍‌ସି ଦ୍ୱାରା ମନୋନୀତ ୧୬୦ ଜଣଙ୍କ ମଧ୍ୟରୁ ୧୫୮ଜଣ କାଉନସେଲିଂ ପ୍ରକ୍ରିୟାରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ କାଉନସେଲିଂ ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ବିବରଣୀ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ରଘୁରାମ ଆୟର ପ୍ରଦାନ କରିଥିଲେ । ଏହାପରେ ନବନିଯୁକ୍ତ ଅଧିକାରୀମାନଙ୍କୁ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ସମସ୍ତ ସୂଚନା ପ୍ରଦାନ କରାଯାଇଥିଲା । କେଉଁ ଅଧିକାରୀ କେଉଁ ସ୍ଥାନରେ କେଉଁ ପଦବୀରେ ଯୋଗଦେବେ ତାହା ସେମାନଙ୍କୁ ଜଣାଇ ଦିଆଯାଇଥିଲା । କାର୍ଯ୍ୟକ୍ରମର ଚୂଡ଼ାନ୍ତ ପର୍ଯ୍ୟାୟରେ ନବନିଯୁକ୍ତ ଅଧିକାରୀମାନେ ସେମାନଙ୍କ ସମସ୍ତ ଦ୍ୱନ୍ଦ ପଚାରି ବୁଝିଥିଲେ । ନିଯୁକ୍ତି ପାଇବାକୁ ଥିବା ଏହି ଅଧିକାରୀମାନଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ବିଭାଗ ପକ୍ଷରୁ ଆୟୋଜିନ କରାଯାଇଥିଲା ।

## ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୨କୁ ବୃଦ୍ଧି

କଟକ : ବାହାନଗା ରେଳ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ରବିବାର ଦିନ ପୁଣି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ପଲଟୁ ନସ୍କାର । ତାଙ୍କ ଘର ପଶ୍ଚିମବଙ୍ଗ ଅଞ୍ଚଳରେ । ସେ ସେଣ୍ଟ୍ରାଲ ଆଇସିୟୁ ବେଡ୍ ନଂ ୧୪ରେ ଚିକିତ୍ସିତ ହେଉଥିଲେ । ଏହାକୁ ମିଶାଇ ଏସିବି ଟ୍ରେନ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୪କୁ ବୃଦ୍ଧି ପାଇଛି ।ଏଣେ ଏହାକୁ ମିଶାଇ ବାହାନଗା ରେଳ ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ୨୯୨ରେ ପହଞ୍ଚିଥିବା ବେଳେ କଟକ ବଡ଼ ମେଡିକାଲରେ ଏହା ହେଉଛି ଚତୁର୍ଥ ମୃତ୍ୟୁ । ଏମାନେ ସମସ୍ତେ ଶ୍ରମିକ ଶ୍ରେଣୀର ଓ ସେମାନେ କାମ ପାଇଁ ଯାଉଥିଲେ । ଏନେଇ ଏସ୍‌ସିବି କୁଳସଚିବ ଡକ୍ଟର ଅବିନାଶ ରାଉତ୍ ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଜୁନ୍ ୧୩ ତାରିଖରେ ବିହାରର ବିଜୟ ପାଶୱାନଙ୍କର ଓ ଜୁନ୍ ୧୬ ତାରିଖରେ ପ୍ରକାଶ ରାମ ଓ ଜୁନ୍ ୧୮ରେ ବିହାର ଭାଗଲପୁରର ବାସିନ୍ଦା ସୋଇମ ମନସୁର(୩୩)ଙ୍କର କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ଏସ୍‌ସିବିରେ ଏବେ ୪୨ଜଣ ଆହତ ଚିକିତ୍ସିତ ହେଉଥିବାବେଳେ ସେଥିରୁ ଆଇସିୟୁରେ ୧୨ଜଣ ଚିକିତ୍ସିତ ହେଉଛନ୍ତି । ଏସ୍‌ସିବିରେ ଯେଉଁ ୪୧ଜଣ ଚିକିତ୍ସିତ ହେଉଛନ୍ତି ସେଥିରୁ ପଶ୍ଚିମବଙ୍ଗର ସର୍ବାଧିକ ୧୬, ବିହାରର ୧୨, ଓଡ଼ିଶାରୁ ୯, ଝାଡଖଣ୍ଡ, ମହାରାଷ୍ଟ୍ର, ନେପାଳ ଓ ତାମିଲନାଡୁର ଜଣେ ଲେଖାଏ ଆହତ ଅଛନ୍ତି ।

## ଲାଇନଚ୍ୟୁତ ହେଲା ମାଲ ବୋଝେଇ ଟ୍ରେନ୍

ଭୁବନେଶ୍ୱର, (ପିପିଏସ) : ପୁଣି ଲାଇନଚ୍ୟୁତ ହେଲା ମାଲ ବୋଝେଇ ଟ୍ରେନ୍ । ଲୁହା ଗୁଣ୍ଡ ବୋଝେଇ ଟ୍ରେନର ୬ଟି ୱାଗନ ଟ୍ରାକ୍‌ରୁ ଖସି ପଡିଛି । କୋରାପୁଟ ସୀମାନ୍ତ ଆନ୍ଧ୍ରପ୍ରଦେଶର ବୋଦାଭରା ନିକଟରେ ଆଜି ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି । ଏହି ମାଲବାହୀ ଟ୍ରେନ୍ କିରଣ୍ଡରୁଲରୁ ବିଶାଖାପାଟଣା ଯାଉଥିଲା । ମାଲ ଗାଡି ଡିରେଲ ହେବାରୁ ଚିମିଡ଼ିପାଲିରେ ବିଶାଖାପାଟଣାରୁ କର୍ଣ୍ଣୁଲ ଯାଉଥିବା ପାସେଞ୍ଜର ଟ୍ରେନ ଅଟକ ରହିଛି । ବାହାନଗା ରେଳ ଦୁର୍ଘଟଣା ପରେପରେ ରାଜ୍ୟରେ ତଥା ଦେଶରେ ବହୁ ସ୍ଥାନରେ ରେଳ ଗାଡ଼ି ଲାଇନ ବିଚ୍ୟୁତ ହେବାର ଘଟଣା ସାମ୍ନାକୁ ଆସୁଛି ।

## ଆକ୍ରୋଶମୁଳକ ରାଜନୀତି କରୁଛି ବିଜେଡି

ଭୁବନେଶ୍ୱର, (ପିପିଏସ) : ଦୀର୍ଘ ୨୩ ବର୍ଷ ଧରି ନିରୁଙ୍କଶ ଶାସନରେ ଥିବା ବିଜେଡି ସରକାର ଅମଳରେ ରାଜ୍ୟର ଜମି, ପାଣି, ଜଙ୍ଗଲ, ଖଣିଜକୁ ବେଆଇନ ଭାବେ ବିକ୍ରି କରିଦେଇ ବିଜୁ ଜନତା ଦଳର ମନ୍ତ୍ରୀ ଓ ନେତାମାନେ ଉଇ ଭଳି ଓଡିଶାକୁ ଖାଇଗଲେଣି । ରାଜ୍ୟର ଶାସନ ଡୋରୀ କାହା ହାତରେ ? ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ ନିଜ ଅପାରଗତା ଓ ଦୁର୍ନୀତିଖୋର ଭାବମୂର୍ତ୍ତିରୁ ନିଜକୁ ବଞ୍ଚାଇବା ପାଇଁ ବର୍ତ୍ତମାନ ‘ଆକ୍ରୋଶମୁଳକ ରାଜନୀତି’କୁ ମୁଖ୍ୟ ଅସ୍ତ୍ର କରିଛି ବିଜୁ ଜନତା ଦଳ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି । ଯାଜପୁର ଜିଲ୍ଲାର ବରିଷ୍ଠ ନେତା ବିଶିଷ୍ଟ ସୁଚନା ଅଧିକାରୀ କର୍ମୀ ଶ୍ରୀ ସର୍ବେଶ୍ୱର ବେହୁରିଆଙ୍କୁ ଗିରଫ କରିବା ପଛରେ ଦୀର୍ଘ ଦିନର ରାଜନୈତିକ ଓ ପ୍ରଶାସନିକ ଆକ୍ରୋଶ ହେଉଛି ମୁଖ୍ୟ କାରଣ । ସ୍ଥାନୀୟ ତହସିଲଦାର, ଖଣିମାଫିଆ ଓ ସ୍ଥାନୀୟ ବିଧାୟକ




ମିଳିମିଶି କୋଟି କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ୍ କରୁଥିବାର ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସର୍ବେଶ୍ୱର ଏବଂ ତାଙ୍କ ପରିବାର ଉପରେ ଲଗାତାର ଆକ୍ରମଣ କରାଯାଉଛି । ମିଛ କେଶ୍ କରି ଜେଲରେ ଭର୍ତି ପାଇଁ ଅପଚେଷ୍ଟା ସହ ବୋମାମାଡ କରି ହତ୍ୟା ପାଇଁ ମଧ୍ୟ ଉଦ୍ୟମ ହୋଇଛି । ସର୍ବେଶ୍ୱରଙ୍କୁ ଗିରଫ କରାଯିବା ଏକ ଯୋଜନାବଦ୍ଧ ଓ ସୁପରିକଳ୍ପିତ ଷଡଯନ୍ତ୍ର । ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଅଧିନରେ ରହିଛି ପର୍ଯ୍ୟାପ୍ତ ଖଣିଜ ସଂପଦ । ବିଶେଷ ଭାବେ ରାଜ୍ୟର ସବୁଠୁ ଅଧିକ ମୂଲ୍ୟବାନ କଳାପଥର ଏହି ଅଂଚଳରେ ରହିଛି । ବିଛାଖଣ୍ଡି, ଡଙ୍କାରୀ, ଆରୁହା ପାହାଡରେ ଲକ୍ଷ ଲକ୍ଷ ମେଟ୍ରିକ ଟନ କଳାପଥରକୁ ବିଜେଡି ଦଳର ମନ୍ତ୍ରୀ ଓ ନେତାଙ୍କ ଇଙ୍ଗିତରେ ଲୁଟ୍ କରାଯାଉଛି । ପୂର୍ବତନ ବିଧାୟକ ସ୍ୱର୍ଗତଃ କଳ୍ପତରୁ ଦାସଙ୍କ ସମୟରୁ ଆରମ୍ଭ ହୋଇଥିବା ଏହି ଲୁଟ୍ ପ୍ରକ୍ରିୟା ବର୍ତମାନ ମଧ୍ୟ ଜାରୀ ରହିଛି ଏବଂ ଖଣି ମାଫିଆଙ୍କ ସହାୟତାରେ ବିଜେଡିର ତୁଙ୍ଗ ନେତା, ମନ୍ତ୍ରୀ, ସ୍ଥାନୀୟ ତହସିଲ୍ ?ଦାର, ଜିଲ୍ଲା ଓ ରାଜ୍ୟ ପ୍ରଶାସନର ଅଧିକାରୀମାନେ ମିଳିମିଶି ଲୁଟ୍ କରୁଛନ୍ତି । ଧର୍ମଶାଳା ହସିଲଦାରଙ୍କ ସହାୟତା ଓ ନେତୃତ୍ୱରେ ଚାଲିଥିବା ଯାବତୀୟ ଖଣି ଲୁଟ୍ କୁ ସର୍ବେଶ୍ୱର ବିରୋଧ କରିଆସୁଥିଲେ । ଏଭଳି ଲୁଟ୍ ?କୁ ବିରୋଧ କରି ସର୍ବେଶ୍ୱର ଗତ ୨୦୧୦ ମସିହାରୁ ସୁଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ବିଭିନ୍ନ ଫୋରମରେ ଅଭିଯୋଗ କରିବା ସହିତ ହାଇକୋର୍ଟ, ସୁପ୍ରିମକୋର୍ଟ ଓ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଖଣି ଲୁଟ୍ ରେ ତତ୍କାଳୀନ ଜିଲ୍ଲାପାଳ ରଂଜନ କୁମାର ଦାସ, ୩ ଜଣ ତହସିଲଦାରଙ୍କ ସମେତ ୧୦ ଜଣ ଖଣି ମାଫିଆଙ୍କ ସଂପୃକ୍ତ ଥିବା କାରଣରୁ ଲୋକାୟୁକ୍ତ ନୋଟିସ ମଧ୍ୟ ଜାରୀ କରିଛନ୍ତି । ସର୍ବେଶ୍ୱରଙ୍କ ନିରନ୍ତର ଉଦ୍ୟମ କାରଣରୁ ଡଙ୍କାରୀ ଓ ବିଛାଖଣ୍ଡିରେ ବେଆଇନ ଖଣି ଖନନ ବନ୍ଦ ହୋଇଛି । ବିଛାଖଣ୍ଡି ପାହାଡ ଖଣି ଲୁଟର ତଦନ୍ତ ଲୋକାୟୁକ୍ତ କରୁଥିବାବେଳେ ଆରୁହା ଖଣି ଲୁଟର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି ।

## ସମ୍ପାଦକୀୟ
### କ୍ଷମତାସୀନଙ୍କ ପାଠ୍ୟକ୍ରମ

## ବାଟେଘାଟେ



ମଉସମୀ ଲୁଚୁ କାଳି ଖେଳ
ଖେଳେ
ଆକାଶରୁ ଖସେ ନିଆଁ
ଏତିକି ବେଳକୁ ଟାଟାର ବିଜୁଳି
ରହି ରହି ମାରେ ଚିଆଁ
ବିଜୁଳିର ବଡେ ମିଆଁ
ପାଓ୍ୱାର କଟୁନି ଯାନ୍ତ୍ରିକ ତୃଟି
କହି ବୁଲାଉଛି ଭୁଆଁ ।
ଖାଉ ଅଛି ଗୁଡ଼ ମୁଆଁ
ରୋଗୀ କାନ୍ଦୁ ଅଛି ମଣିଷ ସିଜୁଛି
ଛୁଆ କାନ୍ଦେ କୁଆଁ କୁଆଁ
ଭୋଟ ପାଇଁକି ଆସିଲେ ଏଥର
କାନ ଧରି ନିଆଁ ପୁଆଁ
-ରାହୀ

## ୫-ଟି ସଚିବ ଚାକିରି ଛାଡ଼ି ରାଜନୀତି କରନ୍ତୁ

ଭୁବନେଶ୍ୱର(ପିପିଏସ୍) :ଅପରାଜିତାଙ୍କ ପରେ ବିଜେପି ରାଜ୍ୟ ସଭାପତିଙ୍କ ଟାର୍ଗେଟରେ ୫ଟି ସଚିବ । ରବିବାର ମନମୋହନ ସାମଲ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ରାଜ୍ୟରେ ଦୁଇ ଡ଼ଜନ ମନ୍ତ୍ରୀ ଅଛନ୍ତି, ମନ୍ତ୍ରୀମାନେ ହେଉଛନ୍ତି ଶାସନର ମୁଖ୍ୟ । ତେବେ ସଚିବ ପ୍ରଶାସନର ନିଷ୍ପତ୍ତି ନେଇ ପାରିବନି, କି ଘୋଷଣା କରି ପାରିବେନି, କି ଅନୁମୋଦନ ଦେଇ ପାରିବନି ।ଚୂଡ଼ାନ୍ତ ନିଷ୍ପତ୍ତି ମନ୍ତ୍ରୀମାନେ ହିଁ ନେବେ । ତେଣୁ ଯଦି ତାଙ୍କୁ ନିଷ୍ପତ୍ତି ନେବାରେ ଅଛି ତେବେ ସେ ଇସ୍ତଫା ଦେଇ ମନ୍ତ୍ରୀ ହୋଇଯାଆନ୍ତୁ, ଶପଥ ନେଇଯାଆନ୍ତୁ । ସଚିବ ଏକୁଟିଆ ବୁଲନ୍ତୁ ଆଉ ଘୋଷଣା କରନ୍ତୁ କେହି ତାଙ୍କୁ ମନା କରିବେନି ବୋଲି କହିଛନ୍ତି ମନମୋହନ ସାମଲ ।ଖାଲି ସେତିକି ନୁହେଁ, ସେ ଆହୁରି ମଧ୍ୟ କହିଛନ୍ତି ଯେ- ଜଣେ ସରକାରୀ ଚାକିରି କରୁଥିବା ଲୋକ ଓଡ଼ିଶାରେ ସିଧାସଳଖ ରାଜନୀତି କରି ପାରିବ ନାହିଁ । ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି କି ବ୍ୟବସ୍ଥାର ଉର୍ଦ୍ଧ୍ୱରେ କେହି ନୁହନ୍ତି, ବ୍ୟବସ୍ଥା ଭିତରେ ରହି କେହି ବି ଲକ୍ଷ୍ମଣ ରେଖା ଅତିକ୍ରମ କରିବା ଉଚିତ ନୁହେଁ ବୋଲି ମନମୋହନ ସାମଲ କହିଛନ୍ତି । ଅନ୍ୟପଟେ



ରାଜନୀତି କରିବାର ସମସ୍ତଙ୍କର ଅଧିକାର ଅଛି କିନ୍ତୁ ଦେଶର ବ୍ୟବସ୍ଥା, ସମ୍ବିଧାନ ଓ ଆଇନ କାନୁନକୁ ମାନିକି ଚାଲିବାକୁ ପଡ଼ିବ । ଯାହାକୁ ରାଜନୀତି କରିବାର ଅଛି ଚାକିରି ଛାଡି, ରାଜନୀତି କରନ୍ତୁ । ଚାକିରିରେ ଥାଇ କି ରାଜନୀତି କରି ପାରିବେନି ବୋଲି ୫ଟି ସଚିବଙ୍କୁ ଟାର୍ଗେଟ କରି ତେରେଛା ତୀର ମାରିଛନ୍ତି ରାଜ୍ୟ ବିଜେପି ସଭାପତି । ଅନ୍ୟପଟେ ରାଜ୍ୟରେ ଶାସନ ଅଛି କି ନାହିଁ , ମନ୍ତ୍ରୀ ଅଛନ୍ତି କି ନାହାନ୍ତି, ବିଧାୟକ ମାନେ ଅଛନ୍ତି କି ନାହାନ୍ତି, ମୁଖ୍ୟମନ୍ତ୍ରୀ ଅଛନ୍ତି କି ନାହାନ୍ତି ଏ ବିଷୟରେ ଗାଁ ଗହଳି ପର୍ଯ୍ୟନ୍ତ ଆଲୋଚନା ହେବା ଦରକାର । ବିଜୁ ଜନତା ଦଳର ସମସ୍ତ ସାଂସଦ, ବିଧାୟକ ମାନେ ଚିନ୍ତା କରିବା ଆରମ୍ଭ କରନ୍ତୁ ସେମାନେ ରାଜନୀତିରେ ନିଷ୍ପତ୍ତି କଣ ନେବେ । ଗଣତନ୍ତ୍ର ରକ୍ଷା କରିବା ପାଇଁ କଣ କରିବା ଉଚିତ ତାଙ୍କ ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କଠୁ ନେଇ ନେତାଙ୍କ ପର୍ଯ୍ୟନ୍ତ ଚିନ୍ତା କରିବା ଆବଶ୍ୟକ । ସେମାନେ ଆଲୋଚନାକୁ ଆସି ସ୍ପଷ୍ଟ କରନ୍ତୁ ଯେ ସେମାନଙ୍କ ଭୂମିକା କଣ ? ବୋଲି ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ରାଜ୍ୟ ବିଜେପି ସଭାପତି ଶ୍ରୀ ସାମଲ ଙ୍କ ଟାର୍ଗେଟ ପରେ ଏହାର ଜବାବ ରଖିଛନ୍ତି ବିଜେଡି ବିଧାୟକ ପ୍ରଫୁଲ ସାମଲ । ସେ କହିଛନ୍ତି, ବିରୋଧୀଙ୍କର କିଛି କାମ ନାହିଁ । ସେମାନେ ଖାଲି ଦେଖୁଛନ୍ତି ନବୀନ କଣ କରୁଛନ୍ତି ତାଙ୍କ ସଚିବ କଣ କରୁଛନ୍ତି । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନିଜେ ସବୁଆଡ଼େ ଯାଇପାରୁନଥିବାରୁ ସେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଠାଉଛନ୍ତି । ଉଦାହରଣ ଦେଇ ସେ କହିଛନ୍ତି, ଅନେକ ସମୟରେ ବନ୍ୟା ବେଳେ ସବୁବେଳେ କଣ ପ୍ରଧାନମନ୍ତ୍ରୀ ଆସୁଛନ୍ତି, ତାଙ୍କ ଟିମ ଆସିକି ସର୍ବେକ୍ଷଣ କରୁଛି । ବିରୋଧୀଙ୍କ ପାଖେ କିଛି ବିଷୟ ବସ୍ତୁ ନାହିଁ କହିବା ପାଇଁ କେବଳ ବିରୋଧ କରିବା ପାଇଁ କହୁଛନ୍ତି ।ତେବେ ପ୍ରଫୁଲ ସାମଲ ବିରୋଧୀଙ୍କୁ ଓଲଟା ଟାର୍ଗେଟ କରି କହିଛନ୍ତି ଯେ, ସେମାନେ କୁହନ୍ତୁ କେଉଁଠି ବିକାଶ ହୋଇନି, ଦୁର୍ନୀତିଗ୍ରସ୍ଥ ଅଧିକାରୀକୁ ନବୀନ ଛାଡ଼ିଛନ୍ତି କି ? ଆଗରୁ ବି ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଯାଉଥିଲେ, ଏବେ ନୂଆ କଥା ନୁହେଁ । ଜନ ପ୍ରତିନିଧି ତାଙ୍କ କାର୍ଯ୍ୟ କରୁଛନ୍ତି । ୫ଟି କାର୍ଯ୍ୟକୁ ନେଇ ଦଳରେ କେହି ଅସନ୍ତୋଷ ନାହାନ୍ତି ୫ଟି କାର୍ଯ୍ୟ କରୁଛି ବୋଲି ଏବଂ ସଚିବ ଆକ୍ଟିଭ୍ ଅଛନ୍ତି ବୋଲି କାର୍ଯ୍ୟପାଳିକା ଆକ୍ଟିଭ୍, ଆଗରୁ ଅଧିକ ସମୟ ଲାଗୁଥିଲା ଏବେ ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଫୁଲ୍ଲ ସାମଲ କହିଛନ୍ତି ।

### ବିଜେଡ଼ି ଉପରେ ବର୍ଷିଲେ ଶରତ

ଭୁବନେଶ୍ୱର : ବିଜେଡ଼ି ଉପରେ ବିଜେପି ୫ଟି ସଚିବଙ୍କୁ ନେଇ ବର୍ଷି ଚାଲିଥିଲାବେଳେ ସେପଟେ ରାଜ୍ୟ କଂଗ୍ରେସ ଏହି ପ୍ରସଙ୍ଗରେ ମଧ୍ୟ ବୟାନ ଜାରି କରିଛି । ପିସିସି ସଭାପତି ଶରତ ପଟ୍ଟନାୟକ କଡ଼ା ସମାଲୋଚନା କରି କହିଛନ୍ତି ରାଜ୍ୟରେ ଏବେ ବ୍ୟୁରୋକ୍ରାଟ୍ସମାନେ ସଭାସମିତି କରୁଥିବାବେଳେ ମନ୍ତ୍ରୀ ବିଧାୟକମାନେ ତାହାର ଆରେଜମେଣ୍ଟ କରୁଛନ୍ତି । ଏଭଳି ହେବା ଉଚିତ ନୁହେଁ । ମୁଖ୍ୟମନ୍ତ୍ରୀ ଘରୁ ବାହାରୁନାହାନ୍ତି କିମ୍ବା କାହାକୁ ଭେଟୁନାହାନ୍ତି ବୋଲି କଂଗ୍ରେସ ପକ୍ଷରୁ ଗମ୍ଭୀର ଅଭିଯୋଗ ଆଣିଛନ୍ତି ଶରତ ।

## ନିଶାସକ୍ତ ଯୁବକର ଚାଞ୍ଚଲ୍ୟକର ଡବଲ ମର୍ଡର

 କୁଜଙ୍ଗ, (ପିପିଏସ) : କୁଜଙ୍ଗରେ ନିଶାଶକ୍ତ ଯୁବକର ଚାଂଚଲ୍ୟକର ଡବଲ ମର୍ଡର ଓ ଅଭିଯୁକ୍ତ ଗିରଫ ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । କିଛି ନଥିଲା, ହଠାତ୍ ନିଶାଖାଇ ଆସି ଦୁଇ ମହିଳାଙ୍କୁ ଅତି ନିର୍ମମଭାବେ ଖଣ୍ଡାରେ ହାଣି ହତ୍ୟା କଲା ଉକ୍ତ ଯୁବକ । ସୂଚାନଯୋଗ୍ୟକି ବଳରାମପୁର ମିଶନଶକ୍ତି ଗୃହ ନିକଟ ଏକ୍ସପ୍ରେସ୍ କଲୋନୀ ରେ ଜବର ଦଖଲକରି ରହୁଥିବା ଜଗନ୍ନାଥପୁର ଗ୍ରାମର ବାବାଜି ନାଥଙ୍କ ପୁଅ ଚିଂଟୁ ନାଥ (କାଳିଆ) ପ୍ରମୋଦ ଭୋଳଙ୍କ ପତ୍ନୀ ଅନୀତା ରାଉତ (୪୦) ତାଙ୍କ ଘରଆଗ ଦାଣ୍ଡ ଓଳାଉ ଥିବା ସମୟରେ ଚିଂଟୁ ନାଥ ହାତରେ ଖଣ୍ଡା ଓ ଏକ ପାଇପ ଧରି ତାଙ୍କ ପାଖରେ ପହଁଚି ପାଉଡର ଖାଇବାକୁ ଟଙ୍କା ମାଗିଥିଲା । ଅନୀତା ମନାକରିବାରୁ ଚିଂଟୁନାଥ ଖଣ୍ଡାରେ ଅନୀତାର ମୁଣ୍ଡକୁ ହାଣିଥିଲା । ଅନିତାର ଚିତ୍କାର ଶୁଣି ସେଠାରେ ଭଡାରେ ରହି ଟିୟୁସନ କରୁଥିବା ସହଦେବ ମଲ୍ଲଙ୍କ ପତ୍ନୀ ନିର୍ମଳା ଲେଙ୍କା ଚାଲିଆସି ଅଟକାଇବାରୁ ନିର୍ମଳାକୁ ଚିଂଟୁ ନାଥ ମଧ୍ୟ ଖଣ୍ଡାରେ ବିଭତ୍ସଭାବରେ ହାଣିଥିଲା । ନିର୍ମଳାଙ୍କୁ ବଂଚାଇବାକୁ







ଯାଇ ତାଙ୍କ ସ୍ୱାମୀ ସହଦେବ ସେଠାକୁ ଆସି ପ୍ରତିବାଦ କରିବାରୁ ଚିଂଟୁନାଥ ଖଣ୍ଡାରେ ତାଙ୍କୁ ହାଣିବାକୁ ଯାଉଥିବା ବେଳେ ତାଙ୍କ ପୁଅ ରିତେକ ରୋସନ ମଲ୍ଲ (ସୋନୁ) ହାତ ଦେଖାଇବାରୁ ଖଣ୍ଡା ଚୋଟରେ ତାଙ୍କର ହାତ ପାପୁଲିରେ ଲାଗିଛି ଗଭୀର ଆଘାତ ସେ ମଧ୍ୟ ଗୁରୁତର ଆହତହୋଇ କଟକ ବଡମେଡିକାଲକୁ ସ୍ଥାନାନ୍ତର ହୋଇଛି । ଅନ୍ୟଜଣେ ମଧ୍ୟ ଏହାର ପ୍ରତୀବାଦ କରିବାରୁ ଚିଂଟୁନାଥଙ୍କ ଦ୍ୱାରା ଗୁରୁତର ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିବାର ଜଣାପଡିଛି । ଘଟଣା ସ୍ଥଳରେ ଅନୀତା ରାଉତ ମୃତ୍ୟୁବରଣ କରିଥିବା ବେଳେ ମେଡିକାଲକୁ ଆସିବା ସମୟରେ ବାଟରେ ନିର୍ମଳା ମଧ୍ୟ ମୃତ୍ୟୁ ବରଣ କରିଛି । ଉକ୍ତ ନିଶାଶକ୍ତ ଯୁବକର ଏଭଳି ଉନ୍ମୁକ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକେ ତାର ଚିଂଟୁନାଥର ଗୋଡହାତ ବାନ୍ଧି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଁଚି ଚିଂଟୁ ନାଥଙ୍କୁ ଥାନାକୁ ଆଣି ଅଟକ ରଖି ଉକ୍ତ ଘଟଣା ସମ୍ପର୍କରେ ଅଧିକ ଅନୁସନ୍ଧାନ କରୁଥିବାର ଜଣାପଡିଛି । ଏଠାରେ ସୂଚାନା ଯୋଗ୍ୟକି ଉକ୍ତ ନିଶାଶକ୍ତ ଯୁବକର ପତ୍ନୀ ଏକମାସ ତଳେ ଅତ୍ୟାଚାର ସହିନପାରି ବାପ ଘରକୁ ଚାଲିଯିବା ସହିତ ଥାନାରେ ଅଭିଯୋଗ କରିଥିବା ଶୁଣାଯାଉଛି । ସେହିପରି ଏକ୍ସପ୍ରେସ୍ କଲୋନିରେ ରହୁଥିବା ଜନସାଧାରଣ ଉକ୍ତ ଯୁବକର ଏଭଳି ଉନ୍ମୁକ୍ତ କାଣ୍ଡ ସମ୍ପର୍କରେ ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେବି ପୋଲିସ ଏଥି କୌଣସି ଦୃଷ୍ଟି ଦେଇନଥିଲା । ଯାହାଫଳରେ ଅକାଳରେ ଦୁଇଟି ଜୀବନ ଚାଲିଗଲା । ଏଠାରେ ପ୍ରଶ୍ନ ଉଠୁଛିଯେ ଏହାକଣ ପୋଲିସର ପାରିବା ପଣିଆକି ?




# ନିରୋଗ ରଖିବ ଚୁଡ଼ାସନ୍ତୁଳା

। ସ୍ୱାଦରେ ଭରପୂର୍ ଚୁଡ଼ା ସନ୍ତୁଳାକୁ ସକାଳ ଜଳଖିଆରେ ସାମିଲ କରିବାକୁ ବୋଧହୁଏ କେହି ବି ଅମଙ୍ଗ ହେବେ ନାହିଁ। ସ୍ୱାଦ ସାଙ୍ଗକୁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଲାଭକାରୀ। ଏହାର ସେବନ ଦ୍ୱାରା ଶରୀର ବିଭିନ୍ନ ପ୍ରକାର ରୋଗଠାରୁ ଦୂରେଇ ରହିଥାଏ। ଏଥିରେ କାର୍ବୋହାଇଡ୍ରେଟ୍ ପର୍ଯ୍ୟାପ୍ତ ପରିମାଣରେ ରହିଥାଏ, ଯାହା ଶରୀରକୁ ଜରୁରୀ ଭିଟାମିନ୍ ଯୋଗାଇଥାଏ। ନିୟମିତ ରୂପରେ ସକାଳ ଜଳଖିଆରେ ଏକ ପ୍ଲେଟ୍ ଚୁଡ଼ା ସନ୍ତୁଳା ବା ପୋହାକୁ ସାମିଲ କଲେ ବ୍ୟକ୍ତି ଶରୀରରେ କଦାପି ଆଇରନ୍‌ର ଅଭାବ ପରିଲକ୍ଷିତ ହୁଏନାହିଁ। ଏହାଦ୍ୱାରା ଏନିମିଆ ଭଳି ରୋଗଠାରୁ ସବୁଦିନ ପାଇଁ ଦୂରେଇ ରହିହେବ। କେବଳ ସେତିକି ନୁହେଁ, ମଧୁମେହ ରୋଗୀଙ୍କ ପାଇଁ ଏହା ଉତ୍ତମ ଖାଦ୍ୟ। ମଧୁମେହ ଗ୍ରସ୍ତ ପୀଡ଼ିତ ଚୁଡ଼ା ସନ୍ତୁଳା ଖାଇବା ଦ୍ୱାରା ଭୋକ କମ୍ ଲାଗିଥାଏ ଏବଂ ରକ୍ତଚାପ ସ୍ତର ଠିକ୍ ରହିଥାଏ। ଏଥିରେ ପୋଷକ ତତ୍ତ୍ୱ ଭରପୂର୍ ରହୁଥିବାରୁ ଶରୀରକୁ ଭିଟାମିନ୍, ଖଣିଜ ଏବଂ ଫାଇବର୍ ପର୍ଯ୍ୟାପ୍ତ ମାତ୍ରାରେ ମିଳିଥାଏ। ପେଟଜନିତ କୌଣସି ସମସ୍ୟା ଥିଲେ ମଧ୍ୟ ଚୁଡ଼ା ସନ୍ତୁଳା ସେବନ ଦ୍ୱାରା ସେଥିରୁ ଉପଶମ ମିଳିଥାଏ।



# ବଢ଼ିଲା ସୁନା ଓ ରୁପା ଦର

ବାହାଘର ସିଜିନ ଚାଲିଥିବା ବେଳେ ମହଙ୍ଗା ହୋଇଛି ସୁନା ଓ ରୁପାର ଦାମ। ଆଜି ଦିଲ୍ଲୀରେ ସୁନାର ଦାମ ୪୩୪ ଟଙ୍କା ବଢ଼ିଛି ହୋଇଛି। ଫଳରେ ୧୦ ଗ୍ରାମ ସୁନାର ଦାମ ୫୦,୮୮୭ ଟଙ୍କାରେ ପହଞ୍ଚି ଯାଇଛି। ଅନ୍ତର୍ଜାତୀୟ ବଜାରରେ ମୂଲ୍ୟବୃଦ୍ଧି ଓ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି। ବୁଧବାର କାରବାର ବନ୍ଦ ହେବା ବେଳକୁ ୧୦ ଗ୍ରାମ ସୁନାର ଦାମ ଜାତୀୟ ରାଜଧାନୀରେ ୫୦,୪୫୩ ଟଙ୍କା ଥିଲା। କେବଳ ସୁନା ନୁହେଁ ରୁପାର ଦାମ ମଧ୍ୟ ଆଜି ବଢ଼ିଛି। ରୁପା କେଜି ପିଛା ୯୧୮ ଟଙ୍କା ମହଙ୍ଗା ହୋଇଛି। ଫଳରେ ଏହାର ଦାମ ଜାତୀୟ ରାଜଧାନୀରେ ୬୦,୮୫୮ ଟଙ୍କାରୁ ବଢ଼ି ୬୧,୭୭୬ ଟଙ୍କା ଛୁଇଁଛି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଜି ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୧୦ ପିଇସା ହ୍ରାସ ପାଇଛି। ଏବେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୭୭.୬୦ ରହିଛି। ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ବଜାରରେ ପ୍ରତି ଆଉନ୍ସ ପିଛା ସୁନାର ଦାମ ୧,୮୫୨ ଡଲାର ଥିବା ବେଳେ ରୁପାର ଦାମ ୨୨ ଡଲାର ରହିଛି। ଗୁଡ ରିଟର୍ନର୍ସର ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱରରେ ଆଜି ୨୨ କ୍ୟାରେଟ ସୁନାର ଦାମ ୧୦ ଗ୍ରାମ ପିଛା ୧୦୦ ଟଙ୍କା ବଢ଼ିଛି। ଫଳରେ ୧୦ ଗ୍ରାମ ସୁନାର ଦାମ ୪୭,୫୦୦ ଟଙ୍କାରୁ ବଢ଼ି ୪୭,୬୦୦ ଟଙ୍କା ଛୁଇଁଛି।

# ମଧୁମେହ ନିୟନ୍ତ୍ରଣ ପାଇଁ ଘରୋଇ ଉପଚାର

ମଧୁମେହ ଏପରି ଏକ ରୋଗ ଯାହା ଥରେ କାହାକୁ ହୋଇଗଲେ ଏହା ଅନ୍ୟ ରୋଗର କାରଣ ହୋଇଯାଏ । ଖରାପ ଜୀବନଶୈଳୀ ସହିତ ଏହା ପଛରେ ଅନ୍ୟାନ୍ୟ କାରଣ ମଧ୍ୟ ହୋଇଥାଏ । ଜଣେ ମଧୁମେହ ରୋଗୀ ତାଙ୍କ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଯଦି ଆପଣଙ୍କ ରକ୍ତରେ ସୁଗାର ପରିମାଣ ଅଧିକ, ତେବେ ଅନ୍ୟାନ୍ୟ ସମସ୍ୟା ବଢିପାରେ । ଏହି ରୋଗରେ ରୋଗୀକୁ ଏପରି ଜିନିଷ ଖାଇବାକୁ ପଡିବ ଯାହା ଦ୍ୱାରା ସୁଗାର ନିୟନ୍ତ୍ରିତ ଅବସ୍ଥାରେ ରହିବ। ଏହା ସହିତ, ବ୍ୟାୟାମ ପାଇଁ ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡିବ। ଯଦି ଆପଣ ଶରୀରରେ ସୁଗାର୍ ଲେଵଲ କମ୍ କରିବାକୁ ଚାହୁଁଛନ୍ତି, ତେବେ ପ୍ରତିଦିନ ସକାଳେ କ୍ଷୀର ପିଅନ୍ତୁ । ସୁଗାର ନିୟନ୍ତ୍ରଣ କରିବା ସହିତ ଏହା ଶକ୍ତି ମଧ୍ୟ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଆପଣ କ୍ଷୀରକୁ କିପରି ବ୍ୟବହାର କରିବେ...ହଳଦୀ କ୍ଷୀର: କରୋନା କାଳରେ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ଦଳଦୀ କ୍ଷୀର ପିଅନ୍ତୁ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସହିତ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ଅଟେ । ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିଥାଏ ଯାହା ମଧୁମେହର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଶରୀରରେ ଇନସୁଲିନର ପରିମାଣକୁ ନିୟନ୍ତ୍ରଣ କରିବା ସହିତ ଏହା ଔଷଧକୁ ମଧ୍ୟ ପ୍ରଭାବିତ କରିଥାଏ ।ବିଶେଷଜ୍ଞଙ୍କ ଅନୁଯାୟୀ, ଦଳଦୀ କ୍ଷୀର ମଧୁମେହ ରୋଗୀଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ କର୍କୁମିନ୍ ଥାଏ ଯାହା ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଡାଲଚିନ କ୍ଷୀର: ଡାଲଚିନ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥାଏ । ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଥାଏ । ଯାହା ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଉଭୟ କ୍ଷୀର ଏବଂ ଡାଲଚିନ କ୍ୟାଲସିୟମ୍, ଆଇରନ୍, ପୋଟାସିୟମ୍ ଏବଂ ଭିଟାମିନରେ ଭରପୂର ରହିଥାଏ । ଏହା ବ୍ୟତୀତ ବିଟା କାରୋଟିନ୍, ଆଲଫା କାରୋଟିନ୍, ଲାଇକୋପିନ୍ ରହିଥାଏ ଯାହା ସୁଗାର ଲେଵଲକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଏହା ସଂକ୍ରମଣର ବିପଦକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ବାଦାମ କ୍ଷୀର: ବାଦାମ କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଆପଣ ସହଜରେ ଘରେ ବାଦାମ କ୍ଷୀର ତିଆରି କରିପାରିବେ । ବାଦାମ କ୍ଷୀରରେ କ୍ୟାଲୋରୀ କମ୍ ରହିଥାଏ ଏବଂ ଭିଟାମିନ୍ ଡି, ଇ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱରେ ଭରପୂର ହୋଇଥାଏ । ଏହା ପ୍ରୋଟିନ୍ ଏବଂ ଫାଇବରରେ ଭରପୂର ଅଟେ ଯାହା ଶରୀରରେ ଗ୍ଲୁକୋଜ୍ ସ୍ତରକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।


Getty/Indianexpress.com

# ମୋମୋ ଖାଇ ଚାଲିଗଲା ଜୀବନ

ଯଦି ଆପଣ ମୋମୋ ଖାଇବାକୁ ପସନ୍ଦ କରନ୍ତି ତାହେଲେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ନିର୍ଦ୍ଦେଶାବଳୀକୁ ପଢ଼ିବା ଆବଶ୍ୟକ। ଲାଲ୍ ଚଟନୀ ସହିତ ଗରମ ମୋମୋ ଖାଉଥିବା ଲୋକଙ୍କୁ ଏମ୍ସର ବିଶେଷଜ୍ଞ ନିର୍ଦ୍ଦେଶ ଦେଇଛନ୍ତି ଏହାକୁ ଭଲଭାବେ ଚୋବାନ୍ତୁ ଓ ସାବଧାନତା ସହିତ ଖାଆନ୍ତୁ। ଏପରି ନକଲେ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିପାରେ ଏପରିକି ଆପଣଙ୍କ ଜୀବନ ମଧ୍ୟ ଚାଲି ଯାଇ ପାରେ। ଏମ୍ସର ବିଶେଷଜ୍ଞମାନେ କହିଛନ୍ତି ଯେ ମୋମୋକୁ ଚୋବାଇ ନଖାଇଲେ ଏହା ପେଟରେ ଯାଇ ସମସ୍ୟା ସୃଷ୍ଟି କରିପାରେ, ଯାହାଫଳରେ ଜୀବନ ମଧ୍ୟ ଯାଇପାରେ। ପ୍ରକୃତରେ ଜଣେ ୫୦ବର୍ଷୀୟ ବ୍ୟକ୍ତି ମୋମୋ ଖାଇ ଅସୁସ୍ଥ ହୋଇଥିଲେ ଓ ମୃତ୍ୟୁବରଣ କରିବା ପରେ ଏମ୍ସର ବିଶେଷଜ୍ଞମାନେ ଏହି କଥା କହିଛନ୍ତି। ଦିଲ୍ଲୀରେ ଥିବା ଏମ୍ସ ହସ୍ପିଟାଲ୍ ? ରାଜ୍ୟମାନଙ୍କୁ ଏହି ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଯେତେବେଳେ ଦକ୍ଷିଣ ଦିଲ୍ଲୀର ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କୁ ଏମ୍ସ ଡାକ୍ତରଖାନା ଅଣାଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ମଦ ପିଇ ଓ ଗୋଟିଏ ଦୋକାନରେ ମୋମୋ ଖାଉଥିଲେ। ଏହି ସମୟରେ ସେ ହଠାତ ତଳେ ପଡ଼ିଯାଇଥିଲେ। ମୃତ ବ୍ୟକ୍ତିଙ୍କ ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ ଫରେନ୍ସିକ ବିଶେଷଜ୍ଞମାନେ କହିଛନ୍ତି ମୃତବ୍ୟକ୍ତିଙ୍କ ଶ୍ୱାସ ନଳୀରେ ମୋମୋ ଜମା ହୋଇଯାଇଥିଲା। ବିଶେଷଜ୍ଞମାନେ ଏହାକୁ ନ୍ୟୁରୋଜେନିକ କାର୍ଡିଆକ୍ ଆରେଷ୍ଟ ବୋଲି କହିଛନ୍ତି। ଏମ୍ସର ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଏପରି ମାମଲା ଯେଉଁଥିରେ ମୋମୋ ଯାଇ ଶ୍ୱାସ ନଳୀରେ ଅଟକି ଯାଇଥିଲା ଯାହାଫଳରେ ସମ୍ପୃକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଛି। ସେ କହିଛନ୍ତି ଆମେ ଯେତେବେଳେ ଏପରି ଖାଦ୍ୟ ଖାଉଛୁ ତାକୁ ଭଲ ଭାବେ ଚୋବାଇବା ଦରକାର। ଯଦି ଆମେ ଏହାକୁ ନଚୋବାଇ ସେମିତି ଖାଇବା ତାହେଲେ ଏହି ଖାଦ୍ୟ ପଦାର୍ଥ ଖାଦ୍ୟ ନଳୀରେ ଜମା ହୋଇଯିବାର ଆଶଙ୍କା ରହିଛି । ଏହାଦ୍ୱାରା ଶ୍ୱସନ ତନ୍ତ୍ର ବ୍ଲକ ହୋଇପାରେ ଓ ଏହାଦ୍ୱାରା ଜୀବନବି ଯାଇପାରେ। ଏହି ପୁରା ମାମଲାରେ ବୈଜ୍ଞାନିକଙ୍କ ରିପୋର୍ଟ ଫରେନ୍ସିକ ଇମେଜିଙ୍ଗର ତାଜା ସଂସ୍କରଣରେ ପ୍ରକାଶ ପାଇଛି ।

# ଆଜିର ରାଶିଫଳ

**ମେଷ** — ବହୁତଦିନର ଆଶା ଆଜି ପୂର୍ଣ୍ଣ ହେବ। ଉଚ୍ଚସମ୍ମାନ ଲାଭ କରିପାରନ୍ତି। ଦେହ ଭଲ ରହିବ। କାର୍ଯ୍ୟରେ ମନୋବଳ ବହୁତ ବଢ଼ିଯିବ। ଦୂରଯାତ୍ରା କରିବାର ସୁଯୋଗ ପାଇବେ। ଶିବପୂଜା କରିବାକୁ ଯାଇପାରନ୍ତି।ସହକର୍ମୀଙ୍କର ପ୍ରିୟ ହେବେ।

**ବୃଷ** — ଚାକିରି କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ବହୁତଦିନର ଅଶାନ୍ତି ଦୂରୀଭୂତ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ। ସ୍ୱାସ୍ଥ୍ୟ ଖରାପ ହୋଇପାରେ। ମହିଳାମାନେ ଦୂରଯାତ୍ରା କରିବାକୁ ଯାଇପାରନ୍ତି ଏବଂ ମା’ଲକ୍ଷ୍ମୀଙ୍କ ପୂଜା କରିବାକୁ ଇଚ୍ଛୁକ ହେବେ।

**ମିଥୁନ** — ବ୍ୟବସାୟରେ ନିଜର ଆୟ ଓ ବ୍ୟୟ ସମାନ ରହିବ। କାର୍ଯ୍ୟରେ ସମ୍ମାନ ପାଇବେ। ଅର୍ଥ ଦେୟ ହେବ। କ୍ରୀଡ଼ା, କଳା ଏବଂ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି। ବ୍ୟବସାୟରେ ଆଜି ବହୁତ ଲାଭ ପାଇପାରନ୍ତି।

**କର୍କଟ** — କୌଣସି କ୍ଷେତ୍ରରେ ତରବରିଆ କାମ ଓ ଭାବପ୍ରବଣତା ଓଲଟା ଫଳ ପ୍ରଦାନ କରିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାର ଯୋଗ ରହିଛି। କର୍ମକ୍ଷେତ୍ରରେ ସହକର୍ମୀମାନେ ଆବଶ୍ୟକୀୟ ସହାୟତା କରିପାରିବେ। ଦିନଟି ବିଶୃଙ୍ଖଳା ଭିତରେ କାର୍ଯ୍ୟ କରିବେ।

**ସିଂହ** — ନୂତନ ବନ୍ଧୁମିଳନର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ଅର୍ଥ ବ୍ୟୟ ହେବ। ମହିଳାମାନେ ଗୃହକାର୍ଯ୍ୟ କରି ବହୁତ ବଡ଼ ଝାମେଲା ତୁଲାଇପାରିବେ। କାର୍ଯ୍ୟ ସଫଳ ହେବ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ। ଗାଡ଼ି ମୋଟର କ୍ରୟ କରିବା ପାଇଁ ଯୋଜନା କରିବେ। ମହିଳାମାନେ ଅନ୍ୟକୁ ସାହାଯ୍ୟ କରିବେ। ଆପଣ ବହୁତ ବଡ଼ କାମ ହାସଲ କରିବେ। ଚାକିରିରେ ପଦୋନ୍ନତି ହେବ।

**ତୁଳା** — ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଆଂଶିକ ଉନ୍ନତି ହେବ। ମହିଳାମାନେ ଗୃହକାର୍ଯ୍ୟରେ ଲାଗିରହିବେ।

**ବିଛା** — ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ପୁନର୍ବିଚାର କଲେ ଭଲ ହେବ। ଅଶାନ୍ତିର ବାତାବରଣ ପୂର୍ବପରି ରହିବ। ମହିଳାମାନେ ଦୂରଯାତ୍ରା କରି ଖୁସି ରହିବେ। ମଘାନକ୍ଷତ୍ର ଅନୁଯାୟୀ ଦୂରଯାତ୍ରା ଓ ବନ୍ଧୁମିଳନ ଘଟିବ।

**ଧନୁ** — ରବି ଶୁକ୍ରଙ୍କ ପ୍ରଭାବରୁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ଶନି ଓ ବୁଧଙ୍କ ସଂଯୋଗଜନିତ ଖଳବ୍ୟକ୍ତିଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହେବେ। ବ୍ୟବସାୟରେ ଅନ୍ୟ ମନସ୍କତା ବର୍ଜନୀୟ ଓ ସତର୍କ କରଣୀୟ।

**ମକର** — କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ଅଧିକ ସଫଳତା ପାଇପାରନ୍ତି। ଉଚ୍ଚସମ୍ମାନିତ ହେବେ। ବନ୍ଧୁଙ୍କ ସହ ଅଯଥା ଅଯଥା ଯୁକ୍ତିତର୍କରୁ ଦୂରେଇ ରହିବା ଭଲ। ଶାରୀରିକ ଅସୁସ୍ଥତା ଭୋଗିବେ। ଲୋଭ ହେତୁ ଅସୁବିଧାରେ ପଡ଼ିପାରନ୍ତି।

**କୁମ୍ଭ** — ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇ ଖୁସି ହେବେ। ଦୂରଯାତ୍ରା କରିପାରନ୍ତି। କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି।

**ମୀନ** — ଆତ୍ମୀୟମାନେ ସାର୍ଥସାଧନ ମାନସରେ କିଛି ଅଘଟଣ ଘଟାଇବାର ସୂଚନାକୁ ଏଡ଼ାଇ ପାରିବେ ନାହିଁ। କେତେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ପ୍ରଶାସନିକ, ସାମ୍ବାଦିକତା ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

# ଗୁଟ୍‌ଖା ଭାଙ୍ଗି ଦେଲା ବାହାଘର

ଉତ୍ତର ପ୍ରଦେଶର ପ୍ରତାପଗଡ଼ ଜିଲ୍ଲାରେ କିଛି ଦିନ ତଳେ ଜଣେ ବରକୁ ନିଶାଶକ୍ତ ଅବସ୍ଥାରେ ଦେଖି କନ୍ୟା ବିବାହ କରିବାକୁ ମନା କରିଦେଇଥିଲା। ଏବେ ଆଉଏକ ମାମଲା ଉତ୍ତର ପ୍ରଦେଶର ବାଲିଆ ଜିଲ୍ଲାରୁ ଆସିଛି। ଏଠାରେ ଜଣେ କନ୍ୟା ବିବାହ କରିବାକୁ ମନା କରିଦେଇଛି, କାରଣ ବର ଗୁଟଖା ଖାଉଥିଲା। ଏ ନେଇ ମନିଆର ଥାନାର ଅଧିକାରୀ ଶୈଳେନ୍ଦ୍ର ସିଂହ କହିଛନ୍ତି ଯେ ମିଶ୍ରୋଲୀ ଗାଁର କନ୍ୟାଙ୍କର ଜୁନ୍ ୫ ତାରିଖରେ ଖେଜୁରୀ ଗାଁର ଯୁବକଙ୍କ ସହ ବିବାହ ହେବାର ଥିଲା। ହେଲେ ଯେତେବେଳେ ବର ବରଯାତ୍ରୀ ନେଇ ପହଞ୍ଚିଲା, ସେତେବେଳେ କନ୍ୟା ଦେଖିଲେ ଯେ ସେ ଗୁଟଖା ଚୋବାଉଛନ୍ତି। ବରକୁ ଗୁଟଖା ଖାଉଥିବାର ଦେଖି କନ୍ୟା ବିବାହ କରିବାକୁ ମନା କରିଦେଲା। ଯାହା ପରେ ସବୁ ରୀତିନୀତି ବନ୍ଦ କରିଦିଆଗଲା। ଘଣ୍ଟା ଘଣ୍ଟାର ଜିଦ୍ ପରେ ମଧ୍ୟ କନ୍ୟା ବିବାହ କରିବାକୁ ରାଜି ହେଲା ନାହିଁ। ଯାହା ଫଳରେ ବିବାହକୁ ବାତିଲ୍ କରିଦିଆଗଲା ଏବଂ ପରିବାର ପରସ୍ପରଠାରୁ ମିଳିଥିବା ଉପହାର ଫେରାଇବାକୁ ନିଷ୍ପତ୍ତି ନେଲେ। କୁହାଯାଉଛି ଯେ କନ୍ୟା ବିବାହ କରିବାକୁ ମନା କରିବାର କିଛି ସମୟ ପରେ ଖୁବ୍ ହଙ୍ଗାମା ହୋଇଥିଲା, କିନ୍ତୁ ଗାଁର ମୁରବୀଙ୍କ ହସ୍ତକ୍ଷେପ ପରେ ମାମଲା ଶେଷ ହୋଇଥିଲା। ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶରେ ସପ୍ତାହକ ଭିତରେ ଏଭଳି ଘଟଣା ଦ୍ୱିତୀୟଥର ଘଟିଛି। ଗତ ସପ୍ତାହରେ ପ୍ରତାପଗଡ଼ ଜିଲ୍ଲାରେ ବର ନିଶା ଅବସ୍ଥାରେ କନ୍ୟାକୁ ତା’ ସାଙ୍ଗମାନଙ୍କ ସହ ନାଚିବାକୁ ବାଧ୍ୟ କରିଥିଲା । ଯାହା ପରେ କନ୍ୟା ବିବାହ କରିବାକୁ ମନା କରିଦେଇଥିଲା। ସ୍ଥିତି ଅଧିକ ଖରାପ ହେବା ପରେ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସର ହସ୍ତକ୍ଷେପ ପରେ ପରିବାର ଲୋକେ ବିବାହରେ ମିଳିଥିବା ଉପହାରକୁ ଫେରାଇବାକୁ ନିଷ୍ପତ୍ତି ନେଲେ ।



# ମନ୍ଦିରରେ ବଦଳୁଛି କ୍ଷୀରର ରଙ୍ଗ

ହିନ୍ଦୁ ଧର୍ମରେ ତେତିଶ କୋଟି ଦେବଦେବୀଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ଏହାର ଭିନ୍ନ ଭିନ୍ନ ମହତ୍ତ୍ୱ ମଧ୍ୟ ରହିଛି। ସେହିପରି ଧର୍ମ ଅନୁସାରେ ନବଗ୍ରହଙ୍କ ପୂଜା ମଧ୍ୟ କରାଯାଏ। ଏଥିରେ ରାହୁ ଓ କେତୁଙ୍କର ଥାଏ ଭିନ୍ନ ମହତ୍ତ୍ୱ। ପ୍ରତ୍ୟେକ ଗ୍ରହଙ୍କ ଭଳି ରାହୁ ଓ କେତୁ ମଧ୍ୟ ନିଜସ୍ୱ ପ୍ରଭାବକୁ ମନୁଷ୍ୟ ଉପରେ ପକାଇଥାନ୍ତି। ତାମିଲନାଡୁରେ କେତୁଙ୍କୁ ସମର୍ପିତ ଏକ ମନ୍ଦିର ରହିଛି, ଯାହା କୀଜାପେରୁମପଲ୍ଲମ୍ ଗାଁରେ ଅବସ୍ଥିତ। ଏହି ମନ୍ଦିରକୁ ନାଗନାଥସ୍ୱାମୀ ମନ୍ଦିର ବା କେତି ମନ୍ଦିର ବୋଲି କୁହାଯାଏ। ମନ୍ଦିରକୁ ନେଇ ରହିଛି ଏକ ରହସ୍ୟମୟ କାହାଣୀ। ଯଦିଓ ମନ୍ଦିରଟି କେତୁଙ୍କୁ ସମର୍ପିତ; କିନ୍ତୁ ଏହାର ପ୍ରମୁଖ ଭଗବାନ ଭୋଳାଶଙ୍କର। ତେଣୁ ମନ୍ଦିରକୁ ନାଗନାଥ ନାମରେ ଜଣାଯାଏ। କୁହାଯାଏ, ଏଠାକୁ ବହୁ ଦୂରଦୂରାନ୍ତରରୁ ଲୋକେ କେତୁଙ୍କ ଉପରେ କ୍ଷୀର ଢ଼ାଳିବାକୁ ଆସନ୍ତି। କିନ୍ତୁ କିଛି ଲୋକଙ୍କଦ୍ୱାରା ଢ଼ଳାଯାଇଥିବା କ୍ଷୀରର ରଙ୍ଗ ଧଳାରୁ ନୀଳ ରଙ୍ଗରେ ପରିଣତ ହୋଇଥାଏ। ମାନ୍ୟତା ରହିଛି, ଯେଉଁମାନଙ୍କ ଜାତକରେ କେତୁଙ୍କ କୁପ୍ରଭାବ ରହିଥାଏ, କେବଳ ସେମାନଙ୍କ ଦ୍ୱାରା ଢ଼ଳାଯାଇଥିବା କ୍ଷୀରର ରଙ୍ଗ ପରିବର୍ତ୍ତିତ ହୋଇଥାଏ। ମନ୍ଦିରକୁ ନେଇ ଏକ ପୌରାଣିକ କାହାଣୀ ମଧ୍ୟ ରହିଛି। କୁହାଯାଏ, ଥରେ ଜଣେ ଋଷିଙ୍କ ଅଭିଶାପରୁ ମୁକ୍ତ ହେବାକୁ କେତୁ ମହାଦେବଙ୍କ ଆରାଧନା କରିଥିଲେ। ମହାଦେବ କେତୁଙ୍କ ଉପରେ ଖୁସି ହୋଇ କୌଣସି ଏକ ଶିବରାତ୍ରିରେ ଋଷିଙ୍କଠାରୁ ଶାପମୁକ୍ତ କରାଇଥିଲେ। ତେଣୁ କେତୁଙ୍କୁ ସମର୍ପିତ ମନ୍ଦିରରେ ମହାଦେବଙ୍କର ବିଶେଷତା ଅଧିକ ରହିଛି।



# ଆମିଷ ବି ପ୍ରଦୂଷଣ ପାଇଁ ଦାୟୀ

ବୈଜ୍ଞାନିକଙ୍କ ଅନୁସାରେ ପଶୁଙ୍କଠାରୁ ପ୍ରାପ୍ତ ହେଉଥିବା ଉତ୍ପାଦ ପ୍ରଦୂଷଣ ପାଇଁ ସେତିକି ପରିମାଣରେ ଦାୟୀ ଯେତିକି ରାସ୍ତାରେ ଚାଲୁଥିବା ବାହନଠାରୁ ନିର୍ଗତ ଧୂଆଁ। ଆମେରିକା ପତ୍ରିକା ପ୍ରୋସିଡିଙ୍ଗ୍‌ସ ଅଫ୍ ଦି ନ୍ୟାସନାଲ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ଗବେଷଣା ଅନୁସାରେ, ବୃକ୍ଷରୁ ପ୍ରାପ୍ତ ଆହାରକୁ ଅଧିକରୁ ଅଧିକ ଗ୍ରହଣ କରିବା ଏବଂ ମାଂସାହାର ଭୋଜନର ପରିତ୍ୟାଗ କରିବା ଦ୍ୱାରା ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ସର୍ଜନରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇପାରିବ। ଗବେଷଣାରୁ ଜଣାପଡ଼ିଛି, ମାଂସାହାର ଭୋଜନ ଗ୍ରୀନ୍‌ହାଉସ୍ ଗ୍ୟାସ୍‌କୁ ୫୦ ପ୍ରତିଶତରୁ ଅଧିକ ଉତ୍ସର୍ଜନ ପାଇଁ ଦାୟୀ। ଶାକାହାରୀ ଭୋଜନ ମାଧ୍ୟମରେ ଏଭଳି ପ୍ରଦୂଷଣ ଉତ୍ପନ୍ନ ହୋଇନଥାଏ। ତେଣୁ ଆମିଷ ଭକ୍ଷଣ ପାଇଁ ପଶୁଙ୍କ ହତ୍ୟାକୁ ରୋକାଯାଇପାରିଲେ, ଏହି ପ୍ରଦୂଷଣ ସ୍ତରକୁ କିଛି ମାତ୍ରାରେ କମ୍ କରିହେବ ବୋଲି ବୈଜ୍ଞାନିକମାନେ ଆଶା କରିଛନ୍ତି।



## ଫିଲ୍ମ ଟକ୍

# ବାପ ବୟସର ଲୋକଙ୍କୁ ବିବାହ କରି ଟ୍ରୋଲ ହେଲେ ସ୍ନେହଲ ରାୟ

ଛୋଟ ପରଦା ଚର୍ଚ୍ଚିତ ସିରିଏଲ୍ ‘ଇଶ୍କ କା ରଙ୍ଗ ସଫେଦ୍’। ଏହାର ଅଭିନେତ୍ରୀ ସ୍ନେହଲ ରାୟ ଗତ କିଛି ଦିନ ହେବ ତାଙ୍କ ବିବାହର ଖୁଲାସା କରି ଆଶ୍ଚର୍ଯ୍ୟ କରିଦେଇଥିଲେ। ସ୍ନେହଲ ନିଜଠାରୁ ୨୧ ବର୍ଷ ବଡ ନେତାଙ୍କୁ ବିବାହ କରିଛନ୍ତି। ଦମ୍ପତିଙ୍କ ଫଟୋ ଗୁଡ଼ିକ ସାମ୍ନାକୁ ଆସିବା ମାତ୍ରେ ଚର୍ଚ୍ଚାର ବିଷୟ ପାଲଟିଗଲା। ଏବଂ ନେଟେନିଜେନ୍ସ ଅଭିନେତ୍ରୀଙ୍କୁ ଟ୍ରୋଲ କରିବା ଆରମ୍ଭ କରି ଦେଇଥିଲେ। ଅନେକ ସ୍ନେହଲଙ୍କୁ ଲୋଭୀ ଏବଂ ଗୋଲ୍ଡ ଡିଗର କୁହାଯାଉଥିବାବେଳେ ଅନେକେ ଅଶ୍ଳୀଳ ମନ୍ତବ୍ୟ ଦେଉଥିବାର ଦେଖିବାକୁ ମିଳିଥିଲା। ଏଥି ସହିତ କମେଣ୍ଟ ଗୁଡିକ ଉପରେ ମୁହଁ ଖୋଲି ସ୍ନେହଲ ଜବାବ୍ ଦେଇଛନ୍ତି। ନିକଟରେ ହୋଇଥିବା ଏକ ସାକ୍ଷାତକାରରେ, ସ୍ନେହଲ ରାୟ ୨୧ ବର୍ଷ ବଡ ବ୍ୟକ୍ତିଙ୍କୁ ବିବାହ କରିଥିବା ନେଇ ମୁହଁ ଖୋଲି କହିଥିଲେ ‘ ଯେତେ ବି ଲୋକ ମୋତେ ମୋ ବିବାହକୁ ନେଇ ଟ୍ରୋଲ କରୁଛନ୍ତି ତାଙ୍କୁ ଗୋଟିଏ କଥା କହିବି ... ହଁ ଗୋଲ୍ଡ ଡିଗର .. ମୁଁ ଲୋଭୀ । କାହିଁକି ନା ମୋ ସ୍ୱାମୀଙ୍କ ହୃଦୟ ୨୪ କ୍ୟାରେଟ୍ ଗୋଲ୍ଡ। ସ୍ନେହଲ ଶୁକ୍ରବାର ଦିନ ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସ୍ୱାମୀ ତଥା ରାଜନେତା ମାଧବେନ୍ଦ୍ର ରାୟଙ୍କ ଏକ ଫଟୋ ସେୟାର କରିଛନ୍ତି। ଏହି ଫଟୋ କ୍ୟାପସନ୍ ଦେଇଛନ୍ତି, ‘ମାଇଁ ମ୍ୟାନ ! ପ୍ରକୃତି ଏବଂ ସମୟ ସାମ୍ନାରେ ଅର୍ଥର କୌଣସି ପରିଚୟ ନାହିଁ ... ମୂର୍ଖ ଲୋକମାନେ ଏହା କେବେବି ବୁଝିବେ ନାହିଁ। ‘ ପୂର୍ବ ସାକ୍ଷାତକାରରେ ସ୍ନେହଲଙ୍କୁ ପଚରାଯାଇଥିଲା








# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଭାରତର ସାମର୍ଥ୍ୟ ଉଦାହରଣ ପାଲଟୁଛି: ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ: ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଭାରତର ସାମର୍ଥ୍ୟ ଉଦାହରଣ ପାଲଟୁଥିବା କଥା ଆଜି ୧୦୨ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି, ଦୀର୍ଘ ବର୍ଷ ଧରି ଭାରତ ବିକଶିତ କରିଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଆଜି ଦୃଷ୍ଟାନ୍ତ ପାଲଟିଛି । ବାତ୍ୟା 'ବିପର୍ଯ୍ୟୟ' କଚ୍ଛ ଜିଲ୍ଲାରେ ପ୍ରଳୟ କଲା, କିନ୍ତୁ କଚ୍ଛବାସୀ ଅଦମ୍ୟ ସାହସ ଓ ପ୍ରସ୍ତୁତି ସହ ତା'ର ମୁକାବିଲା କଲେ । ଶୁକ୍ରବାର ଦିନ ପ୍ରବାହିତ ବାତ୍ୟାକୁ ପ୍ରଧାନମନ୍ତ୍ରୀ ମୋଦୀ କଚ୍ଛରେ ଘଟିଥିବା ଭୂମିକମ୍ପ ସହିତ ତୁଳନା କରି କହିଛନ୍ତି, ଏକଦା ଦୁଇ ଦଶନ୍ଧି ପୂର୍ବେ କଚ୍ଛ ପୁନରୁଦ୍ଧାର ହୋଇପାରିବ ନାହିଁ ବୋଲି କୁହାଯାଉଥିଲା । କିନ୍ତୁ, ଆଜି ସେହି ଜିଲ୍ଲା ଦେଶର ଦ୍ରୁତ ବିକାଶଶୀଳ ଜିଲ୍ଲାଗୁଡ଼ିକ ମଧ୍ୟରେ ରହିଛି । ମୋର ଦୃଢ଼ ବିଶ୍ୱାସ ବାତ୍ୟା 'ବିପର୍ଯ୍ୟୟ' ଜନିତ କ୍ଷୟକ୍ଷତିକୁ କଚ୍ଛବାସୀ ତୁରନ୍ତ ସୁଧାରିନେବେ । ଭାରତର ସାମୁହିକ ଶକ୍ତି ସବୁ ସମସ୍ୟାର ସମାଧାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ ସବୁଠୁ ବଡ଼ ଲକ୍ଷ୍ୟ ହେଉ କି, କଠିନତମ ଆହ୍ୱାନ ହେଉ, ଭାରତୀୟଙ୍କ ସାମୁହିକ ଶକ୍ତି , ସାମୁହିକ କ୍ଷମତା, ସମସ୍ତ ଆହ୍ୱାନର ସମାଧାନ କରୁଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଭାରତର କୃତିତ୍ୱ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଥମକରି ଭାରତ ବିଭିନ୍ନ କ୍ରୀଡ଼ାରେ କୃତିତ୍ୱ ହାସଲ କରୁଛି । ଆମ କ୍ରୀଡ଼ାବିତ୍ମାନଙ୍କ କଠୋର ଅଧ୍ୟବସାୟ ଯୋଗୁଁ ଏହା ସମ୍ଭବ ହୋଇପାରିଛି ।'ବସୁଧୈବ କୁଟୁମ୍ବକମ୍ ନିମନ୍ତେ ଯୋଗ' ଚଳିତ ବର୍ଷର 'ଆନ୍ତର୍ଜାତିକ ଯୋଗ ଦିବସ'ର ଥିମ୍ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ଦେଶରେ ଜାରି ହୋଇଥିବା ଜରୁରୀ ପରିସ୍ଥିତ କଥା ଉଠାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଆମେ ଆମ ଗଣତାନ୍ତ୍ରିକ ଆଦର୍ଶକୁ ଓ ସମ୍ବିଧାନକୁ ଶ୍ରେଷ୍ଠ ବୋଲି ବିବେଚନା କରନ୍ତି । ତେଣୁ ଆମେ କଦାପି ଜୁନ୍ ୨୫ ତାରିଖକୁ ଭୁଲି ପାରିବା ନାହିଁ । ଏହି ଦିନ ଦେଶରେ ଜରୁରୀ ପରସ୍ଥିତି ଜାରି କରାଯାଇଥିଲା । ଏହା ଥିଲା ଭାରତ ଇତିହାସର କଳଙ୍କିତ ସମୟ । କୋଟି କୋଟି ଜନତା ଏହାକୁ ପ୍ରବଳ ବିରୋଧ କରିଥିଲେ । ସେ ସମୟରେ ଗଣତନ୍ତ୍ରର ସମର୍ଥକମାନେ ଯେମିତି ନିର୍ଯାତିତ ହୋଇଥିଲେ ତାହା ମନେପଡ଼ିଲେ ଆଜି ବି କଷ୍ଟଲାଗେ ବୋଲି ସେ କହିଛନ୍ତି । ପରିଚାଳନା କ୍ଷେତ୍ରରେ ଆମେ ଛତ୍ରପତି ଶିବାଜୀଙ୍କୁ ଲକ୍ଷ୍ୟ କରିବା ଉଚିତ । ସାହସିକତା ସହିତ ତାଙ୍କ ଶାସନରୁ ବହୁତ କିଛି ଶିଖିବାକୁ ଅଛି । ତାଙ୍କର ପରିଚାଳନା ଦକ୍ଷତା, ବିଶେଷକରି ଜଳ ଓ ନେସେନା ପରିଚାଳନା ଭାରତର ଗେରବ ହୋଇ ରହିଛି । ୨୦୨୫ ସୁଦ୍ଧା 'ଟିବି' ବିଲୋପ ପାଇଁ ଭାରତ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଏହି 'ଟିବି' ବିରୋଧୀ ଆନ୍ଦୋଳର ଦାୟିତ୍ୱରେ ଅଛନ୍ତି 'ନି-କ୍ଷୟ ମିତ୍ର' । ଗ୍ରାମାଞ୍ଚଳରେ ହଜାର ହଜାର ଲୋକ 'ଟିବି' ରୋଗୀମାନଙ୍କର ଦାୟିତ୍ୱ ନେଉଛନ୍ତି । ଏହା ହେଉଛି ଭାରତର ବାସ୍ତବ ସାମର୍ଥ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଜାପାନର ମିୟାୱାକି କୃଷି ପଦ୍ଧତିକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉର୍ବର ମୃତ୍ତିକା ନ ଥିବା ଅଞ୍ଚଳକୁ ସବୁଜସୁନ୍ଦର କରିବା ଲାଗି 'ମିୟାୱାକି' ଅତି ଉତ୍ତମ ଉପାୟ । ଧୀରେ ଧୀରେ ଭାରତରେ ମଧ୍ୟ ଏହି ପଦ୍ଧତି ଦେଖାଗଲାଣି । କେରଳର ଶିକ୍ଷକ ରାଫି ରାମନାଥ ଏହି ପଦ୍ଧତିରେ ୧୧୫ ପ୍ରକାରର ଗଛବୃଛ ଥିବା 'ବିଦ୍ୟାବନମ୍' ନାମରେ କ୍ଷୁଦ୍ର ଅରଣ୍ୟ ସୃଷ୍ଟି କରୁଛନ୍ତି । ଅନେକ ଛାତ୍ରଛାତ୍ରୀ ଓ ଲୋକେ ଏଡି 'ମିୟାୱାକି' ଅରଣ୍ୟକୁ ବୁଲି ଯାଉଛନ୍ତି । ଏହି ପଦ୍ଧତି ଅବଲମ୍ବନ କରିବା ଲାଗି ନଗରାଞ୍ଚଳବାସୀଙ୍କୁ ମୁଁ ଅନୁରୋଧ କରୁଛି । ସୂଚନାଯୋଗ୍ୟ, ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ବେତାର କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ସାଧାରଣତଃ ପ୍ରତି ମାସର ଶେଷ ରବିବାର ଦିନ ପ୍ରସାରିତ ହୋଇଥାଏ । କିନ୍ତୁ, ଜୁନ୍ ୨୧ରୁ ୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ଗସ୍ତରେ ଯାଉଥିବାରୁ ଏମାସର 'ମନ୍ କୀ ବାତ୍' ୩ୟ ରବିବାର ଦିନ ପ୍ରସାରଣ କରାଗଲା ।

# "ଭାରତକୁ ସମ୍ମାନ ନମିଳିଲେ କ୍ରୋଧ ଆସେ" : ଜୟଶଙ୍କର

ନୂଆଦିଲ୍ଲୀ : ଲଣ୍ଡନରେ ଭାରତୀୟ ହାଇକମିସନ ବାହାରେ ଖଲିସ୍ତାନ ସମର୍ଥକମାନେ କରିଥିବା ହିଂସା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଯେତେବେଳେ ଭାରତକୁ ସମ୍ମାନ ମିଳେ ନାହିଁ ସେତେବେଳେ ସେ ରାଗି ଯାଆନ୍ତି । ମାର୍ଚ୍ଚ ମାସରେ କିଛି ଲୋକ ବ୍ରିଟେନରେ ଥିବା ଭାରତୀୟ ଦୂତାବାସ ବାହାରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଅମୃତପାଲ ସିଂହଙ୍କ ପତାକା ଓ ପୋଷ୍ଟର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଲଣ୍ଡନରେ ଥିବା ଭାରତୀୟ ହାଇକମିସନରେ ଚଢି ପତାକା ତଳକୁ ଓହ୍ଲାଇବାକୁ ଚେଷ୍ଟା କରିଥିଲେ ।ଏକ ପଡକାଷ୍ଟରେ ଯୋଗ ଦେଇ ଜୟଶଙ୍କର ଭାରତର ବୈଦେଶିକ ନୀତି ଏବଂ ଗତିଶୀଳ ଭୂ-ରାଜନୈତିକ ଦୃଶ୍ୟପଟରେ ଉଦୀୟମାନ ଆହ୍ୱାନ ସହିତ ଜଡ଼ିତ ଅନେକ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ସେ କହିଥିଲେ, ଯେତେବେଳେ ଲୋକେ ବ୍ୟକ୍ତିଗତ ସ୍ୱାର୍ଥ ପୂରଣ ପାଇଁ ଉଦ୍ୟମ କରନ୍ତି, ତେବେ ସେ ତାହାକୁ ଅଣଦେଖା କରନ୍ତି, କିନ୍ତୁ ଯେତେବେଳେ 'ଭାରତ'କୁ ସମ୍ମାନ ଦିଆଯାଏ ନାହିଁ, ସେ କ୍ରୋଧିତ ହୁଅନ୍ତି । ଜୟଶଙ୍କର ମଧ୍ୟ ଭାରତୀୟ ଦୂତାବାସର କୂଟନୀତିଜ୍ଞମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ବ୍ରିଟେନ ନିଜର ଦାୟିତ୍ୱ ପୂରଣ କରିନଥିଲା ବୋଲି ଅଭିଯୋଗ କରିଛନ୍ତି । ଯେଉଁ ଦେଶରେ ହାଇ କମିସନ ବା ଦୂତାବାସ ରହିଛି ସେହି ଦେଶ ସୁରକ୍ଷା ଦେବ ବୋଲି ଆଶା କରାଯାଏ । କିନ୍ତୁ ବ୍ରିଟିଶ ସରକାର ତାହା ଯୋଗାଇନଥିଲେ । ଏ ନେଇ ବ୍ରିଟିଶ ସରକାରଙ୍କ ସହ ଆଲୋଚନା କରିଛନ୍ତି ବୋଲି ସେ କହିଛନ୍ତି ।

# ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ପାଇଲେ ଆମର କିଛି ସମସ୍ୟା ନାହିଁ, ଆମେ ଚାହୁଁଛୁ ଶାନ୍ତି: ପାକିସ୍ତାନ

ଇସଲାମାବାଦ : ଭାରତ ଏବଂ ଆମେରିକାର ସମ୍ପର୍କକୁ ନେଇ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ବଡ ବିବୃତ୍ତି ସାମ୍ନାକୁ ଆସିଛି । ଏକ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଦୁଇ ଦେଶ ମଧ୍ୟରେ ସମ୍ପର୍କ ବଢ଼ିଲେ ପାକିସ୍ତାନ ପାଇଁ କୌଣସି ଅସୁବିଧା ନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦ ଜୁନ ରେ ଆମେରିକା ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ମୋଦି ଗସ୍ତର ପ୍ରଥମ ଦିନରେ ନ୍ୟୁୟର୍କରେ ରହିବେ ଯେଉଁଠାରେ ସେ ମିଳିତ ଜାତିସଂଘ ମୁଖ୍ୟାଳୟରେ ଜୁନ ୨୧ ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବେ । ନ୍ୟୁୟର୍କରେ ଯୋଗ ଦିବସ ପାଳନ କରିବା ପରେ ପିଏମ ମୋଦି ୱାଶିଂଟନ ଡିସି ଯାତ୍ରା କରିବେ, ଯେଉଁଠାରେ ତାଙ୍କୁ ଜୁନ ୨୨ ରେ ହ୍ୱାଇଟ ହାଉସରେ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ ଏବଂ ଉଚ୍ଚ ସ୍ତରୀୟ କଥାବାର୍ତ୍ତା ଜାରି ରଖିବା ପାଇଁ ରାଷ୍ଟ୍ରପତି ସେ ଜୋ ବାଇଡେନଙ୍କୁ ଭେଟିବେ । ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଆମେରିକାର ସହ ଭାରତର ସହଭାଗିତା ବିକାଶରେ ଆମର କୌଣସି ସମସ୍ୟା ନାହିଁ । ଚାଇନା ସହିତ ଆମର ସାଧାରଣ ସୀମା ଅଛି, ଆଫଗାନିସ୍ତାନ, ଇରାନ, ଭାରତ ସହିତ ମଧ୍ୟ ଆମର ସାଧାରଣ ସୀମା ଅଛି । ଯଦି ସମ୍ପର୍କ ଭଲ ନ ଥାଏ ତେବେ ଆମେ ସେମାନଙ୍କ ସହ ଆମର ସମ୍ପର୍କକୁ ସୁଦୃଢ଼ କରିବାକୁ ଚାହିଁବୁ । ଆମେ ଶାନ୍ତିରେ ବଞ୍ଚିବାକୁ ଚାହୁଁଛୁ । ଶାନ୍ତି ସ୍ଥିତି ନ ହେଲେ ଆମେ ଆମର ଅର୍ଥନୀତିକୁ ପୁନଃସ୍ଥାପନ କରିବାକୁ ଚାହୁଁଥିବା ଉପାୟରେ ସଫଳ ହେବାକୁ ସମର୍ଥ ହେବୁ ନାହିଁ । ପାକିସ୍ତାନର ଅର୍ଥନୀତି ଦୁର୍ବଳ ଏବଂ ବହୁତ ବଡ ନୁହେଁ । ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରୁଛି ୱାଶିଂଟନରେ ଆମର ସ୍ଥିତିକୁ ନେଇ କିଛି ପ୍ରଶଂସା ହେବା ଆବଶ୍ୟକ ଏବଂ ଆମକୁ ଏପରି ପରିସ୍ଥିତିକୁ ଆସିବା ଉଚିତ ନୁହେଁ ଯେଉଁଠାରେ ଆମକୁ କିଛି କଷ୍ଟଦାୟକ ନିଷ୍ପତ୍ତି ନେବାକୁ ପଡ଼ିବ । ଆମେରିକା ସହ ଆମର ସମ୍ପର୍କ ଆମ ପାଇଁ ବହୁତ ମୂଲ୍ୟବାନ । ଏହାର ନିଜସ୍ୱ ଇତିହାସ ଅଛି । ସେଠାରେ କିଛି ବଡ ନିରାଶା ଅଛି, ତଥାପି ଆମେ ଆମେରିକା ସହିତ ଆମର ସମ୍ପର୍କକୁ ଗୁରୁତ୍ୱ ଦେଉଛୁ ଏବଂ ଆମେ ଚାହୁଁ ସେହି ସମ୍ପର୍କ ବୃଦ୍ଧି ପାଉ । ଆମେରିକା ଏବଂ ଆମେ ବଡ ବାଣିଜ୍ୟ ଭାଗିଦାରୀ, ଆମେରିକାରେ ଆମର ଏକ ବିଶାଳ ପାକିସ୍ତାନୀ ସମ୍ପ୍ରଦାୟ ଅଛି । ତେଣୁ, ଆମର ଆକାରକୁ ବିଚାର କରି ସେମାନଙ୍କର ବ୍ୟବସାୟିକ ଆଗ୍ରହ ମଧ୍ୟ ଅଛି ।

# ୮୪ ଦଙ୍ଗା କଥା ମନେପକାଇ କଂଗ୍ରେସକୁ ଟାର୍ଗେଟ କଲେ ଶାହା



ଚଣ୍ଡିଗଡ଼ : ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରବିବାର ପଞ୍ଜାବରେ ଏକ ଜନସଭାକୁ ସମ୍ବୋଧିତ କରିଛନ୍ତି । ଏହି ସମୟରେ ସେ ଶିଖ ଦଙ୍ଗା କଥା ମନେପକାଇ କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ଏହାସହ ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ଉପରେ ବି ଖୁବ ବର୍ଷିଛନ୍ତି । ଏହି ସମୟରେ ସେ କହିଛନ୍ତି ଯେ ଭଗବନ୍ତ ମାନଙ୍କର ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ସମୟ ଅଛି, କିନ୍ତୁ ପଞ୍ଜାବର ଲୋକଙ୍କ ପାଇଁ ସମୟ ନାହିଁ । ଭଗବନ୍ତ ମାନଙ୍କର ଏକମାତ୍ର କାମ ହେଉଛି କେଜ୍ରିୱାଙ୍କ ସହ ଦେଶ ଭ୍ରମଣ କରିବା । ବେଳେବେଳେ ମୁଁ ବୁଝି ପାରୁ ନାହିଁ ଭଗବତ ମନ ସିଏମ୍ କିମ୍ବା ପାଇଲଟ୍ । ଶାହା ଆହୁରି କହିଛନ୍ତି ଯେ ପଞ୍ଜାବର ଲୋକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ତାଙ୍କର (ଭଗବନ୍ତ ମନ) ପୁରା ସମୟ ଭ୍ରମଣରେ ଯାଆନ୍ତି ଯେଉଁଥିପାଇଁ ପଞ୍ଜାବରେ ଆଇନ ଶୃଙ୍ଖଳା ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା । ଲୋକମାନେ ଏଠାରେ ସୁରକ୍ଷିତ ନୁହଁନ୍ତି, ଡ୍ରଗ୍ସର ବ୍ୟବସାୟ ବଢୁଛି, କୃଷକଙ୍କ ସମସ୍ୟା ବଢୁଛି, କିନ୍ତୁ ଏଥିପାଇଁ ସିଏମ୍ ପାଖରେ ସମୟ ନାହିଁ । ଅନ୍ୟ କୌଣସି ଦଳ ନାହିଁ ଯାହା ଆମ୍ ଆଦମୀ ପାର୍ଟି ପରି ଖାଲି ପ୍ରତିଶୃତି ଦେଇଥାଏ । ଆପ୍ ଉପରେ ଆକ୍ରମଣ ଜାରି ରଖି ଗୃହମନ୍ତ୍ରୀ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ମହିଳାମାନଙ୍କୁ ୧୦୦୦ ଟଙ୍କା ଦେବାକୁ କହିଥିଲେ, ସେହି ପ୍ରତିଶ୍ରୁତିର କ'ଣ ହେଲା ? ବର୍ତ୍ତମାନ ପର୍ଯ୍ୟନ୍ତ ମହିଳାମାନେ ରାସ୍ତାକୁ ଅପେକ୍ଷା କରିଛନ୍ତି, ସେମାନେ ୧୦୦୦ ଟଙ୍କା ପାଇବା ଠାରୁ ଏକ ପଇସା ମଧ୍ୟ ପାଇ ନାହାଁନ୍ତି । ଏହା ବୁଝାପଡେ ଯେ ପଞ୍ଜାବ ସରକାର ପଞ୍ଜାବରେ ବିଜ୍ଞାପନ ଦିଅନ୍ତି, କିନ୍ତୁ ପଞ୍ଜାବର ବିଜ୍ଞାପନ କେରଳ, ବଙ୍ଗଳା ଏବଂ ଗୁଜୁରାଟରେ ଦେଖାଯାଏ । ସେ କହିଛନ୍ତି ଯେ ପଞ୍ଜାବରୁ ଡ୍ରଗ୍ କାରବାରକୁ ହଟାଇବା ପାଇଁ ମୋଦୀ ସରକାର କାର୍ଯ୍ୟ କରୁଛନ୍ତି । ଡ୍ରଗ୍ସ ବିରୋଧରେ ଲଢେଇ ପାଇଁ ଏକ ମାସ ମଧ୍ୟରେ ଅମୃତସରରେ ଏନସିବି କାର୍ଯ୍ୟାଳୟ ଖୋଲାଯିବ ଏବଂ ଅଳ୍ପ ସମୟ ମଧ୍ୟରେ ବିଜେପି କର୍ମୀମାନେ ପ୍ରତ୍ୟେକ ଗ୍ରାମକୁ ଯାଇ ଡ୍ରଗ୍ସ ବିରୋଧରେ ଜନସଚେତନତା ଯାତ୍ରା ଆରମ୍ଭ କରିବେ ।

# ସିଡିସି ମୁଖ୍ୟ ହେବେ ମେଣ୍ଡି କୋହେନ



ୱାଶିଂଟନ : ଉତ୍ତର କାରୋଲିନା ରାଜ୍ୟର ପୂର୍ବତନ ଅଧିକାରୀ ଡ. ମେଣ୍ଡି କୋହେନ ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ସିଡିସି) ର ନୂତନ ନିର୍ଦ୍ଦେଶକ ହେବେ । ହ୍ୱାଇଟ ହାଉସ ପକ୍ଷରୁ ଏହା ଘୋଷଣା କରାଯାଇଛି । କୋହେନଙ୍କର ଅନେକ ବର୍ଷର କାର୍ଯ୍ୟ ଅଭିଜ୍ଞତା ଅଛି । ସୂଚନା ଅନୁଯାୟୀ, କୋହେନ ୨୦୧୭ ରୁ ଗତ ବର୍ଷ ପର୍ଯ୍ୟନ୍ତ ଉତ୍ତର କାରୋଲିନାରେ ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗର ସଚିବ ଥିଲେ । ଏହାପୂର୍ବରୁ ସେ ଦୁଇଟି ଫେଡେରାଲ ଏଜେନ୍ସିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚାକିରି କରିଥିଲେ । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି କୋହେନ ଦେଶର ଅନ୍ୟତମ ବରିଷ୍ଠ ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମଧ୍ୟରୁ ଜଣେ, ତାଙ୍କର ବୃହତ ସଂଗଠନର ଅଗ୍ରଣୀ ଅଭିଜ୍ଞତା ରହିଛି । ଏଥିସହ ଆମେରିକୀୟମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ତାଙ୍କର ଏକ ଟ୍ରାକ ରେକର୍ଡ ଅଛି । ସେ ୨୦୧୭ ରେ ଉତ୍ତର କାରୋଲିନାର ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗରେ ଚାକିରି କରିଥିଲେ । ଏହି ପଦବୀରେ ଥିବାବେଳେ ସେ କରୋନା ମହାମାରୀ ସମୟରେ ଭଲ କାମ କରିଥିଲେ । ଲୋକଙ୍କ ମଧ୍ୟରେ ତାଙ୍କର ଭଲ ଭାବମୂର୍ତ୍ତି ଅଛି । ବିଶେଷକରି କୋଭିଡ ମହାମାରୀର ମୁକାବିଲା ପାଇଁ ଦିଆଯାଇଥିବା ପରାମର୍ଶ ଲାଗି ଲୋକମାନେ କୋହେନଙ୍କୁ ବହୁତ ପ୍ରଶଂସା କରନ୍ତି । କୋହେନ ୫୪ ବର୍ଷୀୟ ଡ. ରୋଚେଲ ୱାଲେନସ୍କିଙ୍କ ସ୍ଥାନ ନେବେ । ଡକ୍ଟର ରୋଚେଲ ଗତ ମାସରେ ଘୋଷଣା କରିଥିଲେ ସେ ୩୦ ଜୁନ ରେ ଇସ୍ତଫା ଦେଇଛନ୍ତି ।

# ଏସଟିଏ ଚୁକ୍ତିନାମା ଉପରେ ଆମେରିକା ଚାଇନା ନଜର

ୱାଶିଂଟନ : ଆମେରିକା ଚାଇନା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଐତିହାସିକ ବିଜ୍ଞାନ ଚୁକ୍ତି ଏସଟିଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୪୦ ବର୍ଷରୁ ଅଧିକ ସମୟ ପାଇଁ, ଆମେରିକା ଏବଂ ଚାଇନା ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ବିଭିନ୍ନ ବୈଜ୍ଞାନିକ ଏବଂ ବୈଷୟିକ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିଛି । ଏହା ଏକ ଶକ୍ତିଶାଳୀ ସଙ୍କେତ ଦୁଇ ପ୍ରତିଦ୍ୱନ୍ଦ୍ୱୀ ସେମାନଙ୍କ ବିବାଦକୁ ଏଡ଼ାଇ ଏକତ୍ର କାର୍ଯ୍ୟ କରିପାରିବେ । ଦଶନ୍ଧି ମଧ୍ୟରେ ଦୁହିଁଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ଖରାପ ଥିବାବେଳେ ଆମେରିକା-ଚାଇନା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଚୁକ୍ତିନାମା (ଏସଟିଏ) କୁ ଚଳିତ ବର୍ଷ ଶେଷ ହେବାକୁ ଅନୁମତି ଦେବ କି ନାହିଁ ସେ ନେଇ ଆମେରିକା ସରକାରଙ୍କ ମଧ୍ୟରେ ଏକ ବିତର୍କ ଚାଲିଛି । ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ଚାଇନାକୁ କୂଟନୈତିକ ଗସ୍ତରେ ଯାଇଛନ୍ତି । ଦୁଇ ବିଶ୍ୱ ଶକ୍ତି ମଧ୍ୟରେବଢୁଥିବା ତିକ୍ତତାକୁ ଶାନ୍ତ କରିବାକୁ ଚେଷ୍ଟା କରିବା ଦୃଷ୍ଟିରୁ ତାଙ୍କର ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଏ । ରାଷ୍ଟ୍ରପତି ଜୋ ବାଇଡେନ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବ୍ଲିଙ୍କେନ ଆମେରିକାର ସର୍ବୋଚ୍ଚ ସ୍ତରର ଅଧିକାରୀ ଏବଂ ପାଞ୍ଚ ବର୍ଷ ମଧ୍ୟରେ ବେଜିଂ ଗସ୍ତରେ ଆସିଥିବା ପ୍ରଥମ ମନ୍ତ୍ରୀ । ବ୍ଲିଙ୍କେନ ଚଳିତ ବର୍ଷ ପ୍ରାରମ୍ଭରେ ଚାଇନା ଗସ୍ତ କରିବାକୁ ଯାଉଥିଲେ ମଧ୍ୟ ଗୁପ୍ତଚର ବେଲୁନ ବିବାଦ ଯୋଗୁ ତାଙ୍କ ଯାତ୍ରାକୁ ସ୍ଥଗିତ ରଖିବାକୁ ପଡିଥିଲା ।

# ନେପାଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ, ଜଣେ ମୃତ ୨୫ ନିଖୋଜ

କାଠମାଣ୍ଡୁ : ନେପାଳର ପୂର୍ବ ଭାଗରେ ବନ୍ୟା ପରିସ୍ଥିତି ଭୟଙ୍କର ରୂପ ନେଇଛି । ପୂର୍ବ ନେପାଳରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଅତି କମରେ ୨୫ ନିଖୋଜ ଅଛନ୍ତି । ସୂଚନା ଅନୁଯାୟୀ, ଶନିବାର ସା ଠାରୁ ୨୪ଘଣ୍ଟା ମଧ୍ୟରେ ପୂର୍ବ ନେପାଳର ତିନୋଟି ଜିଲ୍ଲାରେ ଏହି ସବୁ ଘଟଣା ଘଟିଥିଲା । ସୂଚନାଅନୁଯାୟୀ, ସଂଖୁବାସଭା ଜିଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଏହି ଜିଲାରେ ୧୬ ଲୋକ ନିଖୋଜ ଥିବା ସୂଚନା ମିଳିଛି ।

# ରାଜସ୍ଥାନରେ ଏଏପିର ନିର୍ବାଚନୀ ଶଙ୍ଖନାଦ: ଦେଶରେ ଗଣତନ୍ତ୍ର ଶେଷ ହେବାରେ ଲାଗିଛି କହିଲେ କେଜରିୱାଲ



ଜୟପୁର : ରବିବାର ରାଜସ୍ଥାନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ପଞ୍ଜାବର ସିଏମ ଭଗୱନ୍ତ ମନ ନିର୍ବାଚନୀ ଶଙ୍ଖନାଦ ଆରମ୍ଭ କରିଛନ୍ତି । ଏଏପିର ଉଭୟ ନେତା ରାଜ୍ୟର ଶ୍ରୀ ଗଙ୍ଗନଗରରେ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି । ବିଦ୍ୟୁତ, ପାନୀୟ ଜଳ, ଶିକ୍ଷା, ପ୍ରଶ୍ନପତ୍ର ଲିକ ଏବଂ ଦୁର୍ନୀତି ଭଳି ମୌଳିକ ପ୍ରସଙ୍ଗରେ କେଜରିୱାଲ ରାଜ୍ୟବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଏଏପି ନେତାମାନେ କହିଛନ୍ତି ଏହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଇଁ ଏକ ଚେତାବନୀ ହେବ । କେନ୍ଦ୍ର ସରକାର ପ୍ରଥମେ ଦୁଇ ହଜାର ନୋଟ ଆଣିବେ । ପୁଣି କିଛି ବର୍ଷ ପରେ ୨,୦୦୦ ଟଙ୍କିଆ ନୋଟର ବିମୁଦ୍ରୀକରଣ କରାଯାଇଛି । ଚତୁର୍ଥ ପାସ ରାଜା ଦେଶ କିପରି ଚାଲିବ ତାହା ବୁଝିବାରେ ସକ୍ଷମ ନୁହଁନ୍ତି । ୨,୦୦୦ ଟଙ୍କିଆ ନୋଟ ଆସିବ କି ଯିବ ତାହା ସେମାନେ ଜାଣନ୍ତି ନାହିଁ । ଦୁର୍ନୀତି ସବୁଆଡେ ବ୍ୟାପିଛି । ରେଳ ବିଭାଗ ନଷ୍ଟ ହୋଇଯାଇଛି । କୋର୍ଟ କହିଛନ୍ତି ଭାରତ ଏକ ଗଣତନ୍ତ୍ର । ଲୋକମାନେ ସେମାନଙ୍କର ସରକାର ବାଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅଧ୍ୟାଦେଶ ଆଣି ସୁପ୍ରିମକୋର୍ଟଙ୍କ ଆଦେଶକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ମୋଦିଙ୍କ ନିୟମ ଅନୁଯାୟୀ ବର୍ତ୍ତମାନ ଦିଲ୍ଲୀରେ ଆଉ ଗଣତନ୍ତ୍ର ରହିବ ନାହିଁ । ଏକଛତ୍ରବାଦୀ ଶାସନ ବର୍ତ୍ତମାନ ଦିଲ୍ଲୀରେ ଚାଲିବ । ବର୍ତ୍ତମାନ ଦିଲ୍ଲୀ ସରକାର ଜନସାଧାରଣଙ୍କ ପାଇଁ କାମ କରିବେ ନାହିଁ । ପ୍ରଧାନମନ୍ତ୍ରୀ ମୋଦି ଅହଂକାର କରୁଛନ୍ତି । ସେ କହିଛନ୍ତି ମୁଁ ସୁପ୍ରିମକୋର୍ଟରେ ବିଶ୍ୱାସ କରେ ନାହିଁ । ଦେଶରେ ଗଣତନ୍ତ୍ର ଶେଷ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ମୁଁ ସର୍ବୋଚ୍ଚ ଆଦେଶକୁ ମାନୁ ନାହିଁ, ଏହା ସମ୍ପୂର୍ଣ୍ଣ ଏକଛତ୍ରବାଦୀ ଶାସନ । ଏଏପି ରାଜ୍ୟର ୨୦୦ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ଏହା ପୂର୍ବରୁ ଦଳର ନେତାମାନେ ଘୋଷଣା କରିଥିଲେ । ଦଳ ଦୀର୍ଘ ଦିନ ଧରି ରାଜ୍ୟରେ ନିଜର ସଂଗଠନକୁ ମଜବୁତ କରିଆସୁଛି । ରାଜ୍ୟ ତଥା ଜିଲାସ୍ତରରେ ଅଫିସ ଧାରକ ନିଯୁକ୍ତ କରାଯାଇଛି ।

# ୫୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ତେଲେଙ୍ଗାନା ବିଶ୍ୱବିଦ୍ୟାଳୟର କୁଳପତି ଗିରଫ

ନୂଆଦିଲ୍ଲୀ: ୫୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ତେଲେଙ୍ଗାନା ବିଶ୍ୱବିଦ୍ୟାଳୟର କୁଳପତି ଦାଚେପଲ୍ଲୀ ରବିନ୍ଦେର ଶନିବାର ଏସିବି (ଆଣ୍ଟି କରପସନ ବ୍ୟୁରୋ) ହାତରେ ଧରାପଡିଛନ୍ତି । ଏକ ଏଜୁକେଶନାଲ ସୋସାଇଟିର ଜଣେ ସଭ୍ୟଙ୍କ ନିକଟରୁ ପରୀକ୍ଷା କେନ୍ଦ୍ର ମଞ୍ଜୁରକୁ ନେଇ ସେ ଏହି ଟଙ୍କା ମାଗିଥିବା ଏସିବି ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି ।ନିଜାମାବାଦର ଆରମର ସହରରେ ରହିଛି ଶ୍ରୀ ସିରିଡି ସାଇ ଏଜୁକେଶନାଲ ସୋସାଇଟି । ଉକ୍ତ ସୋସାଇଟିକୁ ପରୀକ୍ଷା କେନ୍ଦ୍ର ମଞ୍ଜୁର କରିବାକୁ ଉକ୍ତ ସୋସାଇଟିର ସଭାପତି ଡି.ଶଙ୍କର ଆବେଦନ କରିଥିଲେ । ତେବେ ପରୀକ୍ଷା କେନ୍ଦ୍ର ମଞ୍ଜୁର ପାଇଁ ରବିନ୍ଦେର ୫୦ ହଜାର ଟଙ୍କା ଦାବି କରିଥିଲେ । ତେବେ ଏହି ଅଭିଯୋଗ ଏସିବିରେ ପହଞ୍ଚିବା ପରେ ତଦନ୍ତ କରାଯାଇ ରବିନ୍ଦେରଙ୍କୁ ଧରାଯାଇଥିଲା । ହାଇଦ୍ରାବାଦ ତରନଟକାରେ ଥିବା ତାଙ୍କ ବାସଭବନରେ ଚଢ଼ଉ କରାଯାଇ ତାଙ୍କ ଆଲମିରାରେ ଥିବା ୫୦ ହଜାର ଟଙ୍କା ଉଦ୍ଧାର କରାଯାଇଛି । ହାଇଦ୍ରାବାଦର ଏକ ସ୍ୱତନ୍ତ୍ର ଅଦାଲତରେ ତାଙ୍କୁ ହାଜର କରାଯାଇଛି ।

# ୧୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ବୋଟ୍ରେ ସମୁଦ୍ର ମଝିରେ ଲାଗିଲା ନିଆଁ

ମାନିଲା : ଫିଲିପାଇନ୍ସରେ ୧୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବୋଟ୍ରେ ନିଆଁ ଲାଗିଯାଇଥିଲା । ବୋଟ୍ଟି ସମୁଦ୍ର ମଝିରେ ଥିବା ବେଳେ ନିଆଁ ଲାଗିଯାଇଥିଲା । ତଟରକ୍ଷୀ ବାହିନୀ କହିଛି, ସମସ୍ତ ଯାତ୍ରୀ ଏବଂ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି । ତଟରକ୍ଷୀ ବାହିନୀ କହିଛି ଯେ, କେନ୍ଦ୍ରୀୟ ଫିଲିପାଇନ୍ସର ସିକାଇଜୋର ପ୍ରଦେଶରୁ ବୋହୋଲକୁ ଯାଉଥିବା ସମୟରେ ରବିବାର ସକାଳେ ବୋଟ୍ରେ ନିଆଁ ଲାଗିଯାଇଥିଲା । ଏଥିରେ ୬୫ ଜଣ ଯାତ୍ରୀ ଏବଂ ୫୫ ଜଣ କ୍ରୁ ମେମ୍ବର ଥିଲେ । କୋଷ୍ଟଗାର୍ଡ ମୁଖପାତ୍ର ଜୟ ଗୁମ୍ତାୟ କହିଛନ୍ତି, ନିଆଁକୁ ଆୟତ୍ତ କରିବା ପାଇଁ ଦୁଇଟି ଜାହାଜ ନିୟୋଜିତ କରାଯାଇଛି । ଏହି ବୋଟ୍ରେ ଗୋଟିଏ ମୁଣ୍ଡରେ ଦୁଇଟି ଡେକ୍ସରୁ ନିଆଁ ଏବଂ ଧୂଆଁ ବାହାରୁଥିବା ଦେଖାଯାଇଥିଲା । ଜାହାଜରେ ଥିବା କୋଷ୍ଟଗାର୍ଡ ନିଆଁ ଲିଭାଇବା ପାଇଁ ପାଣି ଛିଞ୍ଚିଥିବାର ନଜର ଆସିଛନ୍ତି ।ମୁଖପାତ୍ର କହିଛନ୍ତି, ବୋଟ୍ରେ ଥିବା ସମସ୍ତ ଲୋକ ସୁରକ୍ଷିତ ଅଛନ୍ତି ।

# ଆମେ କାପୁରୁଷଙ୍କ ସନ୍ତାନ ନୁହେଁ, ଭାଜପାକୁ ଟାର୍ଗେଟ କଲେ ଉଦ୍ଧବ



ମୁମ୍ବାଇ : ମୁମ୍ବାଇରେ ରବିବାର ଏକ ସାଧାରଣ ସଭାରେ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଏହି ସମୟରେ ସେ ଶିନ୍ଦେ ଗୋଷ୍ଠୀକୁ ମଧ୍ୟ ଟାର୍ଗେଟ କରିଥିଲେ । ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆପଣଙ୍କ ସମସ୍ତଙ୍କର ଉତ୍ସାହ ଦେଖି ମୁଁ ବହୁତ ଖୁସି । ମୋର କିଛି ନାହିଁ, କୌଣସି ପୋଷ୍ଟର କୌଣସି ସିମ୍ବଲ ନାହିଁ ତଥାପି ଆପଣ ସମସ୍ତେ ମୋ ସହିତ ଅଛନ୍ତି । ଯେଉଁମାନେ ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ଯିବାକୁ ଦିଅନ୍ତୁ । କେନ୍ଦ୍ରକୁ ଟାର୍ଗେଟ କରି ଠାକୁର କହିଛନ୍ତି ଯେ ମୁଁ ସେମାନଙ୍କୁ କେବଳ କହିବାକୁ ଚାହେଁ ଯେ ଆମେ କାପୁରୁଷଙ୍କ ସନ୍ତାନ ନୁହଁ । ଯଦି ଆପଣ ଇଡି-ସିବିଆଇର ଶକ୍ତି ଦେଖାଇବାକୁ ଚାହୁଁଛନ୍ତି ତେବେ ମଣିପୁରକୁ ଯାଇ ଏହାକୁ ଦେଖାନ୍ତୁ । ମୁଁ ଶୁଣିଛି ମୋଦି ଜୀ ଆମେରିକା ଯାଉଛନ୍ତି । ଆରେ ତୁମେ ମଣିପୁରକୁ ଯାଇ ଏହାକୁ ଦେଖ । ସେ ଆମେରିକା ଯାଇପାରନ୍ତି, କିନ୍ତୁ ମଣିପୁରକୁ ଯିବେ ନାହିଁ । ଏହି ରାଲିରେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଆଦିତ୍ୟ ଠାକରେ କହିଛନ୍ତି ଯେ ଯଦି ସମାଜକୁ ଆଗକୁ ବଢ଼ିବାକୁ ପଡିବ ତେବେ ଶିକ୍ଷା ଉପରେ ଧ୍ୟାନ ଦେବା ଉଚିତ । ତାଙ୍କର କାର୍ଯ୍ୟ ହେତୁ ଉଦ୍ଧବ ସାହେବଙ୍କ ନାମ ଦେଶର ଶ୍ରେଷ୍ଠ ୩ ମୁଖ୍ୟମନ୍ତ୍ରୀ ତାଲିକାରେ ଥିଲା ।

# ଶତ୍ରୁ ହେବେ ମିତ୍ର: ଚାଇନାରେ ବ୍ଲିଙ୍କେନ

ବେଜିଂ : ପୃଥିବୀର ଦୁଇ ବୃହତ ଅର୍ଥନୀତି ତଥା ଶତ୍ରୁ ଆମେରିକା ଚାଇନା ମଧ୍ୟରେ ବନ୍ଧୁତ୍ୱ ସମ୍ପର୍କର ପ୍ରସ୍ତୁତି ଆରମ୍ଭ ହୋଇଛି । ଆମେରିକାର ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ ଦୁଇ ଦିନିଆ ଗସ୍ତରେ ରବିବାର ଚାଇନାରେ ପହଞ୍ଚିଛନ୍ତି । ଏହି ସମୟ ମଧ୍ୟରେ ସେ ଆମେରିକା ଏବଂ ଚାଇନା ମଧ୍ୟରେ ବଢୁଥିବା ତିକ୍ତତାକୁ ହ୍ରାସ କରିବାକୁ ପ୍ରୟାସ ଉପରେ ଆଲୋଚନା କରିବାର ଯୋଜନା ରହିଛି । ପାଞ୍ଚ ବର୍ଷପରେ ଆମେରିକାର ଜଣେ ବରିଷ୍ଠ ଅଧିକାରୀ ଗସ୍ତରେ ଚାଇନାରେ ପହଞ୍ଚିଛନ୍ତି । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆମେରିକାର ଅଧିକାରୀଙ୍କ ଅନୁଯାୟୀ ଆଣ୍ଟୋନି ବ୍ଲିଙ୍କେନ ରବିବାର ତାଙ୍କର ଚାଇନା ପ୍ରତିପକ୍ଷ କିନ ଗ୍ୟାଙ୍ଗ ଏବଂ ଚାଇନା କମ୍ୟୁନିଷ୍ଟ ପାର୍ଟିର ବୈଦେଶିକ ନୀତି ମୁଖ୍ୟ ୱାଙ୍ଗ ୟିଙ୍କୁ ଭେଟିବେ । ଏହା ବ୍ୟତୀତ ସେ ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

# ଆମେରିକାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିବେ ଅଭିନେତ୍ରୀ ମେରି ମିଲ୍ବେନ୍

ନ୍ୟୁୟର୍କ: ଆସନ୍ତା ସପ୍ତାହରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନ୍ୟୁୟର୍କ ଓ ୱାସିଂଟନ୍ ଗସ୍ତକାଳୀନ କାର୍ଯ୍ୟକ୍ରମରେ ବିଶିଷ୍ଟ ଆଫ୍ରିକୀୟ-ଆମେରିକୀୟ ହଲିଉଡ୍ ଅଭିନେତ୍ରୀ ତଥା ଗାୟିକା ମେରି ମିଲ୍ବେନ୍ ସଙ୍ଗୀତ ପରିବେଷଣ କରିବେ ବୋଲି ଶନିବାର ଦିନ ପ୍ରକାଶିତ ପ୍ରେସ୍ ରିଲିଜ୍ରେ ଉଲ୍ଲେଖ ଅଛି । ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଏବଂ ଭଜନ 'ଓଁ ଜୟ ଜଗଦୀଶ ହରେ' ଗାୟନ ପାଇଁ ଭାରତରେ ଖୁବ୍ ଜନପ୍ରିୟ ହୋଇଥିବା ୩୮ ବର୍ଷୀୟ ମିଲ୍ବେନ୍ ୯ମ ଆନ୍ତର୍ଜାତିକ ଯୋଗ ଦିବସରେ ବି ଯୋଗ ଦେବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଜୁନ୍ ୨୧ ତାରିଖ ଦିନ ଏହି ଯୋଗ କାର୍ଯ୍ୟକ୍ରମ ଜାତିସଂଘ ମୁଖ୍ୟାଳୟର 'ନର୍ଥ ଲେନ୍'ରେ ଆୟୋଜନ କରାଯିବ । ଶନିବାର ଦିନ ମିଲ୍ବେନ୍ କହିଛନ୍ତି, ଜାତିସଂଘର 'ଜେନେରାଲ୍ ଆସେମ୍ବ୍ଲି'ର ଅଧ୍ୟକ୍ଷ ସ୍କାବା କୋରୋସି, ଜାତିସଂଘସ୍ଥିତ ଭାରତର ରାଷ୍ଟ୍ରଦୂତ ରୁଚିରା କମ୍ବୋଜ ଏବଂ ନ୍ୟୁୟର୍କ ସହରର ମେୟର୍ ଏରିକ୍ ଅଦାମ୍ସ ସହିତ ମିଶି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ମୁଁ ପ୍ରତୀକ୍ଷା କରିଛି । ଏହା ହେଉଛି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଘଟଣା । ଏହାଛଡ଼ା, ଜୁନ୍ ୨୩ ତାରିଖରେ ୱାସିଂଟନ୍ସ୍ଥିତ ରୋନାଲଡ୍ ରେଗାନ୍ ବିଲ୍ଡିଙ୍ଗ୍ରେ ଭାରତୀୟ ବଂଶୋଦ୍ଭବଙ୍କ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଶଣ କରିବା ଲାଗି ତାଙ୍କୁ ଆମନ୍ତ୍ରଣ କରାଯାଇଛି । ସୂଚନାଯୋଗ୍ୟ, ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟେଲ୍ଡି ଜିଲ୍ ବାଇଡେନ୍ଙ୍କ ଆମନ୍ତ୍ରଣକ୍ରମେ ଜୁନ୍ ୨୧ରୁ ୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଯିବେ । ଜୁନ୍ ୨୨ ତାରିଖ ଦିନ ସେମାନେ ମୋଦୀଙ୍କୁ 'ଷ୍ଟେଟ୍ ଡିନର'ରେ ଆପ୍ୟାୟିତ କରିବେ । ସେହିଦିନ ପ୍ରଧାନମନ୍ତ୍ରୀ ମୋଦୀ ଆମରେିକା କଂଗ୍ରେସର ମିଳିତ ଅଧିବେଶନରେ ଉଦ୍ବୋଧନ ଦେବେ ।

# ଅମଲା ମିଳିତ ମଞ୍ଚର ଆନ୍ଦୋଳନ ହଇରାଣ ହେଉଛନ୍ତି ଜନସାଧାରଣ

ମାଲକାନଗିରି, (ହି.ସ.): ଗ୍ରେଡ ପେ ୪୨୦୦ ଟଙ୍କା ପ୍ରଦାନ ଦାବିରେ ରାଜ୍ୟବ୍ୟାପୀ ମିଳିତ ଅମଲା ମଂଚର ଆନ୍ଦୋଳନ ୧୭ ଦିନରେ ପହଂଚିଛି । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘୋଷଣା କରାଯାଇଥିବା ଏହି ଆନ୍ଦୋଳନ କାରଣରୁ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ କାମ ଠପ ହୋଇପଡିଛି । ଯାହା ଫଳରେ ଲୋକେ ହଇରାଣ ହେଉଛନ୍ତି । ଅନ୍ୟପଟେ ଅମଲା ମିଳିତ ମଂଚର ଦାବିକୁ ମାନିବାକୁ ସରକାର ନାରାଜ ଥିବାବେଳେ ଅମଲା ମିଳିତ ମଂଚ ମଧ୍ୟ ନିଜର ଜିଦରେ ଅଡି ବସିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସାମୁହିକ ଛୁଟିରେ ରହିଛନ୍ତି ।

ଅମଲା ମିଳିତ ମଂଚର ଦାବି ଅନୁଯାୟୀ, ଶିକ୍ଷାଗତ ଯୋଗ୍ୟତାଭିତିକ ମୂଳ ଦରମା ୪୨୦୦ ଗ୍ରେଡ୍ ପେ'' ଲାଗୁ କରାଯାଉ । ଏହି ଦାବି ପୂରଣ ନେଇ ଅମଲାମାନେ ପୂର୍ବରୁ ଅନେକ ଥର ସ୍ମାରକପତ୍ର ପ୍ରଦାନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ, କଳାବ୍ୟାଚ ପରିଧାନ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମାତ୍ର ରାଜ୍ୟ ସରକାର ଏପର୍ଯ୍ୟନ୍ତ ଅମଲାମାନଙ୍କ ଏହି ଦାବି ପୂରଣ କରି ନଥିଲେ । ଫଳରେ ପୂର୍ବ ନିଷ୍ପତି କ୍ରମେ ଗତ ୧ ଜୁନ ଠାରୁ ଅମଲାମାନେ ରାଜ୍ୟବ୍ୟାପୀ ସମୂହ ଛୁଟିରେ ଅଛନ୍ତି । ଯାହାକୁ ନେଇ ମାଲକାନଗିରି ଜିଲ୍ଲାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଜିଲ୍ଲାର ମିଳିତ ଅମଲା ମଂଚ ନେତୃତ୍ୱରେ ଅମଲାମାନେ ସମୂହ ଛୁଟିରେ ଥିବା ବେଳେ ନିଜ କାର୍ଯ୍ୟାଳୟ ଯିବା ବଦଳରେ ଦାବି ପୂରଣ ପାଇଁ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅନ୍ୟପଟେ ଅମଲାମାନେ କାର୍ଯ୍ୟରେ ଯୋଗ ଦେଇ ନଥିବାରୁ ରାଜସ୍ୱ, ସ୍ୱାସ୍ଥ୍ୟ, ଶିକ୍ଷା, ଟ୍ରେଜେରୀ, ରେଜିଷ୍ଟ୍ରି ଆଦି ବିଭାଗର ଅଫିସଗୁଡ଼ିକର ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି । ତେବେ ୪୨୦୦ ଗ୍ରେଡ୍ ପେ'' ଦାବି ପୂରଣ ନେଇ ରାଜ୍ୟ ସରକାର ଠୋସ୍ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଅମଲାମାନେ ଚେତାବନୀ ଦେଇଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ସହିତ ଅମଲା ମିଳିତ ମଂଚର ବୈଠକରେ ସରକାର ରାଜ୍ୟର ଆର୍ଥିକ ମେରୁଦଣ୍ଡ ଠିକ ନ ଥିବା କହି ଆନ୍ଦୋଳନରୁ ଓହରିବାକୁ ଅନୁରୋଧ କରିଥିଲେ ଏବଂ ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରିନଥିଲା । ତେଣୁ ଏହି ବୈଠକ ପରେ ମଧ୍ୟ ଅମଲା ମିଳିତ ମଂଚ ନିଜର ଆନ୍ଦୋଳନ ଜାରି ରଖିଛି । ସେପଟେ ନେତା ଓ ମନ୍ତ୍ରୀଙ୍କ ଦରମା ୩ ଲକ୍ଷକୁ ବୃଦ୍ଧି ସହିତ ପେନସର ବ୍ୟବସ୍ଥା ରହିଥିବା ବେଳେ ରାଜ୍ୟର ଆର୍ଥିକ ମେରୁଦଣ୍ଡ କିପରି ଦେଖାଗଲା ନାହିଁ ଏବଂ ରାଜ୍ୟ ସରକାର ଏପରି ହୀନ ରାଜନୀତି ନ କରି ଶୀଘ୍ର କୌଣସି ନିଷ୍କର୍ଷ ବାହାର କରନ୍ତୁ ବୋଲି ମାଲକାନଗିରି ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଦାବି ଉଠିଛି ।

# ୨୫ଶହ ଲିଟର ପୋଚ ନଷ୍ଟ କରାଗଲା

ଜୟପୁର, (ହି.ସ) - ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡାରେ ଅବକାରୀ ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିବା ସହ ପ୍ରସ୍ତୁତ କରୁଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ବହୁ ମଦ ଭାଟି ଜୟପୁର ଅବକାରୀ ବିଭାଗ ଭାଙ୍ଗିଛି । ଚଢାଉ କରି ୨୫ ଶହ ଲିଟର ପୋଚ ଓ ୨ ଶହ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଅଦିକୁ ଜବତ କରିଥିବା ଜୟପୁର ଅବକାରି ଓଆସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଗୁଣୁପୁର ରଥଯାତ୍ରା ପାଳନ ନେଇ ଦ୍ୱିତୀୟ ପର୍ଯ୍ୟାୟ ବୈଠକ



ରାୟଗଡା(ପିପିଏସ୍): ରାୟଗଡ ଜିଲ୍ଲା ଗୁଣପୁର ଉପଜିଲ୍ଲାପାଳ ଲଳିତ କୁମାର କହଁରଙ୍କ ଅଧକ୍ଷତାରେ ଗୁଣପୁର ରଥଯାତ୍ରାପାଳନ ନିମନ୍ତେ ଦ୍ୱିତୀୟ ପ୍ରର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ମନ୍ଦିର ପରିଚାଳନା କମିଟି ଅଧକ୍ଷ ତଥା ଗାନ୍ଧୀ ଅନୁଷ୍ଠାନର ଅଧକ୍ଷ ସତ୍ୟପ୍ରକାଶ ପଣ୍ଡା, ଗୁଣପୁର ପୌରାଧକ୍ଷା ମମତା ଗୌଡ଼, ଗାନ୍ଧୀ ଅନୁଷ୍ଠାନର ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ଗୁଣପୁର ପୌର ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣା ରାଉତ ମଞ୍ଚାସୀନ ରହିବା ବେଳେ ତହସିଲଦାର ସଂଯୋଜନା କରିଥିଲେ । ବିଶେଷ କରି ରଥ ନିର୍ମାଣ, ରାସ୍ତା ମରାମତି, ମନ୍ଦିର ଚୂନ ଦିଆ, ଅଲୋକୀକରଣ, ପାନୀୟ ଜଳଯୋଗାଣ, ଅଇନ ଶୃଙ୍ଖଳା, ଗାଡି ପାର୍କିଂ, ପାଣି ସିଞ୍ଚନ, ଏନସିସି, ଛାତ୍ରଛାତ୍ରୀ ପ୍ରେରଣ, ସଂକୀର୍ତ୍ତନ ମଣ୍ଡଳୀ, ଅର୍ଥ ସଂଗ୍ରହ, ଧାରା ବିବରଣୀ ପ୍ରଦାନ, ପ୍ରାଥମିକ ଚିକିତ୍ସା, ସିସି କ୍ୟାମେରା ଲଗାଇବା, ସୁନାବେଶ ପାଳନ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବିଶେଷ କରି ଜନଗହଳିକୁ ଲକ୍ଷ୍ୟ କରି ପୋଲିସ ପ୍ରଶାସନ ସଜାଗ ରହିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପୋଲିସ ବିଭାଗକୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅକ୍ଷୟ ଦାସ, ଦେବେନ୍ଦ୍ର ଚୌଧୁରୀ, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ରାମମୂର୍ତ୍ତି ଗମାଙ୍ଗ, ଥାନା ଅଧିକାରୀ ନୀଳାମ୍ବର ଜାନୀ, ସହକାରୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି, ବନଖଣ୍ଡ ଅଧିକାରୀ, ସହକାରୀ ଯନ୍ତ୍ରୀ ଟାଟା ପାଓ୍ୱାର, ସେବାୟତ, ସ୍ୱଚ୍ଛସେବୀଙ୍କ ସମେତ ସାମ୍ବାଦିକ ସମୂହ ଉପସ୍ଥିତ ଥିଲେ ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର କାଷ୍ଟର-୪ ପ୍ରକଳ୍ପ ଅଞ୍ଚଳରେ ସୁରକ୍ଷା ପାର୍କ ଉଦ୍‌ଘାଟିତ



ରାଉରକେଲା(ପିପିଏସ୍): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଷ୍ଟିଲ ମେଲଟିଙ୍ଗ ସପ-୨ (ଏସଏମଏସ-୨) ବିଭାଗରେ ଚାଲିଥିବା କାଷ୍ଟର-୪ ପ୍ରକଳ୍ପ ଅଞ୍ଚଳରେ ଏକ ଅନନ୍ୟ ସୁରକ୍ଷା ପାର୍କକୁ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପିକେ ସାହୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପ୍ରକଳ୍ପ ବିଭାଗର ସିଜିଏମ୍ ଅନୀଶ ଜାମାୟାର, ପ୍ରକଳ୍ପ ବିଭାଗର ଜିଏମ ଦେଓନେଶ୍ୱର ପ୍ରସାଦ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଅବକାଶ ବେହେରା, ଏବଂ ପ୍ରକଳ୍ପ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା ମେସର୍ସ ଏସଏମଏସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ମେସର୍ସ ଏନକେବି ପ୍ରାଇଭେଟ ଲିମିଟେଡର ସୁରକ୍ଷା ଅଧିକାରୀ, ପ୍ରତିନିଧି ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ସେଫ୍ଟି ପାର୍କ ଏକ ଅଭିନବ ପ୍ରଦର୍ଶନ କ୍ଷେତ୍ର ଭାବରେ କାର୍ଯ୍ୟ କରୁଛି ଯାହା ମାନକ ପ୍ରଣାଳୀ, କଣ କରିବା ଉଚିତ ଓ କଣ କରିବା ଅନୁଚିତ, ଏବଂ ବିଭିନ୍ନ ସୁରକ୍ଷା, ଅଗ୍ନି ଏବଂ ଜୀବନ ରକ୍ଷାକାରୀ ଉପକରଣ ପ୍ରଦର୍ଶନ କରେ । ଏଥିରେ ଖସିପଡିବା ପାଇଁ ସୁରକ୍ଷା ବ୍ୟବସ୍ଥା, ଉଚ୍ଚତା ରିଗ୍ ସଂରଚନା, ଅଗ୍ନି ନିର୍ବାପକ ଯନ୍ତ୍ର, ହାତ ସୁରକ୍ଷା, ଚକ୍ଷୁ ସୁରକ୍ଷା, ପାଦ ସୁରକ୍ଷା ଉପକରଣ ଏବଂ ଅନ୍ୟାନ୍ୟ ବିଷୟ ପ୍ରଦର୍ଶିତ ହେଉଛି । କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ର ସଠିକ୍ ବ୍ୟବହାର, ନିର୍ମାଣ ଉପକରଣର ସୁରକ୍ଷିତ କାର୍ଯ୍ୟ, ଏବଂ ନିର୍ମାଣ କାର୍ଯ୍ୟର ନିରାପଦ କାର୍ଯ୍ୟକାରିତା ପାଇଁ ସୁରକ୍ଷା ଏବଂ ଜୀବନ ରକ୍ଷାକାରୀ ଉପକରଣର ପ୍ରଭାବଶାଳୀ ଉପଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ସୁରକ୍ଷା ପାର୍କ ପ୍ରତିଷ୍ଠା କରିବାର ମୂଳ ଉଦ୍ଦେଶ୍ୟ ରହିଛି । ସେଫ୍ଟି ପାର୍କ ମୁଖ୍ୟତଃ ପ୍ରକଳ୍ପ ସାଇଟରେ ନିୟୋଜିତ ଠିକା ଶ୍ରମିକଙ୍କୁ ଉପକୃତ କରିବ । ସେମାନଙ୍କର ଭର୍ତ୍ତି ତାଲିମ ପରେ, ଶ୍ରମିକମାନଙ୍କୁ ସୁରକ୍ଷା ପାର୍କକୁ ନିଆଯିବ, ଯେଉଁଠାରେ ସେମାନେ ଯନ୍ତ୍ରପାତି ଏବଂ ସମ୍ପୃକ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଏବଂ ଜୀବନ ରକ୍ଷାକାରୀ ଉପକରଣଗୁଡ଼ିକର ଉପଯୁକ୍ତ ବ୍ୟବହାର ବିଷୟରେ ବିସ୍ତୃତ ବ୍ୟାଖ୍ୟା ଗ୍ରହଣ କରିବେ । ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ସାହୁ କହିଥିଲେ ଯେ ଠିକା ଶ୍ରମିକମାନଙ୍କ ମଧ୍ୟରେ ନିର୍ମାଣ ସୁରକ୍ଷା ଜ୍ଞାନକୌଶଳ ବଢାଇବା ଏବଂ କର୍ମକ୍ଷେତ୍ରରେ ଶୂନ୍ୟ ଶାରୀରିକ କ୍ଷତିର ଲକ୍ଷ୍ୟ ହାସଲ କରିବା ପାଇଁ ସୁରକ୍ଷା ପାର୍କ ହେଉଛି ଏକ ନିଆରା ପଦକ୍ଷେପ । ଏଥିସହ, ଉଭୟ କର୍ମଚାରୀ ଏବଂ କାରଖାନା ପାଇଁ ସୁରକ୍ଷାକୁ ସୁଦୃଢ କରିବା ପାଇଁ ସମସ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାକୁ ସେ ପ୍ରବନ୍ଧନର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ସଂଗଠନର ସଫଳତା ପାଇଁ ଏହା ସହାୟକ ହେଉଥିବାରୁ ଶ୍ରମିକମାନଙ୍କୁ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଏକ ଚାରା ରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସର୍ବୋତ୍ତମ ସୁରକ୍ଷା ସଚେତନ ଶ୍ରମିକମାନଙ୍କୁ ଇଡି (ପ୍ରୋଜେକ୍ଟ), ସିଜିଏମ୍-ପ୍ରୋଜେକ୍ଟ, ଜିଏମ୍-ପ୍ରୋଜେକ୍ଟ ଏବଂ ଜିଏମ୍-ସେଫ୍ଟି ଟୋକେନ୍ ଉପହାର ସହିତ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅବକାଶ ବେହେରା ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ଏମ ଡୋରା ସଂଯୋଜନା କରିଥିଲେ ।

# ପନିପରିବା ଉତ୍ପାଦନ କ୍ଷେତ୍ରରେ ଆୟର ପନ୍ଥା ସାଜିଛି ମୁରିବହାଲ ଜଙ୍ଗଲ ପରିଚାଳନା ୟୁନିଟ୍

ବଲାଙ୍ଗିର ( ହି.ସ.)- ଲୟା ପ୍ରଧାନ ଏବଂ ଧନେଶ୍ୱର ନାୟକ, ମୁରିବାହାଲ ଏଫଏମୟୁରେ ବାରବନ୍ଧ ଭିଏସଏସର ଉଲ୍ଲେଖନୀୟ କୃଷକ, ଯେଉଁମାନେ ନିଷ୍ଠା ଏବଂ ନିରନ୍ତର ଚାଷର ଉଦାହରଣ ଦେଇଛନ୍ତି । ଶ୍ରୀମତୀ ଲୟାଙ୍କର ଉନ୍ନତିମୂଳକ ରୋଷେଇ ବଗିଚା ବାଇଗଣ ଏବଂ ଭେଣ୍ଡିର ଉତ୍ପାଦନ କରେ, ଯାହା ତାଙ୍କ ପରିବାରକୁ ଯୋଗାଇଥାଏ ଏବଂ ଅଧିକ ବିକ୍ରୟ ମାଧ୍ୟମରେ ଆୟ ବଢାଇଥାଏ । ଉଦ୍ୟାନ କୃଷି ବିଭାଗର ସହଯୋଗରେ ଶ୍ରୀ ଧନେଶ୍ୱର ଦୁଇ କ୍ୱିଂଟାଲ ଭେଣ୍ଡି ଚାଷ କରି ବଜାର ତଥା ବ୍ୟବସାୟୀଙ୍କୁ ବିକ୍ରି କରି ୧୦,୦୦୦ ଟଙ୍କା ରୋଜଗାର କରିଥିଲେ । ସେମାନଙ୍କର ସଫଳତା ଆମ ଜଙ୍ଗଲ ଯୋଜନା ଦଳ ଦ୍ୱାରା ସମର୍ଥିତ, ସେମାନଙ୍କୁ ଟିଟିଲାଗଡ ଏବଂ କଂଟାବାଞ୍ଜିରେ ପନିପରିବା କୃଷକ ସଂଘ ସହିତ ସଂଯୋଗ ଏବଂ ସଂଯୋଗ କରିବାକୁ ପ୍ରେରଣା ଯୋଗାଏ ।

# ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ



କନ୍ଧମାଳ (ହି.ସ) : କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁମିଙ୍ଗିଆ ନିକଟ ରାଇପଦା ନିକଟରେ ହାତୀପଲ ବିତ୍ପାତ ଚଳାଇଛନ୍ତି । କିଛିଦିନ ହେଲା ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ରମ୍ଭା ସେକ୍ସନରୁ ୧୭ଟି ହାତୀ ପଳାଇ ଆସିଥିବା ସ୍ଥାନୀୟ ବନବିଭାଗ ସୂଚନା ଦେଇଛି । ସେଥି ମଧ୍ୟରୁ ୪ଟି ଅଣ୍ଡିରା ହାତୀ, ୮ଟି ମାଈ ହାତୀ ଏବଂ ୫ଟି ଛୁଆହାତୀ ବୁଲୁଥିବା ସୂଚନା ମିଳିଛି । ଗତ ଦୁଇଦିନ ତଳେ ଏହି ହାତୀପଲ ଜନବସତିରେ କ୍ଷୟକ୍ଷତି କରିଥିବା ବେଳେ ବନବିଭାଗ ପକ୍ଷରୁ ଘଉଡ଼ାଇ ଦିଆ ଯାଇଥିଲା । ହେଲେ ଗତକାଲି ରାତିରେ ପୁଣି ହାତୀପଲ ଏହି ଅଞ୍ଚଳରେ ପଶି ବ୍ୟାପକ କ୍ଷତି କରିଛନ୍ତି । ଏହି ଦଳରେ କେତେ ହାତୀ ଥିଲେ ସୂଚନା ମିଳିନାହିଁ । ତେବେ ଶନିବାର ଭୋର ପ୍ରାୟ ୫ଟା ବେଳେ ରାମେଶ୍ୱର ପ୍ରଧାନ ଓ ତଙ୍କ ସ୍ୱୀ ମାର୍ଥା ପ୍ରଧାନ ୩ଟି ହାତୀ ଦେଖିଥିବା ପ୍ରକାଶ କରିଛନ୍ତି ।ହାତୀପଲ କୁରୁମିଙ୍ଗିଆ ଗ୍ରାମର ନିକୁନ୍ତ ପ୍ରଧାନଙ୍କ ୪ଟି ସ୍ଥାନରେ ଥିବା କଦଳୀ ଗଛ, ପ୍ରାୟ ୩୦ଟି ଆମ୍ବ ଗଛ ଓ ବଗିଚାରେ ଥିବା ଗୋଟିଏ ଘରର କାନ୍ଥ ଭାଙ୍ଗି ଦେଇଥିବା ବେଳେ କଳିଙ୍ଗା ଗ୍ରାମରେ ପ୍ରବୀଣ ମଲ୍ଲିକଙ୍କ ଚିନାବାଦାମ ଖାଇ ଦେଇଛନ୍ତି । ଏହାସହ ଧାନତଳି ଓ କୁଡ଼ିଆ ଘର ଭାଙ୍ଗି ନଷ୍ଟ କରିବା ସହିତ କୁଡ଼ିଆରେ ଥିବା ୨ବସ୍ତା ସାର ଟାଣି ଆଣି ଦଳି ନଷ୍ଟ କରି ଦେଇଛନ୍ତି । ପରେ କୁରୁମିଙ୍ଗିଆ ନିବାସୀ ସଞ୍ଜିତ କୁମାର ପ୍ରଧାନ ଗଦା କରି ରଖିଥିବା ଧାନ ଖାଇଦେବା ସହିତ ୨୦ରୁ ୨୫ ବସ୍ତା ଧାନ ନଷ୍ଟ କରିଛନ୍ତି । ସେହିପରି ତରେଡ ପ୍ରଧାନଙ୍କ ଧାନ ତଳି ମଧ୍ୟ ନଷ୍ଟ କରିଛନ୍ତି । ବନ ବିଭାଗ ହାତୀ ଘଉଡ଼ାଇବାରେ ସଫଳ ହୋଇ ନାହାନ୍ତି । ଗ୍ରାମବାସୀ କେବଳ ବାଣ ଫୁଟାଇ ହାତୀଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି । ହାତୀପଲ ଏବେ ଗାମୁଲି ଜଙ୍ଗଲରେ ରହିଥିବା ବେଳେ କେତେବେଳେ ପୁଣି ଜନବସତିକୁ ଆସିଯିବେ, ସେ ନେଇ ଲୋକେ ଭୟଭୀତ ହୋଇ ରହିଛନ୍ତି । ସେପଟେ ବନ ବିଭାଗ ପକ୍ଷରୁ ହାତୀପଲକୁ ଘଉଡ଼ାଇବା ପାଇଁ ଚେଷ୍ଟା ଚାଲିଥିବା କୁହାଯାଇଛି ।

# ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ପକ୍ଷୀଙ୍କ ପାଇଁ ନିଆରା ବ୍ୟବସ୍ଥା



ବଲାଙ୍ଗୀର(ହି.ସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ସିନ୍ଧେକେଲା ଗ୍ରାମର ମୂଳବାସିନ୍ଦା ତଥା ପ୍ରକୃତିପ୍ରେମୀ ସାଇପ୍ରସାଦ ସାହୁ ନିଜ ଉଦ୍ୟମରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପକ୍ଷୀମାନଙ୍କ ଶୋଷ ମେଣ୍ଟାଇବା ପାଇଁ ନିଆରା ବ୍ୟବସ୍ଥା କରିଛନ୍ତି । କିଛି ଦିନ ହେଲା ତାତିରୁ ଟିକେ ହେଲେ ଜୀବଜଗତ ପାଇଁ ନିସ୍ତାର ନାହିଁ । ସୂର୍ଯ୍ୟ ଉଇଁବା ପୂର୍ବରୁ ପରିବେଶଟା ଯେମିତି ପୂରା ଗୁମ୍‌ସୁମ୍ ହୋଇଯାଉଛି । ଗଛ, ପତ୍ର ବି ଟିକେ ଦୋହଲିବା କଷ୍ଟକର । ଦିନ ବଢ଼ିବା ସହ ଗରମର ନିର୍ଯାତନା ବଢ଼ି ଚାଲିଛି । ଦିନବେଳେ ତାପମାତ୍ରା ୪୫ ଡିଗ୍ରୀ ଉପରେ । ନଦୀ , ନାଳ , ପୋଖରୀରେ ଥିବା ପାଣି ମଧ ଶୁଖିଲା ପଡିଛି । ଠିକ୍ ଏହି ସମୟରେ ବିଭିନ୍ନ ଗଛମାନଙ୍କରେ ମାଟି ପାତ୍ର ଲଗେଇ ସେଥିରେ ପକ୍ଷୀମାନଙ୍କ ପାଇଁ ପ୍ରତ୍ୟେକ ଦିନ ସକାଳୁ ପାଣି ଦେଉଛନ୍ତି । ଗଛରେ ବସବାସ କରୁଥିବା ପକ୍ଷୀମାନେ ପାଣି ପିଇବା ବ୍ୟତୀତ ଅନ୍ୟ ପକ୍ଷୀମାନଙ୍କ ମଧ୍ୟରେ କାଉ , ଶୁଆ , କୋଚିଲାଖାଇ , ହଳଦୀ ବସନ୍ତ ଭଳି ପକ୍ଷୀମାନେ ତୃଷାର୍ଥ ମେଣ୍ଟାଉଛନ୍ତି । ଗଛ ଉପରେ ମାଟି ପାତ୍ର ଓ ଗଛ ତଳେ ରଖାଯାଇଥିବା ମାଟି ପାତ୍ରରେ ପାଣିର ବ୍ୟବସ୍ଥା କରାଯାଇଛି । ଶ୍ରୀ ସାହୁ ନିଜ ଅଞ୍ଚଳରେ ପରିବେଶ ସଚେତନତା ,ବନ୍ୟାପ୍ରାଣୀ ସୁରକ୍ଷା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଭଳି ଅନେକ ସଚେତନତା କାର୍ଯ୍ୟ କରିଛନ୍ତି । ପଶୁପକ୍ଷୀମାନଙ୍କ ପାଇଁ ଏ ଭଳି କାମ କରୁଥିବାରୁ ଶ୍ରୀସାହୁ ନିଜ ଅଞ୍ଚଳରେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

# କେମୁଣ୍ଡିଆରେ ରଜ ବାଦିପାଲା ମହୋତ୍ସବ

ଚମ୍ପୁଆ, (ହି. ସ.) - ଚମ୍ପୁଆ ବ୍ଲକ ଉଛବାଲି ପଂଚାୟତ ଅନ୍ତର୍ଗତ କେମୁଣ୍ଡିଆ ଗ୍ରାମର ରୂପେଶ୍ୱର ପାଲା କମିଟି, କେମୁଣ୍ଡିଆ ଆନୁକୂଲ୍ୟରେ ରଜ ପର୍ବ ଉପଲକ୍ଷେ ବୁଧବାର ଠାରୁ ତିନି ଦିନ ଧରି ତେର ତମ ବାଦିପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପାଲା ମହୋତ୍ସବରେ କବି, ପ୍ରବଚକ ତଥା ଗାୟକ ସଂଜୀବନୀ ଭାବଗ୍ରାହୀ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଉଛବାଲି ସରପଂଚ ରଣଜିତ ନାଏକ , ପୂର୍ବତନ ସରପଂଚ ରାମଚନ୍ଦ୍ର ନାଏକ ଯୋଗ ଦେଇଥିଲେ । କୁନ୍ଦପଶି ବ୍ରାହ୍ମଣ ଶାସନର ପୂଜକ ବିଷ୍ଣୁ ପଦ ମିଶ୍ର ସତ୍ୟ ନାରାୟଣ ପୂଜାବିଧି ଯଥା ରୀତି ସମାପନ କରିଥିଲେ । ବାଦିପାଲାରେ ଢେଙ୍କାନାଳର ଗାୟକ ତୋଫାନ ସାହୁ ତାଙ୍କ ସାଥୀ କଳାକାରଙ୍କ ସହିତ ଖୋର୍ଦ୍ଧା ବେଗୁନିଆ ନିବାସୀ ଗାୟକ ବସନ୍ତ କୁମାର ଦାସ ତାଙ୍କ ସାଥୀ କଳାକାର ମଧ୍ୟରେ ବାଦି ପାଲା ହୋଇଥିଲା । ଗାୟକ ମାନେ ମହାଭାରତ, ରାମାୟଣ, ଭାଗବତ ଆଦି ମହାପୁରାଣ ଉପାଖ୍ୟକ୍ଷନ ର କଥାବସ୍ତୁ ଉପରେ ପାଲା ପରିବେଷଣ କରିଥିଲେ । ବାଦିପାଲାକୁ ରୂପେଶ୍ୱର ପାଲା କମିଟି ସଭାପତି ବୈଶାଖୁ ନାଏକ, କମିଟି ସଦସ୍ୟ ସୂର୍ଯ୍ୟକାନ୍ତ ନାଏକ, ୱାର୍ଡ ମେମ୍ବର ନିରୁପମା ନାଏକ, କଇଁ ଫୁଲ ନାଏକ, ହେମନ୍ତ ନାଏକ, ଫଗୁଣ ନାଏକ, ଯୁଗଳ, ନଟବର, ଗୌତମ, ଅଲେଖ, ବୈରାଗୀ, ଶିକ୍ଷକ ଡମ୍ବରୁଧର ନାଏକଙ୍କ ସହିତ ମା ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସମସ୍ତ ମହିଳା ସଦସ୍ୟା ଓ ଗ୍ରାମବାସୀଙ୍କ ସହାୟତାରେ ପରିଚାଳିତ ହୋଇଥିବା ବେଳେ ଗ୍ରାମ ତଥା ଅଂଚଳରୁ ହଜାର ହଜାର ପାଲା ପ୍ରେମୀ ଜନ ସାଧାରଣ ଶୁଣିବାକୁ, ଦେଖିବାକୁ ଉପସ୍ଥିତ ଥିଲେ ।

# ଲାଇଫ ଲାଇନ ସମବାୟ ସମିତିର ଜମାକାରୀ ଡିଆର୍‌ସିଏସ୍‌ଙ୍କ କାର୍ଯ୍ୟାଳୟରେ ପକାଇଲେ ତାଲା

ଜୟପୁର, (ହି.ସ) - ଜୟପୁର ସହରରେ ଥିବା ଲାଇଫ ଲାଇନ ସମବାୟ ସମିତିରରେ ଜମା କରିଥିବା ଜମାକାରି ମାନେ ଡିଆରସିଏସ ଓ ଏଆରସିଏସଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେ ମାନେ ଛୋଟ ଛୋଟ ବ୍ୟବସାୟ କରି ଗୁଜୁରାଣ ମେଂଟାଉଥିବା ବେଳେ ଏହି ସମବାୟ ସମିତିରେ ପ୍ରତ୍ୟେକ ଦିନ ଶହେ, ୨ ଶହ ଜମାକରୁଥିଲେ । ଟଙ୍କା ଜମା କରି ଅବଧି ଶେଷ ହୋଇଥିଲେ ବି ତାଙ୍କୁ ଟଙ୍କା ଦିଆଯାଉ ନାହିଁ । ଏନେଇ ଆଜି ଜମାକାରି ମାନେ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି । ଲାଇଫ ଲାଇନ ସମବାୟ ସମିତିର ନିର୍ଦ୍ଦେଶକ ତ୍ରିନାଥ ସାହୁ ଏବଂ ଜମାକାରି ମାନେ ଅଭିଯୋଗ କରିଛନ୍ତି ଯେ ସୋସାଇଟିର ଆର୍ଥିକ ତୋରାଷାପାତ ହୋଇଥିବା ନେଇ ସେ ମାନେ ଅଭିଯୋଗ କରିଛନ୍ତି । ଏସବୁ ପାଇଁ ଦାୟୀ ସମ୍ପାଦକ । ଜମାକାରିଙ୍କ ୬୫ ଲକ୍ଷ ଟଙ୍କା ବାକି ପଡିଥିବା ବେଳେ ଲାଇଫ ଲାଇନ ସମବାୟ ସମିତି ଦେଉନଥିବାରୁ ଜମାକାରିମାନେ ହତାଶ ହୋଇ ପଡିଛନ୍ତି । ଦୀର୍ଘ ୩ରୁ ୪ ବର୍ଷ ହେବ ଜମାକାରିଙ୍କ ଟଙ୍କା ଦେଉ ନାହାଁନ୍ତି । ବାରମ୍ବାର ବିଭାଗୀୟ ଅଧିକାରିଙ୍କ ନିକଟରେ ଦାବି କରିବା ପରେ ମଧ ସେ ମାନେ କିଛି କର୍ଣ୍ଣପାତ କରୁନଥିବାରୁ ଆଜି ତାଲା ପକାଇଥିବା ନେଇ ନିର୍ଦ୍ଦେଶକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ମିଥ୍ୟାରେ ଜମି ଲିଜ୍ ନେବାକୁ ବିରୋଧ ରାଜସ୍ୱ ବିଭାଗର ନିରବତାକୁ ନେଇ ପ୍ରଶ୍ନ



ଟିଟିଲାଗଡ଼,(ପିପିଏସ୍): ଟିଟିଲାଗଡ ଉପଖଣ୍ଡ ଅନ୍ତର୍ଗତ ସଇଁନ୍ତଲା ତହସିଲ ଭତାସର ମୌଜାରେ ଜଣେ ବ୍ୟକ୍ତି ସରକାରୀ ଜମିକୁ କାରଖାନା ଖୋଲିବା ନାମରେ ଲିଜ୍ ନେଇ ହଡପ ଉଦ୍ୟମ ଚର୍ଚ୍ଚାର ବିଷୟ ହୋଇଛି । ଏନେଇ ଗ୍ରାମବାସୀ ବାରମ୍ବାର ସଇଁନ୍ତଲା ତହସିଲଦାରଙ୍କ ଠାରୁ ଆରମ୍ଭ କରି ଟିଟିଲାଗଡ ଉପଜିଲାପାଳ, ବଲାଙ୍ଗିର ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ମଧ ଜମିକୁ ମୁକ୍ତ କରିବା ପାଇଁ ଉଦ୍ୟମ ନହେବା ସନ୍ଦେହ ସୃଷ୍ଟି କରୁଛି । ଏନେଇ ପୂର୍ବରୁ ଅନେକ ଥର ପରି ଶୁକ୍ରବାର ମଧ ଗ୍ରାମବାସୀ ଟିଟିଲାଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଗ୍ରାମର ଉକ୍ତ ଜମିରେ ବିଦ୍ୟାଳୟ ଖୋଲିବାକୁ ଦାବି କରିଥିଲେ । ଅଭିଯୋଗ ମୁତାବକ ଗଞ୍ଜାମ ଜିଲ୍ଲା ଅଞ୍ଚଳର ଜନୈକ ବ୍ୟକ୍ତି ଏକ କାରଖାନା ଖୋଲିବା ଦର୍ଶାଇ ଗତ ୨୦୦୫ରେ ବଲାଙ୍ଗିର ଜିଲାପାଳଙ୍କ ଠାରୁ ଗ୍ରାମର ୧ ଏକର ସରକାରି ଜମି ଲିଜରେ ନେଇଥିଲେ । ହେଲେ ୧୮ ବର୍ଷ ପରେ ମଧ ଉକ୍ତ ଜମିରେ କୌଣସି କାରଖାନା ସ୍ଥାପିତ ହୋଇନାହିଁ । ଟିଟିଲାଗଡ ବଲାଙ୍ଗିର ରାଜ୍ୟ ରାଜପଥ କଡରେ ଥିବା ଉକ୍ତ ସରକାରି ଜମିର ମୁଲ୍ୟ ବର୍ତ୍ତମାନର ବଜାର ଦରରେ ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଗ୍ରାମବାସୀ କହିଛନ୍ତି । ଗ୍ରାମରେ ଥିବା ବିଦ୍ୟାଳୟ ଏକ ଘରୋଇ ଜମିରେ ନିର୍ମାଣ ହୋଇଥିବା ବେଳେ ତାହା ଭାଙ୍ଗିରୁଜି ଯାଇଛି । ସରକାରଙ୍କ ପକ୍ଷରୁ ନୂତନ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଜମି ମାଲିକ ମନା କରିବାରୁ ଗ୍ରାମବାସୀ ଗ୍ରାମରେ ଥିବା ଉକ୍ତ ସରକାରୀ ଜମିରେ ବିଦ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ । ଏନେଇ ଖବର ପାଇବା ପରେ ଉକ୍ତ ଜମି ଲିଜରେ ନେଇଥିବା ଅନ୍ୟ ଜିଲାର ବ୍ୟକ୍ତି ଗତ ବର୍ଷ ନିଜ ପକ୍ଷରୁ ଟିଟିଲାଗଡ ଉପଜିଲାପାଳଙ୍କ ଅଦାଲତରେ ଏକ ପିଟିସନ ଦେଇ ଜମିଟି ନିଜର ବୋଲି ଆଉ ଥରେ ଲେଖାଇନେଇଥିବା ଅଭିଯୋଗ ହୋଇଛି । ହେଲେ ଉକ୍ତ ବ୍ୟକ୍ତି ଦୀର୍ଘ ୧୮ ବର୍ଷ ହେଲା ଜମିରେ କୌଣସି କାରଖାନା ନିର୍ମାଣ କରିନାହାନ୍ତି । ଏହାକୁ ନେଇ ଆଜି ଗ୍ରାମର ମଗସିର ସାହୁ, ଦେବରାଜ ପାଣିଗ୍ରାହୀ, ମୋହନ ରତନା, ଜୟଦେବ ଠାକୁର, ତପନେଶ୍ୱର ରଣା, ଲଳିତ ମୋହନ ଦଣ୍ଡସେନା, ନିରଞ୍ଜନ ରଣା, ଜିତେନ୍ଦ୍ର ମାଝୀ, ପ୍ରଶାନ୍ତ ପ୍ରଧାନୀ, ଭୁବନ ପ୍ରଧାନୀ ପ୍ରମୁଖ ଅନେକ ଲୋକ ଉପଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାରଙ୍କୁ ମିଥ୍ୟା ତଥ୍ୟ ଦେଇ ଜମି ଲିଜ ନେଇଥିବା ବ୍ୟକ୍ତିଙ୍କ ଠାରୁ ଜମିକୁ ମୁକ୍ତ କରି ଗ୍ରାମର ବିଦ୍ୟାଳୟ ନାମରେ ପଟ୍ଟା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଗ୍ରାମବାସୀ ବଲାଙ୍ଗିର ଜିଲାପାଳଙ୍କ ଶରଣାପନ୍ନ ହୋଇଥିବା ବେଳେ ଜିଲ୍ଲାପାଳ ଚଞ୍ଚଳ ରାଣା ଉକ୍ତ ଅଭିଯୋଗ ପତ୍ରରେ ଟିଟିଲାଗଡ ଉପଜିଲାପାଳଙ୍କୁ ଏନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିବା ଚିଠା ଗ୍ରାମବାସୀ ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀଙ୍କୁ ପ୍ରଦାନ କରିଛନ୍ତି । ତେବେ ଉପଜିଲାପାଳ ଅମଲା କର୍ମଚାରୀ ଆନ୍ଦୋଳନରେ ଥିବାରୁ ବର୍ତ୍ତମାନ କୌଣସି ପଦକ୍ଷେପ ସେ ଗ୍ରହଣ କରିପାରିବେ ନାହିଁ ବୋଲି ନିଜ ଅସହାୟତା ପ୍ରକଟ କରିବା ବିସ୍ମିତ କରିଛି । ଅନ୍ୟପକ୍ଷରେ ଉକ୍ତ ବ୍ୟକ୍ତି ଲିଜ ନେବାର ୧୮ ବର୍ଷ ପରେ ଗତ କିଛି ଦିନ ହେଲା ଉକ୍ତ ଜମିରେ ପାଚେରି ନିର୍ମାଣ କରୁଥିବା ଚର୍ଚ୍ଚାର ବିଷୟ ହୋଇଛି । ଅନ୍ୟପକ୍ଷରେ କିଛି ବରିଷ୍ଠ ଆଇନଜୀବୀଙ୍କ ମତାମତ ମୁତାବକ କୌଣସି ବ୍ୟକ୍ତି ସରକାରଙ୍କ ଠାରୁ କୌଣସି ଜମି ଲିଜ ନେବାର ପାଞ୍ଚ ବର୍ଷ ମଧ୍ୟରେ ମଧ୍ୟରେ ସେଭଳି କୌଣସି କାର୍ଯ୍ୟ ନକଲେ ଆପଣା ଛାଏଁ ଲିଜ ବାତିଲ ହେବାର ନିୟମ ରହିଛି । ହେଲେ ଉକ୍ତ ପ୍ରଭାବଶାଳି ବ୍ୟକ୍ତିଙ୍କ ଚାପ ଯୋଗୁଁ ସଇଁନ୍ତଲା ତହସିଲଦାର ତଥା ଟିଟିଲାଗଡ ଉପଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଭୟ କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି । ଏନେଇ ବଲାଙ୍ଗିର ଏଡିଏମ କିମ୍ବା ଉଚ୍ଚ ନ୍ୟାୟାଳୟରେ ଗ୍ରାମବାସୀ ଆବେଦନ ଦାଖଲ କରିବା ଆବଶ୍ୟକ ବୋଲି ସଇଁନ୍ତଲା ବାର ସଂଘ ପୂର୍ବତନ ସଭାପତି ହିଜକ୍ଷ ତାଣ୍ଡି ପରାମର୍ଶ ଦେଇଛନ୍ତି ।

# ସହିଦ୍ ଲକ୍ଷ୍ମଣ ନାୟକ ପଡିଆକୁ ଲିଜ୍ ପଟ୍ଟା ଆକାରରେ ଦିଆଯାଇଥିବା ପଟ୍ଟାକୁ ରଦ୍ଦ କରିବାକୁ ଦାବି

ଜୟପୁର, (ହି.ସ) : ସହିଦ ଲକ୍ଷ୍ମଣ ନାୟକ ମୁଳ ଅଧିବାସୀ ସଂଘ ତରଫରୁ ଜୟପୁର ଉପ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କୁନ୍ଦୁରା ତହସିଲ ଅନ୍ତର୍ଗତ ସାଗରଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପଡିଆକୁ ଲିଜ ପଟ୍ଟା ଆକାରରେ ଦିଆଯାଇଥିବା ଧନି ଶ୍ରେଣୀର ଲୋକଙ୍କ ପଟ୍ଟାକୁ ରଦ୍ଧ କରାଯାଇ ଶହୀଦ ଲକ୍ଷ୍ମଣ ନାୟକ ମୁଳ ଅଧିବାସୀ ସଂଘ କୁନ୍ଦୁରା ନାମରେ ପଟ୍ଟା ପ୍ରଦାନ ନିମନ୍ତେ ସରକାରି ସ୍ତରରେ ପଦ କ୍ଷେପ ନେବାକୁ ଦାବି କରାଯାଇଛି । ଶହୀଦ ଲକ୍ଷ୍ମଣ ନାୟକ ମୁଳ ଅଧିବାସି ସଂଘ କୁନ୍ଦୁରା ସାଗର ଗୁଡାର କର୍ମକର୍ତ୍ତା, ସଦସ୍ୟ ମାନେ ଦାବି କରିଛନ୍ତି । କୁନ୍ଦୁରାରର ସାଗରଗୁଡା ସ୍ଥିତ ଲକ୍ଷ୍ମଣ ନାୟକ ପଡିଆ ଆଜିକୁ ୩୦ରୁ ୩୨ ବର୍ଷ ହେବ ସଂଗଠନର ଦଖଲରେ ଅଛି । ଉକ୍ତ ପଡିଆରେ ମହାତ୍ମଗାନ୍ଧୀ ଆମ୍ବେଦକର ଓ ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଛି ।

ଏତତବ୍ୟତୀତ ଏହି ସ୍ଥାନରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁମିଆ ସମାଜ, ଭତରା ସମାଜ, କନ୍ଧ ସମାଜ,ପେଣ୍ଡିଆ ସମାଜ, ପରଜା ସମାଜ, ଦୁରୁଆ ସମାଜ, କମାର ସମାଜ , ରଣା ସମାଜ ସମାଜର ସମ୍ମିଳନି ପ୍ରତିବର୍ଷ ଏଠାରେ ଆୟୋଜନ ହେଉଛି । ଚୈତି ପରବ, ପୁଷ ପୁନି ଭେଟ ଘାଟ ଦିଆଲି ପରବ ଭେଟ ଘାଟ ଲକ୍ଷ୍ମଣ ନାୟକ ଜୟନ୍ତି ଭଳି କାର୍ଯ୍ୟକ୍ରମ ପାଳନ କରାଯାଉଛି । ବିଭିନ୍ନ ସମାଜର ବିକାଶ ପାଇ ଶିକ୍ଷା ସଂସ୍କୃତି ସମ୍ବନ୍ଧିୟ ଶିବର ଆୟୋଜନ ହୋଇଛି । ଏହି ପଡିଆକୁ କିଛି ଧନି ଶ୍ରେଣିର ଲୋକଙ୍କୁ ଲିଜ ପଟ୍ଟା ଆକାକରେ ଘର ଡିହ ପଟ୍ଟା ଦିଆଯାଇଛି । ଦିଆଯାଇଥିବା ଲିଜ ପଟ୍ଟାକୁ ରଦ୍ଧ କରିବାକୁ ସଂଘର ସଭାପତି ମହେଶ୍ୱର ପେଣ୍ଡିଆ, ସାଧାରଣ ସମ୍ପାଦକ ତ୍ରିନାଥ ସମରଥ ପ୍ରମୁଖ ଦାବି କରିଛନ୍ତି ।

# ଗୁଳିକାଣ୍ଡ ଘଟଣା ଅଭିଯୁକ୍ତ ବିଜଧର ଗିରଫ

କନ୍ଧମାଳ, (ହି.ସ.) - କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ଡାକପାଲା ଅଂଚଳରେ ଅର୍ଜିତ ପ୍ରଧାନକୁ ହୋଇଥିବା ଗୁଳିକାଣ୍ଡକୁ ନେଇ ତାଙ୍କ ସ୍ତ୍ରୀ ଦେଇଥିବା ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଜାରି ରାଖିଛି । ଟାଉନ ଥାନା ଏସ.ଡି.ପି.ଓ ସୁପ୍ରସନ୍ନ ମଲ୍ଲିକ ଏବଂ ସେକେଣ୍ଡ ଅଫିସର ରୂପକ ଦଳେଇ ଏବଂ ତାଙ୍କ ଟିମ୍ ମିଶି ବିଶେଷ ସୂତ୍ରରୁ ଖବରପାଇ ଦାମିଗାଁର ପଦର ସାହିରୁ ଅଭିଯୁକ୍ତ ବିଜଧର ବିନ୍ଧାଣୀକୁ ଦେଶୀ ବନ୍ଧୁକ ସହ ଗିରଫ କରି କୋର୍ଟଚାଲାଣ କରିଛନ୍ତି ।

*ସମାଜର ସବୁଠାରୁ ବଡ଼ ବିପଦ ହେଉଛି ବ୍ୟକ୍ତିଗତ ବା ଦଳଗତ ସ୍ୱାର୍ଥ ପାଇଁ ଦେଶର ସମୂହ ସ୍ୱାର୍ଥକୁ ବଳିଦେବା । ଏହି ବିପଦ ଭାରତୀୟ ସମାଜରେ ସ୍ୱରାଜ୍ୟ ପରେ ଯେପରି ଦେଖାଦେଇଛି, ଏପରି ପୂର୍ବେ ନଥିଲା ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୪୩)

**-ଡକ୍ଟର ହରେକୃଷ୍ଣ ମହତାବ**


**ପ୍ରଜାତନ୍ତ୍ର**

ତା ୧୯।୦୬।୨୦୨୩ ସୋମବାର


# କ୍ଷମତାସୀନଙ୍କ ପାଠ୍ୟକ୍ରମ

ସାଧୀନତା ପରେ ଯେବେ ଶିକ୍ଷାନୀତି ପ୍ରସ୍ତୁତ ହେଲା, ସେତେବେଳେ ତାହାର ଉଦ୍ଦେଶ୍ୟ ଥିଲା ଉଦାରବାଦୀ ଢଙ୍ଗରେ ଜ୍ଞାନ ପରମ୍ପରାକୁ ସମାହିତ କରି ପିଲାଙ୍କୁ ଯୁକ୍ତିସଂଗତ, ବୈଜ୍ଞାନିକ ଓ ନବୋନ୍ମିତ ଦୃଷ୍ଟି ବିକଶିତ କରିବା। ସେଇ ଅନୁସାରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଗଲା, ସେ ପୁସ୍ତକଗୁଡ଼ିକ ବିଭିନ୍ନ ଅନୁଶାସନ ଓ ଚିନ୍ତନ- ପଦ୍ଧତିର ଲୋକଙ୍କ ସଂପୃକ୍ତିରେ ପ୍ରସ୍ତୁତ ହେଲା। ସବୁଠାରୁ ବଡ଼କଥା ହେଉଛି ପାଠ୍ୟପୁସ୍ତକ ଗୁଡ଼ିକ ଦଳୀୟ ରାଜନୀତି ଓ ସରକାରୀ ଚାପରୁ ସଂପୂର୍ଣ୍ଣ ଭାବେ ମୁକ୍ତ ରଖାଗଲା। କିନ୍ତୁ ସତୁରୀ ଦଶକ ବେଳୁ ଯେଭଳି ଭାବେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥା ଏନ୍‌ସିଆରଟିର ପୁସ୍ତକମାନଙ୍କରେ ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ଭର୍ତ୍ତି କରାଯାଇଥିଲା। ତା'ର ଏବେ ସଂଶୋଧନ କରାଯାଉ ଥିବାରୁ ଏକ ନିର୍ଦ୍ଦିଷ୍ଟବର୍ଗଙ୍କ ତରଫରୁ ଆପତ୍ତି ଉଠୁଛି। ଭାରତୀୟ ପରମ୍ପରା ଓ ସଂସ୍କୃତିକୁ କାହିଁକି ମହିମାମଣ୍ଡିତ କରାଯାଉଛି ବୋଲି ପ୍ରଶ୍ନ କରାଯାଉଛି। ପାଠ୍ୟପୁସ୍ତକ ମାନଙ୍କରେ ରାଜନୈତିକ ଆଗ୍ରହ ବା ଦୂରାଗ୍ରହ ଅବଶେଷରେ ଯେ ବିଦ୍ୟାର୍ଥୀମାନଙ୍କ ଶିଖିବା ପ୍ରକ୍ରିୟାକୁ ବାଧା ଦେଇଥାଏ, ଏହା କହିବା ନିଷ୍ପ୍ରୟୋଜନ। କିଛି ଦିନ ତଳେ ଏନ୍‌ସିଇଆରଟି ପୁସ୍ତକରୁ କିଛି ପାଠ ହଟାଯାଇଛି। ତାକୁନେଇ ବିବାଦ ସୃଷ୍ଟି ହୋଇଛି। କର୍ଣ୍ଣାଟକରେ ଆରଏସ୍‌ଏସ୍ ପ୍ରତିଷ୍ଠାତା ତଥା ସାଧୀନତା ସଂଗ୍ରାମୀ ହେଡଗେୱାର ସଂପର୍କିତ ଲେଖା ପାଠ୍ୟପୁସ୍ତକରୁ ହଟାଯିବା କାରଣରୁ ସେଠି ବି ଆପତ୍ତି ଉଠିଲାଣି।

କେବେ ବଳିରାମ ହେଡଗେୱାର ଓ ବୀର ସଭରକର ଆଦିଙ୍କ ସଂପର୍କରେ ପାଠ୍ୟପୁସ୍ତକରେ ଥିବା ବିଷୟ ବଦଳରେ ନେହରୁ, ସାବିତ୍ରୀବାଇ ଫୁଲେ, ଆମ୍ବେଦକର ଆଦିଙ୍କ ରଚନାକୁ ସାମିଲ କରାଯାଇଛି। ଏ ପ୍ରକାର ନିଷ୍ପତ୍ତି ଏବେକାର କର୍ଣ୍ଣାଟକ ସରକାର କଂଗ୍ରେସର ନିର୍ବାଚନ ଇସ୍ତାହାର ଅନୁସାରେ କରିଛି। ଏଭଳି ଘଟଣା ଅନ୍ୟ ରାଜ୍ୟମାନଙ୍କରେ ବି ଘଟୁଛି। ଏହା ପୂର୍ବରୁ ମଧ ଘଟିଛି। ଇଏ ଏବେକାର ପ୍ରବୃତ୍ତି ନୁହେଁ, ପିଲାଙ୍କୁ କ'ଣ ପଢ଼ାଯିବ, ତାହା ସ୍ଥିର କରାଯାଏ କିପରି ଭବିଷ୍ୟତ ଆମେ ଆମ ଦେଶର ଗଢ଼ିବାକୁ ଚାହୁଁଛୁ। ଆଗରୁ ମଧ ଶିକ୍ଷା କ୍ଷେତ୍ରରେ ଅନେକ ପ୍ରକାରର ବିସଙ୍ଗତି ସୃଷ୍ଟି ହୋଇଛି। ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ଦେଶରେ ପ୍ରଚଳିତ ହେବା ଦିନଠାରୁ ଯେତେ ଅଧିକ ପରିବାରର ପିଲାଙ୍କୁ ଶିକ୍ଷିତ କରିବାର ବ୍ୟବସ୍ଥା କରାହେଉଛି। ଶିକ୍ଷା ଅଧିକାର ମଧ ଆଇନତଃ ସ୍ୱୀକୃତି ଲାଭ କରିଛି। ତଥାପି ଦେଖାଯାଉଛି ଶିକ୍ଷା କ୍ଷେତ୍ରରେ ଗରିବ ପରିବାର ପିଲାମାନେ ଶିକ୍ଷାୟତନ ବାହାରେ ରହିଯାଉଛନ୍ତି, ଏ ଅବସ୍ଥାରେ ଯଦି ବିଭିନ୍ନ ସରକାର, ପାଠ୍ୟପୁସ୍ତକ ମାନଙ୍କରେ ନିଜର ନେତାମାନଙ୍କୁ ମହିମାମଣ୍ଡନ କରି ଚାଲିଛି ଓ ବିରୋଧୀ ପକ୍ଷର ମହାପୁରୁଷଙ୍କ ମାନମର୍ଦ୍ଦନ କରିବାରେ ଲାଗନ୍ତି, ତେବେ ଦେଶର ନୂଆ ପୀଢ଼ିର ଭିତ୍ତି କି ପ୍ରକାରର ତାହା ଅନୁମାନ କରାଯାଇପାରେ। ଓଡ଼ିଶାର ପାଠ୍ୟ ପୁସ୍ତକ ପ୍ରସ୍ତୁତକୁ ନଗଦ ଉଦାହରଣ ଭାବେ ନିଆଗଲେ ଜଣେ ଅନୁମାନ କରିପାରିବ।

ଯେବେ ବି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉଛି ତହିଁରେ ପାଠର ନିର୍ବାଚନ କଲାବେଳେ ତାହା ପିଲାଙ୍କ ବ୍ୟବହାରିକ ଓ କାର୍ଯ୍ୟ ଜୀବନ ଲାଗି କ'ଣ ଶିଖିପାରିବ ତାହା ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ତହିଁରେ ସମାଜ, ପରିବେଶ, ସଂସ୍କୃତି, ସଭ୍ୟତା, ମାନବିକ ମୂଲ୍ୟବୋଧ, ରାଜନୈତିକ ବ୍ୟବସ୍ଥା ଆଦି ଅନେକ କଥା ରହିଥାଏ। ତା' ଦ୍ୱାରା ପିଲାର କଳ୍ପନାଶୀଳତାର ବିକାଶ ଘଟିଥାଏ। ପୁସ୍ତକର ଉଦ୍ଦେଶ୍ୟ କେବଳ ଶିକ୍ଷିତ ବ୍ୟକ୍ତି ନୁହେଁ, ଦାୟିତ୍ୱ ସଂପନ୍ନ ନାଗରିକ ପ୍ରସ୍ତୁତ କରିବା। ପୁସ୍ତକକୁ ରାଜନୀତିର ପେଣ୍ଡୁଭାବେ ବ୍ୟବହାର କରିବା ଦ୍ୱାରା କ'ଣ ହାସଲ ହୋଇପାରିବ? ଶିକ୍ଷାରେ ଦଳମତ ରାଜନୀତି ପୂରାଇବା ଦ୍ୱାରା ପିଲାଙ୍କ ଭବିଷ୍ୟତ ମଙ୍ଗଳକର ହେଉନାହିଁ। ଯେଉଁଠି ବି କ୍ଷମତାସୀନ ଦଳ ନିଜର ନିହିତ ସ୍ୱାର୍ଥ ପାଠ୍ୟପୁସ୍ତକରେ ଭରି ଦେବାକୁ ଚାହେଁ, ତେବେ ତାହା ଏକ ବୋଝ ହୋଇଥାଏ, ବିଜ୍ଞାନର ପୋଥୀ ହୁଏ ନାହିଁ। ତେଣୁ ରାଜନୈତିକ ଦଳ ଓ ସରକାର ପିଲାଙ୍କ ପାଠ୍ୟପୁସ୍ତକ ଜରିଆରେ ନିଜର ମତକୁ ଲଦିଦେବା ଆଦୌ ଉଚିତ ନୁହେଁ। ❐❐

**—ଭର୍ତ୍ତୃହରି ମହତାବ**

## ଶ୍ରୀ ଶ୍ରୀ ଗୌର-ନିତାଇ

ଗୌଡ଼ୀୟ ବୈଷ୍ଣବ ଧର୍ମର ଆଦ୍ୟ ପ୍ରବର୍ତ୍ତକ ତଥା ପ୍ରଚାରକ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରାଚୀନ ମନ୍ଦିର, ବାଲେଶ୍ୱର ଜିଲ୍ଲା ସୋରୋ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରେ ଅବସ୍ଥିତ। ଶ୍ରୀ ଚୈତନ୍ୟ ମହାପ୍ରଭୁ ଯେତେବେଳେ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ ସେତେବେଳେ ତାଙ୍କ ସହିତ ତାଙ୍କର ପ୍ରିୟ ଶିଷ୍ୟ ନିତାଇ-ଗୌରାଙ୍ଗ ମଧ ନାମ ସଂକୀର୍ତ୍ତନ କରି କରି ତାଙ୍କ ସହିତ ଆସିଥିଲେ। ଶ୍ରୀ ଗୌରାଙ୍ଗ ଓ ଶ୍ରୀନିତ୍ୟାନନ୍ଦଙ୍କ ଅତି ସୁଠାମ ସାବଲୀଳା ଦାରୁମୂର୍ତ୍ତି ମନ୍ଦିରରେ ପୂଜା ପାଉଛନ୍ତି। ମଙ୍ଗଳପୁର ଗଡ଼ଜାତ ରାଜ୍ୟର ତତ୍କାଳୀନ ରାଜା ଏବଂ ଜମିଦାରଙ୍କ ପୃଷ୍ଠପୋଷକତାରେ ମନ୍ଦିରଟି ନିର୍ମିତ ହୋଇଥିବା ଜଣାଯାଏ। ଏହି ମନ୍ଦିରରେ ଆଣ୍ଠୁଆ ଗୋପାଳ, ରାଧାକୃଷ୍ଣ, ଶାଳଗ୍ରାମ ଆଦି ପାର୍ଶ୍ୱ ଦେବଦେବୀ ଭାବେ ଆସୀନହେବା ସହ ପୂଜା ପାଉଛନ୍ତି। ଶ୍ରୀମନ୍ଦିର ଶୈଳୀରେ ଭୋଗମଣ୍ଡପ, ଜଗମୋହନ, ନାଟମନ୍ଦିର ଆଦି ରହିଛି। ଏହି ମନ୍ଦିରକୁ ଶ୍ରୀ ଚୈତନ୍ୟ ନିତ୍ୟ ବୃନ୍ଦାବନ ଭାବେ ଆଖ୍ୟାୟିତ କରି ଏହି ଠାରେ କିଛି ଦିନ ଅବସ୍ଥାନ କରିବା ସହ ଏଠାରେ ଅନେକ ଧାର୍ମିକ କାର୍ଯ୍ୟକଳାପ ପ୍ରତିପାଦିତ କରିଥିଲେ। ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ଶ୍ରୀଚୈତନ୍ୟ ସନ୍ନ୍ୟାସ ହେବା ପରେ ନଦୀୟାରୁ ଶ୍ରୀକ୍ଷେତ୍ର ଅଭିମୁଖେ ପଦଯାତ୍ରା କରିଥିଲେ। ଏହି ସମୟରେ ସେ କିଛି କାଳ ମଙ୍ଗଳପୁର ଗଡ଼ରାଜ୍ୟର ତତ୍କାଳୀନ ଭୂୟାଁ ରାଜାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ। ସର୍ବଦା କୃଷ୍ଣ ପ୍ରେମରେ ବିଭୋର ଶ୍ରୀଚୈତନ୍ୟ ମଙ୍ଗଳପୁର ପରିତ୍ୟାଗ ପୂର୍ବରୁ ତାଙ୍କର କାଷ୍ଠ ପାଦୁକା ଏଠାରେ ଛାଡ଼ି ଚାଲିଯାଇଥିଲେ। ଏବେ ସେହି କାଷ୍ଠ ପାଦୁକା (କଠଉ) ସେଠାରେ ଥିବା ବୃନ୍ଦାବନରେ ପୂଜା ପାଉଛି। ଗୌଡ଼ିୟ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ଶ୍ରୀ ଚୈତନ୍ୟଙ୍କର ଏଠାକୁ ଆଗମନ ଓ କିଛି କାଳ ରହଣି ଆଦି ସମ୍ପର୍କରେ ଏଠାକାର ମନ୍ଦିରରୁ ସ୍ପଷ୍ଟ ସୂଚନା ମିଳେ। ତେବେ, ପରବର୍ତ୍ତୀ କାଳରେ ଏହି ସ୍ଥାନ ଗୌଡ଼ୀୟ ବୈଷ୍ଣବ ଧର୍ମର ଏକ ପ୍ରମୁଖ ତୀର୍ଥକ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିଲା।


ତ୍ରିନାଥ ଓଝା
ଭାଗବତ ଗାଦି ବଡ଼ଦାଣ୍ଡ,
ଧବଳେଶ୍ୱର ଗଡ଼ା, କଟକ
ମୋ:୯୨୩୮୬୦୨୮୨୫


# ଆମାଜନ୍ ଜଙ୍ଗଲରେ ଚାରି ଶିଶୁଙ୍କ ଚାଳିଶ ଦିନର ଜୀବନ ସଂଗ୍ରାମ

**ବିଷ୍ଣୁ ପ୍ରସାଦ ଦାସ**

ଆମାଜନ୍ ଜଙ୍ଗଲ ପୃଥିବୀର ସବୁଠାରୁ ବୃହତ ବର୍ଷା ବନ, ଏହା ଦକ୍ଷିଣ ଆମେରିକା ମହାଦେଶରେ ଅବସ୍ଥିତ। ଆମାଜନ ଜଙ୍ଗଲ ବୋଲିଭିଆ, ବ୍ରାଜିଲ, କଲମ୍ବିଆ, ଇକ୍ୱାଡ଼ାର, ଗୁଏନା, ପେରୁ, ସୁରିନାମ ଇତ୍ୟାଦି ଦେଶ ମଧ୍ୟରେ ଅବସ୍ଥିତ, ଏହାର ପରିସୀମା ୬.୭ ଲକ୍ଷ ବର୍ଗ କିଲୋମିଟର ପରିବ୍ୟାପ୍ତ। ଏହି ଜଙ୍ଗଲର ଭୟାବହତା ଶୁଣି ଅନେକ ଆଶ୍ଚର୍ଯ୍ୟ ହୋଇଯାନ୍ତି, ଅସଂଖ୍ୟ ଘଞ୍ଚ ବୃକ୍ଷ ସୂର୍ଯ୍ୟ କିରଣ ପାଇବା ପାଇଁ ପ୍ରତିଯୋଗିତା କରିଥାନ୍ତି, ତେଣୁ ଏଠାକାର ବୃକ୍ଷ ଖୁବ ଡେଙ୍ଗା ଏପରିକି ୨୫୦ ଫୁଟରୁ ୩୦୦ ଫୁଟ୍ ପର୍ଯ୍ୟନ୍ତ ଉଚ୍ଚତା ବିଶିଷ୍ଟ ବୃକ୍ଷରେ ପରିପୂର୍ଣ୍ଣ ଜଙ୍ଗଲର ଭୂମିରେ ସୂର୍ଯ୍ୟ କିରଣ ପଡ଼ିପାରେ ନାହିଁ। ଅସଂଖ୍ୟ ଜାତିର ପଶୁପକ୍ଷୀ, କୀଟ ପତଂଗ ସରୀସୃପରେ ପରିପୂର୍ଣ୍ଣ ଆମାଜନ ଜଙ୍ଗଲ ଆଜି ମଧ ଗବେଷକ, ପରିବେଶବିତ ତଥା ଅନୁସନ୍ଧାନୀଙ୍କ ପାଇଁ ଏକ କୁହେଳିକା ସଦୃଶ ରହି ଆସିଛି, ବିରାଟ ଆନାକୋଣ୍ଡା ସାପ, ଠାରୁ ଆରମ୍ଭ କରି ମାଂସାସୀ ବୃକ୍ଷ, ବିରାଟକାୟ ପିମ୍ପୁଡ଼ିତଥା ଆମାଜାନ ନଦୀର ଭୟାବହତା କଥା ଶୁଣିଲେ ଲୋମ ଟାଙ୍କୁରି ଉଠେ, ପୃଥିବୀରେ ଆବଶ୍ୟକ ହେଉଥିବା ଏକ ତୃତୀୟାଂଶ ଅମ୍ଳଜାନ ଏହି ଆମାଜନ ଜଙ୍ଗଲରୁ ମିଳିଥାଏ, ନିକଟ ଅତୀତରେ ଆମାଜନ ଜଙ୍ଗଲରେ ନିଆଁ ଲାଗିଯାଇଥିଲା ଏହା ପୃଥିବୀ ବାସିଙ୍କ ପାଇଁ ଏକ ଚିନ୍ତାର ବିଷୟ ଥିଲା। ଆମାଜନ ଜଙ୍ଗଲ ବିଷୟରେ ଏଇ କିଛିଦିନ ହେବ ଏକ ଆଶ୍ଚର୍ଯ୍ୟ କରିଦେବା ଭଳି ଖବର ବହୁଳ ଭାବେ ପ୍ରଚାରିତ ହେଉଛି, ଆସନ୍ତୁ ଏହି ବିଷୟରେ କିଛି ଆଲୋଚନା କରି ଜାଣିନେବା।

୨୦୨୩ ମସିହା ମଇ ମାସ ୧ ତାରିଖର କଥା ଏକ ଇଂଜିନ ବିଶିଷ୍ଟ ସେଶନା ଉଡ଼ାଜାହାଜରେ ଏକ ପରିବାର କଲମ୍ବିଆର ଆରକୁରା ଠାରୁ ସାନଜୋଶ ଡେଲ ଗୁଆଭି ପର୍ଯ୍ୟନ୍ତ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଜନିତ ଏକ ଦୁର୍ଘଟଣା ଘଟିଥିଲା, ବିମାନଟି ସେହି ସମୟରେ ଆମାଜନ୍ ଜଙ୍ଗଲ ଉପରେ ଦେଇ ଗତି କରୁଥିଲା। ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ ଆମାଜନର ଘଞ୍ଚ ଜଙ୍ଗଲ ମଧ୍ୟରେ ନିଖୋଜ ହୋଇଗଲା, ବିମାନ ବନ୍ଦରର ରାଡ଼ାରରୁ ବିମାନଟି ନିଖୋଜ ହୋଇଯିବା ପରେ କଲମ୍ବିଆ ସରକାରଙ୍କ ତରଫରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା, ବିମାନ ଚଳାଉଥିବା ପାଇଲଟ, ଜଣେ ମହିଳା, ଜଣେ ବୟସ୍କ ପୁରୁଷ ତଥା ମହିଳାଙ୍କର ଚାରିଜଣ ଶିଶୁ ସନ୍ତାନ ଯାତ୍ରୀ ଥିଲେ, ସେମାନେ ହେଲେ ୧୩ ବର୍ଷୀୟ ଲେସ୍ଲି ଜାକବ ଏମ୍ୟାର ମୁକୁଟୁଇ, ୯ ବର୍ଷୀୟ ଶେଲେନି ମୁକୁଟେଇ, ୪ ବର୍ଷୀୟ ଟିଆନ ରନକେ ମୁକୁଟେଇ ଏବଂ ୧ ବର୍ଷୀୟ ଶିଶୁ କ୍ରିଷ୍ଟନ ରନକେ ମୁକୁଟେଇ । ଅନେକ ଖୋଜାଖୋଜି ପରେ ବିମାନଟିର ପତ୍ତା ମିଳିନ'ଥିଲା ତେଣୁ ସମସ୍ତେ ଧରି ନେଇଥିଲେ କି ନିଶ୍ଚିତ ଭାବେ ସବୁ ଯାତ୍ରୀ ମୃତ । ତେବେବି' ଅନୁସନ୍ଧାନ ଜାରି ରହିଥିଲା ପ୍ରାୟ ଦୁଇ ସପ୍ତାହ ପରେ ବିମାନର ଭଗ୍ନାବଶେଷ ଉଦ୍ଧାରକାରୀ ଦଳଙ୍କ ଦୃଷ୍ଟି ଗୋଚର ହେଲା, ଅନେକ କଷ୍ଟ କରି ଉଦ୍ଧାରକାରୀ ଦଳ ସ୍ଥାନୀୟ ଅଧିବାସିଙ୍କ ସହାୟତା ତଥା ସନ୍ଧାନୀ କୁକୁର ସହିତ ଘଟଣା ସ୍ଥଳରେ ପହଂଚି ବିମାନର ଭଗ୍ନାବଶେଷ ମଧ୍ୟରୁ ତିନୋଟି ମୃତଦେହ ଉଦ୍ଧାର କରିଥିଲେ, ମୃତକମାନେ ହେଲେ ବିମାନର ପାଇଲଟ, ଜଣେ ବୟସ୍କ ବ୍ୟକ୍ତି ଏବଂ ଛୋଟ ଶିଶୁ ମାନଙ୍କ ମାତା । ସରକାରୀ ରେକର୍ଡ ଅନୁଯାଇ ସେହି ବିମାନରେ ଯାତ୍ରା କରୁଥିବା ବାକି ଚାରିଜଣ ଶିଶୁଙ୍କର କୌଣସି ଖବର ମିଳି ନ'ଥିଲା, ଅନେକେ ଭାବୁଥିଲେ ହୁଏତ ଏପରି ଭୟାବହ ଜଙ୍ଗଲ ମଧ୍ୟରେ ହିଂସ୍ର ଜନ୍ତୁ ମାନେ ଶିଶୁ ମାନଙ୍କୁ ଭକ୍ଷଣ କରିଥିବେ କିନ୍ତୁ ସେହିପରି ପ୍ରମାଣ କିଛି ମିଳିନ'ଥିଲା, କଲମ୍ବିଆର ୧୫୦ ଜଣ ସୈନିକ ତଥା ୨୦୦ ଜଣ ସ୍ୱେଚ୍ଛା ସେବକ ଉଦ୍ଧାରକାରୀ ଦଳ ଆଶା ନ' ହରାଇ ଚେଷ୍ଟା ଚଳାଇ ରଖିଲେ, ଆମାଜନ ପରି ବିରାଟ ଘଞ୍ଚ ଜଙ୍ଗଲ ଭିତରେ ଉଦ୍ଧାରକାରୀ ଦଳଙ୍କୁ ଚାଲିବା ମଧ କଷ୍ଟକର ହୋଇ ପଡୁଥିଲା ତେବେବି ସେମାନଙ୍କ ଆଶା ଥିଲାଯେ ସେମାନେ ନିଶ୍ଚିତ ଭାବେ ନିଖୋଜ ପିଲାଙ୍କ ସନ୍ଧାନ ପାଇବେ। ଉଦ୍ଧାରକାରୀ ଦଳରେ ୧୦ଟି ଜର୍ମାନ ସେଫର୍ଡ କୁକୁର ମଧ ସାମିଲ ହୋଇଥିଲେ ସେମାନେ ଦୁର୍ଘଟଣା ଘଟିଥିବା ସ୍ଥାନକୁ କେନ୍ଦ୍ରବିନ୍ଦୁ କରି ପ୍ରାୟ ୩୦୦ କିଲୋମିଟରର ପରିଧି ଭିତରେ ସନ୍ଧାନ କାର୍ଯ୍ୟ ଆରମ୍ଭ କରିଦେଲେ।

ଅନୁସନ୍ଧାନ କାରୀ ଦଳଙ୍କର ଅକ୍ଳାନ୍ତ ପରିଶ୍ରମର ଫଳ ଅବଶ୍ୟ ସେମାନଙ୍କୁ ମିଳିଲା । କିଛି ବାଟ ଗଲାପରେ ପିଲା ମାନଙ୍କର ପାଦ ଚିହ୍ନ ସେମାନେ ଦେଖିବାକୁ ପାଇଲେ, ତାହା ପରେ ସେମାନେ କିଛି ବଳକା ଖାଦ୍ୟ, ଗୋଟିଏ କଇଁଚି, କିଛି ହେୟାର ବ୍ୟାଣ୍ଡ, କିଛି ନାପକିନନ୍ ଦେଖିବାକୁ ପାଇଥିଲେ ସେମାନଙ୍କ ମନରେ ପିଲାମାନେ ଜୀବିତ ଥିବା କଥା ଉଙ୍କି ମାରୁଥିଲା, ତାହାପରେ ସେମାନେ ଆହୁରି ଉତ୍ସାହର ସହିତ ଅନୁସନ୍ଧାନ କାର୍ଯ୍ୟ ଚଳାଇ ରଖିଲେ ଦିନ ପରେ ରାତି, ରାତି ପରେ ଦିନ ବିତିଗଲା ସପ୍ତାହ ବିତିଗଲା ତଥାପି ଅନୁସନ୍ଧାନକାରୀ ଦଳ ଧର୍ଯ୍ୟର ସହିତ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥିଲେ, ବ୍ରିଗେଡିୟର ଜେନେରାଲ ପେଡ୍ରୋ ସେନସ୍‌ସ ପିଲାମାନେ ଜୀବିତ ଥିବା ବିଷୟରେ ନିଶ୍ଚିତ ଥିଲେ କାରଣ କୌଣସିଠାରେ ପିଲାମାନଙ୍କ ମୃତଦେହ ମିଳିନାହିଁ ଏବଂ ସେମାନେ ଜୀବିତ ଥିବାର ଅନେକ ପ୍ରମାଣ ରହିଛି। ତା'ଙ୍କ ନିର୍ଦ୍ଦେଶରେ ଜଙ୍ଗଲର ପ୍ରତିଟି ଇଞ୍ଚ ଖୋଜା ଚାଲିଲା କଲମ୍ବିଆ ସରକାରଙ୍କ ପାଇଁ ପିଲାଙ୍କ ଜୀବନ ଖୁବ ମୂଲ୍ୟବାନ ଥିଲା, ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ସାମରିକ ବାହିନୀ ରେଡ଼ିଓ (କଲମ୍ବିଆ) ଗର୍ଜି ଉଠିଲା ମୀରାକଲ, ମୀରାକଲ, ଏବଂ ମୀରାକଲ, ଏହାର ଅର୍ଥ ହେଲା ସାମରିକ ବାହିନୀ ଜଣାଇ ଦେଲା ଯେ, ନିଖୋଜ ହୋଇ ଯାଇଥିବା ଚାରିଜଣ ଶିଶୁ ଜୀବିତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି । ସାରା ବିଶ୍ୱରେ ଏହି ସମ୍ବାଦ ନିମିଷକ ମଧ୍ୟରେ ପ୍ରଚାରିତ ହୋଇଗଲା ଅନେକ କୋମଳ ହୃଦୟର ବ୍ୟକ୍ତିଙ୍କ ଚକ୍ଷୁରୁ ଖୁସିର ଅଶ୍ରୁ ବୋହିବାକୁ ଲାଗିଲା, ସମସ୍ତେ ସେଇ ଲୀଳାମୟ ଉପରୱାଲାଙ୍କୁ ପ୍ରଣାମ ଜଣାଇଲେ।

ସୃଷ୍ଟିର ଏକ ବିଚିତ୍ର ଚମତ୍କାର ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ, ଯେଉଁ ଜଙ୍ଗଲରେ ଏକ ଘଣ୍ଟା ବିତାଇବା କଷ୍ଟକର ବ୍ୟାପାର ସେଠାରେ ଦୀର୍ଘ ୪୦ ଦିନ ଧରି ୪ ଗୋଟି ଶିଶୁ ଏବଂ ତନ୍ମଧ୍ୟରୁ ଏକ ବର୍ଷର ଶିଶୁ କିପରି ନିଜକୁ ନିଜେ ବଞ୍ଚାଇ ରଖିଲେ ତାହା ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ହୋଇ ରହିଛି, କଥାରେ ଅଛି ରଖେ ହରି ତ' ମାରେ କିଏ? ତେବେ ସେହି ୪୦ ଦିନ ସେମାନଙ୍କ ପାଇଁ ଜୀବନ ବଞ୍ଚାଇବା ଏକ ଆହ୍ୱାନ ଥିଲା, ୧୩ ବର୍ଷୀୟ ଲେସ୍ଲି ଖୁବ ବୁଦ୍ଧିମତୀ ଥିଲା ସେ ଦୁର୍ଘଟଣା ଗ୍ରସ୍ତ ବିମାନ ମଧ୍ୟରୁ ସୁଟକେଶଟିଏ ବାହାର କରି ସେଥିରୁ ଗାମୁଛା, ଟେଣ୍ଟ, କ୍ୟାମ୍ପିଙ୍ଗ ସେଟ୍, ଟର୍ଚ୍ଚ ଲାଇଟ୍, ବ୍ୟାଟେରୀ, କିଛି ପଲିଥିନ୍, ଦୁଇଟା ମୋବାଇଲ୍ ଫୋନ୍, ବାଦ୍ୟ ଯନ୍ତ୍ର ବକ୍ସ, କିଛି ସୋଡ଼ା ବୋତଲ ଇତ୍ୟାଦି ନେଇ ନିଜ ଭାଇ ଭଉଣୀଙ୍କ ସହିତ ଆଗେଇ ଚାଲିଥିଲା ଆଶା ଥିଲା ଜଙ୍ଗଲ ପାରି ହୋଇ ଏକ ନିରାପଦ ଆଶ୍ରୟ ସ୍ଥଳ ପାଇବା, ନଦୀର ଜଳ, କିଛି ଜଙ୍ଗଲୀ ଫଳ, ଫୁଲ ଏବଂ କାଜୁ ଜାତୀୟ ଛତୁଆ ଖାଇ ନିଜ ସହିତ ନିଜର ଭାଇ ଭଉଣୀ ମାନଙ୍କର ଜୀବନ ବଞ୍ଚାଇ ପାରିଥିବା ଲେସ୍ଲି ଆଜି ଅନେକଙ୍କ ହୃଦୟରେ ସ୍ଥାନ ପାଇଛି । ସେମାନଙ୍କୁ ଠାବ କରାଯାଇଥିବା ସ୍ଥାନ ଏତେ ଘଞ୍ଚ ଜଙ୍ଗଲ ଥିଲାଯେ, ହେଲିକପ୍ଟର ଓହ୍ଲାଇବା ସମ୍ଭବ ନ'ଥିଲା, ତେଣୁ ଦୌଡ଼ି ସାହାଯ୍ୟରେ ଉଦ୍ଧାରକାରୀ ଦଳ ଯାଇ ସେମାନଙ୍କୁ ଏଆର ଲିଫ୍ଟ କରି ଆଣିଲେ, ତାଙ୍କର ବଂଚିବାର ଆଶା ଆଉ ଚେଷ୍ଟା ସେମାନଙ୍କୁ ମୃତ୍ୟୁର ଅନ୍ଧକାର ମଧ୍ୟରୁ ଟାଣି ଆଣି ନୂତନ ସୂର୍ଯ୍ୟର ଆଲୋକ ଦେଖାଇ ପାରିଲା। ସେମାନେ ସେହି ଜଙ୍ଗଲ ସମୀପବର୍ତ୍ତୀ ଅଂଚଳର ବାସିନ୍ଦା ତେଣୁ ସେମାନଙ୍କ ଠାରେ ପ୍ରାକୃତିକ ଶକ୍ତି ରହିଛି ତାହା ଛଡା ପ୍ରକୃତି ସେମାଙ୍କୁ ବଂଚିବାର ଅଲଗା ଏକ ପ୍ରେରଣା ଯୋଗାଇଛି। ସେମାନେ ବର୍ତ୍ତମାନ କଲମ୍ବିଆ ଦେଶର ବାଗୋଟା ସହରରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ, ଆମେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ ସେହି ୪ ଜଣ ଶିଶୁ ଖୁବ ଶୀଘ୍ର ସୁସ୍ଥ ହୋଇ ନିଜ ପରିବାରକୁ ଫେରି ଆସନ୍ତୁ । ବଂଚିବାର ଇଚ୍ଛା ଶକ୍ତି ତଥା ଚେଷ୍ଟା ଥିଲେ ନିଶ୍ଚିତ ଭାବେ ମଣିଷ ଯେ କୌଣସି ସ୍ଥାନରେ ବା ପରିସ୍ଥିତିରେ ନିଜକୁ ପ୍ରକୃତି ସହିତ ଖାପ ଖୁଆଇ ବଂଚି ପାରିବ ଏହା ଏଠାରେ ପ୍ରମାଣିତ ହୋଇଛି ।


'ସ୍ନେହ କୁଟୀର', ଝାଞ୍ଜିରୀ ମଙ୍ଗଳା,
କଟକ - ୭୫୩୦୦୯
ମୋ : ୯୯୩୭୧୭୪୦୯୭


# ବାପାଙ୍କ ଦୁଃଖର କାରଣ ନା ଆନନ୍ଦର କାରଣ !

**ଆଚାର୍ଯ୍ୟ ବ୍ରଜକାନ୍ତ ସିଂ**

ଆଜିର ପିତୃ ଦିବସରେ ସମସ୍ତ ବାପାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରେ। ପ୍ରତିବର୍ଷ ଜୁନ ମାସର ତୃତୀୟ ରବିବାରକୁ ପିତୃ ଦିବସ ଭାବରେ ପାଳନ କରାଯାଏ। ୧୯୧୦ ମସିହା ଜୁନ ୧୯ ତାରିଖ ତୃତୀୟ ରବିବାରରେ କୁମାରୀ ସୋନୋରା ସ୍ମାର୍ଟଙ୍କ ପଦକ୍ଷେପରେ ତାଙ୍କ ପିତା ୱିଲିୟମ ସ୍ମାର୍ଟଙ୍କ ସ୍ମୃତି ଉଦ୍ଦେଶରେ ପ୍ରଥମେ ଆମେରିକାରେ ପିତୃ ଦିବସ ପାଳନ କରାଯାଇଥିଲା। କାରଣ ସୋନୋରାଙ୍କ ମାଆଙ୍କ ମୃତ୍ୟୁ ପରେ ଛଅ ଜଣ ସାନ ପିଲାମାନଙ୍କୁ ତାଙ୍କ ବାପା ହିଁ ଯତ୍ନ ନେଇ ସେମାନଙ୍କୁ ପ୍ରତିପାଳନ କରି ବଢାଇଥିଲେ । ବାପାଙ୍କ ତ୍ୟାଗର ଜୀବନ ଓ ପିତୃତ୍ୱର ମହତ୍ତ୍ୱ ଏବଂ ବାପାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପିତୃ ଦିବସ ପାଳନ କରାଯାଇଥିଲା। ୧୯୭୨ ମସିହାରେ ଜୁନ ମାସର ତୃତୀୟ ରବିବାରକୁ ପିତୃ ଦିବସ ଏକ ଜାତୀୟ ଛୁଟି ଦିବସ ଭାବରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପ୍ରଦାନଠାରୁ ଆଜି ପର୍ଯ୍ୟନ୍ତ ଜୁନ ମାସର ତୃତୀୟ ରବିବାରକୁ ପିତୃ ଦିବସ ଭାବେ ପାଳନ କରାଯାଇଆସୁଅଛି । ଅନେକ ଦେଶ ମଧ ଏହି ଦିନରେ ପିତୃ ଦିବସ ଭାବେ ପାଳନ କରନ୍ତି ।

ପିତୃ ଦିବସ ବାପାଙ୍କ ସହିତ ପିଲା ଦିନର ଅନେକ ସ୍ମୃତିଗୁଡିକୁ ସ୍ମରଣ କରାଏ । ଏହା ସହ ବାପାଙ୍କର ତ୍ୟାଗର ଜୀବନ ନିମନ୍ତେ ତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ସୁଯୋଗ ଆଣେ ଏବଂ ତାହାଙ୍କ ଆହ୍ୱାନପୂର୍ଣ୍ଣ ଜୀବନ ଓ ପରିସ୍ଥିତିଗୁଡ଼ିକୁ ବୁଝିବାକୁ ସାହାଯ୍ୟ କରେ । ଯଦିବା ବାପାଙ୍କ ଋଣ କେବେ ଶୁଝି ହେବ ନାହିଁ କିନ୍ତୁ ବାପାଙ୍କୁ ଅନ୍ତତଃ କିଛି ଉପହାର ଦେବାର ସୁଯୋଗ ଆଣେ। ସେ ଆମ ପରିବାରର ମୁରବି ଓ ବାପା ଭାବେ ଆମକୁ ମଣିଷ କରିବା ପାଇଁ ସେ କେତେ ଯେ ତ୍ୟାଗର ଜୀବନ ବିତାନ୍ତି ! ସେ ଆମର ସ୍ୱପ୍ନ ପୂରଣ ଓ ସଫଳତା ପ୍ରାପ୍ତ ନିମନ୍ତେ ସର୍ବଦା ପରିଶ୍ରମ କରନ୍ତି। ସେ ଆମକୁ ଆରମଦାୟକରେ ରଖିବାକୁ ଚେଷ୍ଟା କରନ୍ତି। ସେ ଆମର ଖୁସି ନିମନ୍ତେ ତାଙ୍କର ଚିନ୍ତା ଓ ଭାବପ୍ରବଣତାକୁ ଆମଠାରେ ଲୁଚାନ୍ତି। ସେ ବିନା ଅଭିଯୋଗରେ ଆମ ପାଇଁ ସବୁ କିଛି କରିବାକୁ ପ୍ରସ୍ତୁତ।

ଅଧ୍ୟୟନରୁ ଜଣାପଡିଛି ଯେ, ଯେତେବେଳେ ବାପା ସ୍ନେହଶୀଳ ଓ ସହଯୋଗୀ ହୁଅନ୍ତି, ଏହା ତାଙ୍କ ପିଲାଙ୍କ ଜ୍ଞାନ ଏବଂ ସାମାଜିକ ବିକାଶରେ ବହୁତ ପ୍ରଭାବିତ କରିଥାଏ। ପୁଣି ଏକ ସାମଗ୍ରିକ ସୁସ୍ଥତା ଓ ଆତ୍ମବିଶ୍ୱାସ ଭାବନା ସୃଷ୍ଟି କରେ । ବାପା ପିଲାମାନଙ୍କ ମାଆଙ୍କ ପ୍ରତି ସମ୍ମାନ ଓ ଉତ୍ତମ ସମ୍ପର୍କ ଥିଲେ ତାହା ପିଲାମାନଙ୍କ ଉପରେ ଉତ୍ତମ ପ୍ରଭାବ ପକାଏ ଓ ସେମାନଙ୍କ ଭବିଷ୍ୟତ ଉତ୍ତମ ହୁଏ।

## ପିତୃ ଦିବସ ଉପଲକ୍ଷେ

ଉତ୍ତମ ବାପା ବା ପ୍ରଭାବଶାଳୀ ବାପାଙ୍କଠାରେ ମୁଖ୍ୟତଃ ଏହି ସବୁ ଗୁଣଗୁଡିକ ଥାଏ – ନିଜ ସ୍ତ୍ରୀ ଓ ପିଲାମାନଙ୍କ ସହିତ ଉତ୍ତମ ସମ୍ପର୍କ ଥାଏ, ସେମାନଙ୍କ ନିମନ୍ତେ ସମୟ ଦିଏ, ପରିବାରକୁ ପ୍ରତିପୋଷଣ କରେ, ଉପଯୁକ୍ତ ଭାବେ ପିଲାମାନଙ୍କୁ ଅନୁଶାସନ କରେ, ପରିବାରକୁ ସୁରକ୍ଷା ଦିଏ ଏବଂ ଏକ ସକାରାତ୍ମକ ଆଦର୍ଶ ବ୍ୟକ୍ତି ଭାବେ ସେବା କରେ । ବାପା ପିଲାମାନଙ୍କ ସହିତ ସମୟ କ୍ଷେପଣ କରିବା ଦ୍ୱାରା ମୁଖ୍ୟତଃ ତିନୋଟି ଫାଇଦା ରହିଛି। ପ୍ରଥମତଃ ସେମାନଙ୍କୁ ଉତ୍ତମ ଭାବେ ଜାଣିପାରିବେ – ସେମାନଙ୍କ ସୁଗୁଣ ଓ ଦୁର୍ଗୁଣ, ଭୟ ଓ ସାହସ, ସବଳ ଓ ଦୁର୍ବଳ ଇତ୍ୟାଦିଗୁଡ଼ିକୁ ଆବିଷ୍କାର କରିପାରିବେ। ଦ୍ୱିତୀୟ ହେଲା – ଭଲ ଭାବରେ ସେମାନଙ୍କୁ ଯତ୍ନ ନେଇପାରିବେ, ସ୍ନେହ ଦେଇ ପାରିବେ, ସେମାନକୁ ସଠିକ ମାର୍ଗ ଦେଖାଇପାରିବେ, ଅନୁଶାସନ କରିପାରିବେ ଇତ୍ୟାଦି। ତୃତୀୟ ଫାଇଦା ହେଲା – ପିଲାମାନେ ମଧ ପିତାମାତାଙ୍କଠାରୁ ପ୍ରେମର ସୂଚକ ସମୟକୁ ପ୍ରାୟତଃ ଦେଖିଥାନ୍ତି । ଅନେକେ ସ୍ୱୀକାର କରନ୍ତି ବାପା ପୁଅର ସୁପର ହିରୋ ଅଟନ୍ତି ଓ ଝିଅର ପ୍ରଥମ ପ୍ରେମ ଅଟନ୍ତି।

ବାଇବଲରେ ଲେଖାଅଛି ବାପାଙ୍କ ଉପଦେଶ ପିଲାମାନଙ୍କ ନିମନ୍ତେ ଅନୁଗ୍ରହଜନକ ଶିରୋଭୂଷଣ ଓ ଗଳଦେଶର ହାର ସ୍ୱରୂପ ଅଟେ । ଯିଏ ବାପାଙ୍କ ଅନୁଯୋଗ ଘେନେ, ସେ ବୁଦ୍ଧି ପ୍ରାପ୍ତ ହୁଏ । ବାପାଙ୍କ ଶାସନକୁ ହେଳା କଲେ ସେ ଅଜ୍ଞାନ ହୁଏ । ବାପାଙ୍କ ଶିକ୍ଷା ଓ ଉପଦେଶ ଆମକୁ ସଠିକ ପଥ ଦେଖାଏ, ଆମର ପ୍ରହରୀ ହୁଏ ଓ ମନ୍ଦତାରୁ ରକ୍ଷା କରେ। ତେବେ ଦୁଃଖର ବିଷୟ ଆଜି ଅନେକ ପିଲାମାନେ ବଡ ହେଲା ପରେ ବା ଚଳଣି ଭାଷାରେ ସେମାନଙ୍କଠାରେ ଡେଣା ଲାଗିଗଲେ, ଆଉ ପିତାମାତାଙ୍କୁ ମାନନ୍ତି ନାହିଁ, ଗାଳିଗୁଲଜ କରନ୍ତି, ଘରୁ ତଡି ଦିଅନ୍ତି, ବାପା କି ମାଆଙ୍କ ମହତ୍ତ୍ୱ ବୁଝନ୍ତି ନାହିଁ। ବାଇବଲରେ ଲେଖାଅଛି – ତୁମ୍ଭ ଜନ୍ମଦାତା ପିତାର କଥା ଶୁଣ ପୁଣି ମାତା ବୃଦ୍ଧା ହେଲେ, ତାହାକୁ ତୁଚ୍ଛ କର ନହିଁ । ଯେକେହି ଆପଣା ପିତା କିମ୍ବା ମାତାକୁ ପ୍ରହାର କରେ, ତାହାର ଅବଶ୍ୟ ପ୍ରାଣଦଣ୍ଡ ହେବ । ଯେ ଆପଣା ପିତାକୁ ପରିହାସ ଓ ମାତାକୁ ତୁଚ୍ଛବୋଧ କରେ ସେ ଅନ୍ଧକାରଗ୍ରସ୍ତ ହେବ । ଯେ ଆପଣା ପିତାର ଧନକୁ ନଷ୍ଟ କରେ, ପୁଣି ଆପଣା ମାତାକୁ ତଡି ଦିଏ, ସେ ଲଜ୍ୟାକର ଓ ଅପମାନଜନକ । ଜ୍ଞାନବାନ ପୁତ୍ର ପିତାର ଆନନ୍ଦ ଜନ୍ମାଏ, କିନ୍ତୁ ହୀନବୁଦ୍ଧି ପୁତ୍ର ତାହାର ମାତାର ଶୋକର କାରଣ । ଜ୍ଞାନୀ ପିତାର ଆହ୍ଲାଦ ଜନ୍ମାଏ; ମାତ୍ର ମୂର୍ଖ ଆପଣା ମାତାକୁ ତୁଚ୍ଛ କରେ । ହେ ପିଲାମାନେ ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ; କାରଣ ତାହା ଯଥାର୍ଥ । ଏହା ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା, ଯେପରି ତୁମ୍ଭର ମଙ୍ଗଳ ହେବ, ଆଉ ତୁମ୍ଭେ ପୃଥିବୀରେ ଦୀର୍ଘାୟୁ ହେବ । ପିତାମାତାଙ୍କ ଆଜ୍ଞାବହ ହେବା ଓ ସମାଦର କରିବା ପ୍ରଭୁଙ୍କ ସହଭାଗିତାରେ ସନ୍ତୋଷଜନକ ବ୍ୟବହାର ।

ବାସ୍ତବିକ ପିତୃ ଦିବସରେ ଆମେ ନିଜକୁ ସମୀକ୍ଷା କରି ନିଜକୁ ସଜାଡିବା ଆବଶ୍ୟକତା ରହିଛି ଯେ, ମୁଁ ମୋ ବାପାଙ୍କ ଆଜ୍ଞାବହ ନା ଅନାଜ୍ଞାବହ ? ବାପାଙ୍କୁ ସମାଦର କରେ ନା ଅସମାଦର କରେ ? ତାହାଙ୍କୁ ଦୁଃଖ ନା ଆନନ୍ଦ ଦେଉଅଛି ? ମୋ ଯୋଗୁଁ ବାପା ଆଜି ଗର୍ବିତ ନା ଲଜ୍ଜିତ ? ମୋ ଦ୍ୱାରା ବାପାଙ୍କ ଆଖିରେ ଦୁଃଖର ଲୁହ ନା ଖୁସି ଆନନ୍ଦର ଲୁହ ଝରୁଛି ? ବାପାଙ୍କ ଆଡକୁ ମୋ ହସ୍ତ ଆଜି ମୁଁ କିପରି ବଢାଉଛି – ସାହାଯ୍ୟ ପାଇବା ନିମନ୍ତେ ନା ସାହାଯ୍ୟ କରିବା ନିମନ୍ତେ ଏବଂ ପାଦ ଛୁଇଁବା ନିମନ୍ତେ ନା ପ୍ରହାର କରିବା ନିମନ୍ତେ ?


ସିଦ୍ଧି ବିହାର, ଭୁବନେଶ୍ୱର -୩୦
ମୋ. ୭୩୮୧୮୧୭୮୧୮


# ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର କାହିଁକି ?

**ଶରତ କୁମାର ରାଉତ**

ଭାରତୀୟ ରାଜନୀତିରେ ଅପରାଧ ଓ ଭ୍ରଷ୍ଟାଚାର ବହୁ ଅଧିକ ବଢି ଗଲାଣି। ଦେଶ ପାଇଁ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକର ବିକାଶ ଆଶା କରାଯାଉଥିଲା, ତାହା ଏବେ ସ୍ୱପ୍ନ। ସ୍ୱାଧୀନତାକୁ ନେଇ ବିକାଶର ଉଚ୍ଚ ପାହାଚ ପର୍ଯ୍ୟନ୍ତ ଗତି କରି ଆସିଥିବା ଭାରତୀୟ ଗଣତନ୍ତ୍ର କେତେକ ତଥାକଥିତ ରାଜନୀତିଜ୍ଞଙ୍କର ଅକ୍ତିଆରରେ ରହିଥିବାରୁ ଭାରତୀୟମାନେ ମଧ ଅନ୍ଧ ଭଳି ସେମାନଙ୍କୁ ସମର୍ଥନ କରିଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ଯେ, ଭାଷାବାଦ୍, ଆଂଚଳିକବାଦ୍, ଜାତିବାଦ୍, ଉଗ୍ରବାଦ୍, ଲିଙ୍ଗବାଦ୍, ନକ୍ସଲବାଦ୍, ଆଦି 'ବାଦ୍'ରେ ବିଭକ୍ତ ହୋଇ ଚାଲିଥିବା ଭାରତୀୟ ଜନତା ଏଇ ତଥାକଥିତ ଦେଶ ଭକ୍ତ ଓ ସ୍ୱାର୍ଥପର ନେତା ମାନଙ୍କ ଇଚ୍ଛାକୁ ସଫଳ କରି ଚାଲିଛନ୍ତି। ଗଣତନ୍ତ୍ରର ଦ୍ୱାହି ଦେଉଥିବା ଏହି ରାଜନୀତିଜ୍ଞମାନେ କେବେ ମଧ ସତ୍ୟକୁ ସ୍ୱୀକାର କରିବାର ନୈତିକତା ଅନୁଭବ କରି ନାହାନ୍ତି। ସତ୍ୟ ଉପରେ ଅସତ୍ୟକୁ, ଜନମତ ଉପରେ ନିଜର ରାଜନୀତିକ ସ୍ୱାର୍ଥର ବିଷବୃକ୍ଷ ରୋପଣ ଏହି ନେତା ମାନଙ୍କର ପ୍ରମୁଖ କାର୍ଯ୍ୟ ହୋଇଛି। କେନ୍ଦ୍ର ବା ରାଜ୍ୟ ସରକାର, କେହି ଜନମତକୁ ସ୍ୱୀକାର କରୁଥିବା ଦେଖାଯାଉନାହିଁ। ଗାଦିକୁ ଆସିବା ପରେ ସମସ୍ତେ ଜନମତକୁ ଭୁଲି ନିଜ ଇଚ୍ଛାରେ କାମ କରୁଛନ୍ତି।

ରାଜନୀତିକ ଦଳ ମାନଙ୍କ ଅପରାଧ ଲିପ୍ତତା ଓ ଭ୍ରଷ୍ଟାଚାର ଦ୍ରୁତ ଗତିରେ ବଢି ଚାଲିଛି। ସୁଶାସନ ଓ ଲୋକଙ୍କ ସେବା ଛାଡ଼ି କୌଣସି ପ୍ରକାରେ ନିର୍ବାଚନରେ ଜିତିବା ଓ ସରକାର ଗଠନ କରିବା ସମସ୍ତଙ୍କର ମୁଖ୍ୟ ଲକ୍ଷ୍ୟ ହେଲାଣି। ଭୋଟ୍ ପାଇଁ ନୋଟ୍ ବାଂଟିବା ତ ଭିନ୍ନ କଥା, ମାତ୍ର ନିର୍ବାଚନରେ ଜିତିବାକୁ ହିଂସା ଓ ହତ୍ୟାକାଣ୍ଡ ଭଳି ଅମାନବୀୟ ପନ୍ଥାର ଆଶ୍ରୟ ନେବା ଆମ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ସାଧାରଣ ନିର୍ବାଚନରେ ଭୋଟରଙ୍କ ଭୋଟ୍ କିଣାଯିବା ମାମୁଲି ଘଟଣା ହୋଇଥିଲା। ମାତ୍ର ଏବେ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ଜନପ୍ରତିନିଧି ମାନଙ୍କ ଭୋଟ୍ କୁ ମଧ୍ୟ କିଣା ଗଲାଣି। ନିଜ ଦଳର ପ୍ରାର୍ଥୀ ଜିତୁ ବୋଲି ଚାହିଁବା ସ୍ୱାଭାବିକ, ହେଲେ ଅଗଣତାନ୍ତ୍ରିକ ଭାବେ କ୍ଷମତା ଦଖଲ କରିବାକୁ କେହି ପଛାଉ ନାହାନ୍ତି। ସ୍ୱତଃସ୍ଫୂର୍ତ୍ତ ଭାବେ ମତଦାତା ମାନେ ନିଜ ଭୋଟ୍ ଦେବାର ଆନନ୍ଦ ଉପଭୋଗ କରିବାକୁ ରାଜନୀତିକ ଦଳ ମାନେ ସୁଯୋଗ ଦେଉ ନାହାନ୍ତି। ସେମାନେ ମତଦାତା ମାନଙ୍କ ପାଖରେ ପହଂଚି ବିଭିନ୍ନ ଉପହାର ବା ପ୍ରଲୋଭନ ଦେଖାଉଛନ୍ତି। ଆଉ ଏହି କଳାରେ ନିପୁଣ ଦଳକୁ ହିଁ ସର୍ବାଧିକ ଭୋଟ୍ ମିଳୁଛି। ଯେଉଁଥିପାଇଁ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମାନଙ୍କର ମତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଦୃଶ୍ୟ ହୋଇ ଚାଲିଛି। ଅନୁଶାସନର ସମସ୍ତ ମାପଦଣ୍ଡ ରାଜନୈତିକ ଦଳ ତଥା ନେତା ମାନଙ୍କ ଦ୍ୱାରା ଭଙ୍ଗା ଯାଉଛି। ନିଜର ସ୍ୱାର୍ଥରକ୍ଷା ପାଇଁ ଜନମତକୁ ଦମନ ସ୍ୱରୂପ ନିୟମ କାନୁନ୍ ତିଆରି କରାଯାଉଛି। ଦେଶର କୋଣେ କୋଣେ ଚାଲିଥିବା ଦଙ୍ଗା-ସଂଘର୍ଷର ନିଆଁ ନେତା ମାନଙ୍କର ହିଁ ଦାନ। ପ୍ରଶାସନିକ ଅରାଜକତା ଆଜି ଚରମ ସୀମାରେ ପହଂଚିଥିବା ଦେଖାଯାଇପାରେ। ପ୍ରଶାସନିକ ନିଷ୍ଠୁର କାର୍ଯ୍ୟ ପ୍ରଣାଳୀ ଭିତରେ ଜନତା ପେଷି ହୋଇ ଚାଲିଛି। ନେତା ଓ ପ୍ରଶାସନିକ ଅଧିକାରୀ ମାନେ ମିଳିମିଶି ସାଧାରଣ ପ୍ରଜାଙ୍କୁ ଶୋଷଣ କରି ଚାଲିଛନ୍ତି ଓ ନିଜର ଇଚ୍ଛାକୁ ଜବରଦସ୍ତି ସେମାନଙ୍କ ଉପରେ ଲଦୁଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣା ମାନ ସୀମା ଲଂଘନ ହେବାରେ ଲାଗିଛି। ଭାରତୀୟ ଗଣତନ୍ତ୍ର ଯେପରି ଆହତ ହୋଇ ଚିତ୍କାର କରୁଥିବା ଭଳି ମନେ ହେଉଛି। ସରଳ ଭାରତୀୟ ମାନଙ୍କର ଏକତାର ଭାବକୁ ଛିନ୍‌ଭିନ୍ କରି ବିଭିନ୍ନ ବର୍ଗରେ ବିଭକ୍ତ କରାଇ ପରସ୍ପର ଭିତରେ ଘୃଣା, ଦ୍ୱେଷ, ରକ୍ତପାତ, କଳହ ସୃଷ୍ଟି କରୁଥିବା ଏଇ ତଥାକଥିତ ନେତା ମାନଙ୍କୁ ସମୟ କ୍ଷମା ଦେବ କି ନାହିଁ, କେଜାଣି !

ଆଜି ଆମ ଦେଶର ନେତାମାନଙ୍କ ସଂକୀର୍ଣ୍ଣ ମାନସିକତାର ପରିଣତି ସ୍ୱରୂପ ଅନେକ ଅଂଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ଭୋଟ୍ ବ୍ୟାଙ୍କ ସୃଷ୍ଟି ପାଇଁ ଜାତୀୟତାର ଭାବ ଭୁଲି ଚାଲିଥିବା ନେତା ମାନଙ୍କର ସ୍ୱାର୍ଥ ପରାୟଣତା ପ୍ରଜାଙ୍କୁ ପୁଣି ପରାଧୀନତା ଆଡ଼କୁ ଠେଲି ନେଉଛି। ସବୁଠୁ ଦୁର୍ଭାଗ୍ୟର କଥା, ବର୍ତ୍ତମାନ ଦେଶରେ ବିଭିନ୍ନ "ବାଦ୍"ର ନିଆଁ ଉଗ୍ରରୂପ ଧାରଣ କରିଛି। ସଂପୂର୍ଣ୍ଣ ଘଟଣାର ସୃଷ୍ଟିକର୍ତ୍ତା ଏହି ତଥା କଥିତ ନେତା ମାନେ। ଏବେମଧ୍ୟ ଓଡ଼ିଶା ରାଜନୀତି ଓ ପ୍ରଶାସନତନ୍ତ୍ରକୁ ସରଗରମ କରି ରଖିଥିବା ଚିଟ୍‌ଫଣ୍ଡ ଠକେଇ, ଖଣି ଓ ପାଣି ଦୁର୍ନୀତି, ମନରେଗା ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଶିଥିଳତା ଓ ପିସି କାରବାର, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ମହିଳା ନିର୍ଯ୍ୟାତନା ଓ ନାବାଳିକା ଦୁଷ୍କର୍ମ ଭଳି ବିଭିନ୍ନ ପ୍ରସଙ୍ଗ ପାଇଁ ଦାୟୀ କେବଳ ପ୍ରଶାସନତନ୍ତ୍ର ଓ ତଥାକଥିତ ଭ୍ରଷ୍ଟ ନେତା ମାନେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶାରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ସାଧାରଣ ମଣିଷର ଆର୍ଥିକ ଉନ୍ନତି ହୋଇ ପାରୁ ନାହିଁ। ଧନୀ ଆଉରି ଧନୀ ଓ ଗରିବ ଆଉରି ଗରିବ ହୋଇ ଚାଲିଛି। କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ସରକାରୀ ଉନ୍ନୟନ ଯୋଜନା ଗୁଡ଼ିକର ଫାଇଦା ଅଗଣତାନ୍ତ୍ରିକ ଭାବେ ନିଜ ସମର୍ଥକ ଦଳୀୟ କର୍ମୀମାନଙ୍କୁ ବାଂଟିବାରେ ବ୍ୟସ୍ତ। କିଏ ଗରିବ ଓ କିଏ ଧନୀ, ଏଯାଏ ତାହାର ବାସ୍ତବ ମାପଦଣ୍ଡ ନିର୍ଦ୍ଧାରିତ ହୋଇ ପାରି ନାହିଁ କି ହେବାର ନାହିଁ। ହୁଏତ ଆମ ଦେଶରେ ଶାସନ କ୍ଷମତାରେ ରହିବାକୁ ହେଲେ ନୀତି ନୁହେଁ, ଅନୀତିକୁ ଆପଣେଇବାକୁ ହେବ। ସଚଳ ଗୋଷ୍ଠୀକୁ ସବୁ ଯୋଜନାର ଲାଭ ଦେଇ ଗରିବ ପ୍ରଜାଙ୍କୁ କେବଳ ଭୋଟ୍ ବେଳେ ସାମାନ୍ୟ ଉପହାର ଦେବାକୁ ହେବ। ଏହି ନୀତି ସମସ୍ତେ ଠିକ୍ ଭାବେ କାର୍ଯ୍ୟକାରୀ କରୁଥିବା ଦେଖା ଯାଉଛି। ୨୦୧୯ ନିର୍ବାଚନରେ ଏହା ମଧ୍ୟ ପ୍ରମାଣିତ ହୋଇଥିଲା। କେତେକ ବିଧାୟକ ଏବଂ ସାଂସଦ ନିଜ ଅଂଚଳରେ ଚାଲିଥିବା ଯୋଜନା ଓ ନିଜ ଉନ୍ନୟନ ପାଣ୍ଠିର ଅପବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟ ଜନପ୍ରତିନିଧି ମାନେ ନିଜ ଅଧୀନରେ କାର୍ଯ୍ୟକାରୀ ଯୋଜନା ବା ସରକାରୀ ସେବା ଯୋଗାଣ କାର୍ଯ୍ୟରୁ ନିଜ ନିଜର ଭାଗ ବା ପିସି ନେଉଥିବା ସାଧାରଣ ଘଟଣାରେ ପରିଣତ ହୋଇଛି। ଆଦିବାସୀ ଅଂଚଳରେ ଏହି ଅବସ୍ଥା ସାଂଘାତିକ। ସମସ୍ତେ ଆଦିବାସୀ ସ୍ୱାର୍ଥ ଲୁଟ୍‌ରେ ବ୍ୟସ୍ତ।

ଭାରତ ସର୍ବଦା ବିଶ୍ୱ ପରିବାର ଓ ବିଶ୍ୱ ଶାନ୍ତିର ଆହ୍ୱାନ ଦେଇ ଆସୁଛି। ମାତ୍ର ଏହି ଲକ୍ଷ୍ୟ ପ୍ରାପ୍ତି ପାଇଁ ଯେଉଁ ଭୂମିକାର ଆବଶ୍ୟକତା ଥିଲା ଓ ଅଛି, ସେ ସବୁ କାଳର କରାଳ ଗର୍ଭରେ ଛିନ୍‌ଭିନ୍ ହୋଇ ଚାଲିଛି ଓ ଏଥିପାଇଁ ସେହି ନେତାମାନେ ହିଁ ଦାୟୀ। ସୌଭାଗ୍ୟବଶତଃ ଭାରତୀୟ ବୈଜ୍ଞାନିକମାନେ ନିଜର ପ୍ରତିଭା ବଳରେ ଭାରତକୁ ବିଶ୍ୱନାୟକର ଭୂମିକା ଦେବାକୁ ସଙ୍କେତ ଦେଉଛନ୍ତି। ଏପରିକି ଭାରତ ବିଶ୍ୱ ବିଜୟ ଅଭିଯାନର ସଂକଳ୍ପ ସଂପୂର୍ଣ୍ଣ କରିନେଇଛି। ଅବଶ୍ୟ ବିଶ୍ୱବାସୀଙ୍କ ଚିନ୍ତାଧାରା ଅନୁଯାୟୀ ପାକିସ୍ତାନ ଓ ଚୀନ୍ ସହ ଆମର ଉତେଜନା ମୂଳକ ସଂପର୍କ ଦୁର୍ଭାଗ୍ୟଜନକ। ଅର୍ଥାତ୍ ଆମେ ସମସ୍ତଙ୍କୁ ହରେଇ ନିଜ ଠାରୁ ହାରୁଛେ। ତଥାପି ସବୁକିଛି ହରେଇ ଭାରତ ଚୀନ୍ ଓ ପାକିସ୍ତାନ ପ୍ରତି ଯେଭଳି ଧୈର୍ଯ୍ୟପୂର୍ବକ ବ୍ୟବହାରର ପରିଚୟ ପ୍ରଦାନ କରି ଚାଲିଛି, ତାହା ହିଁ ଶାଶ୍ୱତ ମୂଲ୍ୟ, ଯାହାକୁ ଦିନେନା ଦିନେ ବିଶ୍ୱବାସୀ ନିଶ୍ଚୟ ଗୁରୁତ୍ୱ ଦେବେ। ଭାରତୀୟ ଗଣତନ୍ତ୍ରକୁ ଏବେ କଠୋର ସତ୍ୟର ସପକ୍ଷବାଦୀ ହେବାକୁ ପଡିବ। ନଚେତ୍ ଜନମତ ଓ ଜନସ୍ୱାର୍ଥ ସହ ଖେଳୁଥିବା ଭ୍ରଷ୍ଟ ରାଜନୀତିଜ୍ଞ ମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ ନହିଁ। ଦେଶର ସୀମାନ୍ତ ଅଂଚଳରେ ଯେଭଳି ଅବସ୍ଥା ସୃଷ୍ଟି ହୋଇଛି ଓ ଦେଶ ଭିତରେ ନକ୍ସଲ୍ ଉତ୍ପାତ ଯେଭଳି ପ୍ରକାଣ୍ଡ କାୟା ବିସ୍ତାର କରି ଚାଲିଛି, ଗଣତନ୍ତ୍ରର ପୁନଃ ମୂଲ୍ୟାୟନର ଅନିବାର୍ଯ୍ୟ ଆବଶ୍ୟକତା ଅନୁଭୂତ ହେଉଛି। ଧୀରେ ଧୀରେ ଦେଶର କିଛି ଭ୍ରଷ୍ଟନେତା ମାନେ ଲୋକଲୋଚନକୁ ଆସିବା ନିଶ୍ଚିତ ମନେ ହେଉଛି। ବାସ୍ତବତା ହେଲା, ଦେଶରେ ଯେପର୍ଯ୍ୟନ୍ତ ମାଓବାଦ୍ ନିୟନ୍ତ୍ରଣ, ପଡ଼ୋଶୀ ରାଷ୍ଟ୍ର ମାନଙ୍କ ସହ ସୁସଂପର୍କ ସ୍ଥାପନ, ଦୁର୍ନୀତି, ଭ୍ରଷ୍ଟାଚାର, ବେଆଇନ କାର୍ଯ୍ୟ, ଶୋଷଣ ଆଦି ନିୟନ୍ତ୍ରଣ ହୋଇନାହିଁ ଓ ପ୍ରତ୍ୟେକ ନାଗରିକ ଆର୍ଥିକ ସ୍ୱାବଲମ୍ବୀ ନହୋଇଛନ୍ତି, ସେପର୍ଯ୍ୟନ୍ତ କୌଣସି ଦଳର ସରକାର ବା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶାସନକୁ ଭଲ ବୋଲି କୁହାଯାଇ ପାରିବ ନାହିଁ। ତଥାପି ସରକାରଙ୍କୁ କୌଣସି ପ୍ରକାର ଦେଶର ପବିତ୍ର ସମ୍ବିଧାନ ଓ ଗଣତନ୍ତ୍ରର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ହେବ।


ଓଡ଼ିଶା ନ୍ୟୁଜ୍ ସର୍ଭିସ,
ଭୁବନେଶ୍ୱର,
ମୋ-୯୩୩୭୭୩୬୯୪୪୮


## ସଂପାଦକଙ୍କୁ ପତ୍ର

### ସହିଦ ଲକ୍ଷ୍ମଣ ନାୟକ ପଡିଆକୁ ଲିଜ୍ ଦିଆଯାଇଥିବା ପଟ୍ଟା ରଦ୍ଦ କରିବାକୁ ଦାବି

ମହାଶୟ,

ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘ ତରଫରୁ ଜୟପୁର ଉପ ଜିଲାପାଳଙ୍କୁ ସହିଦ୍ ଲକ୍ଷ୍ମଣ ନାୟକ ପଡ଼ିଆ କୁନ୍ଦୁରା ତହସିଲ ଅନ୍ତର୍ଗତ ସାଗରଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପଡିଆକୁ ଲିଜ ପଟ୍ଟା ଆକାରରେ ଦିଆଯାଇଥିବା ଲୋକଙ୍କ ପଟ୍ଟାକୁ ରଦ୍ଦ କରାଯାଇ ଶହୀଦ ଲକ୍ଷ୍ମଣ ନାୟକ ମୁଳ ଅଧିବାସୀ ସଂଘ କୁନ୍ଦୁରା ନାମରେ ପଟ୍ଟା ପ୍ରଦାନ ନିମନ୍ତେ ସରକାରି ସ୍ତରରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଶହୀଦ ଲକ୍ଷ୍ମଣ ନାୟକ ମୁଳ ଅଧିବାସି ସଂଘ କୁନ୍ଦୁରା ସାଗର ଗୁଡାର କର୍ମକର୍ତ୍ତା, ସଦସ୍ୟ ମାନେ ଦାବି କରିଛନ୍ତି। କୁନ୍ଦୁରାରର ସାଗରଗୁଡା ସ୍ଥିତ ଲକ୍ଷ୍ମଣ ନାୟକ ପଡିଆ ଆଜିକୁ ୩୦ରୁ ୩୨ ବର୍ଷ ହେବ ସଂଗଠନର ଦଖଲରେ ଅଛି। ଉକ୍ତ ପଡିଆରେ ମହାତ୍ମାଗାନ୍ଧୀ ଆମ୍ବେଦକର ଓ ଶହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଏତତ ବ୍ୟତୀତ ଏହି ସ୍ଥାନରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁମିଆ ସମାଜ, ଭତରା ସମାଜ, କନ୍ଧ ସମାଜ,ପେଣ୍ଠିଆ ସମାଜ, ପରଜା ସମାଜ, ଦୁରୁଆ ସମାଜ, କମାର ସମାଜ, ରଣା ସମାଜ ସମାଜର ସମ୍ମିଳନି ପ୍ରତିବର୍ଷ ଏଠାରେ ଆୟୋଜନ ହେଉଛି। ଚୈତି ପରବ, ପୁଷ ପୁନି ଭେଟ ଘାଟ ଦିଆଳି ପରବ ଭେଟ ଘାଟ ଲକ୍ଷ୍ମଣ ନାୟକ ଜୟନ୍ତି ଭଳି କାର୍ଯ୍ୟକ୍ରମ ପାଳନ କରାଯାଉଛି । ବିଭିନ୍ନ ସମାଜର ବିକାଶ ପାଇ ଶିକ୍ଷା ସଂସ୍କୃତି ସମ୍ବନ୍ଧିୟ ଶିବର ଆୟୋଜନ ହୋଇଛି। ଏହି ପଡିଆକୁ କିଛି ଧନି ଶ୍ରେଣିର ଲୋକଙ୍କୁ ଲିଜ ପଟ୍ଟା ଆକାକରେ ଘର ଡିହ ପଟ୍ଟା ଦିଆଯାଇଛି । ଦିଆଯାଇଥିବା ଲିଜ ପଟ୍ଟାକୁ ରଦ୍ଦ କରାଯାଉ।


ସୌମ୍ୟରଞ୍ଜନ ସାହୁ
କୋରାପୁଟ, ଜୟପୁର

### ଖରାପ ଯୋଗୁଁ ପାନୀୟ ଜଳ ପ୍ରକଳ୍ପରୁ ଲୋକଙ୍କୁ ମିଳୁନି ପାଣି

# ମରାମତି କରୁନି ପ୍ରଶାସନ, ଠିକ୍ କରିବାକୁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ




ମାଲକାନଗିରି : ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଚାଲିଥିବା ବେଳେ ତାହା ପ୍ରାୟ ୧ ମାସ ଧରି ବନ୍ଦ ହୋଇ ପଡ଼ିଛି। ମରାମତି କରିବା ପାଇଁ ପ୍ରଶାସନ ନିକଟରେ ବାରମ୍ବାର କହିବା ପରେ ବି କେହି ଶୁଣୁନାହାନ୍ତି। ଗ୍ରାମବାସୀ ଚାନ୍ଦା କରି ଜେସିବି ଲଗାଇ ଗାତ ଖୋଳିଥିବା ବେଳେ ମଧ୍ୟ ଗ୍ରାମ୍ୟ ଜଳ ଯୋଗଣ ଓ ପରିମଳ ବିଭାଗ କର୍ମଚାରୀ ଆସିନଥିବା ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ପାଣ୍ଡ୍ରିପାଣି ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ବୋରିଙ୍ଗ୍ ସହ ପାଣି ଟାଙ୍କି ରହିଛି। ପାଣିଟାଙ୍କିରୁ ପାଣ୍ଡ୍ରିପାଣି ଗ୍ରାମ ସହିତ ଭାଲୁଗୁଡ଼ା ଓ ନୂଆଗୁଡ଼ା ଗ୍ରାମକୁ ପାଣି ପହଞ୍ଚିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଗତ ୧ ମାସ ଧରି ଏହି ପାଇପ ପାଣି ଗ୍ରାମବାସୀ ପାଇପାରୁନାହାନ୍ତି। ପାନୀୟ ଜଳ ପାଇଁ ଲୋକେ ଗାଁରେ ଥିବା କିଛି ନଳକୂପ ଉପରେ ନିର୍ଭର କରୁଛନ୍ତି। ଯାହାଫଳରେ ପାଣି ପାଇଁ ଲାଇନ ଲାଗୁଥିବାବେଳେ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ପୁଣି ସେହି ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଛି। ଏନେଇ ପାଇପକୁ ମରାମତି କରିବା ପାଇଁ ଗ୍ରାମବାସୀ ବ୍ଲକରେ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀକୁ ଜଣାଇଥିଲେ। ବାରମ୍ବାର କହିବା ପରେ ମଧ୍ୟ କେହି ଶୁଣିନଥିଲେ। ଗତ କିଛି ଦିନ ତଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଯନ୍ତ୍ରୀ ଆସି କେଉଁଠାରେ ଖରାପ ହୋଇଛି ତାହା ଚିହ୍ନଟ କରି ଯାଇଥିଲେ। ଶନିବାର ସକାଳୁ ଯନ୍ତ୍ରୀ ଓ କର୍ମଚାରୀ ମରାମତି କରିବା ପାଇଁ ଆସିବେ ବୋଲି କହିଥିଲେ। ଏନେଇ ଗ୍ରାମବାସୀ ଚାନ୍ଦା ଆଦାୟ କରି ଜେସିବି ଆଣି ଖରାପ ହୋଇଥିବା ସ୍ଥାନରେ ଗାତ ଖୋଳିଥିଲେ। ଦିନ ତମାମ ଅପେକ୍ଷା କରିଥିଲେ ମଧ୍ୟ କୌଣସି କର୍ମଚାରୀଙ୍କ ଦେଖାଦର୍ଶନ ନଥିଲା। ଲୋକେ ଶୁଦ୍ଧ ପାଣି ପିଇବା ପାଇଁ ଚାହିଁ ବସିଥିବା ବେଳେ ପ୍ରଶାସନ ଅଧିକାରୀଙ୍କୁ ଆନ୍ତରିକତା ରହୁନଥିବା ନେଇ ଗ୍ରାମବାସୀ କହିଛନ୍ତି।

### ଜମି ଅଧିଗ୍ରହଣକୁ ୧୦ ବର୍ଷ, ମିଳିଲାନି କ୍ଷତିପୂରଣ

# ଜୋର ଜବରଦସ୍ତ କେନାଲ ଖୋଳିଲା ଠିକାସଂସ୍ଥା



ହାଟଡିହି: ବୈତରଣୀ ନଦୀ ସଂଯୋଗୀକରଣ ଯୋଜନାରେ କେନାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ଜମି ମାଲିକଙ୍କୁ ଏଯାଏ ଉପଯୁକ୍ତ ପ୍ରାପ୍ୟ ମିଳିନଥିବା ବେଳେ ଏବେ ଜୋର ଜବରଦସ୍ତ ଠିକାଦାର ଉକ୍ତ ଜମିରେ କେନାଲ ଖୋଳୁଥିବାରୁ ଜମି ମାଲିକମାନେ ପ୍ରତିବାଦ କରିଛନ୍ତି। ହାଟଡିହି ବ୍ଲକ୍ ଅକରୁଆ ପଞ୍ଚାୟତ ଭାତକରୁଆ ଗ୍ରାମର ଭୀମସେନ ସେଠୀ, ନକୁଳ ସେଠୀ, ଅର୍ଜୁନ ସେଠୀ, ପାଣ୍ଡବ ଚରଣ ସେଠୀ, ଯୁଜା ସେଠୀଙ୍କ ଡିମିରିବନ୍ଦୀ ମୌଜାରେ ୮୦ ଡିସିମିଲ ଜମି ଥିଲା। ବୈତରଣୀ ନଦୀ ସଂଯୋଗୀକରଣ ଯୋଜନାରେ କେନାଲ ନିର୍ମାଣ ପାଇଁ ତାଙ୍କ ଜମି ଅଧିଗ୍ରହଣ ହୋଇଥିଲା। ଜମି ମାପଚୁପ କରିବା ପରେ ତାଙ୍କୁ ମାତ୍ର ୫୪ ହଜାର ଟଙ୍କା କ୍ଷତିପୂରଣ ମିଳିବ ?ବୋଲି ନୋଟିସ୍ ? ହୋଇଥିଲା। ତାଙ୍କର ଏହି ଦୋଫସଲି ଜମି ଅତ୍ୟନ୍ତ ମୂଲ୍ୟବାନ ହୋଇଥିବାବେଳେ ଏଥିରେ ଚାଷବାସ କରି ଜମି ମାଲିକମାନେ ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ସେମାନେ କ୍ଷତିପୂରଣ ରାଶି ଗ୍ରହଣ କରି ନଥିଲେ। ଏହାର ପୁନଃ ତର୍ଜମା କରି କ୍ଷତିପୂରଣ ଦେବାକୁ ସେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ କେହି ତାଙ୍କ ଅଭିଯୋଗ ଶୁଣିଲେ ନାହିଁ। ଗତ କିଛିଦିନ ହେବ ଠିକାସଂସ୍ଥା ଜୋର ଜବରଦସ୍ତ ତାଙ୍କ ଜମିରେ କେନାଲ ଖୋଳା ଜାରି ରଖିଛି। ଏନେଇ ଆଜି ଜମି ମାଲିକ ଭୀମସେନ ସେଠୀ, ଅର୍ଜୁନ ସେଠୀ, ନକୁଳ ସେଠୀ, ସହଦେବ ସେଠୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ଉପେନ୍ଦ୍ର ସେଠୀ, ରାଜେନ୍ଦ୍ର ନାରାୟଣ ସେଠୀ, ଚନ୍ଦ୍ରମଣି ସେଠୀ, ପରୀ ସେଠୀ, ସକ୍ଷୀ ସେଠୀ, ତପସ୍ୱିନୀ ସେଠୀ, ମାଳତୀ ସେଠୀ, ଜ୍ଞାନପ୍ରଭା ସେଠୀ, ମଳୟ ସେଠୀ, ହେମନ୍ତ ସେଠୀ, ପ୍ରଶାନ୍ତ ସେଠୀ, ରାଧାଶ୍ୟାମ ସେଠୀ ପ୍ରମୁଖ ନିଜ ଜମି ଉପରେ ଠିଆ ହୋଇ ଏହାର ପ୍ରତିବାଦ କରିଛନ୍ତି। ଜମି ବାବଦକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଜମି ମାଲିକମାନେ ଦାବି କରିଛନ୍ତି। ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନନେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଭୁବନେଶ୍ୱରର ବହୁ ମନ୍ଦିରରେ ଆର୍ଥିଂ ନାହିଁ, ବଜ୍ରପାତକୁ ଭୟ



ଭୁବନେଶ୍ୱର : ଏକାମ୍ର କ୍ଷେତ୍ରର ବହୁ ମନ୍ଦିରକୁ ଘାରିଛି ବଜ୍ରପାତ ଭୟ। ଆର୍ଥିଂ ବ୍ୟବସ୍ଥା ନଥିବାରୁ ବଜ୍ରପାତ ଯୋଗୁ ମନ୍ଦିରର ବ୍ୟାପକ କ୍ଷତି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପୂର୍ବରୁ ବହୁ ମନ୍ଦିରରେ ବଜ୍ରପାତଜନିତ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଥଚ ଦୀର୍ଘ ବର୍ଷ ଧରି ମନ୍ଦିରଗୁଡ଼ିକରେ ଆର୍ଥିଂ ବ୍ୟବସ୍ଥା ହୋଇପାରିନାହିଁ। ମିଳିଥିବା ସୂଚନାନୁସାରେ, ବାସୁଦେବ ମନ୍ଦିର, କପିଳେଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର, ନାଗେଶ୍ୱର ମନ୍ଦିର, ଗୋସାଗରେଶ୍ୱର ମନ୍ଦିର, ସୁକ୍ଷ୍ମେଶ୍ୱର ମନ୍ଦିର, ଡାକରା ବିଭୀଷଣେଶ୍ୱର ମନ୍ଦିର, ଉତ୍ତରେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନାହିଁ। ବଡ଼ କଥା ହେଉଛି, ଶ୍ରୀଲିଙ୍ଗରାଜ ମନ୍ଦିରକୁ ଛାଡ଼ିଦେଲେ ପରିସରରେ ଥିବା ଅନ୍ୟ ସବୁ ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ନାହିଁ। ପୂର୍ବରୁ ମୈତ୍ରେଶ୍ୱର ମନ୍ଦିର, ଜମେଶ୍ୱର ମନ୍ଦିର, ଶୁକଶାରି ମନ୍ଦିର, ରାଜାରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ଥିଲା। କିନ୍ତୁ ଏହି ମନ୍ଦିରଗୁଡ଼ିକରୁ କେହି ଦୁର୍ବୃତ୍ତ ଆର୍ଥିଂ ତାଡ଼ି ନେଇଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବୃତ୍ତମାନେ ଏଭଳି ସାହସ କରିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଥାଉକି, ୨୦୧୮ ଜୁଲାଇ ୩୦ ତାରିଖରେ ଶ୍ରୀଲିଙ୍ଗରାଜଙ୍କ ଭିଣୋଇ ଶ୍ରୀଜମେଶ୍ୱର ମନ୍ଦିର ଉପରେ ବଜ୍ରପାତ ହୋଇଥିଲା। ଫଳରେ ଦଧିନଉତିର ପଥର ଭାଙ୍ଗିଯିବା ସହ ପତାକା ପୋଡ଼ି ଯାଇଥିଲା। ଦଧିନଉତି ତଳେ ଥିବା ୪ଟି ସ୍ଥାନରେ ଅଙ୍ଗ ଶିଖର ଓ ରାହାପାଗ ଭାଙ୍ଗି ତଳେ ପଡ଼ିଥିଲା ଏବଂ ବହୁ ସ୍ଥାପତ୍ୟ ନଷ୍ଟ ହୋଇଯାଇଥିଲା। ସେହିଭଳି ସେଦିନ ଅନନ୍ତ ବାସୁଦେବ ମନ୍ଦିରରେ ବଜ୍ରପାତ ହୋଇଥିଲା ଓ ପତାକା ପୋଡ଼ି ଯାଇଥିଲା। ବଜ୍ରପାତ ଯୋଗୁ ସର୍ଟସର୍କିଟ୍ ? ହୋଇ ମନ୍ଦିରର ୱେୟାରିଂ ନଷ୍ଟ ହୋଇଥିଲା ଓ ବହୁ ବୈଦ୍ୟୁତିକ ଉପକରଣ ପୋଡ଼ି ଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ପୁରୁଣା ଭୁବନେଶ୍ୱରରେ ମୋଟ୍ ୧୯୯ଟି ମନ୍ଦିର ରହିଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ୨୪ଟି ମନ୍ଦିର ଥିବା ବେଳେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅଧୀନରେ ୧୨ଟି ମନ୍ଦିର ତଥା ଐତିହ୍ୟସ୍ଥଳ ରହିଛି। ସମସ୍ତ ଐତିହ୍ୟର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟୟ ହେଉଛି କୋଟି କୋଟି ଟଙ୍କା। ପରିତାପର କଥା, କୌଣସି ମନ୍ଦିରରେ ଆର୍ଥିଂ ବ୍ୟବସ୍ଥା ହୋଇନାହିଁ। ଏନେଇ ଏଏସ୍ଆଇ ଭୁବନେଶ୍ୱର ସଂଗ୍ରାହଧୀକ୍ଷକ କୁହନ୍ତି ଏକାମ୍ର କ୍ଷେତ୍ରର ବାସୁଦେବ ମନ୍ଦିର, ରାଜାରାଣୀ ମନ୍ଦିର, କପିଳେଶ୍ୱର ମନ୍ଦିର, ମୈତ୍ରେଶ୍ୱର, ଜମେଶ୍ୱର ମନ୍ଦିର ସମେତ ଅନେକ ମନ୍ଦିରର ଆର୍ଥିଂ ପାଇଁ ବଜେଟ୍ କରାଯାଇଛି। ଖୁବ୍ ଶୀଘ୍ର ଏଗୁଡ଼ିକରେ ଆର୍ଥିଂ ପାଇଁ ବ୍ୟବସ୍ଥା କରାଯିବ।



### ଜୟପୁର-ମାଲକାନଗିରି-ନବରଙ୍ଗପୁର ରେଳ ପ୍ରକଳ୍ପ

# ଅବଧି ସରିଲା, ସରୁନି ଜମି ଅଧିଗ୍ରହଣ



ଜୟପୁର : ଉପାନ୍ତ ଜିଲ୍ଲାରେ ପହଞ୍ଚିବ ରେଳ। ଦୁର୍ଗମ ଅଞ୍ଚଳର ବିକାଶ ହେବ। ଏହି ଲକ୍ଷ୍ୟନେଇ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂଆ ରେଳ ପ୍ରକଳ୍ପ ଘୋଷଣା କରିଥିଲେ ସରକାର। ଇତିମଧ୍ୟରେ ପ୍ରକଳ୍ପ ପାଇଁ ଧାର୍ଯ୍ୟ ହୋଇଥିବା ଅବଧି ସରିଛି। ହେଲେ, ଇ ?ଞ୍ଚେ ବି ଜମି ଅଧିଗ୍ରହଣ ସରିପାରିନି। ୭ବର୍ଷ ମଧ୍ୟରେ ୮ ଭୂଅର୍ଜନ ଅଧିକାରୀଙ୍କ ବଦଳି ଯୋଗୁ ଦୁଇ ଉପାନ୍ତ ଜିଲ୍ଲାବାସୀ କେବେ ରେଳ ଦେଖିବେ ତାକୁ ନେଇ ସନ୍ଦିହାନ୍। 'ରେଳ ବ ?ଢ଼େ ଦେଶ ବଢ଼େ' ନାରାଦେଇ ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିର ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିଲା ରେଳ ମନ୍ତ୍ରାଳୟ। ଏଥିପାଇଁ ୨୦୧୬ ଅକ୍ଟୋବର ୧୧ତାରିଖରେ ରେଳ ବିଭାଗ-ରାଜ୍ୟ ସଡ଼କ ପରିବହନ ବିଭାଗ ମଧ୍ୟରେ ଚୁକ୍ତି ହୋଇଥିଲା। ମାଗଣା ଜମି ସାଙ୍ଗକୁ ରାଜ୍ୟ ସରକାର ପ୍ରକଳ୍ପର ଅଧା ଖର୍ଚ୍ଚ ପାଇଁ ରାଜି ହୋଇଥିଲେ। ଫଳରେ, ନବରରଙ୍ଗପୁର ପାଇଁ ୭୫୦ ଏବଂ ମାଲକାନଗିରି ପାଇଁ ୨୭୦୦ କୋଟିର ଖର୍ଚ୍ଚ ଆକଳନ ହେଲା। ୨୦୧୬-୧୭ ରେଳ ବଜେଟରୁ ଆରମ୍ଭ ହେଲା ଅନୁଦାନ ଆସିବା। ୨୦୧୭-୧୮ ବଜେଟରେ ମାଲକାନଗିରି ପାଇଁ ୭୯ କୋଟି, ନବରରଙ୍ଗପୁରକୁ ୨୭୫ କୋଟି, ୨୦୧୮-୧୯ରେ ମାଲକାନଗିରି ପାଇଁ ୯୫ କୋଟି, ନବରଙ୍ଗପୁର ପାଇଁ ୧୯ କୋଟି, ୨୦୧୯-୨୦ରେ ମାଲକାନଗିରି ପାଇଁ ୭୦ କୋଟି, ନବରର୍ଙ୍ଗପୁର ପାଇଁ ୧୦ କୋଟି, ୨୦୨୦-୨୧ରେ ମାଲକାନଗିରି ପାଇଁ ୩୩ କୋଟି, ନବରଙ୍ଗପୁର ପାଇଁ ୨୦ କୋଟି, ୨୦୨୧-୨୨ରେ ମାଲକାନଗିରି ପାଇଁ ୨୮କୋଟି, ନବରରଙ୍ଗପୁର ପାଇଁ ୧୫.୧ କୋଟି, ୨୦୨୨-୨୩ରେ ଜୟପୁର-ମାଲକାନଗିରି ପାଇଁ ୧୩.୮ କୋଟି ସାଙ୍ଗକୁ ଜୟପୁର-ନବରଙ୍ଗପୁର ପାଇଁ ଘୋଷଣା ହେଲା ୮୧ କୋଟି। କିନ୍ତୁ, ଜମି ଅଧିଗ୍ରହଣ ସରିନଥିବାରୁ ଏହି ସବୁ ଅର୍ଥ କେବଳ ରହିଲା କାଗଜ କଲମରେ।

୨୦୧୭ ମସିହାରେ ରାଜ୍ୟ ସରକାର ପ୍ରଥମେ ଅବସରପ୍ରାପ୍ତ ଓଏଏସ୍ ଭୀମମାନ ସେଠଙ୍କୁ ଭୂଅର୍ଜନ ଅଧିକାରୀ ଭାବେ ନିଯୁକ୍ତି ଦେଲେ। କିନ୍ତୁ, କାର୍ଯ୍ୟାଳୟ ପାଇଁ ସରକାରୀ କୋଠା ନ ମିଳିବାରୁ ଭଡ଼ାଘରେ ଚାଲିଲା ଅଫିସ୍। ଆବଶ୍ୟକ ଅନୁସାରେ କର୍ମଚାରୀ ମଧ୍ୟ ନ ମିଳିବାରୁ ବର୍ଷେ ନ ପୂରୁଣୁ କାମଛାଡ଼ି ଚାଲିଗଲେ ଶ୍ରୀ ସେଠ୍। ଦ୍ୱିତୀୟରେ ପ୍ରକଳ୍ପର ଦାୟିତ୍ୱ ନେଲେ ଅବସରପ୍ରାପ୍ତ ଓଏଏସ୍ ନିରୋଦ କୁମାର ବେହେରା। ଶ୍ରୀ ବେହେରାଙ୍କୁ ନବରଙ୍ଗପୁର, ମାଲକାନଗିରି ସହ ଆଉ ୩ ରେଳ ପ୍ରକଳ୍ପ ଲାଞ୍ଜିଗଡ-ଜୁନାଗଡ଼, ଟିଟିଲାଗଡ଼-ବଲାଙ୍ଗୀର, ବିଜୟନଗର-ଟିଟିଲାଗଡ ତୃତୀୟ ଲାଇନ କାମ ନ୍ୟସ୍ତ କରାଯାଇଥିଲା। ଅଢ଼େଇ ବର୍ଷ ଦାୟିତ୍ୱରେ ରହିବା ସତ୍ତ୍ୱେ ୩ଥର ମଧ୍ୟ ଆସି ପାରିଲେ ନାହିଁ ମାଲକାନଗିରି। ଫଳରେ ଜୟପୁର ଉପଜିଲ୍ଲାପାଳ ଲୋକନାଥ ଦଳବେହେରା, ନବରଙ୍ଗପୁର ଉପଜିଲ୍ଲାପାଳ ଭାସ୍କର ରଇତ, ମାଲକାନଗିରି ଉପଜିଲ୍ଲାପାଳ ସୌମ୍ୟରଂଜନ ସାହୁଙ୍କୁ ଆଗ ପଛ ହୋଇ ସରକାର ଦାୟିତ୍ୱ ଦେଲେ। କିନ୍ତୁ, କିଏ ମାସେ ତ କିଏ ଦୁଇ ମାସ ରହି ଦାୟିତ୍ୱ ଛାଡ଼ିଦେଲେ। ପରେ ଏହି ଦାୟିତ୍ୱ ତତ୍କାଳୀନ ଜୟପୁର ଉପଜିଲ୍ଲାପାଳ ଆଇଏଏସ୍ ହେମକାନ୍ତ ସଏଙ୍କୁ ଦିଆଯାଇଥିଲା। ଶ୍ରୀ ସଏ ବର୍ଷେ ରହିଲେ, ହେଲେ କିଛି ପରିବର୍ତ୍ତନ ହୋଇନଥିଲା। ଓଏଏସ୍, ଆଇଏଏସ୍ ?ଙ୍କ ପରେ ଓଆରଏସ୍ ଅମୂଲ୍ୟ କୁମାର ସାହୁଙ୍କୁ ଦାୟିତ୍ୱ ମିଳିଲା। ଦାୟିତ୍ୱର ୮ମାସ ମଧ୍ୟରେ ଜମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବାରେ ସକ୍ଷମ ହେଲେ ଶ୍ରୀ ସାହୁ। ପୂର୍ବରୁ ଶ୍ରୀ ସାହୁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପରେ ନୟାଗଡ, ଖୋର୍ଦ୍ଧା, ବୌଦ୍ଧ ଜିଲ୍ଲାରେ କାମ କରିଥିବାରୁ ଅଭିଜ୍ଞତା ଖଟାଇ କାମ ଆଗେଇ ନେଲେ। ହେଲେ, ହଠାତ୍ ତାଙ୍କର ବଦଳି ହେଲା। ଶେଷରେ, ଜୟପୁର ବିଡିଓ ଓଏଏସ୍ ସୂରଜ କୁମାର ପଟ୍ଟନାୟକଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି ସରକାର।

# ଦିନରେ ଲାଗୁଛି ଲାଇଟ୍, ରାତିରେ ଫୁସ୍



ଜୟପୁର: ପୌରପାଳିକାର ବହୁ ଅଂଚଳରେ ଦିନ ତମାମ ଷ୍ଟ୍ରିଟ୍ ଲାଇଟ୍ ଲାଗି ରହୁଥିବା ବେଳେ ରାତିରେ ଦେଖିବା ବେଳକୁ ଫୁସ୍। ଜୟନଗର ଛକରୁ ଗ୍ଲୋବାଲ ମେଡିକାଲ ଯିବା ପର୍ଯ୍ୟନ୍ତ, ଆକାଶବାଣୀ କେନ୍ଦ୍ରରୁ ଲେକ୍ ପ୍ଲେସିଡ୍, ବେଲରୋଡ ଛକରୁ ଗାନ୍ଧୀଛକ ପର୍ଯ୍ୟନ୍ତ ଲାଇଟ୍ ଗୁଡିକ ଦିନ ତମାମ ଲାଗି ରହିଥିବା ଦେଖିବାକୁ ମିଳିଛି। ଗତ ତିନି ଦିନ ହେବ ଦିନରେ ଏହି ଅଂଚଳ ଗୁଡିକରେ ଲାଇଟ୍ ଲାଗି ରହୁଥିବା ବେଳେ ରାତିରେ ଆଉ ଲାଗୁ ନାହିଁ। ସେଭଳି ସହରର ହାର୍ଟ ଭାବେ ପରିଚିତ ପାରାବେଡ଼ା ଅଂଚଳର କଥା ନ କହିବା ଭଲ। ସତ୍ୟ ଅଧିକାରୀ ଛକରୁ ବ୍ଲକ ଅଫିସ୍ ଛକ, ମ୍ୟୁଜିକ ସ୍କୁଲ ଛକରୁ ସନ୍ତୋଷୀ ମା ଛକ, ଶ୍ରୀମା ଓଶ୍ରୀଅରବିନ୍ଦ ମନ୍ଦିର ପଛ ପାର୍ଶ୍ୱରେ ରାତିରେ ଲାଇଟ୍ ଗୁଡିକ ଲାଗୁ ନଥିବା ଦେଖିବାକୁ ମିଳିଛି। ଏପରିକି ଅଭିଯୋଗ କରିବା ସତ୍ତ୍ୱେ ବି ଏହାକୁ କିଭଳି ସଜାଡା ଯାଇ ହେବ ସେ ଦିଗରେ ଠିକା ନେଇଥିବା ସଂସ୍ଥା ଚୁପ ହୋଇ ବସି ପଡ଼ିଛି। ଏପରିକି ଷ୍ଟ୍ରିଟ୍ ଲାଇଟ୍ ରାତିରେ ଲାଗୁନଥିବାରୁ ଅନ୍ଧାରର ସୁଯୋଗ ନେଇ ଟ୍ୟୁସନ୍, କୋଚିଂ ସେଣ୍ଟର ଆଦିରୁ ଘରକୁ ଫେରୁଥିବା ଝିଅଙ୍କୁ ଅସମାଜିକ ମାନେ ହଇରାଣ ହରକତ ବି କରିବା, ଦୁର୍ବୃତ୍ତ ମାନେ ବାଇକ୍ ଓ ଘରୋଇ ସାମଗ୍ରୀ ଆଦି ଚୋରି କରି ନେବା ବି ଜାରୀ ରହିଛି। ସହରର ୫ହଜାର ଲାଇଟରୁ ୧୩୧୪ଲାଇଟ୍ ଚୋରୀ ହୋଇଥିବା ବେଳେ ଠିକାସଂସ୍ଥା ଇଇଏସଏଲ୍ ନୂଆ ଲାଇଟ୍ ବି ଲଗାଉନି। ଦିନରେ ଲାଇଟ୍ ଲାଗି ରହିବା ଫଳରେ ବିଦ୍ୟୁତ ଦେୟ ବି ପୌରପାଳିକାକୁ ପ୍ରତିମାସରେ ୫ହଜାରରୁ ୧୦ହଜାର ଅଧିକା ଆସୁଛି। ତେବେ ଏହି ଅଧିକା ଦେୟ ପାଇଁ କିଏ ଉତ୍ତରଦାୟୀ। ପୌରପ୍ରଶାସନ ତୁରନ୍ତ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଅନୁଗୁଳ ବନଖଣ୍ଡର ବୃକ୍ଷରୋପଣ ନୀତି

# ୧୬ ହଜାର ଚାରା ପାଇଁ ବଳିପଡ଼ିଲା ୨୫ ଏକର ଜଙ୍ଗଲ ବୃକ୍ଷ





ଅନୁଗୁଳ : ବୃକ୍ଷରୋପଣ ପାଇଁ ସଂରକ୍ଷିତ ଜଙ୍ଗଲକୁ କରିଦେଲେ ସଫା। ୧୬ହଜାର ଗଛ ଲଗାଇବେ ବୋଲି କାଟି ପଦା କରିଦେଲେ ୨୫ଏକର ପୁରୁଣା ଜଙ୍ଗଲ। ଅନୁଗୁଳ ସହର ଉପକଣ୍ଠ କୁଇଓ ସଂରକ୍ଷିତ ଜଙ୍ଗଲରେ ଅନୁଗୁଳ ବନଖଣ୍ଡର ଏପ୍ରକାର କାର୍ଯ୍ୟ ପରିବେଶପ୍ରେମୀଙ୍କୁ କେବଳ ତାଜୁବ୍ କରିନାହିଁ, ବରଂ ଜଙ୍ଗଲ ପାଇଁ ଅନୁଗୁଳ ବନଖଣ୍ଡ ବାସ୍ତବରେ କ'ଣ ସବୁ କାମ କରୁଛି, ତାହା ବି ପଦାରେ ପଡ଼ିଛି।

ସୂଚନା ମୁତାବକ, ଯେଉଁ ଜଙ୍ଗଲ କଟାଯାଇଛି ତାହା ହେଉଛି କୁଇଓ ସଂରକ୍ଷିତ ଜଙ୍ଗଲର କାଉଁଶିତଇଲା ବନ ସୁରକ୍ଷା ସମିତି ଅଧୀନସ୍ଥ ଅଞ୍ଚଳ। ଏ ଜଙ୍ଗଲର ବିଶେଷତ୍ୱ ହେଉଛି ଏହାର ଶାଳବଣ। ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲା ମୁଖ୍ୟାଳୟଠାରୁ ମାତ୍ର ଅନତି ଦୂରରେ ଥିବା ଏହି ପୁରୁଣା ଜଙ୍ଗଲର ଭୂମିକା ପରିବେଶ ସୁରକ୍ଷା ଦିଗରେ ବି କିଛି କମ୍ ନୁହେଁ। ତେଣୁ, ସରକାର ସ୍ଥାନୀୟ ଅଞ୍ଚଳର ଜଙ୍ଗଲକୁ ସଂରକ୍ଷିତ ମାନ୍ୟତା ଦେଇଥିବା ବେଳେ ତାହାର ସୁରକ୍ଷା ଦାୟିତ୍ୱ କୁଇଓ ଏବଂ କାଉଁଶିତଇଲା ବନ ସୁରକ୍ଷା ସମିତି ହାତରେ ଦେଇଛନ୍ତି। କାଉଁଶିତଇଲା ବନ ସୁରକ୍ଷା ସମିତି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛି। ଏ ଜଙ୍ଗଲରେ ମଧ୍ୟ ବହୁବର୍ଷ ତଳର ଶାଳବଣ ବି ରହିଛି। ଗତ ତିନିମାସ ତଳେ ଅନୁଗୁଳ ବନାଞ୍ଚଳ ଏହି ସଂରକ୍ଷିତ ଜଙ୍ଗଲରେ ହାତ ମାରିଛି। ବନ ସୁରକ୍ଷା ସମିତିର ଆପତ୍ତି ସତ୍ତ୍ୱେ ବନ ବିଭାଗ ମୂଳିଆ ଲଗାଇ ସ୍ଥାନୀୟ ଜଙ୍ଗଲର ପ୍ରାୟ ୨୫ଏକର ଜାଗାରୁ ଗଛ ସବୁ କାଟି ସଫା କରି ଦେଇଛି। ଜଙ୍ଗଲ ସଫାରେ ହଜାର ହଜାର ଗଛ ସବୁ ବଳି ପଡ଼ିଛି।

ଏପ୍ରକାର ନିଷ୍ପତ୍ତି ସପକ୍ଷରେ ଯୁକ୍ତି ବାଢ଼ିଛି ବନ ବିଭାଗ। ସ୍ଥାନୀୟ ଫରେଷ୍ଟର ହରମୋହନ ପ୍ରଧାନ କହିଛନ୍ତି, ଏ ଜାଗା ସଂରକ୍ଷିତ ଜଙ୍ଗଲ ହୋଇଥିଲେ ହେଁ ଏହା ପତିତ ଜଙ୍ଗଲ। ଏହାର ମାଟି ପଥୁରିଆ ଅଛି। ତେଣୁ, ଏଠି ଗଛ ବଢୁନି। ସେଥିପାଇଁ କାମ୍ପା ଯୋଜନାରେ ୧୬ ହଜାର ନୂଆ ଗଛ ଲଗାଇବା ପାଇଁ ଏବର୍ଷ ଯୋଜନା କରାଯାଇଛି। ଗଛ ଲଗାଇଲା ପରେ ତାର ସ୍ୱତନ୍ତ୍ର ଯତ୍ନ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। କିନ୍ତୁ, ଏଠି ପ୍ରଶ୍ନ ଉଠୁଛି, ଯଦି ମାଟିରେ ଗଛ ବଢୁନି, ତେବେ ନୂଆ ଚାରା ବଢ଼ିବ କେମିତି ଯଦି ନୂଆ ଚାରା ଲଗାଇଲା ପରେ ତାର ସ୍ୱତନ୍ତ୍ର ଯତ୍ନ ବ୍ୟବସ୍ଥା କରିବାକୁ ବନ ବିଭାଗ ଅଣ୍ଟା ଭିଡୁଛି। ତେବେ ବର୍ଷ ବର୍ଷ ହେଲା ମାଟିରେ ଠିଆ ହୋଇଥିବା ଗଛ ପ୍ରତି ସେତିକି ଯତ୍ନ ନିଆଯାଇଥିଲେ କ'ଣ ଅସୁବିଧା ହୋଇଥା'ନ୍ତା ଏହି ପ୍ରଶ୍ନ ଏବେ ସାଧାରଣ ମନରେ ଆନ୍ଦୋଳିତ କରୁଛି।

# କପଡା ଇସ୍ତ୍ରୀ କରୁଥିବା ବ୍ୟକ୍ତିଙ୍କ ପୁଅ ପାଇଲେ ନିଟ୍



ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ ସହରର ମାଉସୀମା ମନ୍ଦିର ନିକଟରେ ଏକ ଛୋଟ ଚାଲିଆରେ ବାପାଙ୍କ ଅମଳରୁ ଲୋକଙ୍କ କପଡା ଇସ୍ତ୍ରୀ କରି ପରିବାର ଗୁଜୁରାଣ କରୁଛନ୍ତି କାଲିଆ ନାମରେ ସହରରେ କୋଣ ଅନୁକୋଣରେ ଖ୍ୟାତ ଭୈରାଜ ସେଠ । ଆଜି ତାଙ୍କ ମନ କୁଣ୍ଡେ ମୋଟ । ତାଙ୍କ ପୁଅ ଜନ୍ମେଜୟ ସେଠ ପ୍ରଥମ ଉଦ୍ୟମରେ ନିଟରେ କୃତକାର୍ଯ୍ୟ ହେବା ଏବେ ସହର ସାରା ଚର୍ଚ୍ଚାର ବିଷୟ ହୋଇଛି । ପରିବାରରେ ଉତ୍ସାହର ମାହୋଲ । ପୁଅ ପରିଶ୍ରମ କରି ଆଜି ବାପାଙ୍କ ସମ୍ମାନ ବୃଦ୍ଧି କରିଛି । ଜନ୍ମେଜୟ ଜଣେ ମେଧାବୀ ଛାତ୍ର । ଏହା ପଛରେ ରହିଛି ତାଙ୍କ ମାଁ ପ୍ରମୋଦିନୀଙ୍କ ଦୃଢ ଅଧବସାୟ । ପଞ୍ଚମ ଶ୍ରେଣୀରେ ରେ ମେଧା ବୃତ୍ତି ସହ ମାଟ୍ରିକ ପରିକ୍ଷାରେ ୯୩.୮ ମାର୍କ, ଯୁକ୍ତ ଦୁଇ ବିଜ୍ଞାନରେ ୯୨.୮୬ ମାର୍କ ହାସଲ ସହ ନବୋଦୟ ବିଦ୍ୟାଳୟ ବେଲପଡାରେ ଟପ୍ପର ହୋଇଥିଲେ ଜନ୍ମେଜୟ । ଏହା ସହ ବିଭିନ୍ନ ସ୍ତରରେ ବକ୍ତୃତା, ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଅନେକ ପ୍ରମାଣପତ୍ର ଲାଭ କରିଛନ୍ତି । ଅଖିଳ ଭାରତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ସୁଯୋଗ ଲାଭ ସହ ପ୍ରମାଣପତ୍ର ହାସଲ କରିଛନ୍ତି ଜନ୍ମେଜୟ । ତାଙ୍କ ମେଧା ନେଇ ଦକ୍ଷିଣା ଫାଉଣ୍ଡେସନ ପକ୍ଷରୁ ମାଗଣାରେ ତାଙ୍କୁ ଏକ ବର୍ଷ ପାଇଁ ମେଡିକାଲ କୋଚିଂ ପ୍ରଦାନ କରାଯାଇଥିଲା । ଜନ୍ମେଜୟଙ୍କ ସଫଳତା ନେଇ ସହରରେ ସବୁଠି ଚର୍ଚ୍ଚା । ବରିଷ୍ଠ ସମାଜସେବୀ ରାଜେନ୍ଦ୍ର ନାରାୟଣ ମିଶ୍ର, ଟିଟିଲାଗଡ ନାଗରିକ ମଞ୍ଚର ସଂଗଠନ ସମ୍ପାଦକ ଆଇନଜୀବୀ ମନୋଜ ହାତୀ, ଟିଟିଲାଗଡ ବିକାଶ ସେନା ସଭାପତି ଇଂ ଅମ୍ଲାନ ଷଡଙ୍ଗୀ ପ୍ରମୁଖ ବହୁ ବୁଦ୍ଧିଜୀବୀ ଜନ୍ମେଜୟଙ୍କ ଅଧବସାୟକୁ ଉଚ୍ଚ ପ୍ରଶଂସା ସହ ଏହା ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଛନ୍ତି ।

# ଜୁନାଗଡ଼ ପଥର ଫିଙ୍ଗିବା ମାମଲାରେ ପୋଲିସ କଲ୍ ରେକର୍ଡ କରିବ ଯାଞ୍ଚ : ଏସ୍‌ପି

ଜୁନାଗଡ଼, (ହି.ସ) – ଜୁନାଗଡ଼ରେ ପୋଲିସ ପୋଷ୍ଟ ଉପରେ ହୋଇଥିବା ଆକ୍ରମଣ ମାମଲାକୁ ଗୁରୁତର ସହ ନେଇ ପୋଲିସ ପ୍ରଶାସନ ବିସ୍ତୃତ ତଦନ୍ତ ଆରମ୍ଭ କରିଛି । ଗିରଫ ଅଭିଯୁକ୍ତ ତଥା ଅନ୍ୟ ଲୋକଙ୍କ କଲ୍ ବିବରଣୀ ମଧ୍ୟ ଖୋଜାଯାଉଛି, ଯାହା ଦ୍ୱାରା ଏହା ଜଣାପଡ଼ିବ ଯେ ସମଗ୍ର ଷଡ଼ଯନ୍ତ୍ରର ଅଂଶ ନୁହେଁ କି ? ପୋଲିସ ବର୍ତମାନ ୧୭୪ ଜଣଙ୍କୁ ରାଉଣ୍ଡ ଆପ କରିଛି ଏବଂ ସେମାନଙ୍କୁ ପଚରା ଉଚୁରା କରୁଛି । ପଥର ଫିଙ୍ଗିବାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ପୋଲିସ ନିଶ୍ଚିତ କରିଛି, ତଥାପି ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ତାଙ୍କ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରାଯାଉଛି ।

ଜୁନାଗଡ଼ ଜିଲ୍ଲା ଅଧିକ୍ଷକ ରବି ତେଜା ୱାସମ ସେଟ୍ଟି କହିଛନ୍ତି ଯେ, ଜୁନାଗଡ଼ ମ୍ୟୁନିସପାଲ କର୍ପୋରେସନ ଦ୍ୱାରା ମଜୱାଡ଼ି ଫାଟକ ନିକଟରେ ଥିବା ମଜାର ସମ୍ପର୍କରେ ଅପରେଟର ମାନଙ୍କୁ ନୋଟିସ ଦିଆଯାଇଛି । ୫ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦେଖାଇବାକୁ ମ୍ୟାନେଜରମାନଙ୍କୁ ମ୍ୟୁନିସପାଲଟି କାର୍ଯ୍ୟାଳୟକୁ ଡକାଯାଇଥିଲା । ଏହି ବିଜ୍ଞପ୍ତି ୧୪ଜୁନ୍‌ରେ ଦିଆଯାଇଥିଲା । ଏହି ବିଜ୍ଞପ୍ତିରେ କ୍ରୋଧିତ ହୋଇ ଶୁକ୍ରବାର ସନ୍ଧ୍ୟାରେ ମାଜୱେଡ଼ି ଫାଟକ ନିକଟରେ ପ୍ରାୟ ୫୦୦-୬୦୦ ଲୋକଙ୍କ ଭିଡ଼ ଜମିଥିଲା । ସେଠାରେ ପୋଲିସ ବ୍ୟବସ୍ଥା କରିଥିଲା, ଯେଉଁଥିରେ ଡେପୁଟି ସୁପରିନଟେଣ୍ଡେଂଟ ଏବଂ ଅନ୍ୟ ଅଧିକାରୀମାନେ ଥିଲେ । ପ୍ରାୟ ୪୫ ମିନିଟ୍ ପାଇଁ ଲୋକଙ୍କୁ ମନାଇବା ପାଇଁ ଏକ ପ୍ରୟାସ କରାଯାଇଥିଲା । ଏହି ସମୟରେ ଲୋକମାନେ ରାସ୍ତା ଅବରୋଧ କରିବାକୁ ଚେଷ୍ଟା କରୁଥିଲେ । ପୋଲିସ ସେମାନଙ୍କୁ ହଟାଉଥିଲା । ରାତି ପ୍ରାୟ ୧୦.୫୦ ସମୟରେ ବହୁ ଲୋକ ସ୍ଲୋଗାନ ଦେବା ବେଳେ ପୋଲିସ ଉପରକୁ ପଥର ଫିଙ୍ଗିବା ଆରମ୍ଭ କରିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ




ରାୟଗଡା(ପିପିଏସ୍): ରାୟଗଡରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତ ବୈଠକ ରାୟଗଡ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କଙ୍କ ଅଧକ୍ଷତାରେ ଟେବୁଲଟପ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁଗୁଲ୍ ମିଟ୍‌ରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ଗୁଣପୁର, ଲଳିତ କୁମାର କହଁର , ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ, ଅଗ୍ନିଶମ ବିଭାଗ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାରମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ବିଶେଷ କରି ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଓ ବତ୍ୟାର କିପରି ମୁକାବିଲା କରାଯାଇପାରିବ ସେଥିନିମନ୍ତେ ପ୍ରଦର୍ଶନୀ ଓ ମୋକ ଡ୍ରିଲ କିପରି ଭାବରେ ଆୟୋଜନ କରାଯିବ ସେଥିପାଇଁ ବିସ୍ତୃତଭାବେ ଆଲୋଚନା କରିଥିଲେ । ଓଡିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ସତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜିର ଏହି ଜିଲ୍ଲା ସ୍ତରୀୟ ବୈଠକରେ ଆଲୋଚନା କରାଯାଇଥିଲା । ଆସନ୍ତା ଆସନ୍ତା ୧୮ ତାରିଖ ଦିନ ଜିଲ୍ଲା ସଦର ମହକୁମା ଓ ପ୍ରତ୍ୟେକ ବ୍ଲକରେ ଟେବୁଲ ଟୋପ ବୈଠକରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଉପରେ ବିଭିନ୍ନ ବିଭାଗ ସହିତ ଆଲୋଚନା କରାଯିବ ଏବଂ ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧରେ ପ୍ରଦର୍ଶନ କରିବେ ବୋଲି ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେହିପରି ଆସନ୍ତା ୧୯/୦୬/୨୩ରିଖଦିନ ଜିଲ୍ଲାର ତିନୋଟି ବହୁମୁଖୀ ଆଶ୍ରୟ ସ୍ଥଳି ଯଥା ରାୟଗଡ ବ୍ଲକର ହାଟ ଶେଷଖାଲ ,ବିଷମ କଟକ କୁଟ୍ରାଗଡ଼ ଏବଂ ଗୁଣପୁରର ବିକ୍ରମପୁର ଠାରେ ମୋକ ଡ୍ରିଲ ଆୟୋଜନ କରାଯିବ କ୍ଷ ଏହି ମୋକ ଡ୍ରିଲ ନିମନ୍ତେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳି ଅଂଚଳରେ ପରିଚାଳକ, ସ୍ଥାନୀୟ ଜନସାଧାରଣ, ସରପଂଚ, ସେଚ୍ଛାସେବୀ, ଅଗ୍ନିଶମ ବିଭାଗ, ଆଦିଙ୍କୁ ସାମିଲ କରିବେ । ଅଗ୍ନିଶମ ବିଭାଗ ପକ୍ଷରୁ ମୋକ ପ୍ରଦର୍ଶନ କରି ଲୋକମାଙ୍କୁ ସଚେତନ କରିବେ । ଏଥିପାଇଁ ଆସନ୍ତା ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବିଡିଓ ମାନେ ସମନ୍ୱୟ ବୈଠକ ଡାକି ବିଭିନ୍ନ ବିଭଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିବେ ।

# ପଟ୍ଟାଜମି ମୋର କହି ଧମକ ଚମକ ଦେଉଥିବା ନେଇ ଅଭିଯୋଗ

ଜୟପୁର,(ହି.ସ) - ପଟ୍ଟା ଜମି ମୋର କହି ଧମକ ଚମକ ଦେଉଥିବା ନେଇ ଜୟପୁର ଉପ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ସିପିଆଇ ନେତା ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଯାଇ ଦାବି ପତ୍ର ପ୍ରଦାନ କରିଛନ୍ତି ।

ଜୟପୁର ତହସିଲ ଅଧିନସ୍ଥ ପଦ୍ମପୁର ମୌଜା ପଟ୍ଟା ଜମି ରହିଛି । ୩୫ ବର୍ଷ ହେବ ଦଖଲରେ ଥିବା ବେଳେ ଅନ୍ୟ ଜଣେ ଲୋକେ ଆସି ପଟ୍ଟା ଜମି ଛାଡିବାକୁ ବାଧ କରି ଧମକ ଚମକ ଦେଇଥିବା ନେଇ ବଦଲିଗୁଡା ଗ୍ରାମବାସୀ ଗୁରୁମାଳୀ, ପଦ୍ମନ ଗାଦବା, ହରି ପାଇକ ପ୍ରମୁଖ ଦ୍ୱାରସ୍ଥ ହୋଇ ନ୍ୟାୟ ଦେବା ପାଇ ଦାବି କରିଛନ୍ତି ।

# ମହାରାଣୀ ସାଗର ଉନ୍ନତିକରଣ ପାଇଁ ପୌର ପାଳିକାର ଶିଳାନ୍ୟାସ
# ୧୨ କୋଟି ୧୮ଲକ୍ଷ ଟଙ୍କାରେ ହେବ ପୁଷ୍କରିଣୀର ପଙ୍କୋଦ୍ଧାର

ବଲାଙ୍ଗୀର, (ହି.ସ.) : ବଲାଙ୍ଗିର ମହାରାଣୀ ସାଗରର ଉନ୍ନତିକରଣ ପାଇଁ ବଲାଙ୍ଗିରରେ ରାଜନୀତି ଜୋର ଧରିଛି । ମହାରାଣୀସାଗର ପୁସ୍କରିଣୀର ଉନ୍ନତିକରଣ ପାଇଁ ପୌରପାଳିକା ପକ୍ଷରୁ ଶିଳାନ୍ୟାସ କରାଯାଇଛି । ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅମୃତ ୨.୦ ଯୋଜନାରେ ମଞ୍ଜୁର କରାଯାଇଥିବା ୧୨କୋଟି ୧୮ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ମହାରାଣୀ ସାଗର ପୁସ୍କରିଣୀର ପଙ୍କୋଦ୍ଧାର କରାଯିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି କାମକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ କରାଇବେ । ସେଥିପାଇଁ ଆଜି ହଜାର ସଂଖ୍ୟାର ମହିଳାଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ପୂର୍ବତନ ସାଂସଦ ତଥା ରାଜ୍ୟ ହାଉସିଂ କର୍ପୋରେସନର ଅଧକ୍ଷ କଳିକେଶନାରାୟଣ ସିଂଦେଓ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ବଲାଙ୍ଗିର ପୌରାଧକ୍ଷା ଶ୍ରୀମତୀ ଲିକା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ପରିଷଦର ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ, ପୌରାଉପାଧକ୍ଷା ଗାୟିତ୍ରୀ ଭୋଇ ଓ ସମସ୍ତ ବିଜେଡି କାଉନସିଲର ଯୋଗଦେଇଥିଲେ । ପ୍ରକଳ୍ପକୁ ଶିଳାନ୍ୟାସ କରି କଳିକେଶ ସିଂଦଓ କହିଛନ୍ତି ଯେ, ସରକାର ଏବେ ନୂଆ ଯୋଜନାରେ ବିନା ବିସ୍ଥାପନରେ ବିକାଶ କାମ କରାଇବାକୁ ପ୍ରସ୍ତାବ କରିଛନ୍ତି ।

ତେଣୁ ପୂର୍ବରୁ ଯେଉଁ ପ୍ରସ୍ତାବ କରାଯାଇଥିଲା ତାକୁ ବଦଳାଯାଇ ନୂଆ ଅମୃତ ୨.୦ ଯୋଜନାରେ ମହାରାଣୀସାଗରକୁ ସାମିଲ କରାଇ ଏବେ ୧୨କୋଟି ଟଙ୍କା ଅଣାଯାଇଛି । ଯାହାକି ଏହାର ପଙ୍କୋଦ୍ଧାରରେ ଖର୍ଚ୍ଚ ହେବ । ଲୋକମାନଙ୍କୁ ଆଉ ବିସ୍ଥାପିତ ହେବାକୁ ପଡିବ ନାହିଁ । ସେହିପରି ପୌରାଧକ୍ଷା କହିଛନ୍ତି ଯେ, ଗରିବଙ୍କୁ ହଇରାଣ କରାଯାଇ କୌଣସି କାମ କଲେ ବିକାଶ ହେବନାହିଁ ବରଂ ବିନାଶ ହେବ । ତେଣୁ ବିନା ବିସ୍ଥାପନରେ ନବୀନ ସରକାର ବିକାଶ କରାଇବାକୁ ଯୋଜନା କରି ଅର୍ଥ ଦେଇଛନ୍ତି । ଆଜି ଏହାର ଶୀଳାନ୍ୟାସ କରାଯାଇଛି । ଆଗକୁ ପଙ୍କୋଦ୍ଧାର ପରେ ଆହୁରି ଅନେକ ଅନୁଦାନ ଆସି ସୌନ୍ଦର୍ଯ୍ୟକରଣ କରାଯିବ ବୋଲି କହିଛନ୍ତି । ପ୍ରକାଶ ଯେ, ପୂର୍ବରୁ ମହାରାଣୀସାଗରର ଉନ୍ନତିକରଣ ପାଇଁ ୨୦କୋଟି ଟଙ୍କା ମଞ୍ଜୁର ହୋଇଥିଲା । କିନ୍ତୁ ତାହାର ଡିପିଆର୍‌ରେ ୧ ହଜାରରୁ ଅଧିକ ପରିବାରଙ୍କୁ ବିସ୍ଥାପିତ କରାଯାଇ କେବଳ ସୌନ୍ଦର୍ଯ୍ୟକରଣ କରାଯିବାକୁ ପ୍ରସ୍ତାବ ରହିଥିଲା । ସେହି କାମକୁ ସେତେବେଳେ ବିସ୍ଥାପିତ ହେବାକୁ ଥିବା ଲୋକେ ପ୍ରବଳ ବିରୋଧ କରିଥିଲେ । ତେଣୁ ସେହି ପ୍ରସ୍ତାବ ବଦଳି ଏବେ ନୂଆ ଯୋଜନାରେ ଅର୍ଥ ଆସିଥିବା ସୂଚନା ଦିଆଯାଇଛି । ଆଜିର ଏହି ଉଦଘାଟନୀ ଉତ୍ସବରେ କଳିକେଶ ନାରାୟଣ ସିଂହଦେଓ, ପୌରାଧକ୍ଷା ଶ୍ରୀମତୀ ଲିକା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଦେବକୀ ସାହୁ, ମହିଳା ବିଜେଡିର ଜିଲ୍ଲା ସଭାପତି ଦମୟନ୍ତୀ ବାଗ, ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ବିଜେଡିର ସୁମନ ନନ୍ଦ, ନଗର ସଭାପତି ମହେନ୍ଦ୍ର ବାଗ, ବରିଷ୍ଠ ଆଇନଜୀବୀ ଓମ୍‌କାର ନାୟକ, ବରିଷ୍ଠ ନେତା ଲକ୍ଷ୍ମଣ କୁମାର ମେହେର, ଭଗବାନ ବଗର୍ତି, ନରସିଂ ବାଘ, ଶମ୍ଭୁ ନାଗ, ଇରସାଦ ଖାନ ପ୍ରମୁଖଙ୍କ ସହିତ ଶତାଧିକ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ ।

# କାର୍ ଭିତରୁ ନାବାଳକର ମୃତଦେହ ଉଦ୍ଧାର



**ପୋଲିସ୍ କରୁଛି ତଦନ୍ତ**

ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ଼ ଟିଟିଲାଗଡ଼ ଥାନା ଅନ୍ତର୍ଗତ ଘଣ୍ଟବାହାଲି ଗ୍ରାମରେ ଏକ କାର ମଧ୍ୟରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହେବା ଆଲୋଡନ ସୃଷ୍ଟି କରିଛି । ନାବାଳକ ଜଣକ ଗ୍ରାମର ଅନାମି ଜାନିଙ୍କ ପୁଅ ବେଦବ୍ୟାସ (୧୦) ବୋଲି ଜଣାପଡିଛି । ଖବର ପାଇ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର, ନୂତନ ଥାନା ଆଇଆଇସି ମନୋଜ ପଧାନ, ପୂର୍ବ ଆଇଆଇସି ରଞ୍ଜନ ବରିହା ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । କାର୍‌ଟି ଗ୍ରାମର ଯୁଗେଶ୍ୱର ଛତରଙ୍କ ଏବଂ ତାଙ୍କ ଘର ଗଳି ରାସ୍ତାରେ ଛିଡା ହୋଇଥିଲା । ନାବାଳକଟି ଆଜି ଅପରାହ୍ନ ୩ଟା ସମୟରେ ଘରୁ ବାହାରିଥିବା ବେଳେ ପ୍ରାୟ ୪ଟା ବେଳକୁ କାର ଭିତରେ ତାହାର ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ । ନାବାଳକର ଶରୀରର ମୁଣ୍ଡ ଏବଂ କିଛି ଅନ୍ୟ ସ୍ଥାନରେ ରକ୍ତ ଦାଗ ଥିବା ଦେଖାଯାଇଛି । ଏହା ସହ କାର ଭିତରେ ନାବାଳକ ବାନ୍ତି ମଧ କରିଛି । ପାଖରେ ଏକ ଚୁଡା ମିଳ ମଧ୍ ଥିବା ବେଳେ ଲୋକଙ୍କ ଯାତାୟାତ ଲାଗି ରହିଥିଲା । ଏଭଳି ସ୍ଥଳେ କିଭଳି ଭାବରେ ନାବାଳକ କାର ଭିତରକୁ ଗଲା ନା ତାକୁ କେହି ହତ୍ୟା କରି କାର ଭିତରେ ପକାଇ ଚାଲିଗଲା ସେ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଆଲୋଚନା ହୋଇଛି । ଏନେଇ ପୁଲିସ ପକ୍ଷରୁ ଗ୍ରାମବାସୀଙ୍କୁ ପଚରା ଉଚୁରା ସହ ଅଧିକ ତଦନ୍ତ ଜାରି ରହିଛି ।

# ପ୍ରାକ୍ - ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ

ମାଲକାନଗିରି, (ହି.ସ.)- କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ, କନ୍ୟା ସନ୍ତାନର ଯତ୍ନ ନିଅନ୍ତୁ, ଭବିଷ୍ୟତ ସୁରକ୍ଷିତ କରନ୍ତୁ । ଏହି ବିଷୟକୁ ନେଇ ଲିଙ୍ଗ ନିରୁପଣ ନିଷିଦ୍ଧ ଆଇନ ୧୯୯୪ ଅନ୍ତର୍ଗତ ଜିଲ୍ଲା ପରାମର୍ଶଦାତା ଓ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭ୍ରୁଣ ଚୟନ ଓ ନିରୁପଣ କଲେ ଆଇନ ଅନୁଯାୟୀ ୫ ବର୍ଷ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି । ଜିଲ୍ଲାରେ ଥିବା ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକରେ ପି ଏନ୍ ଡି ଟି ଆଇନକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ବିଶାଳ ସିଂଙ୍କ ଅଧକ୍ଷତାରେ ବ୍ଲଡ ବ୍ୟାଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କନ୍ୟା ଭ୍ରୁଣ ହତ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଶିଶୁ କନ୍ୟାମାନଙ୍କର ଗୁରୁତ୍ୱକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସୂଚନା ଅନୁସାରେ ଜିଲ୍ଲାରେ ବର୍ତମାନ ୫ ପଞ୍ଜୀକୃତ ଅଲଟ୍ରାସାଉଣ୍ଡ ରହିଛି । ଆସିଥିବା ୨ଟି ନୂତନ ଆବେଦନକୁ ବୈଠକରେ ଉପସ୍ଥାପନ କରାଯାଇଥିଲା । ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକୀୟ କାଗଜପତ୍ର ରଖୁନଥିବା କିମ୍ବା ନିୟମ ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସଚେତନତାକୁ ଗୁରୁତ୍ୱ ଦେଇ କିଭଳି ତୃଣମୂଳ ସ୍ତରରେ ଲୋକ ସଚେତନ ହୋଇପାରିବେ ସେଥି ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଭ୍ରୁଣ ଚୟନ ଓ ନିରୂପଣ ଦଣ୍ଡନୀୟ ଅପରାଧ । ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଯାହା ଭବିଷ୍ୟତରେ ସାମାଜିକ ବିଷମତା ଓ ବିଭ୍ରାଟ ସୃଷ୍ଟି କରିପାରେ । ଏଣୁ ଭ୍ରୁଣ ଚୟନ ଓ ନିରୂପଣ କାର୍ଯ୍ୟରୁ ନିବୃତ ରହିବାକୁ କୁହାଯାଇଛି । ଯଦି କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଭ୍ରୁଣ ନିରୂପଣ କରାଯାଉଥିବାର ସୂଚନା ମିଳେ, ତେବେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବା ପାଇଁ କୁହାଯାଇଛି । ଏଥି ନିମନ୍ତେ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ପ୍ରତ୍ୟେକ ମାସରେ ଅତର୍କିତ ଚଢ଼ାଉ କରିବାକୁ ଜିଲ୍ଲାପାଳ କମିଟିର କର୍ମକର୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଶତ ପ୍ରତିଶତ ପ୍ରାଥମିକ ଅବସ୍ଥାରେ ଗର୍ଭ ପଞ୍ଜିକରଣ ନିମନ୍ତେ ପ୍ରବର୍ତାଇବାକୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତ୍ରିନାଥ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ପ୍ରଫୁଲ୍ଲ କୁମାର ନନ୍ଦ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଡା. ଏ. ମହାରଣା, ଡ଼ା. ଏସ.କେ. ମିଶ୍ର, ଅଧାପକ ରଞ୍ଜନ କୁମାର ସ୍ୱାଇଁ, ଜୟନ୍ତୀ ବୁରୁଦା ଏବଂ ସଂଯୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଜ୍ଞାନ ବଣ୍ଟନ ତଥା କ୍ଷମତା ନିର୍ମାଣ କର୍ମଶାଳା

ସୁବର୍ଣ୍ଣପୁର, (ହି.ସ.) - ସିଙ୍ଗାପୁର ଫେରନ୍ତା ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ମମତା ସାହୁଙ୍କୁ ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦେବା ଅବସରରେ ମିଶନଶକ୍ତି ମାଁ ମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଜ୍ଞାନ ବଂଟନ ତଥା କ୍ଷମତା ନିର୍ମାଣ କର୍ମଶାଳା ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ କର୍ମଶାଳା ତଥା ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରି ଜିଲ୍ଲା ମିଶନ ଶକ୍ତି ସୁବର୍ଣ୍ଣଶିଖା ମହାସଂଘ ସଭାପତି ଶ୍ରୀମତୀ ସାହୁ ଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢ୍ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ସମାଜ ବିକାଶରେ ମାଁ ମାନଙ୍କ ଭୂମିକାକୁ ପ୍ରଶଂସା କରିବା ସହିତ ରାଜ୍ୟ ସରକାର ଙ୍କ ତରଫରୁ ମାଁ ମାନଙ୍କୁ ମିଳୁଥିବା ସମ୍ମାନ ତଥା ସୁବିଧା ସୁଯୋଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ମାଁ ମାନଙ୍କ ବଳିଷ୍ଠ ଆନ୍ତରିକ ସହଯୋଗ ଓ କାର୍ଯ୍ୟ ଦକ୍ଷତା ସେମାନଙ୍କୁ ଆତ୍ମନିର୍ଭର କରିବା ସହ ସମାଜ କୁ ବିକାଶ ମାର୍ଗରେ ନେଉଥିବା କହିଥିଲେ । ସେ ଏହି ପରିପ୍ରେକ୍ଷୀରେ ଜିଲ୍ଲାର ମାଁ ଭଉଣୀ ମାନେ ଅତିକମରେ ଦଶମ ପାସ ଯାଏଁ ଶିକ୍ଷା ଗ୍ରହଣ କୁ ଗୁରୁତ୍ୱ ଦେଇ ଡିଷ୍ଟାନ୍ସ ଏଜୁକେସନ ମାଧ୍ୟମରେ ହାସଲ କରିବାକୁ ଆହ୍ୱାନ କରିଛନ୍ତି । କର୍ମଶାଳା ରେ ସିଙ୍ଗାପୁର ଫେରନ୍ତା ଶ୍ରୀମତୀ ସାହୁ ନିଜ ବକ୍ତବ୍ୟରେ ସିଙ୍ଗାପୁର ଯାତ୍ରା ର ଅଭିଜ୍ଞତା, ସେଠାକାର ସମାଜ ବିକାଶରେ ସେଠାକାର ମହିଳାଙ୍କ ଭୂମିକା ଉପରେ ଉପସ୍ଥାପନା କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଶ୍ରୀମତୀ ସାହୁଙ୍କୁ ସିଙ୍ଗାପୁର ଗସ୍ତ ର ଅଭିଜ୍ଞତା ତଥା ଜ୍ଞାନ ଆହରଣକୁ ଆମଜିଲ୍ଲାରେ ଉଚିତ ବ୍ୟବହାର ପୂର୍ବକ ଜିଲ୍ଲାର ଗରିମାକୁ ବଢାଇବାକୁ ପରାମର୍ଶ ଦେଇଛନ୍ତି । ଏହି କର୍ମଶାଳା ତଥା ସମ୍ବର୍ଦ୍ଧନା ସଭାରେ ଭାରପ୍ରାପ୍ତ ଡିଏସଡବ୍ଲୁଓ ଅନିତା ଗୁରୁ ସାଗତ ସମ୍ଭାଷଣ ଦେଇଥିବା ବେଳେ ଜିଲ୍ଲା ମିଶନ ଶକ୍ତି ସଂଯୋଜକ କାର୍ତିକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ଡିପିଏମ ଓ ଏଲ ଏମ ଫ୍ରାନସିସ ବାର୍ଲା, ତଥା ଜିଲ୍ଲା ମିଶନ ଶକ୍ତି ମହାସଂଘ ସଦସ୍ୟା, ବ୍ଲକ ମିଶନ ଶକ୍ତି ମହାସଂଘର କର୍ମକର୍ତା, ତଥା ବିଭାଗୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# 'ସ୍ୱରୂପ' ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର, ( ହି.ସ) - 'ସ୍ୱରୂପ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ର ତମ୍ଭାହରା ଗ୍ରାମରେ ଗ୍ରାମୀଣ ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତ ଜୁନ ମାସ ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତମ୍ଭାହରା ହାଇସ୍କୁଲର ଶିକ୍ଷକ ଲକ୍ଷବଜ୍ର କୁମାର ମହାନ୍ତ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ମହାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଦର୍ଶାଇବା ସହିତ ତୃଣମୂଳ ସ୍ତରରୁ କଳାକାର ଚିହ୍ନଟ କରିବାର ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ । ଏତଦ୍‌ବ୍ୟତୀତ ଗାଁ ଗହଳିରେ ଲୁଚି ଯାଉଥିବା ବିଭିନ୍ନ ଲୋକକଳା ଓ ଲୋକନୃତ୍ୟକୁ ପୁନରୁଦ୍ଧାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ସାନ୍ତାଳି, ଓଡିଶୀ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଷ୍ଟର ବିଜୟ କୁମାର ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଯାଜ୍ଞସେନୀ ମହାନ୍ତ, ଟାଙ୍ଗରବାହାଳିର ଲକ୍ଷ୍ମୀପ୍ରିୟା ସାହୁ, ଶାଳପଶି ଗ୍ରାମର ଗୀତା, ସତ୍ୟଭାମା, ସୁକୁମତୀ ଓ ତାଙ୍କ ଦଳ ଉତ୍କୃଷ୍ଟ ନୃତ୍ୟ ପରିବେଷଣ ପାଇଁ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିବାବେଳେ ସଂପାଦିକା ଜ୍ୟୋସ୍ନାରାଣୀ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସଭ୍ୟ ଶ୍ରୀ ମଦନ ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ବିସ୍କର ମୁଣ୍ଡା, କ୍ଷମାଞ୍ଜଳି ପାତ୍ର, ଶ୍ରୀଧର ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ତରଣୀସେନ ମୁଣ୍ଡା, ଟୁକୁ ମୁଣ୍ଡା ଓ ସତ୍ୟବାନ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ବଲାଙ୍ଗୀର,(ହି.ସ): ସ୍ଥାନୀୟ ଟିକ୍ରାପଡାନିବାସୀ ସ୍ୱର୍ଗତ ହରେକୃଷ୍ଣ ପଣ୍ଡାଙ୍କ ପତ୍ନୀ ଯଶୋବନ୍ତି ପଣ୍ଡାଙ୍କ ରବିବାର ସକାଳ ୮ଟାରେ ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ବର୍ଷ ବୟସ ହୋଇଥିଲା । ସେ ଜଣେ ଧର୍ମପରାୟଣ ମହିଳା ଭାବରେ ପରିଚିତ ଥିଲେ । ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ ମୃତ୍ୟୁ ଶର୍ଯ୍ୟାରେ ତାଙ୍କ ବଡ ପୁଅ ପୀତବାସ ପଣ୍ଡା, ପୁତ୍ରବଧୂ ତୃପ୍ତିମୟୀ ଉପସ୍ଥିତ ଥିବା ବେଳେ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ପ୍ରଫେସର ମଧୁସୂଦନ ପତି, ନାଗରିକ କମିଟିର ସଭାପତି ଇଂ ବେଲାରସିଂ ଭୋଇ, ସାଧାରଣ ସଂପାଦକ ମନୋରଂଜନ ସାହୁ, ଆଇନଜୀବୀ ଗୋପାଳ ପାଣିଗ୍ରାହୀ, ଜଷ୍ଟିସ୍ ଗୋବିନ୍ଦ ପାଣିଗ୍ରାହୀ, ବିଶ୍ୱନାଥ ତ୍ରିପାଠୀ, ସୁଧାନିଧି ହୋତା, ଧର୍ମେନ୍ଦ୍ର ନନ୍ଦ, ସିଏ ଶ୍ରୀକାନ୍ତ ଶର୍ମା ତଥା ପଡାବାସୀ ଉପସ୍ଥିତ ଥିଲେ । ସ୍ୱର୍ଗତା ଯଶୋବନ୍ତିଙ୍କ ଅନ୍ୟ ଦୁଇ ପୁତ୍ର ଶ୍ରୀନିବାସ, ବିଶ୍ୱବାସଙ୍କ ସହ ୪ ଜଣ ଝିଅ ଅଛନ୍ତି । ସ୍ଥାନୀୟ ବିଭୂତି ପଡାରେ ଯଶୋବନ୍ତି ପଣ୍ଡାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଛି । ବଡପୁଅ ପୀତବାସ ପଣ୍ଡା ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଖବର ପାଇବା ପରେ ଟିକ୍ରାପଡା ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ଆନ୍ତର୍ଜାତିକସ୍ତରର ପ୍ଲେ ସ୍କୁଲର ଆବଶ୍ୟକତା ଉପରେ ଆଲୋଚନାଚକ୍ର



ରାଉରକେଲା(ପିପିଏସ): ଏକଦା ରାଉରକେଲାକୁ ଶିକ୍ଷା ନଗରୀ ତଥା ରାଜ୍ୟର ଦ୍ୱିତୀୟ ଶିକ୍ଷା ରାଜଧାନୀ କୁହାଯାଉଥିଲା । ଏଠାରେ ବ୍ୟାପକ ଭିତିଭୂମି ଥିବାସତ୍ତ୍ୱେ ଆନ୍ତର୍ଜାତିକ ସ୍ତରର ପ୍ଲେ ସ୍କୁଲର ଅଭାବ ଅଛି ବୋଲି ଏନଆଇଟି ର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ସୁନିଲ୍ ଷଡଙ୍ଗୀ ମୁଖ୍ୟଅତିଥିଭାବେ ଯୋଗଦେଇ ମତ ରଖିଛନ୍ତି । ନିର୍ମଳ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟ ତରଫରୁ ରାଧିକା ରିଜେନ୍ସି ଠାରେ ଉପରୋକ୍ତ ଆଲୋଚନାଚକ୍ର ଓ ରଜ ଉତ୍ସବ ପାଳନ ଅବସରରେ ଡଃ ଷଡଙ୍ଗୀ ଛୋଟପିଲାଙ୍କ ସପ୍ନରେ ବାଧକ ଯେପରି ନହୁଏ , ଏଥିପାଇଁ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଭିଭାବକ ଙ୍କ ଇଛା କୁ ପିଲାମାନଙ୍କ ଉପରେ ଲଦିଲେ ଫଳ ଭଲ ହୋଇନଥାଏ । ସେହିପରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଆଗରେ ବସୁଥିବା ପିଲା ଓ ପଛରେ ବସୁଥିବା ପିଲା ଙ୍କ ମଧ୍ୟରେ ପାର୍ଥକ୍ୟ ଦେଖିବା ଉଚିତ୍ ନୁହେଁ ବୋଲି ପରାମର୍ଶ ଦେଇଥିଲେ । ଆନ୍ତର୍ଜାତିକ ସ୍ତରର ପ୍ଲେ ସ୍କୁଲର ଅଭାବକୁ ଆଣ୍ଟି ନିର୍ମଳା ପ୍ଲେ ସ୍କୁଲ ପୂରଣ କରିପାରିବ ବୋଲି ସେ ଆଶାପ୍ରକଟ କରିବା ସହ ପୂର୍ବର ଶିକ୍ଷା ଓ ସାମ୍ପ୍ରତିକ ଶିକ୍ଷା ସଂପର୍କରେ ଆଲୋଚନା କରିଥିଲେ । ଟ୍ରଷ୍ଟି ରବି ଦାସଙ୍କ ଆବାହକତ୍ୱ ଓ ରୋଟାରୀଆନ ସ୍ମିତା ଆଥେରିଆଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏଭି ପବ୍ଲିକ୍ ସ୍କୁଲର ପଶ୍ଚିମାଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ତଥା ଅଧକ୍ଷ ଲୋକନାଥ ପ୍ରଧାନ, କୋଏଲ ପ୍ରେସର ମୁଖ୍ୟ ଆଶୁତୋଷ, ଗୁରୁନାନକ ପବ୍ଲିକ୍ ସ୍କୁଲର ଅଧକ୍ଷା ଡଃ ମନଭିନ କୌର, ସେକ୍ଟର ୧୬ ଡଏଭି ପବ୍ଲିକ୍ ସ୍କୁଲର ଅଧକ୍ଷା ଯଶବିନ୍ଦର କୌର, ସେକ୍ଟର ୨ କଳିଙ୍ଗ ପବ୍ଲିକ୍ ସ୍କୁଲର ଅଧକ୍ଷ ଡଃ ଶରତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ମତ ବିନିମୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସର୍ବଶ୍ରୀ ସୁରେନ୍ଦ୍ର ଦାଶ, ଶାନ୍ତି ଦାଶ,ଏସଏନ ଦାଶ, ବିଜୟ ମିଶ୍ର,ଅନୁପମ ଗୁପ୍ତା, ଡଃ ଅଞ୍ଜନା ମୈତ୍ର, ରାଜା ମହାନ୍ତି,କୁଞ୍ଜବିହାରୀ ରାଉତ, ବିଷ୍ଣୁଦୟାଳ ଅଗ୍ରୱାଲ, ସୁନିଲ୍ କୟାଲ, ଟିବ୍ରେୱାଲ, ହରଜିତ ସିଂ ଚଡ୍ଡା, ସନ୍ତକସିଂ ଭୁଏ, ସୁସ୍ମିତା ଚୌଧୁରୀ, ମଧୁସ୍ମିତା ସେନ୍, ଅଶୋକ କକ୍କଡ, ଦେବକୁମାର ଚୌଧୁରୀ, ଅମ୍ରିତା ସରକାର, ସିଦ୍ଧାର୍ଥଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ରଥଯାତ୍ରା ପାଇଁ ବଲାଙ୍ଗିର ସହରରୁ ଗଲା ବିଞ୍ଚଣା



ବଲାଙ୍ଗିର, (ହି.ସ): ଆସନ୍ତା ଆଷାଢ ୨୦ ତାରିଖ ଦିନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ବଲାଙ୍ଗିର ତେଲଗୋଠପଡାରେ ନିର୍ମାଣ କରୁଥିବା ବାଉଁଶରେ ତିଆରି ବିଞ୍ଚଣା ପ୍ରଥମ କରି ବଲାଙ୍ଗିର ଜିଲ୍ଲାରୁ ସେବାୟତ, ଅତିଥି, ରେଡକ୍ରସ, ଅଗ୍ନିଶମ ବିଭାଗ, ସେଚ୍ଛାସେବୀ ସଂଗଠନ ଓ ଭକ୍ତମାନଙ୍କୁ ୩ହଜାର ବିଞ୍ଚଣା ପ୍ରଦାନ କରାଯିବ । ଏଥି ପାଇଁ ଦିର୍ଘ ଦିନରୁ କାରିଗରମାନଙ୍କ ପ୍ରଚେଷ୍ଟା ଓ ସଙ୍କେତ ଅନୁଷ୍ଠାନ ସହ ବଲାଙ୍ଗିର ପ୍ରେସ କ୍ଲବ ସଭାପତି ଓ ପ୍ରଶାନ୍ତ ମହାକୁର ପ୍ରସ୍ତାବ ଦେଇଥିବା ବେଳେ କୁନୁ ପାତ୍ର ଓ ତାଙ୍କ ପରିବାର ଏହି ବାଉଁଶ ତିଆରି ବିଞ୍ଚଣା ନିର୍ମାଣ କରିଥିଲେ । ବଲାଙ୍ଗିର ର ବଞ୍ଚଣା ଯାଇ ଶ୍ରୀକ୍ଷେତ୍ର ରେ ପ୍ରଭୁଙ୍କ ସେବାରେ ଲାଗୁଥିବାରୁ ସ୍ଥାନୀୟ ଅଂଳରେ ଖୁସିର ଲହରୀ ଖେଳିଯାଇଛି । ଆଗାମୀ ଦିନରେ କେମିତି ସ୍ଥାନୀୟ ବାଉଁସ କାରିଗରଙ୍କ ରୋଜଗାର ବଢିବ ସେଥି ପାଇଁ ଆହୁରି ଅଭିନବ ପ୍ରଚେଷ୍ଟା କରାବ ବୋଲି ଅରୁଣ ମିଶ୍ର କହିଥିଲେ । ଡିଜିଟାଲ ଯୁଗରେ ବାଉଁଶ ବିଞ୍ଚଣାର ଚାହିଦା ଦିନକୁ ଦିନ କମି ଯାଉଥିବାରୁ ହାତ ବାନ୍ଧି ବସିଛନ୍ତି ବାଉସ କାରିଗର । ଏଣୁ ଏରି ପ୍ରୟାସକୁ ସ୍ଥାନୀୟ ଲୋକ ପ୍ରଶଂସା କରିଛନ୍ତି । ମାଲୁ ଷାଣ୍ଟେ, ଘାସିରାମ ଦିପ, ଆକୁଳ ବଗର୍ତ୍ତି ଓ ବଲାଙ୍ଗିର ଘରେଇ ବସ ମାଲିକ ସଂଘ ପ୍ରମୁଖ ସହଯୋଗ କରିଥିଲେ ।

# ମହିଳାଙ୍କ ଠାରୁ ସୁନାଚେନ ଲୁଟିଲେ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ପୁଣି ମାତିଲେ ଲୁଟେରା । ସିଆର୍‌ପିଏଫ୍ ଯବାନଙ୍କ ପତ୍ନୀଙ୍କୁ ମାଡ଼ ମାରି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଛନ୍ତି । ସହରର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ଫାୟାର୍ ଷ୍ଟେସନ ଛକ ନିକଟସ୍ଥ ସିଆର୍‌ପିଏଫ୍ କ୍ୟାମ୍ପସ ସମ୍ମୁଖରେ ଏଭଳି ଘଟଣା ଘଟିଛି । ଲୁଟ୍‌ର ଶିକାର ସିଆରପିଏଫ୍ ଯବାନ ବିଏମ୍ ଗିରିଙ୍କ ପତ୍ନୀ ବି. ଈଶ୍ୱରୀ ଏନେଇ ଭରତପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଈଶ୍ୱରୀ ସିଆର୍‌ପିଏଫ୍ କ୍ୟାମ୍ପସ୍‌ରେ ରୁହନ୍ତି । ସେ ଗତକାଲି ସନ୍ଧ୍ୟାରେ କିଣାକିଣି କରିବାକୁ ବଜାରକୁ ଯାଉଥିଲେ । ଈଶ୍ୱରୀ ସିଆର୍‌ପିଏଫ୍ କ୍ୟାମ୍ପସ୍ ଗେଟ୍ ସମ୍ମୁଖ ତଥା ଫାୟାର ଷ୍ଟେସନ ଛକ ନିକଟରେ ହୋଇଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସିଥିଲେ । ଈଶ୍ୱରୀ କିଛି ବୁଝିବା ଆଗରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇ ପଳାଇଥିଲେ । ଏ ନେଇ ଈଶ୍ୱରୀ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି । ଲୁଟ୍ ହୋଇଥିବା ସୁନା ଚେନର ଓଜନ ୪ ଭରିରୁ ଊର୍ଦ୍ଧ୍ୱ ହେବ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିଛି । ଘଟଣାସ୍ଥଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇପାରିନାହିଁ ।

# ବଳରାମ ମିଶ୍ରଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର (ପିପିଏସ୍):** ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା କୋଣାର୍କ ଉପରେ ବହୁ ପୁସ୍ତକ ରଚନା କରିଥିବା ବଳରାମ ମିଶ୍ରଙ୍କର ଗତ ଶୁକ୍ରବାର ଅପରାହ୍ନରେ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ହୋଇଥିଲା । ସେ ଜଣେ ଗାଳ୍ପିକ, ଔପନାସିକ ଓ ପ୍ରାବନ୍ଧିକ ଥିଲେ । କୋଣାର୍କ ଏବଂ ଶ୍ରୀଜଗନ୍ନାଥଙ୍କ ଉପରେ ବହୁ ପୁସ୍ତକ ପ୍ରକାଶ ପାଇ ବିଭିନ୍ନ ଭାଷାରେ ଅନୁଦିତ ହୋଇଛି । ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ଶିକ୍ଷୟିତ୍ରୀ ବିଦ୍ୟୁଲତା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ପୁରୀ ସର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠପୁତ୍ର ବିଭୁକଲ୍ୟାଣ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଓଡ଼ିଆ ଲେଖକ ସମବାୟ ସମିତିର ସଭାପତି ଡ. ସାତକଡ଼ି ହୋତା, ପୂଜ୍ୟପୂଜା ଓଡ଼ିଶାର ସଭାପତି ବିରଜା ପ୍ରସାଦ ଶତପଥୀ, ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳି ସମ୍ପାଦକ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ସମ୍ପାଦକ ପୀତବାସ ରାଉତ, କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ସମ୍ପାଦକ ରମାକାନ୍ତ ମିଶ୍ର, ଶାରଳା ଦାସ ସ୍ମୃତି ସଂସଦ ସମ୍ପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଉମାକାନ୍ତ ମିଶ୍ର ଶୋକସନ୍ତପ୍ତ ପରିବାର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ଶେଷ ହେଲା ରଜ ମହୋତ୍ସବ



**ଭୁବନେଶ୍ୱର (ପିପିଏସ୍):** ରଜ ପର୍ବ ଉପଲକ୍ଷେ ମଦନପୁର ହାଇସ୍କୁଲ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଖୁବ ଧୁମଧାମରେ ପାଳିତ ସୋଇଯାଇଛି ।ପହିଲି ରଜରେ ଗ୍ରାମର ଝିଅ ଓ ବୋହୁ ମାନେ ସକାଳୁ ସକାଳୁ ସ୍କୁଲ ପଡ଼ିଆରେ ଏକାଠି ହୋଇଥିଲେ ।ପୋଡ଼ ପିଠା ଓ ରଜ ପାନ ଖାଇ ବିଭିନ୍ନ ପ୍ରତିଯୋଗିତା ରେ ଭାଗନେଇଥିଲେ । ଏଠାରେ ପ୍ରତେକ ଦିନ ସଂଧ୍ୟାରେ କୁନି କୁନି ପିଲା ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି ।ଫଟୋ ଉତ୍ତୋଳନ କରିବା ଏକ ଶୋତନ୍ତ୍ର ସ୍ଲେଫି ଜୋନ୍ କରାଯାଇଥିଲା ।ତାହା ସହିତ ପାଞ୍ଚ ଜଣ ଖେଳାଳିଙ୍କୁ ନେଇ ଆଠଟି ଦଳ ମଧ୍ୟରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ପ୍ରଫେସର ଚେନୁଶେଖର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ ?ାବଧାନରେ ପ୍ରତିଯୋଗିତା ପରିଚାଳନା କରୁଥିଲେ । ଏହି ରଜ ମହୋତ୍ସବରେ ସ୍ଥାନୀୟ ସାମ୍ବାଦିକ ବୁଲା ବାରିକ ଓ ପରମାନନ୍ଦ ସାମନ୍ତସିଂହାର ସହିତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଚଳିତ ବର୍ଷ ୭୮ଟି ଦୋଳି ଲାଗିଥିଲା ଆସନ୍ତା ବର୍ଷ ୧୦୦ରୁ ଉର୍ଦ୍ଧ ଦୋଳି ଲଗାଇବା ପାଇଁ ମଦନପୁର ପଞ୍ଚାୟତ ରଜ ମହୋତ୍ସବର କର୍ମକର୍ତ୍ତା ମାନେ ଚେଷ୍ଟା କରିବେ ବୋଲି ମତ ପ୍ରକାଶ କରିଥିଲେ । ଆଜି ଶେଷ ଦିନରେ ଏହି ମହୋତ୍ସବରେ ଗ୍ରାମ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ରଜର ଭରପୁର ମଜା ଉଠାଇଛନ୍ତି ।

ସେହିପରି ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଦିବାସୀ ବହୁଳ ଗୋଡ଼ିବାରି ଗାଁରେ ଆଇନା ଓ ଓ୍ୱିପ୍ରୋର ମିଳିତ ଆନୁକୂଲ୍ୟରେ ରଜ ପର୍ବ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ମହୋତ୍ସବରେ ପାରମ୍ପରିକ ପୋଡ଼ପିଠା, ସୁସଜ୍ଜିତ ରଜଦୋଳି, ରଜଗୀତ, ଖେଳକୁଦଠାରୁ ଆରମ୍ଭ କରି ବିଭିନ୍ନ ବୌଦ୍ଧିକ ଏବଂ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହାସହ ପ୍ରଦର୍ଶନ ଆଧାରରେ ରଜ କୁଇନ୍ ମଧ୍ୟ ମନୋନୟନ କରାଯାଇଥିଲା । ଏଥିରେ ଉକ୍ତ ଗାଁର ଝିଅ, ବୋହୂମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଯୋଗଦେଇଥିବା ବେଳେ ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ, ରିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସାଲିଆ ସାହିରେ ରଜ ମହୋତ୍ସବ

ସାଲିଆସାହି ମେ'ଫେୟାର ବସ୍ତିରେ ସ୍ୱେଚ୍ଛାସେବୀ ସଂଗଠନ ସୋସାଇଟି ଫର୍ ନେଚର ଏଜୁକେଶନ୍ ଆଣ୍ଡ ହେଲଥ୍ (ସ୍ନେହ) ଓ ମରକ୍ୟୁରି ଫୋନିକ୍ସ ଟ୍ରଷ୍ଟର ମିଳିତ ସହଯୋଗରେ ୩ଦିନ ଧରି ରଜ ମଉଜ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାଲିଆ ସାହିର ୯ଟି ସାହିର ଛୋଟପିଲାଙ୍କ ସମେତ ଯୁବତୀ ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ଉଷସୀ ମିଶ୍ର, ବରିଷ୍ଠ ଆଇନଜୀବୀ କବିତା ସୁଆର ପ୍ରମୁଖ ଯୋଗଦେଇ ଦୋଳି ଖେଳି ମନୋରଞ୍ଜନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ନେହ ଫାଉଣ୍ଡେସନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ଭତ୍ତା ବାଣ୍ଟିଲେ ବିଧାୟକ



**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓ୍ୱାର୍ଡରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ବୃଦ୍ଧ, ବୃଦ୍ଧା ଓ ଶାରୀରିକ ଭିନ୍ନକ୍ଷମମାନଙ୍କୁ ଭତ୍ତା ଟଙ୍କା ବଣ୍ଟନ କରିଥିଲେ । ଏଥିସହ କେନ୍ଦ୍ର ସରକାରଙ୍କ ଭତ୍ତା ମାରଣ ନୀତିକୁ ସମାଲୋଚନା କରିଥିଲେ । କେନ୍ଦ୍ର ସରକାର ବ୍ୟାଙ୍କ ମାଧ୍ୟମରେ ଭତ୍ତା ଟଙ୍କା ପଇଠ ନୀତି ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶାରୀରିକ ଭିନ୍ନକ୍ଷମ ଓ ବାର୍ଦ୍ଧକ୍ୟ କାରଣରୁ ଲୋକମାନେ ବ୍ୟାଙ୍କ ପାଖକୁ ନଯାଇ ପାରି ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକମାନଙ୍କ ହାତ ପାଖରେ କେମିତି ଭତ୍ତା ଟଙ୍କା ପହଞ୍ଚିବ ତାହାର ସୁବନ୍ଦୋବସ୍ତ କରିଛନ୍ତି । ପ୍ରଶାସନିକ ଅଧିକାରୀ ଓ ଦଳୀୟ ନେତୃମଣ୍ଡଳୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଲୋକଙ୍କ ପାଖକୁ ଯାଇ ଭତ୍ତା ଟଙ୍କା ଦେବା ପାଇଁ । ଯାହା ଓଡ଼ିଶା ସାରା କାର୍ଯ୍ୟକାରୀ ହେଉଛି ବୋଲି ବିଧାୟକ କହିଥିଲେ । ଏବଂ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓ୍ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ଏସ୍‌ଆଇ ମନୋରଞ୍ଜନ ମହାପାତ୍ର, ସିଓ ସିପ୍ରାରାଣୀ ସାମନ୍ତରାୟ, ବିଜେଡି ଜିଲ୍ଲା ସାଂଗଠନିକ ସମ୍ପାଦକ ପ୍ରସନ୍ନ କୁମାର ସାହୁ, ଆଇନଜୀବୀ ସମରେନ୍ଦ୍ର ସାହୁ, ଯୁବନେତା ଚଗଲା ଜେନା, ଭଗବାନ ଦାଶ, ମିଟୁ ପରିଡ଼ା ଓ ସଚ୍ଛସାଥୀମାନେ ଉପସ୍ଥିତ ଥିଲେ । ପ୍ରାୟ ୧୦୦ ଜଣ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯାଇଥିଲା ।

# ଚାଲାଣ ହେଉଛି ଗୋ ଚମଡ଼ା ଓ ହାଡ଼

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର ସୁନ୍ଦରପଦା ହାଇଟେକ୍ ଛକରେ ଗୋରୁ ଚମଡ଼ା ଚାଲାଣକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଛି । ଗୋ ମାଂସ ବୋଝେଇ ଟ୍ରକ୍ ଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକ ଗାଡ଼ିକୁ ଅଟକାଇ ଥିଲେ । ହେଲେ ଗାଡ଼ିର ଡ୍ରାଇଭର ଏହାକୁ ଲୁଣ ବସ୍ତା ଏବଂ ଅଟାବସ୍ତା ବୋଲି କହିଥିଲେ । କିନ୍ତୁ ଗାଡ଼ିରୁ ପାଣି ବାହାରୁଥିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା । ଲୋକେ ଗାଡ଼ି ଉପରକୁ ଯାଇ ଯାଞ୍ଚ କରିବା ପରେ ଗାଡ଼ି ଭିତରେ ଗୋରୁ ଚମଡ଼ା ରହିଥିବା ଦେଖିବାକୁ ମିଳିଥିଲା । ଏହା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଟ୍ରକ୍‌କୁ ଓଲଟାଇବା ସହ ରାସ୍ତାରୋକ କରିଥିଲେ ଉତ୍ୟକ୍ତ ଲୋକ ଏହାପରେ ଟ୍ରକ୍ ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହ ନିର୍ଘାତ ମାଡ଼ ମାରିଥିଲେ । ଶହ ଶହ ଲୋକ ପହଞ୍ଚିଯିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା । ଖବର ପାଇ ଜୋନ୍-୨ ଏସିପି, ଥାନା ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ଲୋକେ । ଯେଉଁଥି ପାଇଁ ପୁଲିସ



ସହ ଲୋକଙ୍କ ମୁହାଁମୁହିଁ ସ୍ଥିତି ଉପୁଜିଥିଲା । ଦୀର୍ଘ ଅଧ ଘଣ୍ଟା ଧରି ସେଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଲା । ଶେଷରେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲେ । ପରେ ଘଟଣା ସ୍ଥଳରେ ଏକ ପ୍ଲାଟୁନ୍ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ବାରମ୍ବାର ଏପରି ଘଟଣା ଘଟୁଥିଲେ ବି ନିରବଦ୍ରଷ୍ଟା ପାଲଟିଛି । ଏପଟେ ଗୁରୁତ୍ୱର ସହ ନେଇ ଘଟଣାର ତଦ କରାଯାଉଥିବା କହିଛି ପୁଲିସ ।

ସେହିପରି ଗତକାଲି ଭୁବନେଶ୍ୱର ଉପକଣ୍ଠ ଜଟଣୀ ବେଣାପଞ୍ଜରୀରୁ ପଶ୍ଚିମବଙ୍ଗକୁ ପଶୁ ଅସ୍ଥି ଚାଲାଣ କରୁଥିବା ରାକେଟ୍‌କୁ ଠାବ କରିଛି କମିସନରେଟ୍ ପୁଲିସ । ଏଭଳି ବେଆଇନ ଚାଲାଣ ଅଭିଯୋଗରେ ତମାଣ୍ଡୋ ଥାନା ପୁଲିସ ୩ ଜଣ ବଙ୍ଗୀୟଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପୂର୍ବ ମେଦିନୀପୁର ଜିଲ୍ଲା କଣ୍ଟାଇ ଥାନା ଅନ୍ତର୍ଗତ ମାଣିକପୁରର ଲାଲୁ ଆଚାର୍ଯ୍ୟ (୩୬), ବଡ଼ବଡ଼ିଆର ନିତାଇ ମାଇତି(୩୫) ଓ ସେରପୁର ତେଲେଙ୍ଗାବାଦର ସଞ୍ଜୟ ଦତ୍ତ (୬୭) । ସେମାନଙ୍କଠାରୁ ୯୯୫୦ କିଲୋ ଓଜନର ପଶୁ ଅସ୍ଥି ଜବତ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ଜଟଣୀ ଥାନା ବେଣାପଞ୍ଜରୀରୁ ପଶୁ ଅସ୍ଥି ବୋଝେଇ ଟ୍ରକ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା । ଟ୍ରକ୍‌ଟି ତମାଣ୍ଡୋ ହ୍ୟୁଣ୍ଡାଇ ସୋ'ରୁମ୍ ନିକଟରେ ହୋଇଥିବାବେଳେ ପ୍ରିୟବ୍ରତ ଦାସ ଓ ତାଙ୍କ ସହଯୋଗୀମାନେ ପିସିଆର୍ ଭ୍ୟାନ୍ ସହାୟତାରେ ତାକୁ ଅଟକାଇଥିଲେ । ପଶୁ ଅସ୍ଥି ବୋଝେଇ ହୋଇଥିବା ଜଣାପଡ଼ିବା ପରେ ପୁଲିସ ୩ ଜଣ ଅଭିଯୁକ୍ତ ଓ ଟ୍ରକକୁ ଥାନାକୁ ଆଣିଥିଲା । ପଚରାଉଚରା ବେଳେ ପଶୁ ଅସ୍ଥିଗୁଡ଼ିକ ବେଣାପଞ୍ଜରୀରୁ ପଶ୍ଚିମବଙ୍ଗ ଯାଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ । ହେଲେ ପଶୁ ଅସ୍ଥି ଚାଲାଣ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ । ପ୍ରିୟବ୍ରତ ଦାସଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରିଥିଲା । ସିଆରପିସି ଧାରା ୧୬୧ ଅନୁଯାୟୀ ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରିଥିଲା । ଏଥିସହିତ ପଶୁ ଅସ୍ଥି ଭର୍ତ୍ତି ଟ୍ରକ୍‌କୁ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ । ଏହି ରାକେଟରେ ଆଉ କେଉଁମାନଙ୍କ ସଂପୃକ୍ତି ରହିଛି ସେ ନେଇ ପୁଲିସ ଖୋଳତାଡ଼ ଚଳାଇଛି । ତେବେ ଅସ୍ଥିଗୁଡ଼ିକ କେଉଁ ପଶୁର ଜାଣିବା ପାଇଁ ଅସ୍ଥିର ନମୁନାକୁ ଆସନ୍ତାକାଲି ରାଜ୍ୟ ଫରେନସିକ୍ ସାଇନ୍ସ ଲାବୋରଟୋରୀକୁ ପଠାଯିବ ବୋଲି ପୁଲିସ କହିଛି । ଅବଶିଷ୍ଟ ପଶୁ ଅସ୍ଥିକୁ ନଷ୍ଟ କରିବା ପାଇଁ ପୁଲିସ କୋର୍ଟଙ୍କ ନିକଟରେ ଆବେଦନ କରିଛି । କୋର୍ଟଙ୍କ ଅନୁମତି ପରେ ତହସିଲଦାର ଏକ ସରକାରୀ ଜମି ଚିହ୍ନଟ କରିବେ । ସେହି ସରକାରୀ ଜମିରେ ଉକ୍ତ ପଶୁ ଅସ୍ଥିଗୁଡ଼ିକୁ ପୋତାଯିବ ବୋଲି ପୁଲିସ କହିଛି ।

# ବିଷପିଇ ପତ୍ନୀଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

**ଭୁବନେଶ୍ୱର (ପିପିଏସ୍):** ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଥିବାବେଳେ ଯୌତୁକ ନିର୍ଯାତନା ଯୋଗୁଁ ସେ ଏଭଳି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ସଂପୃକ୍ତ ମହିଳାଙ୍କ ସାମୀଙ୍କୁ ଗିରଫ କରିଛି ପୁଲିସ । ତମାଣ୍ଡୋ ଥାନା ଟାଙ୍ଗୀ ସାହିରେ ଏଭଳି ଘଟଣା ଘଟିଛି । ମୃତକ ଜଣକ ହେଉଛନ୍ତି ବାଣପୁର ଥାନା ଅନ୍ତର୍ଗତ ଭେଟେଶ୍ୱର ଗାଁର ସନ୍ତୋଷୀ ସାହୁ (୨୧) । ଗିରଫ ଅଭିଯୁକ୍ତ ହେଉଛି ରଣପୁର ଥାନା ଓଡ଼ପଲା ଗାଁର ରଞ୍ଜନ ସାହୁ (୨୩) । ସେ ପତ୍ନୀଙ୍କୁ ଧରି ତମାଣ୍ଡୋ ଟାଙ୍ଗୀ ସାହିରେ ରହୁଥିଲେ । ପୁଲିସ ସୂଚନା ମୁତାବକ, ରଞ୍ଜନ ୨୦୧୭ ମସିହାରେ ସନ୍ତୋଷୀଙ୍କୁ ପ୍ରେମ ବିବାହ କରିଥିଲା । ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ସନ୍ତୋଷୀଙ୍କ ବାପା ଅନୁ ଯୌତୁକ ଦେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ରଞ୍ଜନଙ୍କ ପରିବାର ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ । କିଛି ଦିନ ହେବ ରଞ୍ଜନ ଓ ସନ୍ତୋଷୀ ତମାଣ୍ଡୋ ଟାଙ୍ଗୀ ସାହିରେ ଭଡ଼ା ଘର ନେଇ ରହିବା ସହିତ ତମାଣ୍ଡୋ ବଜାରରେ ଏକ ଲୁଗା ଦୋକାନ କରି ଚଳୁଥିଲେ । ଗତ ସୋମବାର ଦିନ ରାତିରେ ସନ୍ତୋଷୀ ବିଷ ପିଇ ଦେଇଥିଲେ । ରଞ୍ଜନ ତାଙ୍କୁ ଚିକିତ୍ସା ପାଇଁ ଏମ୍‌ସରେ ଭର୍ତ୍ତି କରିଥିଲେ । ହେଲେ କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ତମାଣ୍ଡୋ ଥାନା ପୁଲିସ ଏମ୍‌ସରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ସନ୍ତୋଷୀଙ୍କ ବାପା ଅନୁଙ୍କୁ ଖବର ଦେଇଥିଲା । ଅନୁ ମୁମ୍ବାଇରେ ଥିବାରୁ ଗତକାଲି ଆସି ତମାଣ୍ଡୋରେ ପହଞ୍ଚିଥିଲେ । ରଞ୍ଜନ ଓ ତାଙ୍କ ପରିବାର ଲୋକେ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ ବୋଲି ସେ ଅଭିଯୋଗ କରିଥିଲେ । ନିର୍ଯାତନା ଅସହ୍ୟ ହେବାରୁ ଝିଅ ଆତ୍ମହତ୍ୟା କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ । ତାଙ୍କ ଅଭିଯୋଗ କ୍ରମେ ପୁଲିସ ୩୦୪-ବି/୩୦୬/୩୪ ଆଇପିସି ଓ ୪ ଡିପି ଆକ୍ଟରେ ମାମଲା ରୁଜୁ କରିଥିଲା । ଆଜି ଅଭିଯୁକ୍ତ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ସେପଟେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର (ପିପିଏସ୍):** ୧୫ ବର୍ଷୀୟା ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ଭରତପୁର ଲେନ୍ ୪ର ସୂର୍ଯ୍ୟପ୍ରସାଦ ବେହେରା (୨୬) ଓ ଲେନ୍ ୫ର ଶଙ୍କର ମାଝୀ (୨୬) । ପୁଲିସ ସୂଚନା ଅନୁସାରେ, ଭରତପୁର ୟୁନିଟ୍ ୪ ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ଗତ ଗୁରୁବାର ତାଙ୍କ ଘର ନିକଟରେ ଥିବା ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ । ନାବାଳିକା ଜଣକ ସାଙ୍ଗଙ୍କ ଛାତ ଉପରେ ଥିବାବେଳେ ଶଙ୍କର ଓ ସୂର୍ଯ୍ୟ ସେଠାକୁ ଯାଇଥିଲେ ।

ଦୁଇ ଅଭିଯୁକ୍ତ ନାବାଳିକାଙ୍କ ପୋଷାକକୁ ଟଣାଟଣି କରିବା ସହିତ ତାଙ୍କୁ ଅସଦାଚରଣ କରିଥିଲେ । ନାବାଳିକା ଜଣକ ବିରୋଧ କରିବାରୁ ସୂର୍ଯ୍ୟ ଓ ଶଙ୍କର ତାଙ୍କୁ ମାଡ଼ ମାରିଥିଲେ । ସେହି ସମୟରେ ନାବାଳିକାଙ୍କ ମା' ଘଟଣାସ୍ଥଳରେ ପହଞ୍ଚିବା ପରେ ଝିଅ କାନ୍ଦୁଥିବାର ଦେଖିଥିଲେ । ଅଭିଯୁକ୍ତମାନେ ତାଙ୍କ ମା'ଙ୍କ ଉପରକୁ ଇଟା ଫୋପାଡ଼ି ଫେରାର ହୋଇଯାଇଥିଲେ । ନାବାଳିକାଙ୍କ ମା'ଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଏ ନେଇ ସେ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ କରୁଥିଲା । ଆଜି ସୂର୍ଯ୍ୟ ଓ ଶଙ୍କରକୁ ଭରତପୁର ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ ।

# ମାରଓ୍ୱାଡି ଯୁବମଞ୍ଚ ପକ୍ଷରୁ ରକ୍ତଦାନ ଅଭିଯାନ

**ଭୁବନେଶ୍ୱର (ପିପିଏସ୍):** ବର୍ତ୍ତମାନର ସମୟ ଯୁଦ୍ଧର ନୁହେଁ, ପ୍ରେମର । ପ୍ରେମ ହିଁ ପୃଥିବୀକୁ ଆହୁରି ସୁନ୍ଦର କରିପାରିବ । ଜୀବନ ଆହୁରି ମଧୁମୟ ହୋଇପାରିବ । ରକ୍ତର କୌଣସି ସୀମା ସରହଦ ନାହିଁ । ସେହିଭଳି ରକ୍ତଦାତାମାନେ ଅସୀମତାର ପ୍ରତୀକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଶନିବାର ରାଜଭବନ ନୂଆ ଅଭିଷେକ ହଲ୍‌ରେ ଓଡ଼ିଶା ପ୍ରାନ୍ତୀୟ ମାରଓ୍ୱାଡି ଯୁବ ମଞ୍ଚ ପକ୍ଷରୁ ଆୟୋଜିତ ରକ୍ତଦାନ ଅଭିଯାନକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ, ଆମ ଗୁଣସୂତ୍ରରେ ଅଛନ୍ତି ଶ୍ରୀଜଗନ୍ନାଥ, ଯେ ଅନନ୍ତ ପ୍ରେମ ଓ ଆନନ୍ଦର ସୃଜକ । ରକ୍ତ ହିଁ ଅମୃତ ଯାହା ଅନ୍ୟ ଏକ ଜୀବନକୁ ଆୟୁଷରେ ଭରିଦିଏ । ରକ୍ତଦାନ ହିଁ ଈଶ୍ୱରୀୟ ଉପାସନା ବୋଲି କହିଥିଲେ । ମଞ୍ଚର ଅଧ୍ୟକ୍ଷ ବିକାଶ କୁମାର ବଥୁଆଲ, ରକ୍ତଦାନ ଶିବିରର ଅଧ୍ୟକ୍ଷ ରମାଶଙ୍କର ରୁଙ୍ଗଟା, ଆବାହକ ଅନୀଲ କୁମାର ଅଗ୍ରଓ୍ୱାଲ, ନେହା ପଟଓ୍ୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ମଞ୍ଚ ପକ୍ଷରୁ ଜୁନ୍ ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ୧୦୬ ଶାଖା ଜରିଆରେ ୨୫୦ରୁ ଊର୍ଦ୍ଧ୍ୱ ଶିବିର ମାଧ୍ୟମରେ ୧୧,୧୧୧ ୟୁନିଟ୍ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା କୁହାଯାଇଛି ।

# ଅଭିଲିପ୍‌ସା ହେଲେ 'ରଜ ରାଜକୁମାରୀ'



**ଭୁବନେଶ୍ୱର (ପିପିଏସ୍):** ଫ୍ୟାଶନ୍ ମଡେଲ ପ୍ରଶିକ୍ଷଣ ସଂସ୍ଥା ଓଡ଼ିଶା ଫ୍ୟାଶନ୍ ଭିଲ୍ଲା ପକ୍ଷରୁ ରଜ ଉପଲକ୍ଷେ 'ରଜ ରାଜକୁମାରୀ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଯୁବତୀମାନେ ଉଭୟ ଅନଲାଇନ୍ ଓ ଅଫ୍ ଲାଇନ୍‌ରେ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ଗ୍ରାଣ୍ଡ ଫିନାଲେକୁ ମନୋନୀତ କରାଯାଇ ସ୍ଥାନୀୟ ଏକ ହୋଟେଲରେ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ମିସେସ୍ ଇଣ୍ଡିଆର ବିଜେତା ପୁନମ୍ ପାଠକ ଏବଂ କୃଷ୍ଣପ୍ରିୟା ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ପୁରୀ ଜିଲ୍ଲା ଡେଲାଙ୍ଗର ଅଭିଲିପ୍‌ସା ବିଜେତା ହୋଇଥିବାବେଳେ କେନ୍ଦୁଝର, ଆନନ୍ଦପୁରର ଝିଅ ମାମିନା ଦାସ ଉପବିଜେତା ହୋଇଥିଲେ । ଏହି ରାଜ୍ୟସ୍ତରୀୟ ବିଜେତାମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଓଡ଼ିଶା ଫ୍ୟାଶନ୍ ଭିଲ୍ଲା ପକ୍ଷରୁ ସୂଚନା ଦିଆଯାଇଛି ।

# କଳାକାରଙ୍କୁ ସମ୍ମାନିତ କଲା ତୁଷାର ଚାରିଟେବୁଲ୍ ଟ୍ରଷ୍ଟ

**ଭୁବନେଶ୍ୱର (ପିପିଏସ୍):** ତୁଷାର ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଦ୍ୱିତୀୟ ତୁଷାରଶ୍ରୀ ଯାତ୍ରା କଳାକାର ସମ୍ମାନ ପ୍ରଦାନ ଉତ୍ସବ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ରାଜ୍ୟସଭା ସାଂସଦ ମୁନା ଖାଁ ଯୋଗଦେଇଥିବା ବେଳେ ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଟ୍ରଷ୍ଟର ସଭାପତି ଜିତେନ୍ଦ୍ର କୁମାର ଜେନା, ମୁଖ୍ୟ ଉପଦେଷ୍ଟା ଶିବିର କୁମାର ପରିଡ଼ା, ସମ୍ପାଦକ ବିବେକାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଉତ୍ସବରେ ସ୍ୱର୍ଣ୍ଣମହଲ ଯାତ୍ରା ପାର୍ଟିର କବିରାଜ ସ୍ୱାଇଁଙ୍କୁ ଶ୍ରେଷ୍ଠ ପ୍ରଯୋଜକ, ଅଜୟ ନାୟକଙ୍କୁ ଶ୍ରେଷ୍ଠ ନାୟକ, ରୀନା ପଣ୍ଡାଙ୍କୁ ଶ୍ରେଷ୍ଠ ନାୟିକା, ସୁକାନ୍ତି ପାଢ଼ୀଙ୍କୁ ଶ୍ରେଷ୍ଠ ଖଳନାୟିକା, ତାପସ ସାହୁଙ୍କୁ ଶ୍ରେଷ୍ଠ ଖଳନାୟକ, ଆକାଶ ନନ୍ଦଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ସୁମିତ୍ରା ଦେହୁରୀଙ୍କୁ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, ଅଜିତ ଦଳେଇଙ୍କୁ ଶ୍ରେଷ୍ଠ ବାପା, ଗୌର ପାଢ଼ୀଙ୍କୁ ଶ୍ରେଷ୍ଠ ଚରିତ୍ର ଅଭିନେତା



ଭାବେ, ସୁଦର୍ଶନ ଓ ବେବିନାଙ୍କୁ ଶ୍ରେଷ୍ଠ ଖଳନାୟକ ଯୋଡ଼ି, ଅଧିରାଜ ସାହୁଙ୍କୁ ଉଦୀୟମାନ ନାୟକ, ପଙ୍କଜ ନାଥଙ୍କୁ ନବାଗତ ନାୟକ, ସାଲୋନୀ ଦାସଙ୍କୁ ନବାଗତ ନାୟିକା, ପ୍ରଭାକାର ସାହୁଙ୍କୁ ଶ୍ରେଷ୍ଠ ହାସ୍ୟ ଅଭିନେତା, ଶୁଭାଶିଷ ଓ ହରପ୍ରିୟାଙ୍କୁ ଶ୍ରେଷ୍ଠ ଯୋଡ଼ି, ଶ୍ୱେତ କୁମାର ରଥଙ୍କୁ ଶ୍ରେଷ୍ଠ ଗାୟକ, ମିଟୁ ଓ ନମିତାଙ୍କୁ ଶ୍ରେଷ୍ଠ ଗାୟକ-ଗାୟିକା ଯୋଡ଼ି, ଅଭିମନ୍ୟୁ ରାଉତଙ୍କୁ ଶ୍ରେଷ୍ଠ ଉପସ୍ଥାପକ, ମାମୁନି କରଙ୍କୁ ଶ୍ରେଷ୍ଠ ଉପସ୍ଥାପିକା, ଅଭି ଓ ରୂପାଙ୍କୁ ଶ୍ରେଷ୍ଠ ମଞ୍ଚ ଉପସ୍ଥାପକ ଯୋଡ଼ି, ବାପି ପଣ୍ଡାଙ୍କୁ ଶ୍ରେଷ୍ଠ ଯୁବ ହାସ୍ୟ ଅଭିନେତା, ଅମୃତାଂଶୁ ପଟ୍ଟନାୟକଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ବିକ୍ରମ କେଶରୀ ନାୟକଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ, ଦୀପକ ଜେନାଙ୍କୁ ଶ୍ରେଷ୍ଠ ଲେଖକ, ନିଗମ ମିଶ୍ରଙ୍କୁ ଶ୍ରେଷ୍ଠ ଗୀତିକାର, 'ଆଖି ତୋର, ଲୁହ ମୋର' (ଶିବାନୀ ଗଣନାଟ୍ୟ) ନାଟକକୁ ଶ୍ରେଷ୍ଠ ନାଟକ, ବାସୁଦେବ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ମାନିତ କରାଯାଇଥିଲା ।

# ସମସ୍ୟା କରିବ ଅନିୟମିତ ମୌସୁମୀ ବର୍ଷା

**ଭୁବନେଶ୍ୱର (ପିପିଏସ୍):** ଜଳବାୟୁ ପରିବର୍ତ୍ତନ କାରଣରୁ ସମଗ୍ର ବିଶ୍ୱ ପ୍ରଭାବିତ ହେବାକୁ ଯାଉଥିବା ବେଳେ ଓଡ଼ିଶାର କୃଷି ଓ କୃଷକଙ୍କ କ୍ଷେତ୍ରରେ ମଧ୍ୟ ଏହାର ବଡ଼ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି । ପରିବର୍ତ୍ତିତ ପରିସ୍ଥିତିରେ ଖାଦ୍ୟସୁରକ୍ଷା ଏକ ବିରାଟ ସମସ୍ୟା ଭାବେ ଉଭା ହେଲାଣି । ଏହା କୃଷି ବୈଜ୍ଞାନିକ ତଥା ଆମ ସମସ୍ତଙ୍କ ପାଇଁ ବିରାଟ ଆହ୍ୱାନ । ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ଓ ଉତ୍କଳ ବିକାଶ ପରିଷଦ ପକ୍ଷରୁ ମିଳିତ ଭାବେ ଆୟୋଜିତ ସ୍ମାରକୀ ବକ୍ତୃତାରେ ଯୋଗ ଦେଇ ଏଭଳି କହିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ । ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ଅଧ୍ୟକ୍ଷ ଡ. ଗୋବିନ୍ଦ ଭୂୟାଁ ଅତିଥିମାନଙ୍କୁ ସାଗତ କରିବା ସହ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ପରେ ପ୍ରତିଷ୍ଠାନର ପୃଷ୍ଠପୋଷକ ନଟବର ଖୁଣ୍ଟିଆ ସ୍ମାରକୀ ବକ୍ତୃତାର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଆବାହକ ଜଗଦୀଶ ପ୍ରଧାନ ଦାରିଙ୍ଗିବାଡ଼ି ବ୍ଲକର ସ୍ୱୟଂ ସହାୟିକା ତଥା ଆଦର୍ଶ ମହିଳା କୃଷକ ପ୍ରଭାସିନୀ ପ୍ରଧାନ ଓ ପିପିଲି ବ୍ଲକର ଦିବ୍ୟାଙ୍ଗ ଯୁବ ପ୍ରାଣୀ ଚିକିତ୍ସକ ବିଜୟ କୁମାର ବେହେରାଙ୍କର ପରିଚୟ ପ୍ରଦାନ କରିଥିଲେ । ଏହାପରେ ଏହି ଦୁହିଁଙ୍କୁ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାପରେ ସ୍ତମ୍ଭକାର ନଟବର ଖୁଣ୍ଟିଆଙ୍କ ଲିଖିତ ଇଂରାଜୀ ପୁସ୍ତକ 'ଫାର୍ମ ଇକୋନମି ଅଫ ଓଡିଶା'କୁ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଲୋକାର୍ପଣ କରିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ପାଣିପାଗବିତ ଡ଼ଃ ଶରତ ଚନ୍ଦ୍ର ସାହୁ କହିଲେ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି ଘଟିଥିବାରୁ ଓଡିଶା ସମେତ ସମଗ୍ର ବିଶ୍ୱରେ ଜଳବାୟୁରେ ପରିବର୍ତ୍ତନ ଦେଖାଦେଉଛି । ଓଡ଼ିଶାରେ ବିଗତ ୪-୫ ବର୍ଷ ହେଲାଣି ଅନିୟମିତ ମୌସୁମୀବର୍ଷା ହେଉଛି । କେଉଁଠି ବନ୍ୟା ହେଲାବେଳେ, ଆଉ କେଉଁଠି ମରୁଡି ପରିସ୍ଥିତି ଦେଖାଦେଉଛି । ସେହିଭଳି ମାଟିର ଉର୍ବରତା କମିବା ମଧ୍ୟ କମିଛି । ଏହି ସବୁ କ୍ଷେତ୍ରକୁ କାବୁକୁ ଆଣିବାକୁ ହେଲେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯିବା ଦରକାର । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଚିନ ମହାପାତ୍ର, ସୁଦତ୍ତା ଖୁଣ୍ଟିଆ, ମହେନ୍ଦ୍ରନାଥ ନାୟକ, ପ୍ରକାଶ ଚନ୍ଦ୍ର ବେହେରା ଓ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଜନ୍ତା ସର୍କସ: ଆକର୍ଷିତ କରୁଛି ଗ୍ଲୋବ୍ ବାଇକ୍ ଚାଳନା

**ଭୁବନେଶ୍ୱର (ପିପିଏସ୍):** ଦିର୍ଘ ୮ବର୍ଷ ପରେ ୟୁନିଟ୍-୩ ପଦର୍ଶନୀ ପଡ଼ିଆରେ ଚିତ୍ତାକର୍ଷକ ରୋମାଞ୍ଚକାରୀ ଅଜନ୍ତା ସର୍କସ ଶୁଭାରମ୍ଭ ହୋଇଛି । ୩୫ଦିନ ଧରି ହେବାକୁ ଥିବା ଏହି ସର୍କସରେ ଯୁବକଯୁବତୀମାନଙ୍କର ଚିତାକର୍ଷକ ବିପଦପୂର୍ଣ୍ଣ ଖେଳ ପ୍ରଦର୍ଶନ କରାଯାଉଛି । ଏହି ଅନ୍ତଃରାଷ୍ଟ୍ରୀୟ ଖେଳ ଦେଖିବାକୁ ଲୋକଙ୍କ ଆଗ୍ରହ ରହିଥିବାବେଳେ ବିଦେଶରୁ ଆସି ପୂର୍ବରୁ ଏହି ସର୍କସ ଓଡ଼ିଶାର ବିଭିନ୍ନ ସହରରେ ପ୍ରଦର୍ଶିତ ହେଉଥିଲା । ପୂର୍ବରୁ କର୍ମକ୍ଳାନ୍ତ ଜୀବନରେ ମନୋରଞ୍ଜନ ପାଇଁ ଏହି ସର୍କସକୁ ଦେଖି ମନୋରଞ୍ଜନ କରୁଥିଲେ ଲୋକେ । ଧୀରେ ଧୀରେ ଏହା ଲୁପ୍ତ ହେବାକୁ ବସିଥିବା ଏହି ଖେଳକୁ ଟିଭି ଓ ମୋବାଇଲରେ ମଧ୍ୟ



ଦେଖିବାକୁ ଅନେକ ପସନ୍ଦ କରିଥାନ୍ତି । ତେବେ ଏହି ସର୍କସକୁ ସାମ୍ନାସାମ୍ନି ଦେଖିବାର ସୁଯୋଗ ପାଇଛନ୍ତି ସହରବାସୀ । ଏଥିରେ ଆଫ୍ରିକାନ୍, ଋଷିଆନ୍, ମଣିପୁରର କଳାକାରମାନେ ଚିତାକର୍ଷକ ଖେଳ ପ୍ରଦର୍ଶନ କରୁଛନ୍ତି । ଫାୟାର ରିଂ, ଫ୍ଲାଇଂ, ଫାୟାର ଡ୍ୟାନ୍ସ, ସାଇକେଲ ପ୍ଲାଏ, ରିଂ ବାଲାନ୍ସ, ଜୋକର କମେଡି ସହ ୩୦ପ୍ରକାର ଖେଳ ପ୍ରଦର୍ଶନ କରାଯାଉଛି । ଏଥିରେ ଗ୍ଲୋବ ମଟର ସାଇକେଲ୍ ରାଇଡ୍ ଅଧିକ ଦର୍ଶକଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଛି । ଏହାକୁ ଅଜନ୍ତା ସର୍କସର ମ୍ୟାନେଜର ବୈକୁଣ୍ଠ ପାତ୍ର ଓ ସଞ୍ଜିତ ଘୋଷାଲ ପରିଚାଳନା କରୁଛନ୍ତି ।

ସୂଚନାଯୋଗ୍ୟ ଯେ କିଛିଦିନ ତଳେ ସମସ୍ତ ପ୍ରସ୍ତୁତି ସହ ଅଜନ୍ତା ସର୍କସ୍ ତା'ର ଖେଳ ଆରମ୍ଭ କରିବାକୁ ଥିବାବେଳେ ପ୍ରଥମ ଦିନରେ କାଳବୈଶାଖୀ ଯୋଗୁଁ ଟେଣ୍ଟ ଭୁଶୁଡ଼ି ପଡ଼ିବାରୁ ପ୍ରଦର୍ଶନ ହୋଇପାରିନଥିଲା । ଟେଣ୍ଟ ପୁନଃ ନିର୍ମାଣ ପରେ ପ୍ରଦର୍ଶନ ଆରମ୍ଭ ହୋଇଛି ।

# ରିତଲୀନା ପକ୍ଷରୁ ରଜ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ବରମୁଣ୍ଡା ହାଉସିଂ କଲୋନୀ ଗୋଷ୍ଠୀ କେନ୍ଦ୍ରଠାରେ ରଜ ପର୍ବ ପାଳିତ ହୋଇଯାଇଛି । ଇଭେଣ୍ଟ ମ୍ୟାନେଜେମେଣ୍ଟ ଫାର୍ମ ରିତଲୀନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଭିନେତ୍ରୀ ସ୍ୱପ୍ନା ପତି, ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଶାସକ ପ୍ରଦୀପ ବିଶ୍ୱାଳ ଓ ଅଧାପିକା ଲଗ୍ନା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅତିଥିଗଣ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ଛାତ୍ର ଓ ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସଂସ୍ଥାର ପ୍ରତିଷ୍ଠାତା ରୋଜାଲିନ ପଟ୍ଟନାୟକ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ବିଜୟ ପାତ୍ର, ସଂଯୁକ୍ତା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

# ଉତ୍କଳ ଗ୍ରାମ ସ୍ୱରାଜ୍ୟ ତରଫରୁ ନୂଆପଡା ଛକ ଠାରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ



କଟକ ସଦର, (ପିପିଏସ) : ଉତ୍କଳ ଗ୍ରାମ ସ୍ୱାରାଜ୍ୟ, ନେତାଜୀ ନଗର, ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଏବଂ ନୂଆପଡା ପୂଜା କମିଟିର ମିଳିତ ଆନୁକୂଲ୍ୟରେ ପୂଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ଦିବସ ସଭାପତି ବ୍ରହ୍ମାନନ୍ଦ ମହାନ୍ତିଙ୍କ ପୌରହିତ୍ୱରେ ଆଜି ନୂଆପଡା ଛକ ଠାରେ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡଃ ସୁନାମଣି ରାଉତ, ସମ୍ମାନିତ ଅତିଥି ଭାବେ ଡଃ ସୁବାଷ ଚନ୍ଦ୍ର ଦ୍ୱିବେଦୀ, ଡଃ ଅର୍ଜୁନ ଚରଣ ମଲ୍ଲିକ୍, ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ଭୋଳ, ବିରେନ୍ଦ୍ର କୁମାର ବାରିକ, ଭଗବତି ଖଟୁଆ, ଡଃ ନୀଳକଣ୍ଠ ରାଉତ ପ୍ରମୁଖ ଯୋଗଦେଇ ଉତ୍କଳମଣୀଙ୍କ ସ୍ମୃତିଚାରଣ କରିଥିଲେ । ଏହି ଶ୍ରାଦ୍ଧ ଦିବସ ଅବସରରେ ସଂଗଠନ ପକ୍ଷରୁ ଆଜି ସକାଳ ସାତ ଘଟିକାରେ କାଠଯୋଡି ନଦୀର ଗାଦି ଗୋଷାଇଁ ତୁଠରେ ତିଳତର୍ପଣ କରାଯାଇଥିଲା । ପରେ ପରେ ନୂଆପଡା ଛକ ସ୍ଥିତ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁନଲତା ତ୍ରିପାଠୀ, ମହେନ୍ଦ୍ର ପ୍ରସାଦ ମହାପାତ୍ର, କଲ୍ୟାଣୀ ନାୟକ, ଜୟନ୍ତୀ ବାରିକ, ନୂଆପଡା ପୂଜାକମିଟିର ଉପସଭାପତି ରତ୍ନାକର ନାୟକ, କୈଳାଶ ଚନ୍ଦ୍ର ବିଶ୍ୱାଳ, ଡଃ ବସନ୍ତ କୁମାର ନନ୍ଦ, ବାବୁଲିଧର ନାୟକ, ସଂଯୋଜ କୁମାର ସାମନ୍ତରାୟ, ଡଃ ଆର୍ତତ୍ରାଣ ବିଶ୍ୱାଳ, ପଣ୍ଡିତ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ ତଥା ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।

## ଦୋଳିରେ ଛନ୍ଦି ହୋଇ ୮ ବର୍ଷର ନାବାଳକ ମୃତ

ଭଦ୍ରକ, (ପିପିଏସ) : ଆଜି ଏକ ଅଭାବନୀୟ ପରିସ୍ଥିତିରେ ରଜଦୋଳିରେ ଛନ୍ଦି ହୋଇ ଜଣେ ୮ ବର୍ଷ ନାବାଳକର ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇଦେଇଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ଗେଲପୁର ପଂଚାୟତର ଗୋପବନ୍ଧୁପୁର ଗ୍ରାମନିବାସୀ ଦିନ ମଜୁରିଆ କାହ୍ନୁଚରଣ ମଲିକଙ୍କ ୮ ବର୍ଷର ପୁତ୍ର ପ୍ରିୟାଂଶୁ ଘରେ ଶାଢୀରେ ଲଗାଯାଇଥିବା ଦୋଳିରେ ଝୁଲୁଥିଲା । ଝୁଲୁଥିବା ଅବସ୍ଥାରେ ଶାଢୀଟି ତା ବେକରେ ଛନ୍ଦି ହୋଇଯିବାରୁ ସେ ଗୁରୁତର ହୋଇପଡିଥିଲା । ଘରେ ତାର ମା' କାମ କରୁଥିବାରୁ ତାହା ଦେଖିପାରିନଥିଲେ । ପରବର୍ତ୍ତୀ ସମୟରେ ପ୍ରିୟାଂଶୁଙ୍କୁ ଗୁରୁତର ଭାବେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯିବା ପରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ । ଏଠାରେ ସୂଚନାଯୋଗ୍ୟ ଦିନ ମଜୁରିଆ କାହ୍ନୁଚରଣଙ୍କ ତାଙ୍କର ବଡପୁତ୍ର ଭିନ୍ନକ୍ଷମ ଅଟେ ।

# ୪ଦିନିଆ ଅର୍କଶ୍ରୀ ରଜଉତ୍ସବ ୨୦୨୩ ଉଦଯାପିତ




କୋଣାର୍କ, (ପିପିଏସ) : କୋଣାର୍କ ମା' ଭଗବତୀଙ୍କ ପୀଠରେ ସାମାଜିକ ଅନୁଷ୍ଠାନ ଅର୍କଶ୍ରୀ ଓ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନ ତରଫରୁ ଚଳିତ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ରଜ ଉତ୍ସବ ୨୦୨୩ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି । ଚାରିଦିନିଆ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଗବତୀ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ସାମାଜିକ ଅନୁଷ୍ଠାନ ଅର୍କଶ୍ରୀ ଏବଂ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନର ମିଳିତ ଉଦ୍ୟମରେ ମୌସୁମୀ ଋତୁକୁ ସ୍ୱାଗତ କରିବା, ଓଡିଶା ପରମ୍ପରା ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବା, ମହିଳା ସଶକ୍ତିକରଣର ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ ଚାରିଦିନ ଅନୁଷ୍ଠିତ ହୋଇଥିଲା । ଅର୍କଶ୍ରୀ ପକ୍ଷରୁ ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି ଗଣ ପର୍ବ ଏବେ ବିଶାଳ ଉତ୍ସବରେ ପରିଣତ ହୋଇଛି । ଏହି ୨୪ତମ ରଜ ଉତ୍ସବ ସମୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅର୍କପ୍ରଭା, ଅର୍କଶ୍ରୀ ଓ ରଜ ସମ୍ମାନରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି । ରଜ ସଂକ୍ରାନ୍ତି ଦିନ ମହିଳା ମାନଙ୍କ ମଧ୍ୟରେ ଗୀତ, କାନ୍ଦଣା, ହୁଳହୁଳି, ପୁଚି, ଲୁଡୁ, ତାସ, ମେହେନ୍ଦି, ଝୋଟି ପ୍ରତିଯୋଗିତା ସହ ପାନ ଓ ପୋଡ଼ପିଠା ପ୍ରସ୍ତୁତି ସହ ପୁରୁଷ ମାନଙ୍କ ପାଇଁ କବାଡି, ନଡ଼ିଆ ଲଢେଇ, ତାସ ଓ ଲୁଡୁ ପ୍ରତିଯୋଗିତା କରାଯାଇଛି । ଏହି ରଜ ଉତ୍ସବ ଉପଲକ୍ଷେ ନିଶିଗନ୍ଧା ଭାଷା ସାହିତ୍ୟ ଅନୁଷ୍ଠାନର ନିଜର ସହଭାଗିତା ସହ ୮ମ ବାର୍ଷିକ ଉତ୍ସବ ପାଳନ କରିଛି । ଏହି ଅବସରରେ ପ୍ରତିଦିନ ସାଧାରଣ ସଭା, ସାହିତ୍ୟ ଆସର, ଆଲୋଚନା, ପ୍ରତିଯୋଗିତା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ ନୃତ୍ୟ ଗୀତର କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା । ଏଠାକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ମାନେ ସୁସଜ୍ଜିତ ଦୋଳିରେ ଖେଳିବା ସହ ପାରମ୍ପରିକ ପିଠା ପଣା ଖାଇବା, ନାଚ ଗୀତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ମଉଜ କରୁଥିବା ଦେଖିବାକୁ ମିଳିଥିଲା । ଏହି ଉତ୍ସବକୁ ଅର୍କଶ୍ରି ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ନୀଶିଗନ୍ଧା ସମ୍ପାଦକ ବଳରାମ ତରାଇ, ସୁରେଶ ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ପ୍ରତାପ ରାଉତ, ଲିଙ୍ଗରାଜ ନାୟକ, ସୁରେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ଉତ୍କଳମଣିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଚୌଦ୍ୱାର, (ପିପିଏସ୍) : ମହାନ୍ ସେବକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ଚୌଦ୍ୱାରରେ ପାଳିତ ହୋଇ ଯାଇଛି । ଚୌଦ୍ୱାର ସାହିତ୍ୟ ସଂସଦ ଆନୁକୁଲ୍ୟରେ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଟିଏମ୍ ପରିବା ବଜାରସ୍ଥିତ ଉତ୍କଳମଣିଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ । ବୈଷ୍ଣବ ଚରଣ ପ୍ରଧାନ, ଶିବ ପ୍ରସାଦ ପତି, ମାନସ ରଞ୍ଜନ ସାମଲ, ନାରାୟଣ ସ୍ୱାଇଁ, ନିକୁଞ୍ଜ ପଣ୍ଡା, ମନ୍ମଥ କୁମାର ସାହୁ, କେ.ସି. ପ୍ରତାପସିଂହ, ପବିତ୍ର ମୋହନ ସାହୁ, ଗଙ୍ଗାଧର ସାହୁ, ପ୍ରତାପ ଜେନା, ବୁବୁ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଅନୁରୂପଭାବେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଆୟୋଜିତ ଶ୍ରାଦ୍ଧସଭାରେ ଅନୁଷ୍ଠାନର ମୁଖ୍ୟ ମାନସ କୁମାର ସାହୁ ଉତ୍କଳମଣିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ ।

# ଜୁଲାଇ ୧ରୁ ୧୫ ଦିନ ଯାଏଁ ଅନୁଷ୍ଠିତ ହେବ ଜିଲ୍ଲାବ୍ୟାପୀ ସେବା ଉତ୍ସବ



ନୟାଗଡ଼, (ପିପିଏସ) : ଆସନ୍ତା ଜୁଲାଇ ୧ ତାରିଖରୁ ଜୁଲାଇ ୧୫ ତାରିଖ ଯାଏଁ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ହେବ ସପ୍ତମ ବାର୍ଷିକ ଜିଲ୍ଲାବ୍ୟାପି ସେବା ଉତ୍ସବ । ଏନେଇ ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ସହର ସ୍ଥିତ ହୋଟେଲ ନୀଳମାଧବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କୁ ସେବା ଧର୍ମରେ ବ୍ରତୀ କରିବା ସହ ଗରିବ ଅସହାୟଙ୍କୁ ସହାୟତାର ହାତ ବଢାଇବା ପାଇଁ ବିଗତ ୬ ବର୍ଷ ଧରି ଜିଲ୍ଲାରେ ଜିଲ୍ଲାବ୍ୟାପି ସେବା ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଏହି କ୍ରମରେ ସପ୍ତମ ଥର ପାଇଁ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ଜୁଲାଇ ୧୫ ତାରିଖ ଯାଏଁ ଏହି ସେବା ଉତ୍ସବ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ୮ଟି ବ୍ଲକରେ ଅଭାବ ଅନାଟନ ଭିତରେ ରହିଥିବା ଅସହାୟ ପାରିବାରଙ୍କୁ ବସ୍ତ୍ର ବଣ୍ଟନ, ରାସନ ସାମଗ୍ରୀ ବଣ୍ଟନ, ଗରିବଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ ଆଦି କାର୍ଯ୍ୟକ୍ରମ ଜିଲ୍ଲାରେ ବ୍ୟାପକ ଭାବେ ଆୟୋଜନ ପାଇଁ ଲକ୍ଷ ରଖାଯାଇଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ଚଷମା ବଣ୍ଟନ, ଅଂଗଦାନ ଶିବିରର ଆୟୋଜନ କରାଯିବ । ସେହିଭଳି ଦିବ୍ୟାଙ୍ଗ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ବିଭିର୍ଣ୍ଣ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ବ୍ଲକରେ ଆୟୋଜନ କରାଯିବ । ଜୁଲାଇ ୧ ତାରିଖ ସନ୍ଧ୍ୟାରେ ନୟାଗଡ଼ ଦୁର୍ଗମଣ୍ଡପ ଠାରେ ସେବା ଉତ୍ସବର ଉଦ୍ଘାଟନୀ ସମାରୋହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପରେ ଏହା ଜିଲ୍ଲା ପରିକ୍ରମା କରି ଜୁଲାଇ ୧୫ ତାରିଖରେ ନୟାଗଡ଼ରେ ଉଦଯାପନୀ ହେବ । ଏଣୁ, ଏହି ସେବା ଉତ୍ସବକୁ ସଫଳ କରିବା ପାଇଁ ବଦାନ୍ୟ ବ୍ୟକ୍ତିମାନେ ସହାୟତା ପ୍ରଦାନ କରିବା ପାଇଁ ସେବା ଉତ୍ସବ ସମିତି ପକ୍ଷରୁ ଅଧକ୍ଷ ଶିବରାମ ମହାପାତ୍ର ସୂଚନା ଦେଇଛନ୍ତି । ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ, ଯୁବପିଢ଼ି, ବୁଦ୍ଧିଜୀବୀ, ସମାଜସେବୀ ଓ ସାମାଜିକ ଅନୁଷ୍ଠାନ ତଥା ସବୁ ବର୍ଗର ଲୋକେ ଏହି ଉତ୍ସବରେ ଯୋଡ଼ିହୋଇପାରିବେ ବୋଲି ସମିତିର ଉପଦେଷ୍ଟା ସନ୍ତୋଷ କୁମାର ପ୍ରଧାନ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ସେବା ଉତ୍ସବ ସଦସ୍ୟ ପରମେଶ୍ୱର ସାହୁ, ଜ୍ୟୋତି ରଂଜନ ମହାପାତ୍ର, ଅମିତ କୁମାର, ଗୁଲସନ କୁମାର ଦାଶ, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ ।

## ଗୋପର କୁଶଭଦ୍ରା ନଦୀରୁ ଏକ ମୃତ୍ୟୁ ଭୃଣ ଶିଶୁକନ୍ୟା ଅଗ୍ନିଶ୍ରମ ବାହିନୀ ଦ୍ୱାରା ଉଦ୍ଧାର



ଗୋପ, (ପିପିଏସ) : ଗତକାଲି ଗୋପ ଥାନା ଅଧିନସ୍ତ ନାଗପୁର ପଞ୍ଚାୟତର ଷୋଳପୁର ମଧ ଦେଇ ପ୍ରଭାହିତ କୁଶଭଦ୍ରା ନଦୀ ଗର୍ଭରେଏକ ମୃତ ଶିଶୁକନ୍ୟକୁ ଗୋପ ଅଗ୍ନିଶ୍ରମ ବାହିନୀ ଦ୍ୱାରା ଉଦ୍ଧାର ହୋଇଛି । ୧୭ତାରିଖ ସକାଳୁ ସ୍ଥାନୀୟ ବାସିନ୍ଦା ନଦୀକୁ ନିତ୍ୟକର୍ମ ପାଇଁ ଯିବା ସମୟରେ, ଏକ ନବଜାତ ଶିଶୁକନ୍ୟାଟି ନଦୀରେ ଭାସୁଥିବାର ଦେଖିଥିଲେ । ତୁରନ୍ତ ନିକଟସ୍ତ ପୋଲିସକୁ ଖବର ଦେଇଥିଲେ ସୁଦ୍ଧା ପୋଲିସ ପଞ୍ଚିବାରେ ବିଳମ୍ବ ହେତୁ ଗୋପ ଅଗ୍ନିଶ୍ରମ ବାହିନୀ ଖବର ପାଇଁ ନଦୀରୁ ନବଜାତ ଶିଶୁକନ୍ୟା ଉଦ୍ଧାରକାରୀ ଥିଲେ ଏହି ଶିଶୁ କନ୍ୟାଟିକୁ କିଏ ନଦୀ ଗର୍ବକୁ ଫିଙ୍ଗି ଦେଇଥିବାର ଅନୁମାନ କରଯାଉଥିବା ବେଳେ ଏହାର କାରଣ ଅସ୍ୱଷ୍ଟ ଥିବା ଜଣାପଡିଛି । ମୃତ ଶିଶୁକନ୍ୟାଟିକୁ ଦେଖିବା ପାଇଁ ନଦୀ କୂଳରେ ଲୋକଙ୍କ ଭିଡ଼ ଜମିଛି । ଅନେକ ବର୍ଷ ପରେ ଗୋପ ଅଞ୍ଚଳରେ ଭୃଣ ହତ୍ୟାର ପୁନରାବୃତ୍ତି ହୋଇଥିବରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି । ଏହା ଏକ ଅବହୀଧ ଗର୍ଭ ସନ୍ତାନ ହୋଇଥାଇପାରେ ବୋଲି ଗୋପ ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ମର୍ମାହତ ସଡ଼କ ଦୁର୍ଘଟଣା ୩ ମୃତ୍ୟୁ ଜଣେ ଗୁରୁତର




ଗୋପ, (ପିପିଏସ) : ଗୋପ ବ୍ଲକ ଅଧିନସ୍ଥ ବନାଖଣ୍ଡି ଛକ ନିକଟରେ ଦୁଇ ବାଇକ ଆରୋହୀଙ୍କ ମଧ୍ୟରେ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଆଜି ସକାଳୁ ଜଣଙ୍କର ମୃତ୍ୟୁ ହୋଇଥିଲା ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ଗତକାଲି ଶୁକ୍ରବାର ରାତି ୧୧ ଟା ସମୟରେ କୋଣାର୍କ ଅଞ୍ଚଳରୁ ବିଜୟ ବେହେରା ବୟସ ୩୨ ଓ ତାଙ୍କ ସହିତ ସୁବାସ ଦାସ ୩୦ ଏକ ମୃତ୍ୟୁ ଖବର ଶୁଣି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ । ଠିକ ସେହି ସମୟରେ ଗୋପରୁ କୋଣାର୍କର ନଳକଣ ଅଭିମୁଖେ ଯାଉଥିଲେ କୈଳାସ ଦାସ ବୟସ ୩୨ ଆଉ ତାଙ୍କ ସହିତ ଥିଲେ ରଞ୍ଜିତ ବେହେରା ବୟସ ୩୨ ଯାଉଥିଲେ । ବନାଖଣ୍ଡି ଛକ ନିକଟରେ ଦୃଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ କୈଳାସ ଦାସ ଓ ବିଜୟ ବେହେରା ଙ୍କର ମୃତ୍ୟୁ ହୋଇଥଲା । ରଞ୍ଜିତ ବେହେରାଙ୍କ ଅବସ୍ଥା ଶଙ୍କଟାପୂର୍ଣ୍ଣ ହେତୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । କିନ୍ତୁ ଆଜି ସକାଳୁ ରଞ୍ଜିତ ଦାସଙ୍କର ମୃତ ହୋଇଥିବା ସ୍ଥଳେ ସୁବାଷ ଦାସ ୩୦ ଗୁରୁତର ଅବସ୍ଥାରେ ଗୋପ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଦୃଘଟଣା ଘଟିବାର ମୁଖ୍ୟ କାରଣ ହେଉଛି ନିମାପଡା ଠାରୁ କୋଣାର୍କ ରାଜ୍ୟ ରାଜପଥ ଦେଇ ଯାଇଥିବା ରାସ୍ତାଟି ବର୍ତମାନ ବିପଦ ସଂକୁଳ ଅବସ୍ଥାରେ ପଡ଼ି ରହିଛି । ରାସ୍ତାର ମଝିରେ ଖାଲ ଖମ୍ବା ସାଙ୍ଗକୁ ରୋଡ଼ ସାଇର୍ଡରେ ଥିବା ସ୍ଟ୍ରିଟ ଲାଇଟ ଅଚଳ ସାଙ୍ଗକୁ ରୋର୍ଡ ସାଇର୍ଡରେ ଅବାଧ ମାଦକ ଦ୍ରବ୍ୟ କାରବାର ଯୋଗୁ ପଥଚାରୀଙ୍କର ଦୈନିକ ଦୃଘଟଣା ଘଟୁଛି । ଏ ସମ୍ପର୍କ ବିଭାଗୀୟ କନିଷ୍ଟ ଯନ୍ତ୍ରୀଙ୍କ ସହିତ ଫୋନରେ ଯୋଗାଯୋଗ କରିଥିଲେ ଯନ୍ତ୍ରୀ କହିଥିଲେ ଏବେ ବିଭାଗୀୟ ଅଧିକାରୀ ମୁଖ୍ୟ ପୁରୀ ରଥ ପାଇଁ ଡ଼ିଉଟିରେ ଅଛନ୍ତି । ଯନ୍ତ୍ରୀ ପଚାରିଥିଲି ରାସ୍ତାରେ ହୋଇଥବା ଖାଲ ଖମ୍ବା ସମ୍ପର୍କରେ କିନ୍ତୁ ଏସି କହିଲେ ଆଉ ଆଲଟମେଣ୍ଟ ନାହିଁ କିଛି କରି ହେବ ନାହିଁ । କିନ୍ତୁ ଅପଟେ ଦୈନିକ ଛୋଟ ବଡ଼ ଦୃଘଟଣା ଘଟି ଅନେକ ଧନ ଜୀବନ ହାନି ଘଟୁଥିବାରୁ ତୁରନ୍ତ ରାସ୍ତାର ମରାମତି ସାଙ୍ଗକୁ ଷ୍ଟ୍ରିଟ ଲାଇଟ ଗୁଡିକକୁ ସଜ କରିବାକୁ ସାଧାରଣରେ ବାଦୀ ହେଉଛି ।

# ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଶନିବାର ଦିନଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଉକ୍ତ ଶିବିରରେ ଆଖି, ମାନସିକ ଓ କର୍ଣ୍ଣ ନାସା ଗଳା ସ୍କ୍ରିନିଂ କରାଯାଇଥିଲା । ୫୦ରୁ ଉର୍ଦ୍ଧ୍ୱ ରୋଗୀ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ସାମିଲ ହୋଇ ଚିକିତ୍ସା ସହାୟତା ପାଇଥିଲେ । ପ୍ରବଳ ଖରା ଯୋଗୁଁ ରୋଗୀଙ୍କ ଆଗମନ ସଂଖ୍ୟା ଆଶାଜନକ ନହୋଇଥିଲେ ଆସିଥିବା ସମସ୍ତ ରୋଗୀ ସନ୍ତୁଷ୍ଟ ହୋଇ ଫେରିଥିଲେ । ଶିବିରକୁ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ପ୍ରଦୀପ ପାଇକରାୟ ଆୟୋଜନ କରିଥିଲେ । ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରୁ ବିଶେଷଜ୍ଞମାନେ ଆସି ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ଡାକ୍ତର ପୁଷ୍ପା ନିଳିମା ଲାକ୍ରା ଡିପିଏଚଓ, କର୍ଣ୍ଣ ନାସା ଗଳା ବିଭାଗରେ ଅଡ଼ିଓଲୋଜିଷ୍ଟ ଶ୍ରୀ ନିଷ୍ପା ରଞ୍ଜନ ଦାଶ, ଚକ୍ଷୁ ବିଭାଗରେ ଦୃଷ୍ଟିମାପ ବିଶେଷଜ୍ଞ ସନ୍ତୋଷ କୁମାର ମହାରଣା, ମାନସିକ ସ୍ୱାସ୍ଥ୍ୟ ସାମାଜିକ କର୍ମୀ ଶ୍ରୀ ସନ୍ତୋଷ କୁମାର ନାୟକ, ସନ୍ଧ୍ୟାରାଣୀ ମହାପାତ୍ର, ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି ଆସ୍ୟୁରାନ୍ସ ଏସକେ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଚିକିତ୍ସାଳୟରେ ଉତ୍ତମ ଗୁଣବତ୍ତା ଯୁକ୍ତ ଜନସ୍ୱାସ୍ଥ୍ୟ ସୁିଧା ବୃଦ୍ଧି କରିବା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରର ଆଠଟି ଜିନିଷକୁ ଗୁରୁତ୍ୱ ଦିଆଯାଉଛି । ସେଗୁଡ଼ିକ ହେଲା, ସେବା ସୁବିଧା ଉପଲବ୍ଧତା, ରୋଗୀଙ୍କ ଅଧିକାର, ମତାମତ, ସହାୟତା ସେବା, ଚିକିତ୍ସା ଯତ୍ନ, ସଂକ୍ରମଣ ନିୟନ୍ତ୍ରଣ, ଗୁଣବତ୍ତା ପରିଚାଳନା ଏବଂ ଫଳାଫଳ ।




ଉପଯୁକ୍ତ ମାନଦଣ୍ଡ ପୂରଣ କରୁଥିବା ଚିକିତ୍ସାଳୟକୁ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡର୍ଡସ (ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକସମୂହ) ତରଫରୁ ପ୍ରମାଣପତ୍ର ମିଳିଥାଏ । ଏସବୁ ମାନଦଣ୍ଡ ପୂରଣ କରିବା ସହ ପଦ୍ମାବତୀ ପିଏଚସି ବିଗତ କିଛି ବର୍ଷ ଧରି ଗୁଣବତ୍ତା ଯୁକ୍ତ ସେବା ପ୍ରଦାନ କରୁଅଛି । ନିୟମିତ ସମୟ ବ୍ୟବଧାନରେ ଆବଶ୍ୟକ ମୁତାବକ ଚିକିତ୍ସା ସେବା ଯୋଗାଇ ଦେବାକୁ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀ ପ୍ରଦୀପ ପାଇକରାୟ ଚେଷ୍ଟା କରୁଛନ୍ତି ।

## ପୋପରଡାରେ ବାଦୀପାଲା ମହୋତ୍ସବ ଉଦଯାପିତ

କଟକ ସଦର, (ପିପିଏସ) : ପୋପରଡା ବୁଢ଼ୀ ଜାଗୁଳେଇ ପୀଠରେ ଗତ ପାଂଚ ଦିନ ଧରି ଚାଲିଥିବା ୧୫୦ତମ ବାଦୀପାଲା ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି । ପହିଲି ରଜରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି । ଚଳିତ ବର୍ଷ ବାଦୀପାଲା ଗାୟକ ମାନେ ହେଲେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ ଏବଂ ଅନ୍ୟତମ ଗାୟକ ହେଲେ ଭାଷାରତ୍ନ ଖଗେଶ୍ୱର ମାର୍ଥା ପାଲା ପରିବେଷଣ କରିଥିଲେ । ଉଭୟେ ପାଲା ଗାୟକଙ୍କୁ କାଠଯୋଡି ସାହିତ୍ୟ ସଂସଦ ତରଫରୁ ପାଲା ସଂସ୍କୃତି ଓ ଓଡିଆ ଭାଷା ସାହିତ୍ୟର ପ୍ରଚାର ପସାର ପାଇଁ ମାନପତ୍ର, ଉତରୀୟ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।

**ଅମଲାଙ୍କ ଭିନ୍ନ ପ୍ରତିବାଦ, ୧୭ ଦିନରେ ପହଞ୍ଚିଲା ଅମଲା ସଂଘର ଧାରଣା**

# ହନୁମାନ ଚାଳିଶା ପାଠ କରି ପ୍ରତିବାଦ



ବ୍ରହ୍ମପୁର, (ପିପିଏସ) : ଜିଲ୍ଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଗତ ମେ ୧ ତାରିଖ ରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହୋଇଛି । ଶନିବାର ଧାରଣା ୧୭ ଦିନରେ ପହଞ୍ଚିଥିବା ବେଳେ ସମସ୍ତ ଅମଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଅଭିନବ ଢ଼ଙ୍ଗରେ ପ୍ରତିବାଦ ଜଣାଇଛନ୍ତି । ସମସ୍ତ ଅମଲାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ କରାଯାଇଛି । ଧାରଣା ସ୍ଥଳରେ ରଘୁନାଥ, ଶିବ ପାର୍ବତୀଙ୍କ ଫଟୋ ରଖି ତୁଳସୀ ପତ୍ର ମାଳ ଚଢ଼ାଇ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଇଥିଲା । ଗଞ୍ଜାମ ଜିଲ୍ଲା ମିଳିତ ଅମଲା ମଞ୍ଚର ଅଧକ୍ଷ ଉଦୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଓ ବ୍ରହ୍ମପୁର ଉପଖଣ୍ଡର ପ୍ରାୟ ୭୦୦ ଅମଲା ପୂଜାରେ ସାମିଲ ହୋଇଥିଲେ । କେତେକ ଅମଲା ଆଜି ଉପବାସ ରହିବା ସହ କେତେକ ପୂଜାର ଭୋଗ ଖାଇଥିଲେ । ଏଥିସହ କୋର୍ଟପେଗ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅମଲାମାନଙ୍କ ପକ୍ଷରୁ ଖରାକୁ ଦୃଷ୍ଟିରେ ରଖି ରାସ୍ତାରେ ଯାଉଥିବା ଲୋକଙ୍କୁ ଛେନା ପଣା, ଦହି ପଣା ବଣ୍ଟନ କରାଯାଇଥିଲା । ଗତ ସୋମବାର ଦିନ କୋର୍ଟପେଟା ମନ୍ଦିରରେ ସମୂହ ଦୀପ ଜଳାଇ ପ୍ରତିବାଦ ଜଣାଇଥିବା ବେଳେ ଆଜିର ପ୍ରତିବାଦ ଅତି ନିଆରା ଢ଼ଙ୍ଗରେ ହୋଇଥିବା ଦେଖିବାକୁ ମିଳିଥିଲା । ବନଜା ନାୟକ, ସଂଯୁକ୍ତା ଚୌଧୁରୀ ପୂଜାରେ ବସିଥିଲେ । ସଂଯୋଜକ ବିଲ୍ଲେଶ୍ୱର ରେଡ୍ଡୀ, କିରଣ କୁମାର ପାଢ଼ୀ, ପର୍ଶୁରାମ ପାତ୍ର, ଦୀପକ କୁମାର ପଣ୍ଡା, ଜ୍ଞାନ ରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ସ୍ନାତକ ଶିକ୍ଷା ଯୋଗ୍ୟତା ଥିବା ସମସ୍ତ କର୍ମଚାରୀଙ୍କ ଗ୍ରେଡ୍ ? ବୃଦ୍ଧି ଦାବିକୁ ନେଇ ଅମଲା ସଂଘର ସଦସ୍ୟମାନେ ନିଜ ନିଜ କାର୍ଯ୍ୟାଳୟରେ ବ୍ଲାକ୍ ବେଡଜ୍ ? ପରିଧାନ କରି କାର୍ଯ୍ୟ କରି ଆସୁଥିଲେ । ଦିଆଯାଇଥିବା ସମୟ ଅତିକ୍ରମ କରିବା ପରେ ଅମଲାମାନେ ଧାରଣାରେ ବସି ରହିଛନ୍ତି ।

## ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ

ଅନୁଗୋଳ, (ପିପିଏସ) : ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଘନ୍ୟ ହତ୍ୟାକାଣ୍ଡ । ଏଭଳି ଘଟଣା ଅନୁଗୁଳ ଜିଲ୍ଲା ପାଲଲହଡା ବ୍ଲକ ବରଡ଼ିହ ପଞ୍ଚାୟତ ଅନ୍ତର୍ଗତ ଖଡକା ଗ୍ରାମରେ ଘଟିଛି । ସୂଚନା ଅନୁସାରେ ଗତ ୧୫ ତାରିଖରେ ରଜ ପର୍ବ ପାଇଁ ଗାଁ ରେ ତାସ ଖେଳର ଆୟୋଜନ କରାଯାଇଥିଲା । ଅପରାହ୍ନ ୩ ଟା ସମୟରେ ସେହି ଗ୍ରାମର ରାଜନ ଗିରି ନିଜ ସାଙ୍ଗ ସନ୍ତୋଷ, ମହେନ୍ଦ୍ର, ସୁବମ, ମଧୁର ଏମାନଙ୍କ ସହ ତାସ ଖେଳୁଥିବା ବେଳେ ସେହି ଗ୍ରାମର ମେଘୁ ବେହେରା ନାମକ ଜଣେ ଯୁବକ ଅଚାନକ ଭାବେ ଏକ ଟାଙ୍ଗିଆ ସାହାଯ୍ୟ ରେ ରାଜନ ଗିରିଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମୁଣ୍ଡରେ ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ରାଜନ ଗୁରୁତର ଆହତ ହୋଇ ଚେତା ଶୂନ୍ୟ ହୋଇଯାଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ରାଜନର ୩ ଭାଇ ଦୁଃଖ ଗିରି, ଚକ୍ର ଗିରି ଓ ଆଉ ଜଣେ ନାବାଳକ ଭାଇ ସଂଘବଦ୍ଧ ଭାବରେ ମେଘୁ ବେହେରାଙ୍କୁ ଆକ୍ରମଣ କରିଥିଲେ । ତାଙ୍କୁ ଏକ ଟାଙ୍ଗିଆ ଓ ପଥରରେ ମୁଣ୍ଡକୁ ଛେଚି ଅତି ନିର୍ମମ ଭବେରେ ହତ୍ୟା କରିଥିଲେ । ହତ୍ୟା ପରେ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ । ପରେ ସକାଳେ ପାଲଲହଡା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପାଲଲହଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ ସହ ୪ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ୧୭୯/୨୩ ଏକ ମାମଲା ରୁଜୁକରିଛି ।

# ଶକ୍ତି ବିଭାଗ ଏବଂ ଟାଟା ପାୱାର ମଧ୍ୟରେ ସମନ୍ୱୟର ଅଭାବ ଓ ପରିଚାଳନାଗତ ତ୍ରୁଟି ଏବ ଲାଭ ଖୋର ମନୋଭାବ ଆଜିର ବିଦ୍ୟୁତ୍ ଅବ୍ୟବସ୍ଥା ଓ ବିଶୃଙ୍ଖଳା ନିମନ୍ତେ ଦାୟୀ

ବ୍ରହ୍ମପୁର, (ପିପିଏସ) : ମନ ଇଚ୍ଛା ବିଜୁଳି ବିଲ୍, ମନ ଇଚ୍ଛା ଲାଇନ କାଟ, ଭୋଲଟେଜ ତଳ ଉପର, ଟାଟାର ପକେଟ୍ ଗରମ, ଇନଭର୍ଟର ଓ ଷ୍ଟେବିଲାଇଜର କମ୍ପାନୀ ମାନଙ୍କ ସହ ମଧୁଚନ୍ଦ୍ରିକା । ଏଭଳି ଭାବେ ଏଠାରେ ବିଜୁଳି ବିଭାଗର ଶାସନ ଗଲାଣି ହୁଗୁଳି । ସାଂସଦ, ବିଧାୟକ ଏବଂ ଜନପ୍ରତିନିଧି ମାନେ ଚୁପ୍ । ବ୍ରହ୍ମପୁର ବାସୀ ଗରମରେ ଆଉଟ୍ ପାଉଟ । ଓଡ଼ିଶା ହେଉଛି ଭାରତ ବର୍ଷରେ ପ୍ରଥମ ରାଜ୍ୟ ଯିଏ ବିଜୁଳି ବିଭାଗରେ ଓ ବ୍ୟବସ୍ଥାରେ ସଂସ୍କାର ଆଣିଥିଲା । ବିଦ୍ୟୁତ୍ ଉତ୍ପାଦନ, ବିତରଣ , ଯୋଗାଣ ଓ ପରିଚାଳନାକୁ ପୃଥକ ପୃଥକ ସ୍ୱାଧୀନ ୟୁନିଟ କରି ସଂସ୍କାରର ମୁଣ୍ଡି ମାରିଥିଲା । କିନ୍ତୁ ଉପଯୁକ୍ତ ଏବଂ ବୃତ୍ତିଗତ ଢଙ୍ଗରେ ସଂସ୍କାରକୁ କାର୍ଯ୍ୟକାରୀ କରିବାରେ ଅପାରଗତା ଓ ବିଫଳତା କାରଣରୁ ସଂସ୍କାର ବାଟବଣା ହେଇଗଲା । ଏବର ବିଜୁଳି ବିଭାଗର ଅବ୍ୟବସ୍ଥାକୁ ଦେଖିଲେ ଲାଗୁଛି ସେ ସଂସ୍କାର ଲୋକଙ୍କୁ ଫାଇଦା ପହଞ୍ଚାଇବା ବଦଳରେ ଲୋକଙ୍କୁ ହନ୍ତସନ୍ତ କରୁଛି । ଦିଲ୍ଲୀ ଓ ପଞ୍ଜାବ ରାଜ୍ୟ ନିଜେ ବିଜୁଳି ଉତ୍ପାଦନ କରୁନାହାନ୍ତି । ତଥାପି ସେଠାରେ ଏତେ ଆମ ଭଳି ଘନ ଘନ ପାୱାର କାଟ ଦୀର୍ଘ ସମୟ ଯାଏଁ ହେଉନି । ୨୦୦ ୟୁନିଟ ଯାଏଁ ବିଜୁଳି ମାଗଣା ଲୋକଙ୍କୁ ଦେଇପାରୁଛନ୍ତି । ସେଠାରେ ଟାରିଫ ରେଟ ଆମ ଠାରୁ କମ । ପ୍ରକୃତିର ଅସୀମ କରୁଣାରୁ ଆମ ରାଜ୍ୟରେ ତାପଜ ଓ ଜଳ ବିଦ୍ୟୁତ ଉତ୍ପାଦନ ନିମନ୍ତେ ପ୍ରକୃତି ଉପହାର ରୂପରେ ଅଜାଡ଼ି ଦେଇଥିବା ଉପଲବ୍ଧ ସାଧନ ଓ ସମ୍ପଦକୁ ବ୍ୟବହାର କରି ଆମ ରାଜ୍ୟ ଯଥେଷ୍ଟ ବିଜୁଳି ଉତ୍ପାଦନ କରୁଛି । ବିଦ୍ୟୁତରେ ବଳକା ରାଜ୍ୟବୋଲି ବଡ ପାଟିରେ ଦାବୀ କରୁଛି । ବଳକା ବିଜୁଳି ଅନ୍ୟ ରାଜ୍ୟକୁ ରାଜ୍ୟ ସରକାର ବିକୁଛନ୍ତି ବୋଲି ରିପୋର୍ଟ ପ୍ରଦାନ କରୁଛନ୍ତି । କିନ୍ତୁ ଏଠାରେ ବିଜୁଳି ସବୁଠାରୁ ମହଙ୍ଗା ଏବଂ ଅନେକ ସମୟ ଯାଏଁ ଗ୍ରିଡ ପରିଚାଳନା ଓ ମରାମତି ନାମରେ ଦିନ ଦିନ ଘଣ୍ଟା ଘଣ୍ଟା ପାୱାର କାଟ ହେଉଛି ବିଶେଷ କରି ଖରାଦିନେ ପରିସ୍ଥିତି ଉତ୍କଟ । ଏ ବର୍ଷ ସ୍ଥିତ ସଙ୍ଗୀନ କହିଲେ ଅତ୍ୟୁକ୍ତି ହେବନାହିଁ । ମାଗଣା ବିଦ୍ୟୁତ୍ ଯୋଗାଇ ଦେବାତ ଦୂରର କଥା । ପାଇସା ନେଇ ନିରବିଚ୍ଛିନ୍ନ ବିଜୁଳି ଯୋଗାଇବାରେ ମଧ ରାଜ୍ୟ ସରକାର ଅସମର୍ଥ । ଏହାଠୁ ବିଡମ୍ବନା କଣ ଥାଇପାରେ । କିନ୍ତୁ ଆମ ଲୋକମାନେ ବହୁତ ସହିଷ୍ଣୁ ଓ ପ୍ରତିକ୍ରିୟା ଶୂନ୍ୟ ଏବଂ ପ୍ରତିବାଦ ନକରି ଦାସ୍ତ୍ୱ ଭଳି ସବୁ କଥା ବିନା ତର୍ଜମାରେ ସହି ଯାଉଁଚନ୍ତି । ଯେଉଁଠାରେ କିଛି ପ୍ରତିବାଦ ହେଉଛି କମ୍ପାନୀକୁ ସୁରକ୍ଷା ଦେବାକୁ ଯାଇ ଲୋକଙ୍କୁ ଆଇନର ଭୟ ଦେଖାଇ ଚୂପ କରିଦେବାକୁ ଆପଚେଷ୍ଟା କରୁଛନ୍ତି । ତତ୍ ସହିତ ଏହା ମଧ ସ୍ୱୀକାର କରିବାକୁ ପଡ଼ିବ ଯେ ଆମ ସମସ୍ତେ ଅତ୍ୟଧିକ ସୁବିଧାବାଦୀ ଓ ସ୍ୱାର୍ଥପର ହୋଇଯାଇଛୁ । ଫଳ ସ୍ୱରୂପ ଯାହାର ଗରମ ଆମେ ସହୁଛୁ । ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଧର୍ଯ୍ୟର ପରୀକ୍ଷା ନନେଇ ପରିସ୍ଥିତିର ଗମ୍ଭୀରତାକୁ ହୃଦୟଙ୍ଗମ କରି ନିଜେ ହସ୍ତକ୍ଷେପ କରି ସମିକ୍ଷା ବୈଠକ ଡାକନ୍ତୁ ତତ୍ପରତାର ସହ ପରିସ୍ଥିତିରେ ସୁଧାର ଆଣିବା ପାଇଁ ଉଭୟ ଶକ୍ତି ବିଭାଗ ଓ ଟାଟା ପାୱାର କୁ କଡା ନିର୍ଦ୍ଦେଶ ଜାରୀ କରନ୍ତୁ । ରାଜ୍ୟ ସରକାରଙ୍କ ଉପଲବ୍ଧ ଥିବା ଭିତ୍ତିଭୂମି କୁ ବ୍ୟବହାର କରି ମୁନାଫା କମେଇବା ମନୋବୃତ୍ତି ଛାଡି ଟାଟା ପାୱାର ନିଜସ୍ୱ ପୁଞ୍ଜି ବିନିଯୋଗ କରି ନୂଆ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି ପୁରୁଣା ହୋଇଯାଇଥିବା ଯନ୍ତ୍ରପାତି ଓ ତାର ସବୁକୁ ବଦଳେଇବାର ଆବଶ୍ୟକତାକୁ ଉପଲବ୍ଧ କରି ତଦନୁଯାୟୀ ପଦକ୍ଷେପ ନେବାର ସମୟ ଆସିଯାଇଛି । ଟାଟା ପାୱାରକୁ ବ୍ୟବସାୟିକ ମନୋବୃତ୍ତି ମାନସିକତା ପରିହାର କରିବାକୁ ପଡ଼ିବ । ଏହା ଏକ ଅତ୍ୟାବଶ୍ୟକ ସେବା ପ୍ରଦାନ କ୍ଷେତ୍ର ବୋଲି ବୁଝିବାକୁ ପଡ଼ିବ । ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ଏବଂ ଗ୍ରାହକ ସନ୍ତୁଷ୍ଟି କାରଣ ଉପରେ ପ୍ରାଥମିକତା ଦେବାକୁ ପଡ଼ିବ । ସରକାର ମଧ ସବୁ କଥା ଟାଟା ପାୱାର ଉପରେ ଛାଡ଼ି ଦେଇ ଚୁପ୍ ହୋଇ ନବସି ଯାଇ ନିଜର କ୍ଷମତା ପ୍ରୟୋଗ କରି ଟାଟା ପାୱାରକୁ ଏହା ଉପରେ ଧ୍ୟାନ ଦେବାକୁ କହିବା ଦରକାର ତେବେ ଯାଇ ପରିସ୍ଥିତିରେ ସୁଧାର ଆଶା କରାଯାଇ ପାରେ । ସେହିଭଳି ଭୂତଳ କେବଲିଂ ଉପରେ ଗୁରୁତ୍ୱ ଦେଇ ଯୁଦ୍ଧ କାଳୀନ ଭିତ୍ତିରେ ଟାଇମ ବାଉଣ୍ଡ ମ୍ୟାନରରେ କାମ କରିବା ଦରକାର । ଶକ୍ତି କ୍ଷେତ୍ରରେ ନୂତନ ପୁଞ୍ଜି ଖଟେଇବାକୁ ପଡ଼ିବ ଏକଥା କମ୍ପାନୀ ଆଉ ସରକାର ସମୟର ଆବଶ୍ୟକତା ବୋଲି ବୁଝିବା ଦରକାର । ଯଦି ସପ୍ତାହେ ମଧ୍ୟରେ ପରିସ୍ଥିତିରେ ଆଖି ଦୃଶିଆ ସୁଧାର ନଆସେ ତାହା ହେଲେ କମିଟି ତରଫରୁ ଟାଟା ପାୱାର ଅଫିସ ସାମ୍ନାରେ ଧାରଣା ଦିଆଯିବ ବୋଲି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରେସ ବିବୃତିରେ ପ୍ରକାଶ କରାଯାଇଛି ।

# ରଥଯାତ୍ରା ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଖଣ୍ଡପଡ଼ା, (ପିପିଏସ) : ଭାପୁର ସଦର ମହକୁମାରେ ଅନୁଷ୍ଠିତ ହେବାକୁ ଯାଉଥିବା ରଥଯାତ୍ରାର ଶେଷ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ସ୍ଥାନୀୟ ଡାକବଙ୍ଗଳା ପରିସରରେ ରଥ ଯାତ୍ରା କମିଟିର ସଭାପତି ତଥା ତହସିଲଦାର ଲଗ୍ନଜିତ୍ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକ, ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ସଭାପତି ଜିତେନ୍ଦ୍ର କୁମାର ରଣସିଂହ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ର ସଭାପତି ସୁମନ୍ତ କୁମାର ଜେନା, କ୍ରିୟାନୁଷ୍ଠାନ କମଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଭାକର ସାହୁ, ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପି. ମଞ୍ଜିଲ୍, ସ୍ୱାସ୍ଥ୍ୟ ବିଭାଗ ଅଧିକାରି ଡ.ବିଶ୍ୱନାଥ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି, ଫତେଗଡ ଥାନା ପକ୍ଷରୁ ଏସ ଆଇ ଏମ୍.ଡି.ଜାଫୁଲ୍ଲା, ଭାପୁର ବନପାଳ ବନମାଳି ରାଉତଙ୍କ ସହିତ ଭାପୁର ଅଞ୍ଚଳରୁ ୫୦ରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଏହି ବୈଠକରେ ଯୋଗ ଦେଇଥିଲେ । ଉପସ୍ଥିତ ରହିଥିବା ବିଭାଗୀୟ ଅଧିକାରୀ ମାନଙ୍କୁ ରଥ ଯାତ୍ରା ସମୟର ନିଜର ଦାୟିତ୍ୱ ସମ୍ପର୍କରେ ବିଧାୟକ ଅବଗତ କରାଇଥିଲେ । ଅର୍ଥାତ୍, ଘୋଷ ଯାତ୍ରା ଦିନ ପାଗ ପ୍ରତିକୂଳ ରହିବା ସମ୍ଭାବନା ରହିଥିବାରୁ ଅଗ୍ନିଶମ ବାହିନୀକୁ କୃତିମ ବର୍ଷା କରିବା ନିମନ୍ତେ ଦାଇତ୍ୱ ଦିଆଯିବା ସହିତ ପାନୀୟ ଜଳର ବ୍ୟବସ୍ଥା ପାଇଁ ପାଣି ଟ୍ୟାଙ୍କର ଓ ପାଣି ପାଉଚ୍ ରଖିବା ପାଇଁ ଆଲୋଚନା ହୋଇଥିଲା । ଆରକ୍ଷୀ ବାହିନୀକୁ ଶାନ୍ତି ଶୃଙ୍ଖଳାର ଦାୟୀତ୍ୱ, ବନପାଳଙ୍କୁ ରଥ ଯିବା ବାଟରେ ଗଛ ଡାଳ କାଟିବା, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ୩/୪ ଘଣ୍ଟା ପାଇଁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଆମ୍ବୁଲାନ୍ସ ସହିତ ଡାକ୍ତର, ଫାର୍ମାସିଷ୍ଟ ଓ ଔଷଧ ସଜାଗ ରଖିବା ପାଇଁ ଦାୟୀତ୍ୱ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତାର ଦୁଇ ପାର୍ଶ୍ୱ ସଫା କରିବା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନିଜ ନିଜ କାର୍ଯ୍ୟକୁ ରଥ ଯାତ୍ରାଦିନ ଠିକ୍ ସମୟରେ ସମ୍ପାଦନ କରିବାକୁ ପରାମର୍ଶ ଦିଆଯାଇଥିଲା ।

## ମାୟାଧର ସ୍ମୃତି କମିଟି ପ୍ରକ୍ଷରୁ ପ୍ରତିଭା ସମ୍ମାନ

ଭଦ୍ରକ, (ପିପିଏସ) : ଏହି ଜିଲ୍ଲା ଘଣ୍ଟେଶ୍ୱର ଗଙ୍ଗାଧରପୁର ପାଟଣା ସ୍ଥିତ ମାୟାଧର ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଏକ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଉତ୍ସବରେ ଚଳିତ ବର୍ଷ ଭଦ୍ରକ ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ ପାଇଥବବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉଦଘାଟକ ଭାବେ ଗଣ ଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶରତ କୁମାର ବିଶ୍ୱାଳ ଯୋଗଦେଇ ପିଲାମାନେ ଏକ ନିର୍ଦ୍ଧିଷ୍ଟ ଲକ୍ଷ୍ୟ ନେଇ ଅଗ୍ରସର ହେଲେ, ସଫଳତା ନଶ୍ଚିତ ଆସିବ ବୋଲି କହିଥିଲେ ।

# ମା'ଧାକୁଲେଇ ପୀଠରେ ରଜ ମହୋତ୍ସବ ଉଦ୍‌ଯାପିତ



ଫୁଲନଖରା (ପିପିଏସ୍) : କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ରାହୁଲଜୀ ସେବା ଟ୍ରଷ୍ଟ ଓ ମା' ଧାକୁଲେଇ ଗ୍ରାମ୍ୟ କମିଟି ମିଳିତ ଉଦ୍ୟମରେ ତିନି ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟିକା ତଥା ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ସମ୍ମାନିତ ଅତିଥି ଭାବରେ ଆଇଆଇସି ରଶ୍ମିରଂଜନ ମହାପାତ୍ର, ମା' ଧାକୁଲେଇ ଗ୍ରାମ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସଂପାଦକ ପ୍ରମୋଦ କୁମାର ବେହେରା, ୧୫ନଂ ୱାର୍ଡ କର୍ପୋରେଟର ଲିଜାରାଣୀ ରାଉତ, ୪୧ ନଂ ୱାର୍ଡ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଆଡ୍‌ଭୋକେଟ୍ ଅନ୍ନପୂର୍ଣ୍ଣା ସାହୁ, ସମାଜସେବୀ ସନ୍ତୋଷ ଲେଙ୍କା ଓ ରାହୁଲଜୀ ସେବା ଟ୍ରଷ୍ଟର ଲିଟନ୍ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ତିନି ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୁମାରୀ, ବୋହୂ ଓ କିନ୍ନରମାନଙ୍କ ମଧ୍ୟରୁ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତ୍ୟେକ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ଆକର୍ଷଣୀୟ ପୁରସ୍କାରମାନ ପ୍ରଦାନ କରାଯାଇଥିଲା ।

# କୁରାଙ୍ଗଶାସନରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ଫୁଲନଖରା (ପିପିଏସ୍) କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନରେ ଚଳିତବର୍ଷ ରଥଯାତ୍ରା ପାଇଁ ଚାଲିଛି ଯୋରଦାର ପ୍ରସ୍ତୁତି । ରଥ ନିର୍ମାଣ ଠାରୁ ଆରମ୍ଭ କରି କିଭଳି ଭାବରେ ସୂଚାରୁ ରପେ ସଂପାଦକ ହେବ ସେ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଆଧାତ୍ମିକ ଚେତନା ପରିଷଦ କର୍ମକର୍ତ୍ତା ଓ ଗ୍ରାମବାସୀମାନେ ତତ୍ପର ହୋଇ ଉଠିଛନ୍ତି । ୪୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ରଥକୁ ମହାରଣା ସେବକ ସୁରେନ୍ଦ୍ର ମହାରଣା ଓ ସହଯୋଗୀ ମାନେ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି । ଅନ୍ୟପଟେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳା ସହିତ ସମାପନ ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ୍ ପ୍ରଶାସନ ଓ ମନ୍ଦିର କର୍ମକର୍ତ୍ତାଙ୍କର ଏକ ପ୍ରସ୍ତୁତି ବୈଠକ ପରିଷଦର ଉପସଭାପତି ଗିରିଧାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କଟକ ସଦର ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର ଯୋଗଦେଇ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଯେହେତୁ ଏହା ଫୁଲନଖରା-ନିଆଳୀ ରଜ୍ୟସଡକ ଉପରେ ଅନୁଷ୍ଠିତ ହୋଇଥାଏ ତେଣୁ ଟ୍ରାଫିକ୍ ନିୟନ୍ତ୍ରଣ ଏକ ସମସ୍ୟା ଭାବରେ ଦେଖା ଦେଇଥାଏ । ପୋଲିସ୍ ପ୍ରଶାସନ ସହିତ ଅନୁଷ୍ଠାନ ଦ୍ୱାରା ନିୟୋଜିତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଟ୍ରାଫିକ୍ ପରିଚାଳନା ଓ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ମନ୍ଦିରର ନୀତିକାନ୍ତି ଠିକ୍ ସମୟରେ ସାରିବା ପାଇଁ ଆଲୋଚନା ହୋଇଥିଲା । ମୁଖ୍ୟ ପୂଜକ ଲମ୍ବୋଦର ଦାଶ ଓ ଜଗନ୍ନାଥ ପଣ୍ଡା ଠାକୁରଙ୍କ ନୀତିକାନ୍ତି ଦିନ ୨ଟାରୁ ଚତୁର୍ଦ୍ଧାମୂରତୀଙ୍କର ପହଣ୍ଡି ବିଜେ ଆରମ୍ଭ କରାଯିବ ଓ ଅପରାହ୍ଣ ୪ଟାରେ ରଥଟଣା ହେ ବୋଲି ସୂଚନା ଦେଇଛନ୍ତି । ଏହି ପ୍ରସ୍ତୁତି ବୈଠକରେ ପରିଷଦର ସଂପାଦକ କାର୍ତ୍ତିକ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପ୍ରକାଶ ନାୟକ, ବରିଷ୍ଠ ସଦସ୍ୟ ସତ୍ୟ ନାରାୟଣ ମହାନ୍ତି, ପଣ୍ଡିତ ଅଜୟ କୁମାର ପତି, ବିଜୟ ମିଶ୍ର, ସୁନତ ଚରଣ ଭୋଇ, ସରପଞ୍ଚ ରୋହିଣୀ ଭୋଇ, ସମିତିସଭ୍ୟ ସତ୍ୟବ୍ରତ ଜେନା, ଚିତ୍ତରଂଜନ ପତି, ଦିଲ୍ଲିପ ଜେନା, ଅଶ୍ୱିନୀ ମହାପାତ୍ର, କବି ନାରାୟଣ ଜେନା, ସୁମିତ୍ରା ଦାସ, ବିଜୟ କୁମାର ମଲ୍ଲିକ, କବିନ ସେଠୀ, ଅଶୋକ ଜେନା, ସନ୍ତୋଷ ସାହୁ, କୈଳାସ ସାହୁ, ଅରୁଣ କୁମାର ସାହୁ, ବିଜୟ କୁମାର ସାହୁ, ବିଶ୍ୱନାଥ ସାହୁ, ଶ୍ରୀଚରଣ ପତି, ସୁଦର୍ଶନ ସାହୁ, ମୁରଲୀଧର ବେହେରା, ଦିଲ୍ଲିପ କୁମାର ବେହେରା, ବିଶ୍ୱଜିତ୍ ବେହେରା, ଶରତ ଆଚାର୍ଯ୍ୟ, ବସନ୍ତ କୁମାର ବିଶ୍ୱାଳ, ଅଭୟ ଦାସ, ସୁଧାଂଶୁ ଶେଖର ମହାନ୍ତି, ମନୋରଂଜନ ଦାସ ପ୍ରମୁଖ ଯୋଗଦେଇ ଆଲେଚନାରେ ଭାଗ ନେଇଥିଲେ ।

# ବାଙ୍କୀ ଅମଲାସଂଘର ଆନ୍ଦୋଳନ ଜାରୀ

## ଦାବି ପୂରଣ ପାଇଁ ମା'ଚର୍ଚ୍ଚିକାଙ୍କ ପୀଠରେ ଦୀପ ପ୍ରଜ୍ୱଳନ



ବାଙ୍କୀ,(ପିପିଏସ୍): ରାଜ୍ୟ ଅମଲା ସଂଘ ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ଅମଲାମାନଙ୍କର ଆନ୍ଦେଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବାଙ୍କୀ ଅମଲା ସଂଘର ଆନ୍ଦୋଳନ ୧୭ଦିନରେ ପହଞ୍ଚିଛି । ଫଳରେ ବାଙ୍କୀ ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି । ଜନସାଧାରଣମାନେ ସେମାନଙ୍କ କାର୍ଯ୍ୟପାଇଁ ଆସି ନିରାଶରେ ଫେରି ଯାଉଛନ୍ତି । ବାଙ୍କୀ ଅମଳା ସଂଘର କର୍ମଚ୍ଚରୀମାନେ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ଚର୍ଚ୍ଚିକାଙ୍କ ନିକଟରେ ସେମାନଙ୍କ ଦାବି ପୂରଣ ପାଇଁ ଦୀପ ପ୍ରଜ୍ୱଳନ କରିଥିଲେ । କୁମାରୀ ଜୟନ୍ତୀ ରାଉତ ଓ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିପ୍ତୀମୟୀ ରାଉତ, ସତ୍ୟ ପ୍ରଧାନ, ଚନ୍ଦ୍ରଶେଖର ବେହେରା, ଇତିସ୍ମିତା ନାୟକ, ପ୍ରଦୀପ ବସନ୍ତ ରାୟଙ୍କ ସମେତ ବହୁ କର୍ମଚ୍ଚରୀ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ରାଜଧାନୀରେ ଅସହ୍ୟ ଗୁଳୁଗୁଳି : ଲୋକେ ହନ୍ତସନ୍ତ

ଭୁବନେଶ୍ୱର(ପିପିଏସ୍): : ରବିବାର ସକାଳୁ ସକାଳୁ ରାଜଧାନୀରେ ଅସହ୍ୟ ଗୁଳୁଗୁଳି । ୫.୩୦ ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୦.୬ ଡିଗ୍ରୀ ରେକର୍ଡ କରାଯାଇଛି । ସେହିଭଳି ରାଜଧାନୀରେ ଆଦ୍ରତା ରହିଛି ୯୦ ପ୍ରତିଶତ । ସକାଳୁ ସକାଳୁ ଏପରି ଗୁଳୁଗୁଳି ଲୋକଙ୍କୁ କଲବଲ କରୁଥିବା ବେଳେ ଦିନ ୧୨ କିମ୍ବା ୧ଟା ବେଳକୁ ତାତି ରେ ଲୋକଙ୍କୁ ଆହୁରି କଲବଲ ହୋଇଛନ୍ତି । ତେବେ ଦୀର୍ଘ ୫୦ ବର୍ଷର ରେକର୍ଡ ଭାଙ୍ଗିଛି ଚଳିତ ବର୍ଷର ଖରା । ଗଲା ୫୦ ବର୍ଷରେ ଏଭଳି ଖରା ଦେଖିବାକୁ ମିଳିନଥିଲା । ଏବର୍ଷ ବର୍ତମାନ ସୁଦ୍ଧା ୨୧ଟି ଗ୍ରୀଷ୍ମ ଲହରି ଦିନ ହେଲାଣି । ପାଣିପାଗ ବିଭାଗର ଆକଳନ ଆହୁରି ୩ ଦିନ ତାତିରୁ ନିସ୍ତାର ମିଳିବ ନାହିଁ । ଆହୁରି ୩ଦିନ ରାଜ୍ୟରେ ଲୋକେ ଖରାରେ ସିଝିବେ ।

# ଜଗନ୍ନାଥପୁରରେ ରଜ ମହୋତ୍ସବ




ବାଙ୍କୀ,(ପିପିଏସ୍): ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମ ଖେଳପଡିଆ ଠାରେ ୟଙ୍ଗଷ୍ଟାର ପରିବାର ତରଫରୁ ରଜମହୋତ୍ସବ ପାଳିତ ହୋଇଯାଇଛି । ରଜ ମହୋତ୍ସବର ତୃତୀୟ ଦିନରେ ମୁଖ୍ୟଅତିଥି ଭାବେ ବାଙ୍କୀ ଏନ୍‌ଏସିର ଉପନଗରପାଳ ସନ୍ତୋଷ କୁମାର ରଣା, ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା ବିଜେଡି ସଂପାଦକ ସନାତନ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ମହାନ୍ତି, ନାରାୟଣ ସାହୁ ପ୍ରମୁଖ ଯୋଗଦାନ କରି ରଜମହୋତ୍ସବର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ୟଙ୍ଗଷ୍ଟାର୍ ପରିବାର ସଭାପତି ବିମଳ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ । ୟଙ୍ଗଷ୍ଟାର ପରିବାର ସଭାପତି ବିମଳ କୁମାରା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ୍ କାଟ୍‌କୁ ନେଇ କଟକ ସଦର ପ୍ରେସ୍‌କ୍ଲବ ତରଫରୁ ଏସ୍‌ଡିଓଙ୍କୁ ଦାବିପତ୍ର

ଫୁଲନଖରା (ପିପିଏସ୍) : ବାଲିକୁଦା ବିଦ୍ୟୁତ୍ ସବ୍‌ଡିଭିଜିଜନ ଅଧିନରେ ଥିବା ଫୁଲନଖରା ଓ ଆଖପାଖ ଅଞ୍ଚଳରେ ଦୀର୍ଘଦିନ ହେବ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହେବା ଫଳରେ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷା ପବନ ନଥିବା ସତ୍ତ୍ୱେ ମଧ୍ୟ ବାରମ୍ବାର ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି । ଅସହ୍ୟ ଗରମରେ ଜନସାଧାରଣ ଅତିଷ୍ଠ ଥିବା ବେଳେ ବିଦ୍ୟୁତ୍ ସରବରାହରେ ବାରମ୍ବାର ବ୍ୟାଘାତ ସୃଷ୍ଟି ହେବା ଯୋଗୁ ଲୋକମାନେ ଅତିଷ୍ଠ ହୋଇପଡିଲେଣି । ଜନସାଧାରଣଙ୍କ ଅଭିଯୋଗକୁ ଆଧାର କରି ବାଲିକୁଦାସ୍ଥିତ ଇଲେକ୍ଟ୍ରିକାଲ ସବ୍‌ଡିଭିଜନ ଅଫିସ୍‌ରେ ଇଲେକ୍ଟ୍ରିକାଲ ଏସ୍‌ଡିଓଙ୍କୁ କଟକ ସଦର ପ୍ରେସ୍ କ୍ଲବର ଉପସଭାପତି କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୁଗ୍ମ ସଂପାଦକ ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଦସ୍ୟ କାନନ ବିହାରୀ ନାୟକ, ବିଭୁତି ଭୂଷଣ ତରାଇ, ସାମ୍ବାଦିକ ଆଦିତ୍ୟ ଛୋଟରାୟ ପ୍ରମୁଖ ଏକ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ଉପରେ ଆଲୋଚନା କରିଥିଲେ । କଟକ ସଦର ପ୍ରେସ୍ କ୍ଲବ ତରଫରୁ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କ ସୁବିଧା ନିମନ୍ତେ ଦିଆଯାଇଥିବା ଦାବି ଗୁଡିକ ଉପରେ ଏସ୍‌ଡିଓଙ୍କ ସହିତ ଆଲୋଚନା କରିଥିଲେ । ସମସ୍ତ ସମସ୍ୟାଗୁଡିକର ଆଶୁ ସମାଧାନ ପ୍ରାୟ ୨ମାସ ମଧ୍ୟରେ ହେବ ବୋଲି ଏସ୍‌ଡିଓ ପ୍ରକାଶ କରିଥିଲେ ।

# ଓଡ଼ିଶା ବିଚାର ମଞ୍ଚର ଜରୁରୀ ବୈଠକ

## କଟକର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

କଟକ(ପିପିଏସ୍): ଓଡ଼ିଶା ବିଚାର ମଞ୍ଚର ଏକ ଜରୁରୀ ବୈଠକ ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଉପସ୍ଥିତ ଥିବା, ବୁଦ୍ଧିଜୀବୀ, ଯୁବ, ମହିଳାମାନେ ସିଦ୍ଧାନ୍ତ ନେଇଥିଲେ ଯେ କାଫଲା ଫାଣ୍ଡିଥିବା ପୁରୁଣା କୋଠାକୁ ଭାଙ୍ଗି ସେଠାରେ ନୂତନ ଭାବରେ ନିର୍ମାଣ କରି ଓଡ଼ିଶା ସିନିଅର୍ ସିଟିଜିନ୍ ଥାନା ପ୍ରତିଷ୍ଠା କରାଯାଉ । ଦେବୀଗଡ଼ାଠାରୁ ନରାଜ ଅନିକଟ୍ ଛକକୁ ସଂଯୋଗ କରୁଥିବା ରାସ୍ତାକୁ ଓଡ଼ିଶା ବିଚାର ମଞ୍ଚ ନାମରେ ନାମିତ କରାଯିବା ଏବଂ ନରାଜ ଛକରୁ ଯୋବ୍ରା ଆନିକଟ ଛକ ପର୍ଯ୍ୟନ୍ତ ରାସ୍ତା ମଧୁ ବାରିଷ୍ଟର ନାମରେ ରଖାଯାଉ । ସରକାର ଯେପରି ଭାବରେ ଓଡ଼ିଶାର ଶକ୍ତି ପୀଠକୁ ଉନ୍ନତି କରୁଛନ୍ତି, ସେହିଭଳି କଟକ କାଳୀନଗଳିରେ ଥିବା ମା' କାଳୀ ମନ୍ଦିରର ଉନ୍ନତି ପାଇଁ ପଦକ୍ଷେପ ନେବାକୁ ମଞ୍ଚ ତରଫରୁ ସରକାରଙ୍କୁ ଅନୁରୋଧ କରାଯାଇଥିଲା । ଶେଷରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବିରୋଧୀ ଦଳ ନେତା ଏବଂ ଓଡ଼ିଶା ବିଚାର ମଞ୍ଚର ପୂର୍ବତନ ବୁଦ୍ଧିଜୀବୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଉକ୍ତ ବୈଠକ ମଞ୍ଚର ସଭାପତି ଏବଂ ପ୍ରତିଷ୍ଠା ଦେବ କିଶୋର ପଣ୍ଡା, କାର୍ଯ୍ୟକାରୀ ସଭାପତି କିଶୋର ମହାନ୍ତି, ସମାଜସେବୀ ଆଡଭୋକେଟ୍ ଅମ୍ରିତ୍ ପଣ୍ଡା, ଆକାଶ ପଣ୍ଡା, ମହେଶ ଗୋଏଙ୍କା (ଉପସଭାପତି) ସହ ସମ୍ପାଦକ କିଶନ ଶର୍ମା, ରଶ୍ମୀରଞ୍ଜନ ଶତପଥୀ (ଉପଦେଷ୍ଟା), ନାରୀ ସମାଜ ସେବିକା ପ୍ରତୀମା ପଣ୍ଡା, ଇତିଶ୍ରୀ ପଣ୍ଡା, ଚନ୍ଦନ କୁମାର ପଣ୍ଡା, ଅକ୍ଷୟ ଦାସ, ଦିଲ୍ଲୀପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମେଇଙ୍କ ପୀଠରେ ଯୁବକର ଝୁଲନ୍ତା ମୃତଦେହ

ବାଙ୍କୀ,(ପିପିଏସ୍): ବାଙ୍କୀ ଏନ୍‌ଏସି ନିକଟବର୍ତ୍ତୀ ପ୍ରସିଦ୍ଧ ବ୍ରହ୍ମେଇଙ୍କ ପୀଠରେ ବରଗଛରେ ସାହାଡ଼ାପଦା ଗ୍ରାମର ଅନୀଲ କୁମାର ବେହେରା (୨୨) ବର୍ଷଙ୍କର ମୃତଦେହ ଝୁଲୁଥିବା ଦେଖାଯାଇଥିଲା । ଖବର ପାଇ ନିକଟସ୍ଥ ଗ୍ରାମବାସୀ ଓ ପରିବାରବର୍ଗ ଘଟଣାସ୍ଥଳକୁ ଆସିଥିଲେ । ଏ ସଂପର୍କରେ ବାଙ୍କୀ ପୋଲିସ୍‌କୁ ଖବର ଦିଆଯାଇଥିଲା । ବାଙ୍କୀ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏ ସଂପର୍କରେ ଏକ ମୋକଦ୍ଦମା ପି.ଏସ୍ କେସ୍ ନମ୍ବର ୨୧୪/୨୩ ଦଫା ୩୦୨/୩୪ ରୁଜୁ କରି ପୋଲିସ୍ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଏହାପରେ ଶବକୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଛି । ଅନୀଲକୁ ରାତିରେ ୨ଜଣ ଯୁବକ ତାଙ୍କ ଘରୁ ଡାକିନେଇ ଗୋଟିଏ ମୋଟର ସାଇକେଲରେ କୁଆଡେ ନେଇ ପଳାଇଥିଲେ ଏବଂ ପରେ ହତ୍ୟାକରି ଗଛରେ ଟାଙ୍ଗି ଦେଇଥିବା ଘରଲୋକମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କରି ପରିବାରବର୍ଗ ଓ ଗ୍ରାମବାସୀମାନଙ୍କ ପକ୍ଷରୁ ବାଙ୍କୀ ଥାନା ଛକରେ ଶବକୁ ରଖି ରାସ୍ତାରୋକ କରାଯାଇଥିଲା । ଫଳରେ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ବାଙ୍କୀ ଥାନାରେ ଏ ସଫର୍କରେ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ବୋଲି ପୋଲିସ୍ ପ୍ରକାଶ କରିଛି । ମୃତ ଅନୀଲ ତାଙ୍କ ବାପାଙ୍କର ଏକମାତ୍ର ପୁତ୍ର ବୋଲି ଜଣାପଡିଛି ।

# ପ୍ରଚଣ୍ଡ ରୌଦ୍ରତାପରେ ବାଦୁଡ଼ି ଛଟପଟ

ବାଙ୍କୀ,(ପିପିଏସ୍): ବାଙ୍କୀ ଥାନା ଓ ଜେଲ୍ ପରିଷଦରେ ଥିବା ବିଭିନ୍ନ ବୃକ୍ଷ ତଥା ଦେବଦାରୁ, ଫାସୀ ଓ ଅନ୍ୟାନ୍ୟ ଗଛରେ ବହୁପରିମାଣରେ ବାଦୁଡି ଅନେକ ବର୍ଷ ହେଲା ରହିଆସୁଛନ୍ତି । ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରଦାପ ଯୋଗୁଁ ବାଦୁଡିମାନେ ପାଣି ଅଭାବରୁ ଗଛ ଡାଳ ମଧ୍ୟରେ ରହିଥିବା ଅବସ୍ଥାରେ ତଳେ ପଡି ମୃତ୍ୟୁ ବରଣ କରିଥିବାର ଦେଖାଦେଇଛି । ବାଦୁଡିମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କିଛି ନଥିବାରୁ କିମ୍ବା ସେମାନଙ୍କୁ ପାନୀୟ ଜଳ ଯୋଗାଇ ନଦେବା ଯୋଗୁଁ ଅନେକ ବାଦୁଡି ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ପରିପ୍ରେକ୍ଷୀରେ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଜଳ ସିଞ୍ଚନର ବ୍ୟବସ୍ଥା କରିବା ପାଇଁ ପ୍ରକୃତି ବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ଓ ବାଙ୍କୀ ପରିବେଶ ସୁରକ୍ଷା ପରିଷଦର ଆବାହକ ଦୀପକ କୁମାର ସାମନ୍ତରା ଅନୁରୋଧ କରିଛନ୍ତି ।

# ବନ ବିଭାଗ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ନିଆଯାଉଛି ପଦକ୍ଷେପ : ମନ୍ତ୍ରୀ



ଭୁବନେଶ୍ୱର(ପିପିଏସ୍) : ଶିକାରୀ ଗୁଳିରେ ବନ କର୍ମଚାରୀଙ୍କ ମୃତ୍ୟୁ ଘଟଣା । ଏନେଇ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି, ବନ ବିଭାଗ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ପଦକ୍ଷେପ ନିଆଯାଉଛି । ତୁରନ୍ତ ଆଇଜି, ଡିଆଇଜିଙ୍କ ସହ ଆଲୋଚନା ହୋଇଛି । ଫରେଷ୍ଟ ଗାର୍ଡ ଓ ଜଙ୍ଗଲ କର୍ମଚାରୀଙ୍କୁ ଅଧିକ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନିଆଯାଉଛି ।କ୍ଷତିପୂରଣ ରାଶି ୪ ଲକ୍ଷରୁ ୧୦ ଲକ୍ଷ ଯାଏ ବୃଦ୍ଧି କରାଯାଇଛି ।ଜଙ୍ଗଲ ଭିତରେ ବନ୍ୟଜନ୍ତୁ ଶିକାର କରୁଥିବା ଅନୁପ୍ରବେଶକାରୀଙ୍କୁ ପ୍ରତିହତ କରିବାକୁ କାର୍ଯ୍ୟକ୍ରମ ଜାରି ରଖୁଛି ବିଭାଗ । ଯେଉଁମାନେ ଶିକାରୀଙ୍କ ସହ ଲଢ଼େଇ କରି ସହିଦ ହେଉଥିବା କର୍ମଚାରୀଙ୍କ ପ୍ରତି ଆମର ସମବେଦନା ରହିଛି । ଶିକାରୀଙ୍କ ପାଖରେ ଥିବା ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଜବତ କରିବାକୁ ପଦକ୍ଷେପ ନିଆଯାଉଛି ।ତେବେ ମୟୁରଭଞ୍ଜ ଜିଲ୍ଲା ଉପର ବାର୍ହାକାମୁଡା ରେଞ୍ଜର ଭାରପ୍ରାପ୍ତ ରେଞ୍ଜର ମାଟି ହାଁସଦା ଶିକାରି ଗୁଳିରେ ପ୍ରାଣ ହରାଇଛନ୍ତି । ଶିମିଳିପାଳ ଅଭୟାରଣ୍ୟର ଗାମୁଛାଝରଣ ନିକଟରେ ପେଟ୍ରୋଲିଂ କରୁଥିବା ବେଳେ ଶିକାରି ଏବଂ ବନକର୍ମଚାରୀ ଙ୍କ ମଧ୍ୟରେ ଗୁଳି ବିନିମୟ ହଇଥିଲା । ଆଉ ଏହି ସମୟରେ ଭାରପ୍ରାପ୍ତ ରେଞ୍ଜର ମାଟି ହାଁସଦାଙ୍କ ଶରୀରରେ ଗୁଳି ବାଜିଥିଲା । ଗୁରୁତର ଅବସ୍ଥାରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । କରଞ୍ଜିଆ ଡାକ୍ତରଖାନାରେ ଉତର ଶିମିଳିପାଳର ଉପ ନିର୍ଦ୍ଦେଶକ ସାଇ କିରଣ ଡି ଏନ, କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକ ,କରଞ୍ଜିଆ ଉପଖଣ୍ଡ ପୋଲିସ ଅଧିକାରୀ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ଏଇ ଘଟଣାକୁ ପୋଲିସ ଗୁରୁତର ସହିତ ନେଇ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ଜାଗାରେ ଚଢ଼ାଉ ଆରମ୍ଭ କରିଛି । ନିକଟରେ ଶିମିଳିପାଳ ଅଭ୍ୟାୟରଣୟରେ ସମାନ ଘଟଣା ଘଟିଥିଲା । ଯେଉଁଠି ଶିକାରି ଗୁଳିରେ ଜଣେ ଫରେଷ୍ଟର ପ୍ରାଣ ହରାଇଥିଲେ । ଆଉ ଏବେ ସମାନ ଘଟଣାର ପୁନରାବୃତ୍ତି ହୋଇଛି ।

# ଗ୍ରୀଡ୍‌କୋ ଘେରାଉ ସଫଳ ପାଇଁ କଟକ ନଗର କଂଗ୍ରେସର ପ୍ରସ୍ତୁତି ବୈଠକ

କଟକ ସଦର(ପିପିଏସ୍): ରାଜ୍ୟ ସରକାରଙ୍କର ବେଆଇନ ବିଜୁଳି କାଟ ପାଇଁ ଜନସାଧାରଣଙ୍କ ଜୀବନ ଅସ୍ତ ବ୍ୟସ୍ତ ହୋଇ ପଡୁଥିବା ବେଳେ ଏହାର ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆଗାମୀ ୧୯ ତାରିଖରେ ଭୁବନେଶ୍ୱର ସ୍ଥିତ ଗ୍ରିଡକୋ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ କଲେଜ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ବ୍ଲକ, ୱାର୍ଡ କଂଗ୍ରେସର ସଭାପତି ମାନେ ଯୋଗଦେଇ ଆଲୋଚନା କରିଥିଲେ ଯେ, ୧୯ ତାରିଖ ଦିନ କଟକ ନଗରର ସମସ୍ତ ୱାର୍ଡ ରୁ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ନଗର ସଭାପତିଙ୍କ ନେତୃତ୍ୱରେ ଗ୍ରିଡକୋ କାର୍ଯ୍ୟାଳୟ ଘେରାଉରେ ସାମିଲ ହେବା ପାଇଁ ନିଷ୍ପତି ନେଇଥିଲେ । ଏହି ବୈଠକରେ ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରା, ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱନାଥ ଶତପଥୀ, ଚୌଦ୍ୱାର କଟକ ଯୁବ କଂଗ୍ରେସ ସଭାପତି ମାନସ ନାୟକ, ସ୍ନେହଲତା ଚୌଧୁରୀ, ସବିତା ସ୍ୱାଇଁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଶାନ୍ତ ବେହେରା, ବିପନ୍ନ ପଶାୟତ, ସେକ ସିରାଜ, ସେକ ଜାଫର, ସଦାମ୍ ହୁସେନ, ମାନସ ପରିଡ଼ା, ନିର୍ମଳ ସ୍ୱାଇଁ, ସିକନ୍ଦର ଆଲାମ, ବୀରେନ ପଶାୟତ ପ୍ରମୁଖ ବହୁ କର୍ମୀ ଓ ନେତା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ମେଡିକାଲ ପରିଦର୍ଶନ




ଭଦ୍ରକ, (ପିପିଏସ୍): ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର ଶନିବାର ଅପରାହ୍ନରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ଜଣାଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା, ଔଷଧ ଗୋଦାମ ଗୃହ, ବିତରଣ କେନ୍ଦ୍ର, ଅନ୍ତେବାସୀ ରୋଗୀ ସେବା, ପରୀକ୍ଷାଗାର, ନୂତନ ଭବନ ନିର୍ମାଣ, ପରିମଳ ବ୍ୟବସ୍ଥା ଆଦି ଅନୁଧ୍ୟାନ କରିଥିବା ଜଣାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଉପନିର୍ଦ୍ଦେଶକ ଡାକ୍ତର ରଣ ସିଂ, ଡାକ୍ତର ଅଦ୍ୱୈତ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟଚିକିତ୍ସକ ଡାକ୍ତର ସନ୍ତୋଷ କୁମାର ପଣ୍ଡା, ଏଡିଏମଓ ଜୟନ୍ତ କୁମାର ପଣ୍ଡା, ଡା. ଜିତେନ୍ଦ୍ର କୁମାର ବିଶ୍ୱାଳ, ଡିପିଏମଓ ସରିତା ମହାପାତ୍ର, ସୁରଜିତ ପଣ୍ଡା ପ୍ରମୁଖ ସ୍ଥାନୀୟ ଅଧିକ୍ଷକ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ପ୍ରତାପ ମିଶ୍ର, ପିଏଚଇଓ ସୁରେଶ ଚନ୍ଦ୍ର ପ୍ରଧାନ, ପରିଦର୍ଶକ ମନୋରଞ୍ଜନ ରାଉତ, ଅର୍ଥ ପରିଚାଳକ ରଣଜିତ ବରାଳ, ତଥ୍ୟ ପରିଚାଳକ ଶୁଭ୍ରା ଗାଙ୍ଗୁଲି ପ୍ରମୁଖ ପରିଦର୍ଶନ ବେଳେ ଉପସ୍ଥିତ ଥିଲେ ।

# ପୂର୍ବତନ ସାଂସଦ ବରିଷ୍ଠ ନେତା ଅନାଦୀ ଦାସଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର, (ପିପିଏସ୍): ପୂର୍ବତନ ଯାଜପୁର ସାଂସଦ ଓ ବରିଷ୍ଠ କଂଗ୍ରେସ ନେତା ଅନାଦୀ ଚରଣ ଦାସଙ୍କ ବିୟୋଗରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଯାଜପୁର ୫ ଥର ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ଓ ପାର୍ଲାମେଂଟାରୀ ଏସ୍.ଏସଟି ଚେୟାରମ୍ୟାନ ଭାବରେ କାମ କରୁଥିଲେ । ଭୁଦାନ ଆନ୍ଦୋଳନରେ ତାଙ୍କର କାର୍ଯ୍ୟ ମଧ୍ୟ ପ୍ରଶଂସନୀୟ ଥିଲା । ଆଜି ଭୁବନେଶ୍ୱରସ୍ଥିତର ଉତ୍କଳ ହସ୍ପିଟାଲରେ ୯୦ ବର୍ଷ ବୟସରେ ସେ ଇହଧାମ ତ୍ୟାଗ କରିଛନ୍ତି । ଡଃ ଖୁଂଟିଆ ତାଙ୍କୁ ବିୟୋଗରେ ଶୋକ ପ୍ରକାଶ କରିବା ସଂଗେ ସଂଗେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

# ଅଘୋଷିତ ବିଦ୍ୟୁତ୍‌କାଟ୍ ପ୍ରତିବାଦରେ ବିଜେପିର ବିକ୍ଷୋଭ କାର୍ଯ୍ୟାଳୟରେ ପକାଇଲେ ତାଲା




ଭଦ୍ରକ, (ପିପିଏସ୍): ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ଭାରତୀୟ ଜନତା ପାର୍ଟି ଭଣ୍ଡାରିପୋଖରୀ ବ୍ଲକ୍ ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସ୍ଥାନୀୟ ବିଦ୍ୟୁତ୍ ବିଭାଗୀୟ କାର୍ଯ୍ୟାଳୟରେ ଆନ୍ଦୋଳନକାରୀମାନେ ତାଲା ପକାଇ ଦେଇଥିଲେ । ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବିଦ୍ୟୁତ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଦଳୀୟ କର୍ମୀମାନେ ଅଘୋଷିତ ବିଦ୍ୟୁତ୍‌କାଟର ପ୍ରତିବାଦ, ଶକ୍ତିମନ୍ତ୍ରୀଙ୍କ ଇସ୍ତଫା ଦାବି, ଟାଟା ପାୱାର ବିରୁଦ୍ଧରେ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖ ପ୍ରତିବାଦ ସଭାରେ ଶ୍ରୀ ଧଳ ଓ ଦଳର ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର ଉଦ୍‌ବୋଧ ଦେଇ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାରର ଅଘୋଷିତ ବିଦ୍ୟୁତ୍‌କାଟ, କର୍ମଚାରୀଙ୍କ ଜୁଲମ ଓ ବିଦ୍ୟୁତ୍ ଶୁଳ୍କ ବ୍ୟବସ୍ଥାର ଦୁର୍ନୀତି ସଂପର୍କରେ ଆରୋପ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ଶକ୍ତିମନ୍ତ୍ରୀ ପ୍ରତାପ ଦେବଙ୍କ ଇସ୍ତଫା ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଗିରିଶ ସାମଲ, ବଳଦେବଜୀଉ ମଣ୍ଡଳ ସଭାପତି ଶ୍ରୀଧର ସ୍ୱାଇଁ, ସୁବର୍ଣ୍ଣମୁଖୀ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ଜିଲା ସଂପାଦିକା ତପସ୍ୱିନୀ ମହାପାତ୍ର, ସରପଞ୍ଚ ରଂଜନ ପରିଡା, ନପଙ୍ଗ ସରପଞ୍ଚ ସୁବାସିନୀ ନାୟକ, ସମିତି ସଭ୍ୟ ପ୍ରତାପ ଦ୍ୱିବେଦୀ, ଲଳିତ ନାୟକ, ତରଣୀସେନ ଜେନା, ବୀରେନ୍ଦ୍ର ନାୟକ, ଅମୂଲ୍ୟ ସେଠୀ, ବିକାଶ ନାୟକ, ଶିବାନୀ ଶଙ୍କର ସ୍ୱାଇଁ, ସୁରେଶ ଦାସ, ପର୍ଶୁରାମ ପରିଡା, ପ୍ରଦୀପ ପାଢ଼ୀ, ବସନ୍ତ କୁମାର ବିଶ୍ୱାଳ, ଗଣେଶ ପ୍ରସାଦ ଜେନା, ମିଟୁ ବେହେରା, ଅଜୟ ରାଉତ, ଜଗନ୍ନାଥ ଦାସ, ସାଗର ଲେଙ୍କା, ସତ୍ୟଜିତ ରାଉତ, ସତ୍ୟବ୍ରତ ଜେନା, ନିରାକାର ସାହୁ, ରବିନ୍ଦ୍ର ଦେଓ, ବସନ୍ତ ବିଶ୍ୱାଳ ପ୍ରମୁଖ ବିଭିନ୍ନ ପଂଚାୟତର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ସ୍ଥାନୀୟ ଥାନାଧିକାରୀ ତପନ ପ୍ରଧାନଙ୍କ ଉପସ୍ଥିତିରେ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କ ଆଲୋଚନା ପରେ କାର୍ଯ୍ୟାଳୟର ତାଲା ଖୋଲାଯିବା ସହ ଅଘୋଷିତ ବିଦ୍ୟୁତ୍ କାଟ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଓ ଏହି ବ୍ଲକ୍‌ର ରାଢୋ ଷ୍ଟ୍ରକଚରରେ ଅଘୋଷିତ ବିଦ୍ୟୁତକାଟ ସମସ୍ୟାକୁ ନେଇ ଗୁରୁବାର ରାତିରେ ଘଟିଥିବା ଗଣ୍ଡଗୋଳରେ ବିଭାଗ ପକ୍ଷରୁ ଦିଆଯାଇଥିବା ଏତଲା ପ୍ରତ୍ୟାହାର ପାଇଁ ଆଲୋଚନା କରାଯାଇଥିଲା ।

# ଇତିହାସ ରଚିଲା ବାଂଲାଦେଶ କ୍ରିକେଟ୍ ଟିମ୍ ୫୪୬ ରନ୍‌ରେ ଆଫଗାନିସ୍ତାନକୁ ହରାଇଲା ବାଂଲାଦେଶ



ଢାକା(ଏଜେନ୍ସୀ): ଇତିହାସ ରଚିଲା ବାଂଲାଦେଶ କ୍ରିକେଟ୍ ଟିମ୍। ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ବିଜୟ। ୫୪୬ ରନ୍‌ରେ ଆଫଗାନିସ୍ତାନକୁ ହରାଇଲା ବାଂଲାଦେଶ। ଶେର ଏ ବାଙ୍ଗଲା ନ୍ୟାସ୍‌ନାଲ ଷ୍ଟାଡିୟମ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଖେଳି ଐତିହାସିକ ବିଜୟ ହାସଲ କରିଛି ବାଂଲାଦେଶ। ବାଂଲାଦେଶ ନିଜର ପ୍ରଥମ ପାଳିରେ ୩୮୨ ରନ୍ କରିଥିଲା। ଜବାବରେ ଆଫଗାନିସ୍ତାନ ଟିମ୍ ୧୪୬ ରନ୍ କରି ଆଉଟ୍ ହୋଇଯାଇଥିଲା। ଏହାପରେ ବାଂଲାଦେଶ ଟିମ୍ ଦ୍ୱିତୀୟ ପାଳିରେ ୪ ଓ୍ୱିକେଟ୍ ହରାଇ ୪୨୫ ରନ୍ କରି ପାଳି ଘୋଷଣା କରିଥିଲା। ଆଫଗାନିସ୍ତାନ କେବଳ ୧୧୫ ରନ୍‌ରେ ସୀମିତ ରହି ଯାଇଥିଲା। ଫଳରେ ବାଂଲାଦେଶ ୫୪୬ ରନ୍‌ରେ ବିଶାଳ ବିଜୟ ହାସଲ କରି ଏକ ବିଂଶ ଶତାବ୍ଦୀରେ ବୃହତ ବିଜୟ ଲାଭ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ତୃତୀୟ ସବୁଠାର ବଡ଼ ବିଜୟ। ଆଫଗାନିସ୍ତାନ ବିପକ୍ଷରେ ବାଂଲାଦେଶର ବୋଲର ଓ ବ୍ୟାଟର ଉଭୟ ଭଲ ପ୍ରଦର୍ଶନ କରିଥିଲେ। ପ୍ରଥମ ପାଳିରେ ଓପନର ମହମୁଦଲ ହସନ ୭୬ ରନ୍, ୩ ନମ୍ବର ବ୍ୟାଟର ନଜମୁଲ ହୋସେନ ଶନ୍ତୋ ୧୪୬ ରନ୍‌ର ଜବରଦସ୍ତ ପାଳି ଖେଳିଥିଲେ। ସେହିପରି ମୁଶିଫକୁର ରହୀମ ୪୭ ରନ୍, ମେହେଦୀ ହସ ମିରାଜ ୪୮ ରନ୍‌ର ପାଳି ଖେଳିଥିଲେ। ସେହିପରି ବୋଲିଂରେ ଦ୍ରୁତ ବୋଲର ଏବାଦତ ହୁସେନ୍ ୪ ଓ୍ୱିକେଟ୍ ନେଇଥିବା ବେଳେ ତୈଜୁଲ ଇସ୍‌ଲାମ, ମେହନ୍ଦୀ ହସନ ମିରାଜ ଓ ଶରିଫକୁଲ ଇସ୍ଲାମ ଦୁଇଟି ଲେଖାଏ ଓ୍ୱିକେଟ୍ ନେଇଥିଲେ। ଦ୍ୱିତୀୟ ପାଳିରେ ବାଂଲାଦେଶ ପାଇଁ ପୁଣି ଚମକିଥିଲେ ନଜମୁଲ ହୋସେନ ଶନ୍ତୋ। ସେ ଦ୍ୱିତୀୟ ପାଳିରେ ଶତକ ହାସଲ କରି ୧୨୪ ରନ୍ କରିଥିଲେ। ଦୁଇଟି ପାଳିରେ ଶତକ ହାସଲ କରିଥିବାରୁ ତାଙ୍କୁ ଶନ୍ତୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି। ନଜମୋଲଙ୍କ ବ୍ୟତୀତ ମୋମିନୁଲ ହକ୍ ୧୨୧, ଓପନର ଜାକିର ହସନ ୭୧ ଓ ଅଧିନାୟକ ଲିଟନ ଦାସ ଅପରାଜିତ ୬୬ ରନ୍‌ର ପାଳି ଖେଳିଥିଲେ। ସେହିପରି ବୋଲର ତସ୍କିନ ଅହମଦ ୪ ଓ ଶୋରିଫୁଲ ଇସ୍‌ଲାମ ୩ ଓ୍ୱିକେଟ୍ ନେଇଥିବା ବେଳେ ଏବାଦତ ହୁସେନ ଓ ମେହନ୍ଦୀ ହସନ ମାରିଜା ଗୋଟିଏ ଲେଖାଏ ଓ୍ୱିକେଟ୍ ନେଇଥିଲେ। ଟେଷ୍ଟ କ୍ରିକେଟ୍ ଇତିହାସରେ ବାଂଲାଦେଶର ଆଜିର ବିଜୟ ତୃତୀୟ ସବୁଠାରୁ ବଡ଼ ବିଜୟ। ଏହି ରେକର୍ଡ ତାଲିକାରେ ପ୍ରଥମ ନମ୍ବରରେ ଇଂଲଣ୍ଡ ଓ ଦ୍ୱିତୀୟରେ ଅଷ୍ଟ୍ରେଲିଆ ରହିଛି। ୧୯୨୮ରେ ଇଂଲଣ୍ଡ ୬୭୫ ରନ୍‌ରେ ମ୍ୟାଚ୍ ଜିତିଥିଲା। ସେହିପରି ଅଷ୍ଟ୍ରେଲିଆ ୧୯୩୪ରେ ୫୬୨ ରନ୍ ବ୍ୟବଧାନରେ ଟେଷ୍ଟ ମ୍ୟାଚ୍ ଜିତିଥିଲା।

## ୨ୟ ବାର୍ଷିକ ମହେଶଚନ୍ଦ୍ର ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚୌଦ୍ୱାର ଓଟିଏମ୍ କୁ ୪-୦ରେ ହରାଇ କଟକ ମଙ୍ଗଳା କ୍ଲବ ଚମ୍ପିୟନ



ଫୁଲନଖରା (ପିପିଏସ୍) ବାରଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଝରିଲୋ ଖେଳ ପଡିଆରେ ରାଜ୍ୟସ୍ତରୀୟ ୨ୟ ବାର୍ଷିକ ମହେଶଚନ୍ଦ୍ର ସ୍ମାରକୀ ଟୁର୍ଣ୍ଣାମେଣ୍ଟର ଚୁଡାନ୍ତ ପର୍ଯ୍ୟାୟ ଖେଳରେ ଓଟିଏମ୍ ଚୌଦ୍ୱାର ଓ କଟକ ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ରୋମାଞ୍ଚକର ଖେଳ ପ୍ରଦର୍ଶନ କରିଥିଲେ ସୁଦ୍ଧା କଟକ ମଙ୍ଗଳା କ୍ଲବର ଖେଳାଳୀମାନେ ଉଚ୍ଚକୋଟୀର ଚତୁରତାର ସହ ଖେଳି ୪-୦ ଗୋଲ ବ୍ୟବଧାନରେ ଦଳକୁ ବିଜୟୀ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନିଆଳି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଫେସର ଡଃ ପ୍ରମୋଦ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ରୋହିଣୀ ଭୋଇ, ସମିତି ସଭ୍ୟ ସତ୍ୟବ୍ରତ ଜେନା, ସମାଜସେବୀ ଅକ୍ଷୟ ମହାନ୍ତି ଓ ସୁବୋଧ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିବା ସହ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମାଞ୍ଚଳରେ ଫୁଟ୍‌ବଲ ଖେଳକୁ ଲୋକପ୍ରିୟ କରିବାରେ ଫୁଟବଲ୍ ପ୍ରେମୀ ତଥା ଖେଳାଳୀଙ୍କ ନାମରେ ନାମିତ ଏହି ଟୁର୍ଣ୍ଣାମେଣ୍ଟରେ ମାନସ ରଂଜନ ଦାସ, ବିଶ୍ୱରଂଜନ ଦାସ ଓ ଚିତ୍ତରଂଜନ ଦାସ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ମା' ଶ୍ୟାମାକାଳୀ ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପୁରୁଷ ଡବଲ୍ସର ଟାଇଟଲ ଜିତି ରେକର୍ଡ କଲେ ଭାରତର ଷ୍ଟାର ସଟଲର ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ



ନୂଆଦିଲ୍ଲୀ(ଏଜେନ୍ସୀ): ଇଣ୍ଡୋନେସିଆ ଓପନ ଓ୍ୱାର୍ଲ୍ଡ ଟୁର ସୁପର-୧୦୦୦ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଡବଲ୍ସର ଟାଇଟଲ ଜିତି ରେକର୍ଡ କରିଛନ୍ତି ଭାରତର ଷ୍ଟାର ସଟଲର ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ। ବିଡବ୍ଲୁଏଫ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟ ଜିତିବାରେ ପ୍ରଥମ ଭାରତୀୟ ଯୋଡି ହୋଇଛନ୍ତି। ରବିବାର ଜୁନ ୧୯ରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସାତ୍ୱିକ-ଚିରାଗ ମାଲେସିଆର ଆରୋନ ଚିୟା ଏବଂ ବୁଉ ୟିକ ସୋହଙ୍କୁ ୨୧-୧୭, ୨୧-୧୮ରେ ପରାସ୍ତ କରିଛନ୍ତି। ଓ୍ୱାର୍ଲ୍ଡ ଚାମ୍ପିୟନ ଯୋଡିଙ୍କ ବିରୋଧରେ ସାତ୍ୱିକ-ଚିରାଗଙ୍କ ଏହା ପ୍ରଥମ ବିଜୟ। ବିଶ୍ୱ ରାଙ୍କିଂରେ ଷଷ୍ଠ ସ୍ଥାନରେ ଥିବା ଭାରତୀୟ ଯୋଡି ପ୍ରଥମ ଥର କୌଣସି ବିଡବ୍ଲୁଏଫ ସୁପର ୧୦୦୦ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସାତ୍ୱିକ-ଚିରାଗଙ୍କ ଯୋଡି ସେମିଫାଇନାଲରେ କୋରିଆର ମିନ ହ୍ୟୁକ କାଙ୍ଗ ଏବଂ ସେଉଙ୍ଗ ଜେ ସେଓଙ୍କ ଯୋଡ଼ିକୁ ୧୭-୨୧, ୨୧-୧୯, ୨୧-୧୮ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ମୁକାବିଲା ସମୟରେ ପ୍ରଥମ ଗେମ୍ ଆରମ୍ଭରେ ସାତ୍ୱିକ-ଚିରାଗଙ୍କ ଯୋଡି ପଛରେ ରହୁଥିବା ନଜର ଆସିଥିଲେ। କିନ୍ତୁ ପରେ ଜୋରଦାର କମବ୍ୟାକ କରିଥିଲେ ଏବଂ ବ୍ରେକ୍ ସୁଦ୍ଧା ୧୧-୯ରେ ଲିଡ୍ ରଖିଥିଲେ। ଏହାପରେ ଭାରତୀୟ ଯୋଡି ମ୍ୟାଚରେ ନିଜର ଦବଦବା ବଜାୟ ରଖିଥିଲେ ଏବଂ ସହଜରେ ପ୍ରଥମ ଗେମ୍ ନିଜ ନାଁରେ କରିଥିଲେ। ଦ୍ୱିତୀୟ ଗେମରେ ଦୁଇ ଟିମ୍ ମଧ୍ୟରେ ଜୋରଦାର ଫାଇଟ୍ ଦେଖିବାକୁ ମିଳିଥିଲା, କିନ୍ତୁ ୨୧-୧୮ରେ ଭାରତୀୟ ଯୋଡି ଗେମ୍ ଜିତିବା ସହ ଟାଇଟଲ ଜିତି ନେଇଥିଲେ। ଫାଇନାଲ ମୁକାବିଲା ୪୩ ମିନିଟ୍ ଧରି ଚାଲିଥିଲା। ସାତ୍ୱିକସାଇରାଜ ରଙ୍କିରେଡ୍ଡୀ ଏବଂ ଚାରିଗ ସେଟ୍ଟୀ ଚଳିତ ବର୍ଷ ସ୍ୱିସ୍ ଓପନ ସୁପର ସିରିଜ ୩୦୦ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସର ଟାଇଟଲ ଜିତିଥିଲେ। ସାତ୍ୱିକ-ଚିରାଗ ୨୦୨୨ରେ ତିନି ଟାଇଟଲ ଜିତିଥିଲେ, ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡାରରେ ସ୍ୱର୍ଣ୍ଣ ପଦକ ସାମିଲ ଥିଲେ। ଉଭୟେ ବିଶ୍ୱ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ନିଜ ନାଁରେ କରିଥିଲେ।'

## ୱେଷ୍ଟ ଇଣ୍ଡିଜ ସିରିଜ ପରେ ଅନ୍ୟ ଦଳରୁ ଖେଳିବେ ଅଜିଙ୍କ୍ୟା ରାହାଣେ



ନୂଆଦିଲ୍ଲୀ(ଏଜେନ୍ସୀ): ଆଇପିଏଲ-୨୦୨୩ରେ ସୁନ୍ଦର ପ୍ରଦର୍ଶନ କରି ଏବେ ଭାରତୀୟ ଦଳରେ ଦମଦାର କମବ୍ୟାକ କରି ସାରିଛନ୍ତି ଷ୍ଟାର ପ୍ଲେୟର ଅଜିଙ୍କ୍ୟା ରାହାଣେ। କିନ୍ତୁ କେବଳ ବିଶ୍ୱ ଟେଷ୍ଟ ଚମ୍ପିଆନସିପର ଫାଇନାଲ ମ୍ୟାଚ ଖେଳିବା ପରେ ସେ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ବିଦେଶରେ ଆଉ ଏକ ଦଳ ତରଫରୁ ଖେଳିବା ପାଇଁ ରାହାଣେ ପ୍ରସ୍ତୁତ ହେଉଛନ୍ତି। ତେବେ ଭାରତର ଆଗାମୀ ୱେଷ୍ଟଇଣ୍ଡିଜ ଗସ୍ତ ପରେ ରାହାଣେ ବିଦେଶରୁ ଖେଳିବେ ବୋଲିସ୍ପଷ୍ଟ କରି ଦେଇଛନ୍ତି। ଯାହାକୁ ନେଇ ବର୍ତ୍ତମାନ ଭାରତୀୟ ଫ୍ୟାନ୍ସ ଦ୍ୱନ୍ଦ୍ୱରେ ପଡି ଯାଇଛନ୍ତି। ଆସନ୍ତା ମାସ ୱେଷ୍ଟଇଣ୍ଡିଜ ଗସ୍ତରେ ଯିବ ଟିମ ଇଣ୍ଡିଆ। ଏହି ଗସ୍ତରେ ଦୁଇଟି ଟେଷ୍ଟରେ ରାହାଣେ ଖେଳିବା ଏକ ପ୍ରକାର ସୁନିଶ୍ଚିତ ହୋଇଥିବା ବେଳେ ସୀମିତ ଓଭର କ୍ରିକେଟରେ ମଧ ତାଙ୍କୁ କମବ୍ୟାକ କରିବାର ସୁଯୋଗ ମିଳିପାରେ। କିନ୍ତୁ ଏହା ପୂର୍ବରୁ ସେ ବଡ ନିଷ୍ପତ୍ତି ନେଇଛନ୍ତି। ୱେଷ୍ଟଇଣ୍ଡିଜ ଗସ୍ତ ପରେ ଇଂଲିଶ କାଉଣ୍ଟି କ୍ରିକେଟରେ ଲିସେଷ୍ଟଶର ତରଫରୁ ଖେଳିବାକୁ ଯାଉଛନ୍ତି ରାହାଣେ। ତେବେ ଚଳିତବର୍ଷ ଜାନୁୟାରୀରେ ରାହାଣେ ଲିସେଷ୍ଟଶର ସହିତ ଚୁକ୍ତି କରିଥିଲେ ଯେ, ଆଇପିଏଲ ପରେ ସେ ଏହି ଟିମ୍ ପାଇଁ କ୍ରିକେଟ ଖେଳିବେ। ଜୁନ୍ ମାସରୁ ସେପ୍ଟେମ୍ବର ମଧ୍ୟରେ ଏହି ଦଳ ପାଇଁ ୮ଟି ଫାଷ୍ଟ କ୍ଲାସ କ୍ରିକେଟ ଖେଳିବା ସହ ସମ୍ପୂର୍ଣ୍ଣ ଲଣ୍ଡନ କପ୍ ମଧ ଖେଳିବେ। କିନ୍ତୁ ଆଇପିଏଲରେ ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁଁ ଭାରତୀୟ ଦଳରେ ସେ ସ୍ଥାନ ପାଇଥିଲେ। ତେଣୁ କାଉଣ୍ଟି କ୍ରିକେଟରେ ସେ ଯୋଗ ଦେଇ ପାରି ନଥିଲେ। ତେବେ ଏ ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, ୱେଷ୍ଟଇଣ୍ଡିଜ ଗସ୍ତରୁ ସିଧା ଇଂଲଣ୍ଡ ଗସ୍ତରେ ଯିବେ ଭାରତୀୟ ଦଳର ପୂର୍ବତନ ଉପ-ଅଧିନାୟକ ଅଜିଙ୍କ୍ୟା ରାହାଣେ। ସେଠାରେ ଲିସେଷ୍ଟଶର ତରଫରୁ ବାକି ମ୍ୟାଚ ଖେଳିବା ସହିତ ୪ କାଉଣ୍ଟି ମ୍ୟାଚ ଖେଳିବା ନେଇ ମଧ ସମ୍ଭାବନା ରହିଛି। ତେବେ ସୀମିତ ଓଭର କ୍ରିକେଟରେ ତାଙ୍କୁ ସ୍ଥାନ ମିଳିଲେ ସେ ପୁଣିଥରେ ଟିମ ଇଣ୍ଡିଆ ସହ ଯୋଗ ଦେଇପାରନ୍ତି।'

# ବିରାଟଙ୍କ ମୋଟ ସମ୍ପତ୍ତି ୧୦୫୦ କୋଟିରେ ପହଞ୍ଚିଲା



ନୂଆଦିଲ୍ଲୀ(ଏଜେନ୍ସୀ): ବିରାଟ କୋହଲି ଏହି ଦୁଇଟି ଶବ୍ଦ ହିଁ ସାରା ବିଶ୍ୱର କ୍ରୀଡ଼ାପ୍ରେମୀଙ୍କ ପାଇଁ ଯଥେଷ୍ଟ। ବର୍ତ୍ତମାନ ସମୟରେ ୩୪ ବର୍ଷୀୟ ବିରାଟ ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ। ଦିନିକିଆ, ଟେଷ୍ଟ ଓ ଟି-୨୦ରେ ବିରାଟ ବହୁ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଆଜିର ସମୟର କ୍ରୀଡ଼ାବିତଙ୍କ ମଧ୍ୟରେ କେବଳ ବିରାଟ ହିଁ ସଚିନ ତେନ୍ଦୁଲକରଙ୍କ ୧୦୦-୧୦୦ ରେକର୍ଡ ଭାଙ୍ଗିପାରିବେ ବୋଲି କ୍ରୀଡ଼ାପ୍ରେମୀ ଆଶା କରୁଛନ୍ତି। ଅନେକ ସମୟରେ ପଡ଼ିଆରେ ଓ ପଡ଼ିଆ ବାହାରର ଲାଇଫ୍ ଷ୍ଟାଇଲକୁ ନେଇ ବିରାଟ ଚର୍ଚ୍ଚାରେ ରହିଥାନ୍ତି। ତେବେ ଏହା ମଧ୍ୟରେ ବିରାଟଙ୍କୁ ନେଇ ଆସିଛି ଏକ ବଡ଼ ଖବର। ବିରାଟଙ୍କର ମୋଟ ସମ୍ପତ୍ତି ୧୦୦୦ କୋଟି ଅତିକ୍ରମ କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଇନଷ୍ଟାଗ୍ରାମରେ ବିରାଟଙ୍କର ୨୫୨ ମିଲିୟନ ଫଲୋଅର୍ସ ରହିବା ସହିତ ତାଙ୍କର ମୋଟ ସମ୍ପତ୍ତି ୧୦୫୦ କୋଟିରେ ପହଞ୍ଚି ଯାଇଛି। ଟିମ୍ ଇଣ୍ଡିଆର 'ଏ' କ୍ୟାଟେଗୋରୀ ଖେଳାଳି ହିସାବରେ ସେ ୭ କୋଟି ପାଉଛନ୍ତି। ଏଥିସହିତ ସେ ପ୍ରତି ଦିନିକିଆରୁ ୬ ଲକ୍ଷ, ଟେଷ୍ଟରୁ ୧୫ ଲକ୍ଷ ଓ ଟି-୨୦ରୁ ୨୦ ଲକ୍ଷ ଟଙ୍କା ପାଉଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରୁ ସେ ବାର୍ଷିକ ୧୫ କୋଟି ଆୟ କରୁଛନ୍ତି। ବିରାଟ ୧୮ଟି ବ୍ରାଣ୍ଡ ସହିତ ଚୁକ୍ତିବଦ୍ଧ ହୋଇଥିବା ବେଳେ ବିଜ୍ଞାପନ ଶୁଟିଂ ବାବଦକୁ ସେ ବର୍ଷକୁ ୭-୧୦ କୋଟି ଆୟ କରୁଛନ୍ତି। ଏଭଳି ବିଭିନ୍ନ ବ୍ରାଣ୍ଡର ପ୍ରଚାର ପ୍ରସାରରୁ ସେ ୧୭୫ କୋଟି ଟଙ୍କା ପାଉଛନ୍ତି। ସୋସିଆଲ ମିଡ଼ିଆ ଇନଷ୍ଟାଗ୍ରାମରେ ପ୍ରତି ପୋଷ୍ଟରୁ ସେ ୮.୯ କୋଟି ଓ ଟ୍ୱିଟରରେ ପ୍ରତି ପୋଷ୍ଟରୁ ୨.୫ କୋଟି ପାଉଛନ୍ତି। ବିରାଟଙ୍କର ମୁମ୍ବାଇରେ ୩୪ କୋଟି ଓ ଗୁରୁଗ୍ରାମରେ ୮୦ କୋଟିର ଦୁଇଟି ବିଳାସପୂର୍ଣ୍ଣ ଅଟ୍ଟାଳିକା ରହିଛି। ବିରାଟଙ୍କ ପାଖରେ ଅନେକ ଦାମୀ କାର ରହିଛି। ବିରାଟ କ୍ରିକେଟ ପଡ଼ିଆରେ ଦଳକୁ ବିଜୟୀ କରାଇବା ପାଇଁ ଯେପରି ସଂଘର୍ଷ କରନ୍ତି ଅନୁରୂପ ଭାବେ ବ୍ୟକ୍ତିଗତ ଜୀବନରେ ଫେସନ୍ ଯୁକ୍ତ ଜୀବନଶୈଳୀକୁ ପସନ୍ଦ କରନ୍ତି।

## ଏନ୍‌ସିଏ କ୍ୟାମ୍ପରେ ବୋଲିଂ ପ୍ରଶିକ୍ଷକ ଭାବେ ଦେବାଶିଷ ମହାନ୍ତିଙ୍କୁ ମିଳିଲା ନିଯୁକ୍ତି

ନୂଆଦିଲ୍ଲୀ(ଏଜେନ୍ସୀ): ପୂର୍ବତନ ଓଡ଼ିଆ ଆନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ବଡ଼ ଦାୟିତ୍ୱ ଦେଇଛି ବିସିସିଆଇ। ବାଙ୍ଗଲୋରରେ ଥିବା ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର ବୋଲିଂ ପ୍ରଶିକ୍ଷକ ଭାବେ ତାଙ୍କୁ ନିଯୁକ୍ତି ଦିଆଯାଇଛି। ଆସନ୍ତା ୨୦ ତାରିଖରୁ ବେଙ୍ଗାଲୁରୁରେ ଆରମ୍ଭ ହେବାକୁ ଥିବା ବୋଲିଂ ପ୍ରଶିକ୍ଷଣ ପ୍ରଶିକ୍ଷଣ ଶିବିର ପାଇଁ ଦେବାଶିଷଙ୍କୁ ନିଯୁକ୍ତ କରାଯାଇଛି। ଏହି ନୂଆ ଦାୟିତ୍ୱ ପାଇଁ ଦେବାଶିଷଙ୍କୁ ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସଂପାଦକ ସଂଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ଦେବାଶିଷ ଏଥିପୂର୍ବରୁ ବିସିସିଆଇ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିସାରିଛନ୍ତି।

## ଭାରତୀୟ କ୍ରିକେଟ୍ ଦଳକୁ ଲୋଡା ବିଦେଶୀ କୋଚ୍

ନୂଆଦିଲ୍ଲୀ(ଏଜେନ୍ସୀ): ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁର୍ଣ୍ଣାମେଣ୍ଟରେ ଭାରତ ନକ୍‌ଆଉଟ ମ୍ୟାଚ୍‌ରେ ହାରିବା ପ୍ରକ୍ରିୟା ଜାରି ରହିଛି। ସଦ୍ୟ ସମାପ୍ତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ଅଷ୍ଟ୍ରେଲିଆ ୨୦୯ ରନରେ ଭାରତକୁ ହରାଇ ନୂଆ ଟେଷ୍ଟ ଚାମ୍ପିଅନ ହୋଇଛି। ୨୦୨୧ରେ ଅନୁଷ୍ଠିତ ଗତ ସଂସ୍କରଣରେ ମଧ ଭାରତ ରନର୍ସଅପ ହୋଇଥିଲା। ଗତ ୧୦ ବର୍ଷ ମଧ୍ୟରେ ଭାରତ କୌଣସି ଆଇସିସି ଟ୍ରଫି ଜିତିବାରେ ସଫଳ ହୋଇନାହିଁ। ଅନ୍ୟପଟେ ଅଷ୍ଟ୍ରେଲିଆ ଗତ ୧୦ ବର୍ଷ ମଧ୍ୟରେ ଦିନିକିଆ, ଟି-୨୦ ଓ ଟେଷ୍ଟ ଫର୍ମାଟ୍‌ରେ ବିଶ୍ୱ ଚାମ୍ପିଅନ ହୋଇଛି। ଭାରତର ଏହି ପରାଜୟ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରଶ୍ନଗୁଡିକରେ ମୁଖ୍ୟ ପ୍ରଶିକ୍ଷକଙ୍କୁ ମଧ ସାମିଲ କରାଯାଇଛି। ପୁଣିଥରେ ଭାରତ ପାଇଁ ବିଦେଶୀ ପ୍ରଶିକ୍ଷକଙ୍କର ଆବଶ୍ୟକତା ରହିଛି ବୋଲି ଆଲୋଚନା ଆରମ୍ଭ ହୋଇଛି। କାରଣ ଦେଶୀ ପ୍ରଶିକ୍ଷକମାନେ ସଂଘାତିକ ଭାବେ ବିଫଳ ହୋଇଥିବା ବେଳେ ବିଦେଶୀ ପ୍ରଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଭାରତ ୫ଟି ଆଇସିସି ଟୁର୍ଣ୍ଣାମେଣ୍ଟରୁ ୩ଟି ଚାମ୍ପିଅନ ହୋଇଛି। ୨୦୧୩ ପରେ ଭାରତ ଅନିଲ କୁମ୍ବଲେ, ରବି ଶାସ୍ତ୍ରୀ ଓ ରାହୁଲ ଦ୍ରାବିଡ୍‌ଙ୍କ ପ୍ରଶିକ୍ଷକ ନିଯୁକ୍ତ କରିଥିଲା। କିନ୍ତୁ ଭାରତ କୌଣସି ଆଇସିସି ଟ୍ରଫି ହାସଲ କରିପାରି ନାହିଁ। ଆଉ ୪ ମାସ ପରେ ଭାରତରେ ଆୟୋଜନ ହେବ ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ। ଏଥିରେ ଭାରତର ପ୍ରଶିକ୍ଷକ ଦାୟିତ୍ୱରେ କିଏ ରହିବେ ତାହା ଦେଖିବାକୁ ବାକି ରହିଲା।'


**ସପ୍ତାହର ଶେଷରେ ସାପ୍ତାହିକୀ ହାତରେ**

**ପ୍ରଜାତନ୍ତ୍ର ସାପ୍ତାହିକୀ**

୧୮ ଜୁନ୍ -୨୪ ଜୁନ୍ ୨୦୨୩




ଆଇପିଏଲ୍‌ର ମୁକୁଟ

ତାହା ବାସ୍ତବରେ ଏକ ଯାଦୁକରୀ ମୂହୁର୍ତ୍ତ ଥିଲା। ରାତି ଦୁଇଟା ବାଜିବାକୁ କିଛି ସମୟ ବାକୀ ଥିଲା, କିନ୍ତୁ କୋଟି କୋଟି ଆଖି ଅହମ୍ମଦାବାଦର ନରେନ୍ଦ୍ରୀ ମୋଦୀ ଷ୍ଟାଡିୟମଠାରୁ ନେଇ ଦେଶ-ଦୁନିଆର ଲକ୍ଷ ଲକ୍ଷ ଘରେ ଆଖିପତା ପକାଇବାକୁ ଲୋକେ ଭୂଲିଗଲେ। ଗୁଜୁରାଟ ଟାଇଟାନ୍ସର ମୋହିତ ଶର୍ମାଙ୍କ ହାତରେ ବଲ୍ ଥିଲା ଓ ଚେନ୍ନାଇ ସୁପର କିଙ୍ଗ୍‌ସର ରବୀନ୍ଦ୍ର ଜଡେଜାଙ୍କୁ ଶେଷ ଦୁଇ ବଲରେ ୧୦ ରନ କରିବାର ଥିଲା। ଜଡେଜା ଛକା ଓ ଚୌକା ମାରି ପଞ୍ଚମଥର ଲାଗି ଚେନ୍ନାଇ ସୁପର କିଙ୍ଗ୍‌ସକୁ ବିଜେତାର ମୁକୁଟ ପିନ୍ଧାଇପାରିଲେ ଓ ତାହା ସହିତ କ୍ରିକେଟର ସବୁଠାରୁ ରୋମାଞ୍ଚକ ଲିଗର ୧୬ତମ ପର୍ଯ୍ୟାୟ ସମାପ୍ତିରେ ପହଞ୍ଚାଇଦେଲେ। ଏହି ପ୍ରତିଦ୍ୱନ୍ଦିତାରେ କିପରି ଭାରତରେ କ୍ରୀଡା ଭବନାକୁ ଜୀବନ୍ତ କରାଯାଇପାରିଛି, ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି। ଚେନ୍ନାଇର ସାଇ ସୁଦର୍ଶନ ୪୭ ବଲ୍‌ରେ ୯୬ ରନ କରି ଚମତ୍କାର ଖେଳ ଖେଳି ଗୁଜୁରାଟ ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଅନ୍ୟପକ୍ଷରେ ଗୁଜୁରାଟର ରବିନ୍ଦ୍ର ଜାଡେଜା ଚେନ୍ନାଇ ବିଜୟର ଗୌରବ ଗାଥା ଲେଖିବାକୁ ସମର୍ଥ ହେଲେ। ପରାଜିତ କ୍ୟାପଟେନ ପାଣ୍ଡ୍ୟା ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିଲେ, ବିଜେତା କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ ଖେଳାଳୀଙ୍କୁ ନିଜ ସଂକେତ ଦ୍ୱାରା ଦର୍ଶାଉଥିଲେ

**ଜାତୀୟ:** ସୁପ୍ରିୟା, ପ୍ରଫୁଲ୍ଲ ଏନ୍‌ସିପି କାର୍ଯ୍ୟକାରୀ ସଭାପତି ଅଜିତ ପାୱାର ବଞ୍ଚିତ କାହିଁକି ?

**ସ୍ୱତନ୍ତ୍ର ପ୍ରସଙ୍ଗ:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ନୂଆ ରଣନୀତି

**ନାରୀ:** ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ଗହଣା

**କ୍ଷୁଦ୍ରଗଳ୍ପ:** ଫ୍ଲାଟ୍ ଘରର ଦୁଃଖ

**ଚଳଚ୍ଚିତ୍ର:** ବାଂଲାଦେଶରେ ରିଲିଜ୍ ହେବ ସଲମାନଙ୍କ ଫିଲ୍ମ ,ନିର୍ଦ୍ଦେଶକ ନିତିନ ଗୋପୀଙ୍କର ଦେହାନ୍ତ,ଆଲିଆଙ୍କ ଅଜା ନରେନ୍ଦ୍ରନାଥ ରାଜଦାନଙ୍କ ଦେହାନ୍ତ,ପୁଣି ଥରେ ଲାଇମଲାଇଟକୁ ଆସିଲେ ସାମନ୍ଥା,ଖୋଲାଖୋଲି ଭାବେ ନିଜର ପ୍ରେମ ବ୍ୟକ୍ତ କଲେ ସୋନାକ୍ଷୀ,ସିକ୍ରେଟ୍ ନିର୍ବନ୍ଧକୁ ନେଇ ଚର୍ଚ୍ଚାରେ ଇଲିଆନା ଡି'କ୍ରୁଜ ,ପଶ୍ଚିମବଙ୍ଗ ଫିଲ୍ମ ନିର୍ମାତା ପିୟୁଷ ଶାହ ଗିରଫ,ବାପା ହେଲେ ରାଣା ଡଗୁବତୀ !,କଳାକାର ଅମୀର ରଜା ହୁସେନ୍‌ଙ୍କ ଦେହାନ୍ତ

**ଖେଳ:** ୯ବର୍ଷର ପୁଅକୁ ଅଷ୍ଟ୍ରେଲିଆରୁ ଫେରାଇ ଆଣିବେ ଧାୱନ,ଚର୍ଚ୍ଚାରେ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ଖେଳାଳୀ ଶୁବମନ ଗିଲ,ବାହାନଗାରେ ମୃତ ଯାତ୍ରୀଙ୍କ ପିଲାଙ୍କୁ ମାଗଣାରେ ଶିକ୍ଷା ଦେବେ ବିରେନ୍ଦ୍ର ସେହୱାଗ୍,କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ ଲିଓନେଲ୍ ମେସି,'ମ୍ୟାନ୍ ଭର୍ସେସ୍‌ୱାଇଲ୍ଡ' ଶୋ'ରେ ଆସିବେ ବିରାଟ କୋହଲି,ଆଇପିଏଲ୍ ଫାଇନାଲରେ କାନ୍ଦି ପକାଇଥିଲେ ଧୋନି,ବିବାହ କଲେ ସିଏସ୍‌କେର ଷ୍ଟାର ଓପନର୍ ରୁତୁରାଜ ଗାଏକୱାଡ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରସାତଳଗାମୀ କମ୍ୟୁନିଷ୍ଟ ଦଳ: ଆଉ ବିଚାର ?."

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**



**VACANCY**

**A leading daily Odia News Paper needs the following personnel.**

**1.P.S to Chairman Office**
**2. Sub-Editor(with D.T.P.)**

**3. Accounts Assistant(Tally with Microsoft Office)**
**4. Electrician**
**Salary is not a constraint for the deserving candidates. Candidates with requisite qualifications may apply to**

**The Managing Trustee of**
**The PrajatantraPrachar Samity**
**Cuttack-753002 within**
**10 days.**


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583